

'ପଦ୍ମାବତୀ' ଭୂମିକାରେ
ପିଙ୍କି
ପୃଷ୍ଠା ୧୧ ଦେଖନ୍ତୁ...


RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

VOLUME- 42 ISSUE-351 BHUBANESWAR THURSDAY 19 JUNE 2025 PAGE-12 ₹ 6.00 | BHUBANESWAR | ବର୍ଷ-୪୨ ସଂଖ୍ୟା-୩୫୧ ଭୁବନେଶ୍ୱର ଗୁରୁବାର ୧୯ ଜୁନ୍ ୨୦୨୫ ପୃଷ୍ଠା-୧୨ ଟ.୬.୦୦



# WE TEACH OUR PROBLEM SOLVERS HOW TO ADAPT TO NEW SITUATIONS.

Aakash
Medical | IIT-JEE | Foundations

## That's why we have so many rankers this year too.

NEET 2025 format was not just different, it was tough too. But be it new formats or new challenges, Aakashians have proven yet again, that when you learn the skill of problem solving you can ace any test.



675/720 — AIR 10 — AARAV AGRAWAL — 1 YEAR CLASSROOM

680/720 — ALL INDIA FEMALE TOPPER — AIR 5 — AVIKA AGGARWAL — 3 YEAR CLASSROOM

682/720 — AIR 2 — UTKARSH AWADHIYA — MADHYA PRADESH TOPPER — 3 YEAR CLASSROOM

681/720 — AIR 3 — KRISHANG JOSHI — MAHARASHTRA TOPPER — 3 YEAR CLASSROOM

675/720 — AIR 9 — HARSH KEDAWAT — 1 YEAR CLASSROOM

## OUR STAR PERFORMERS FROM ODISHA CLASSROOM PROGRAM

Result Summary ODISHA: 4 in Top 500 AIR | 9 in Top 1000 AIR | 39 in Top 5000 AIR | 78 in Top 10000 AIR



AIR: 128, 204, 421, 466, 667, 679, 797, 827, 990, 1086, 1235, 1347, 1660, 1696, 1787, 1942, 1975, 2092, 2333, 2489, 2541, 2581, 2618, 2674, 2757, 2990, 3015, 3331, 3896, 4084, 4155, 4231, 4296, 4520, 4530, 4573, 4647, 4707, 4961

& many more...

TO EVERY Aakash TEACHER — THANK YOU FOR BEING OUR STUDENTS' PROBLEM-SOLVERS, MENTORS, AND UNWAVERING SUPPORT.

## ADMISSIONS OPEN

### REPEATER / DROPPER BATCHES for NEET (UG) 2026

(XII Passed Batches)

Batches Starting From: 20th & 27th June, 2025

Dropper Batches for JEE (XII Passed Batches)

CLASS 11th — Studying Students — 2 Year Integrated courses for NEET / JEE

CLASS 8th-10th — Studying Students — Integrated courses for School Boards / Olympiads

Batches Starting From: 20th & 27th June, 2025

Get Up to 90% Scholarship** — Appear for instant Admission cum Scholarship Test (iACST). Register for FREE. Visit: iacst.aakash.ac.in. Hurry! Batches Filling Fast. SCAN TO APPLY

### COURSE FEE based on NEET-2025 Score

| NEET Score | Fees |
|---|---|
| Students Scoring 480 above | ₹ 20,000/- |
| Students Scoring 450-479 | ₹ 49,320/- |
| Students Scoring 425-449 | ₹ 66,000/- |
| Students Scoring 350-424 | ₹ 75,000/- |

COURSE OFFERING INCLUDES
- All India Aakash Test Series (AIATS)
- Final Test Series for NEET
- NCERT Maps for NEET
- AI Powered Doubt Resolution
- Physical Study Materials
- Question Bank
- NEET Challenger on My Aakash App
- Experimental Learning

**Call Your Nearest Branches :** Bhubaneswar- Bhoumanagar : 8800852494, 9337870700 Chandrasekharpur : 8800874104, 9311734469 Khandagiri : 9938896677 Lewis Road: 8093083567 Cuttack : 8800849243, 9337355230 Shelter Chowk : 8093083568 Baleswar : 8800538720, 7008000100 Berhampur : 8800502470, 9078884998 Sambalpur : 8448693770, 9338170700 Rourkela : 8093083553 Angul : 8093083557 Balangir : 7008112665, 8093083552 Jajpur Road : 9078677290 Jeypore : 8093083564, 9778980373

SCAN FOR NEAREST BRANCH

CALL (TOLL-FREE): 1800-102-2727 | VISIT: aakash.ac.in | Scan to Download Aakash App | Aakash Medical | IIT-JEE | Foundations

## ମହିଳା ଅତ୍ୟାଚାର ପ୍ରତିବାଦରେ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଘେରଉ

# ସରକାର ପାଳୁଛନ୍ତି 'ଦୁଷ୍କର୍ମ' ଉପଲବ୍ଧି ଉତ୍ସବ: କଂଗ୍ରେସ

ଭୁବନେଶ୍ୱର,୧୮।୬(ସମିସ): ଗୋପାଳପୁର ଗଣଦୁଷ୍କର୍ମ, କେନ୍ଦୁଝର ଜିଲ୍ଲାର ହରିଚନ୍ଦନପୁର ଗଣଦୁଷ୍କର୍ମ ଓ ହତ୍ୟା, କଟକର ବାରଙ୍ଗ ଓ ଅନୁଗୁଳ ଜିଲ୍ଲାର କଣିହାଁ ବ୍ଲକ୍‌ରେ ହୋଇଥିବା ଲୋମହର୍ଷଣକାରୀ ଗଣଦୁଷ୍କର୍ମ ରାଜ୍ୟରେ ଆଲୋଡ଼ନ ସୃଷ୍ଟି କରିଛି । ପ୍ରତିଦିନ ରାଜ୍ୟରେ ୧୫ରୁ ମହିଳା, ନାବାଳିକା ଗଣଦୁଷ୍କର୍ମ ଓ ଦୁଷ୍କର୍ମର ଶିକାର ହେଉଛନ୍ତି । ଏହି ନିର୍ଲଜ ଉପଲବ୍ଧି ପାଇଁ ରାଜ୍ୟ ସରକାର ଉତ୍ସବ ପାଳନ କରୁଛନ୍ତି ବୋଲି ଅଭିଯୋଗ କରିଛି କଂଗ୍ରେସ। ଏହାର ପ୍ରତିବାଦରେ କଂଗ୍ରେସ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଘେରଉ କରିଛି ଓ ରାଜ୍ୟ ସରକାରଙ୍କୁ କଟୁ ଭର୍ତ୍ସନା କରିଛି । ଓଡ଼ିଶାରେ ଦୁଷ୍କର୍ମ, ଗଣଦୁଷ୍କର୍ମ ଓ ହତ୍ୟା ଅଣାୟତ୍ତ ସ୍ଥିତିରେ ପହଞ୍ଚିଛି ଓ ରାଜ୍ୟର ମହିଳାମାନେ ସଂପୂର୍ଣ୍ଣ ଅସୁରକ୍ଷିତ ବୋଲି ଦଳ ପକ୍ଷରୁ କୁହାଯାଇଛି।



କଂଗ୍ରେସ କହିଛି ଯେ ରାଜ୍ୟରେ ପ୍ରତିଦିନ ୧୫ରୁ ଅଧିକ ମହିଳା ଓ ନାବାଳିକା ଗଣଦୁଷ୍କର୍ମ ଓ ପାଶବିକ ଅତ୍ୟାଚାରର ଶିକାର ହେଉଥିବା ବେଳେ ଡବଲ ଇଞ୍ଜିନ ବିଜେପି ସରକାର ନିଜର ଏକବର୍ଷ ପୂର୍ତ୍ତିକୁ ଉତ୍ସବ ରୂପେ ପାଳନ କରୁଛନ୍ତି। ଯେଉଁ ରାଜ୍ୟରେ ୬୪ ହଜାରରୁ ଅଧିକ ମହିଳା ଓ ଶିଶୁ ନିଖୋଜ, ତାହା କି ପ୍ରକାର ଉପଲବ୍ଧି ଓ ରାଜ୍ୟ ସରକାରଙ୍କ ଏହି ବର୍ଷପୂର୍ତ୍ତି ପାଳନ ପାଇଁ ପ୍ରଧାନମନ୍ତ୍ରୀ କାହିଁକି ଓଡ଼ିଶା ଆସୁଛନ୍ତି ବୋଲି ରାଜ୍ୟ କଂଗ୍ରେସ ପ୍ରଶ୍ନ କରିଛି। ମୁଖ୍ୟମନ୍ତ୍ରୀଙ୍କ ନିଜ ଜିଲ୍ଲା କେନ୍ଦୁଝରର ହରିଚନ୍ଦନପୁରରେ ଜଣେ ମହିଳାଙ୍କୁ ଗଣଦୁଷ୍କର୍ମ କରି ଗଛରେ ଦୁର୍ବୃତ୍ତମାନେ ଟାଙ୍ଗିଦେଇଛନ୍ତି। ନାବାଳିକା ଆଦିବାସୀ ସ୍କୁଲ ଯାଉଥିବା ଝିଅମାନେ ଗର୍ଭବତୀ ହେଉଛନ୍ତି। ଅନୁଗୁଳ ଜିଲ୍ଲାର କଣିହାଁ ବ୍ଲକ୍‌ରେ ଅନୁସୂଚିତ ଜାତିର ମହିଳା ସୁଭଦ୍ରାଙ୍କୁ ଗଣବଳାତ୍କାର କରି ମାରି ଫିଙ୍ଗିଦିଆଯାଇଛି। ଏଭଳି ଘଟଣା ରାଜ୍ୟରେ ଆଦିବାସୀ ଓ ଅନୁସୂଚିତ ବର୍ଗର ମହିଳାମାନଙ୍କ ପ୍ରତି ଅତ୍ୟାଚାର ସବୁ ସୀମା ଟପି ସାରିଥିବା ନେଇ ପ୍ରମାଣ ଦେଉଛି ବୋଲି ଓଡ଼ିଶା କଂଗ୍ରେସ ପ୍ରଭାରୀ ଅଜୟ କୁମାର ଲଲ୍ଲୁ କହିଛନ୍ତି। ସାରା ଦେଶରେ ଓଡ଼ିଶା ଏକମାତ୍ର ରାଜ୍ୟ, ଯେଉଁଠି ମହିଳାମାନଙ୍କ ପ୍ରତି ଘଟୁଥିବା ଅପରାଧ ସମସ୍ତ ଜାତୀୟ ରେକର୍ଡକୁ ଭାଙ୍ଗିଛି ବୋଲି ଉଲ୍ଲେଖ କରି ଏହା ଡବଲ ଇଞ୍ଜିନ ସରକାରର ସବୁଠାରୁ ବଡ଼ ସଫଳତା କି ବୋଲି ସେ କଟାକ୍ଷ କରିଛନ୍ତି। ଏଥିପାଇଁ ମୁଖ୍ୟମନ୍ତ୍ରୀ ଇସ୍ତଫା ଦେବା ପରିବର୍ତ୍ତେ ଉତ୍ସବ ପାଳନ କରିବା ଲଜ୍ଜାଜନକ ବୋଲି ସେ କହିଛନ୍ତି। ବିଧାୟକ ତାରାପ୍ରସାଦ ବାହିନୀପତି ମହିଳାମାନଙ୍କ ପ୍ରତି ହେଉଥିବା ଅତ୍ୟାଚାର ବିରୋଧରେ ବର୍ଷିଥିବା ବେଳେ କଂଗ୍ରେସ ଦଳ ଏ ଘଟଣାକୁ ନେଇ ବିଧାନସଭାରେ ପୁନର୍ବାର ପ୍ରଶ୍ନ ଉତ୍ଥାପନ କରିବ ବୋଲି କହିଛନ୍ତି। ଘେରଉ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କଂଗ୍ରେସ ବିଧାୟକ ଦଳର ନେତା ରାମଚନ୍ଦ୍ର କାଡାମ, ସୁରେଶ ରାଉତରାୟ, ପୂର୍ବତନ ସାଂସଦ ରଞ୍ଜୀବ ବିଶ୍ୱାଳ, ବିଧାୟକ ଅଶୋକ ଦାସ, ସୋଫିଆ ଫିର୍ଦୋଷ, ମିନାକ୍ଷୀ ବାହିନୀପତି, ନବଜ୍ୟୋତି ପଟ୍ଟନାୟକ, ରଣଜିତ ପାତ୍ର, ୟାସିର ନୱାଜଙ୍କ ସମେତ ଅନ୍ୟ ନେତୃବର୍ଗ ଓ କଂଗ୍ରେସ କର୍ମୀମାନେ ଯୋଗ ଦେଇଥିଲେ।

## ଗୋପାଳପୁର ଗଣଦୁଷ୍କର୍ମ ଘଟଣାକୁ ପ୍ରିୟଙ୍କା ଗାନ୍ଧୀଙ୍କ ନିନ୍ଦା

ଭୁବନେଶ୍ୱର,୧୮।୬(ସମିସ): ଗୋପାଳପୁର ସମୁଦ୍ରକୂଳରେ ହୋଇଥିବା ଗଣଦୁଷ୍କର୍ମ ଘଟଣାକୁ ନେଇ ସାରା ଦେଶରେ ଓଡ଼ିଶା ନିନ୍ଦିତ ହୋଇଛି। ରାଜ୍ୟର ଏକ ପ୍ରମୁଖ ପର୍ଯ୍ୟଟନସ୍ଥଳୀରେ ଜଣେ କଲେଜ ପଢୁଆ ଝିଅଙ୍କୁ ୧୦ ଜଣ ଦୁଷ୍କର୍ମ କରିବା ସାରା ଦେଶରେ ଓଡ଼ିଶାର ଆଇନଶୃଙ୍ଖଳା ବ୍ୟବସ୍ଥାକୁ ପଦାରେ ପକାଇଛି। ଜାତୀୟ ସ୍ତରରେ ଏହି ଖବରକୁ ନେଇ ପ୍ରତିକ୍ରିୟା ପ୍ରକାଶ ପାଇବାରେ ଲାଗିଥିବା ବେଳେ ଆଜି କଂଗ୍ରେସ ମହାସଚିବ ତଥା ସାଂସଦ ପ୍ରିୟଙ୍କା ଗାନ୍ଧୀ ଏହି ଘଟଣାକୁ ତୀବ୍ର ନିନ୍ଦା କରିଛନ୍ତି। ପ୍ରିୟଙ୍କା ଏକ୍ସ ଯୋଗେ ଏହି ଘଟଣାର ନିନ୍ଦା କରିବା ସହ ଉଲ୍ଲେଖ କରିଛନ୍ତି ଯେ ଓଡ଼ିଶାର ଗୋପାଳପୁରରେ ୧୦ ଜଣ ଲୋକ ଜଣେ ଛାତ୍ରୀଙ୍କୁ ଯେଉଁପରି ନିର୍ଯାତନା ଦେଇଛନ୍ତି, ତାହାକୁ ନିନ୍ଦା କରିବା ପାଇଁ କଠୋରରୁ କଠୋର ଶବ୍ଦ ମଧ୍ୟ ଯଥେଷ୍ଟ ନୁହେଁ। ଓଡ଼ିଶାରେ ଦିନକୁ ଦିନ ମହିଳା ବିରୋଧୀ ହିଂସା ବୃଦ୍ଧି ପାଉଛି। ଯେଉଁ ରାଜ୍ୟରେ ମୁଖ୍ୟମନ୍ତ୍ରୀ ନିଜେ ସ୍ୱୀକାର କରୁଛନ୍ତି ଯେ ଗତ ପାଞ୍ଚ ବର୍ଷ ମଧ୍ୟରେ ପ୍ରାୟ ୪୪,୦୦୦ ମହିଳା ଏବଂ ଶିଶୁ ନିଖୋଜ ହୋଇଯାଇଛନ୍ତି, ସେଠାରେ ମହିଳାଙ୍କ ସୁରକ୍ଷାକୁ ପ୍ରାଥମିକତା ନ ଦେବା ମହିଳାଙ୍କ ପ୍ରତି ନିଷ୍ଠୁରତା ବୋଲି ପ୍ରିୟଙ୍କା କହିଛନ୍ତି।

## ସ୍ୱାମୀଙ୍କୁ ଶ୍ୱାସରୁଦ୍ଧ କରି ହତ୍ୟା ଅଭିଯୋଗ

ଧରାକୋଟ,୧୮।୬(ସମିସ): ଗଞ୍ଜାମ ଜିଲ୍ଲା ଧରାକୋଟ ଥାନା ଅନ୍ତର୍ଗତ ମୁଣ୍ଡମରାଇ ଗାଁର ହାଡ଼ିସାହିରେ ପାରିବାରିକ କଳହର କରୁଣ ପରିଣତି ଦେଖିବାକୁ ମିଳିଛି। ମଦ୍ୟପ ସ୍ୱାମୀର ନିର୍ଯାତନା ଅସହ୍ୟ ହେବାରୁ ସ୍ତ୍ରୀ ଶ୍ୱାସରୁଦ୍ଧ କରି ହତ୍ୟା କରିଥିବା ଅଭିଯୋଗ ହୋଇଛି। ମୃତକ ହେଲେ ଅମର ନାଇକ(୪୦)। ହତ୍ୟା ପରେ ଆତ୍ମହତ୍ୟାର ରୂପ ଦେବାକୁ ଉଦ୍ୟମ କରିଛି ସ୍ତ୍ରୀ। ଧରାକୋଟ ଥାନାରେ ମୃତକଙ୍କ ବଡ଼ଭାଇ ଟୁନା ନାଇକ ଅଭିଯୋଗ କରିବା ପରେ ପୁଲିସ ସ୍ତ୍ରୀ ଅଞ୍ଜନା ନାଇକଙ୍କୁ ଅଟକ ରଖି ତଦନ୍ତ ଚଳାଇଛି।

ପ୍ରକାଶ ଯେ, ଅମର ମଦ୍ୟପାନ କରି ଆସୁଥିବାରୁ ଅଧିକାଂଶ ସମୟରେ ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଝଗଡ଼ା ହୋଇଥାଏ। ମଙ୍ଗଳବାର ରାତିରେ ମଧ୍ୟ ଅମର ମଦ୍ୟପାନ କରି ଆସିଥିବାରୁ ଉଭୟଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଏହାର କିଛି ସମୟ ପରେ ଅଞ୍ଜନା ଦେଢ଼ଶୁର ଟୁନାଙ୍କୁ ଯାଇ ଅମର ଶୋଇ ପଡ଼ିଛନ୍ତି, ଡାକିଲେ ଶୁଣୁ ନାହାନ୍ତି ବୋଲି କହିଥିଲେ। ଟୁନା ପହଞ୍ଚି ତାଙ୍କୁ ରାତି ପ୍ରାୟ ୧୨ଟାରେ ଆସିକା ମେଡିକାଲ ନେଇଥିଲେ। ସେଠାରେ ଡାକ୍ତର ଅମରଙ୍କୁ ମୃତ ଘୋଷଣା କରିଥିଲେ। ଅପରପକ୍ଷେ, ଅଞ୍ଜନା ତାଙ୍କୁ ଶ୍ୱାସରୁଦ୍ଧ କରି ହତ୍ୟା କରିଥିବା ଟୁନା ଧରାକୋଟ ଥାନାରେ ଅଭିଯୋଗ କରିଛନ୍ତି। ପୁଲିସ (ନଂ.୨୩୨/୨୫) ରେ ଏକ ମାମଲା ରୁଜୁକରି ସ୍ତ୍ରୀ ଅଞ୍ଜନାଙ୍କୁ ଅଟକ ରଖି ତଦନ୍ତ ଚଳାଇଛି। ଏନେଇ ଧରାକୋଟ ଥାନା ଅଧିକାରୀ ଚନ୍ଦ୍ରିକା ସ୍ୱାଇଁଙ୍କୁ ଯୋଗାଯୋଗ କରିବାରୁ ସେ କହିଛନ୍ତି, ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଯାଇଛି। ସ୍ତ୍ରୀ ଅଞ୍ଜନାକୁ ଅଟକ ରଖି ପଚରାଉଚରା ଚାଲିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ। ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳ ପରିଦର୍ଶନ କରି ଅନୁସନ୍ଧାନ ବ୍ୟାପକ କରିବ ବୋଲି ଥାନାଧିକାରୀ କହିଛନ୍ତି।

## ନାଲିବତୀ ଗାଡ଼ି ସାଙ୍ଗକୁ ଆଇଏଏସ୍ ପ୍ରୋବେସନର ପ୍ଲେଟ୍

ଭୁବନେଶ୍ୱର,୧୮।୬(ସମିସ): କଳାହାଣ୍ଡି ଜିଲ୍ଲାର ଜଣେ ଆଇଏଏସ୍ ପ୍ରୋବେସନର ସରକାରୀ ସୁବିଧାର ଅପବ୍ୟବହାର କରିବା ମହଙ୍ଗା ପଡ଼ିଛି। ଗୋଟିଏ ଗାଡ଼ିରେ ନାଲିବତୀ ସାଙ୍ଗକୁ ଆଇଏଏସ ପ୍ରୋବେସନର ପ୍ଲେଟ୍ ଲଗାଇବା ଘଟଣାରେ ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି। ସାଧାରଣ ପ୍ରଶାସନ ବିଭାଗ ସ୍ୱତନ୍ତ୍ର ସଚିବ ଏହି ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ ପାଇଁ କଳାହାଣ୍ଡିର ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ



### ତଦନ୍ତ ପାଇଁ କଳାହାଣ୍ଡି ଜିଲ୍ଲାପାଳଙ୍କୁ ଜିଏ ବିଭାଗର ଚିଠି

ଦେଇଛନ୍ତି। ଆଇଏଏସ୍ ପ୍ରୋବେସନରମାନେ ତାଲିମ ଗ୍ରହଣ କରୁଥିବା ସମୟରେ ସ୍ୱତନ୍ତ୍ର ଚିହ୍ନ କିମ୍ବା ସଙ୍କେତ ସହିତ ସରକାରୀ ଯାନବାହନ ଭଳି ସୁବିଧା ପାଇବାକୁ ହକଦାର ନୁହନ୍ତି। ଅଖିଳ ଭାରତୀୟ ସେବା (ଆଚରଣ) ନିୟମ, ୧୯୬୮, ଏବଂ ଭାରତୀୟ ପ୍ରଶାସନିକ ସେବା (ପ୍ରୋବେସନର) ନିୟମ, ୧୯୫୪, ଆଇଏଏସ ଅଧିକାରୀ ଏବଂ ପ୍ରୋବେସନରମାନଙ୍କ ଆଚରଣକୁ ନିୟନ୍ତ୍ରଣ କରେ। ଏହି ନିୟମଗୁଡ଼ିକ ଉଚ୍ଚ ନୈତିକ ମାନଦଣ୍ଡ, ସଚ୍ଚୋଟତା ଏବଂ ବୃତ୍ତିଗତ ଆଚରଣ ବଜାୟ ରଖିବା ଉପରେ ଗୁରୁତ୍ୱାରୋପ କରେ। ପ୍ରୋବେସନରମାନଙ୍କୁ ନର୍ଦ୍ଦିଷ୍ଟ ଭାବେ କିଛି ସୁବିଧା ଦିଆଯାଇ ନ ଥାଏ। ଯେଉଁଥିରେ ଆଇଏଏସ ଅଧିକାରୀମାନେ ପାଉଥିବା ସରକାରୀ କାର ମଧ୍ୟ ଅନ୍ତର୍ଭୁକ୍ତ।

## ଆଜିଠୁ କମିବ ବର୍ଷା

### ପଛକୁଫଛ ଆସୁଛି ଆଉ ୨ ଲଘୁଚାପ

ଭୁବନେଶ୍ୱର,୧୮।୬(ସମିସ): ମୌସୁମୀ ସକ୍ରିୟ ସହ ରାଜ୍ୟରେ ଭଲ ବର୍ଷା ଅନୁଭୂତ ହୋଇଛି। ଯଦିଓ ଗୁରୁବାରଠାରୁ ବର୍ଷାର ପ୍ରଭାବ ହ୍ରାସ ପାଇବ, ମାତ୍ର ପଛକୁ ପଛ ପୁଣି ୨ ଟି ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ରହିଛି। ନିୟମିତ ବ୍ୟବଧାନରେ ବଙ୍ଗୋପସାଗରରେ ଦୁଇଟି ଲଘୁଚାପ ସୃଷ୍ଟି ହେବାକୁ ଥିବାରୁ ପ୍ରାୟ ମାସ ଶେଷ ପର୍ଯ୍ୟନ୍ତ ବର୍ଷାର ପ୍ରଭାବ ଜାରି ରହିବାର ସମ୍ଭାବନା ରହିଛି। ମିଳିଥିବା ସୂଚନା ଅନୁଯାୟୀ ଆସନ୍ତା ୨୩-୨୪ ବେଳକୁ ଉତ୍ତର-ପଶ୍ଚିମ ବଙ୍ଗୋପସାଗରରେ ଏକ ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ରହିଛି। ଉତ୍ତର-ପଶ୍ଚିମ ବଙ୍ଗୋପସାଗରରେ ସୃଷ୍ଟି ହେଉଥିବା ଲଘୁଚାପ ଦ୍ୱାରା ରାଜ୍ୟରେ ଅଧିକ ପରିମାଣରେ ବର୍ଷା ହେଉଥିବାରୁ ଏହି ଲଘୁଚାପ ପ୍ରଭାବରେ ପ୍ରାୟ ୨୨ ତାରିଖରୁ ବର୍ଷା ହେବାର ସମ୍ଭାବନା ରହିଛି। ଅନ୍ୟପଟେ ୨୮ ବେଳକୁ ପୁଣି ଏକ ଲଘୁଚାପ କିମ୍ବା ଘୂର୍ଣ୍ଣିବଳୟ ସୃଷ୍ଟି ହେବାକୁ ଥିବାରୁ ଏହା ଦ୍ୱାରା ମଧ୍ୟ ରାଜ୍ୟରେ ଭଲ ବର୍ଷା କରାଇବାର ସମ୍ଭାବନା ରହିଛି।

ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ଯୋଗୁଁ ଗତ ୩ ଦିନ ମଧ୍ୟରେ ୨୯ ପ୍ରତିଶତ ନିଅଣ୍ଟିଆ ବର୍ଷା ଭରଣ ହୋଇଛି। ଫଳରେ ବର୍ତ୍ତମାନ ରାଜ୍ୟରେ ଜୁନ୍ ମାସରେ ବର୍ଷାର ସ୍ଥିତି ସ୍ୱାଭାବିକ ଅବସ୍ଥାକୁ ଫେରିଛି। ଗତ ୧୫ ଜୁନ ବେଳକୁ ମୌସୁମୀ ଋତୁରେ ରାଜ୍ୟରେ ହାରାହାରି ବର୍ଷା ୪୨.୯ ମିମି ସହ ୪୨ ପ୍ରତିଶତ ନିଅଣ୍ଟିଆ ବର୍ଷା ରେକର୍ଡ ହୋଇଥିଲା। କିନ୍ତୁ ପରେ ଘୂର୍ଣ୍ଣିବଳୟ ସୃଷ୍ଟି ସହ ସକ୍ରିୟ ମୌସୁମୀ ଏବଂ ଲଘୁଚାପ ପ୍ରଭାବରେ ମାତ୍ର ୩ ଦିନରେ ୨୯ ପ୍ରତିଶତ ନିଅଣ୍ଟିଆ ଭରଣ ସହ ବର୍ତ୍ତମାନ ରାଜ୍ୟରେ ହାରାହାରି ବର୍ଷାର ୮୬.୬ ମିମିକୁ ବୃଦ୍ଧି ହୋଇଛି।

ପଶ୍ଚିମବଙ୍ଗ ନିକଟରେ ଥିବା ଲଘୁଚାପ ବୁଧବାର ସକାଳ ସୁଦ୍ଧା ଘନୀଭୂତ ହୋଇ ସୁଦୃଶ୍ୟ ଲଘୁଚାପ କ୍ଷେତ୍ରରେ ପରିଣତ ହୋଇଛି। ଏହା ପଶ୍ଚିମ-ଉତ୍ତର-ପଶ୍ଚିମ ଦିଗରେ ଗତି କରୁଛି। ଏହାର ପ୍ରଭାବ ଓଡ଼ିଶା ଉପରୁ କମୁଥିବା ବେଳେ କେବଳ ଉତ୍ତର ଓଡ଼ିଶାର କିଛି ସ୍ଥାନରେ ବର୍ଷା ଆଶଙ୍କା ରହିଛି। ଗୁରୁବାର ଉତ୍ତର-ଉତ୍ତର-ପଶ୍ଚିମ ଜିଲ୍ଲା ସୁନ୍ଦରଗଡ଼, ସମ୍ବଲପୁର, ଝାରସୁଗୁଡ଼ା, କେନ୍ଦୁଝର ଜିଲ୍ଲାର କିଛି ସ୍ଥାନରେ ପ୍ରବଳ ବର୍ଷାର ଆଶଙ୍କା ରହିଥିବା ବେଳେ କେନ୍ଦ୍ରୀୟ ଓଡ଼ିଶାର ଅନେକ ସ୍ଥାନରେ ସ୍ୱଳ୍ପରୁ ମଧ୍ୟମ ବର୍ଷା ଆଶଙ୍କା ରହିଛି।

## ହାତୀ ଆକ୍ରମଣରେ ବୃଦ୍ଧା ମୃତ, ଜଣେ ଗୁରୁତର

### ୨୫ଟିକିଆ ହାତୀପଲକୁ ନେଇ ଅଞ୍ଚଳବାସୀ ଭୟଭୀତ

ମୋରଡ଼ା/ରାସଗୋବିନ୍ଦପୁର,୧୮।୬(ସମିସ): ରାସଗୋବିନ୍ଦପୁର ରେଞ୍ଜ ଅଧୀନ ମୋରଡ଼ା ଓ ରାସଗୋବିନ୍ଦପୁର ବ୍ଲକ୍‌ରେ ଦିନକୁ ଦିନ ହାତୀ ଉପଦ୍ରବ ବଢ଼ିବାରେ ଲାଗିଛି। ତତ୍ସହିତ ହାତୀ ଆକ୍ରମଣରେ କେତେକଙ୍କ ଜୀବନ ବି ଗଲାଣି। ତେବେ ବର୍ଷ ତମାମ ହାତୀ ଉପଦ୍ରବ ଲାଗି ରହିଥିବାରୁ ଅଞ୍ଚଳବାସୀ ଅତିଷ୍ଠ ହେବାସହ ଚାଷ ପାଇଁ ଚାଷୀ ମଧ୍ୟ ଭୟଭୀତ। ସୂଚନାନୁଯାୟୀ, ବୁଧବାର ଭୋର ୪ଟା ବେଳେ ରାସଗୋବିନ୍ଦପୁର ରେଞ୍ଜ ଅଧୀନ ନଳଗଜା ପଞ୍ଚାୟତ ଉକାଶୋଳ ଗ୍ରାମରେ ହାତୀପଲ ପ୍ରବେଶ କରି ଘରଭାଙ୍ଗି ଭିତରେ ଶୋଇଥିବା ଅବସ୍ଥାରେ ନାଗି ହାଁସଦାଙ୍କୁ ଘୋଷାଡ଼ି ଆଣି ଦଳିଚକଟି ଦେଇଛନ୍ତି। ଫଳରେ ବୃଦ୍ଧା ନାଗିଙ୍କ ଦେହରୁ ଗୋଡ଼ ଅଲଗା ହୋଇଯିବା ସହିତ ଅନ୍ତବୁଜଳା ବାହାରି ଆସିଥିବାର ଦେଖିବାକୁ ମିଳିଛି। ଖବର ପାଇ ରାସଗୋବିନ୍ଦପୁର ବନବିଭାଗ ପହଞ୍ଚି ନାଗିଙ୍କୁ ଉଦ୍ଧାର କରି ବାରିପଦା ମେଡିକାଲ ପଠାଇଥିଲେ। କିନ୍ତୁ ସେ ମୃତ ବୋଲି ଡାକ୍ତର ଘୋଷଣା କରିଥିଲେ। ଠିକ ସେହିପରି ଉକ୍ତ ପଞ୍ଚାୟତ ଅଧୀନ ଶୁଖିଲାଖାଲି ଗ୍ରାମ ବଡ଼ା ମୁର୍ମୁ ବାରଣ୍ଡାରେ ଶୋଇଥିବା ବେଳେ ଉକ୍ତ ୨୫ ଟିକିଆ ହାତୀପଲ ମଧ୍ୟରୁ ଦୁଇଟି ହାତୀ ତାଙ୍କୁ ଶୁଣ୍ଢରେ ଟାଣି ଆଣି କଚାଡ଼ି ଦେଇଥିଲେ। ତେବେ ପାଟି ଶୁଣି ସ୍ଥାନୀୟ ଲୋକେ ଆସି ହାତୀପଲକୁ ଘଉଡ଼ାଇବା ପରେ ସ୍ଥାନୀୟ ଲୋକେ ଉଦ୍ଧାର କରି ରାସଗୋବିନ୍ଦପୁର ଡାକ୍ତରଖାନାରେ ଭର୍ତ୍ତି କରିଛନ୍ତି।

## ପ୍ରେମୀଯୁଗଳଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ରାଇରଙ୍ଗପୁର,୧୮।୬(ସମିସ): ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନାର ପୋଖରିଆ ସ୍କୁଲସାହିରେ ଘରଭିତରୁ ପ୍ରେମୀଯୁଗଳଙ୍କ ଝୁଲନ୍ତା ମୃତଦେହ ପୁଲିସ ଉଦ୍ଧାର କରିଛି। ମୃତ ପ୍ରେମୀଯୁଗଳ ହେଲେ ସେହି ଗାଁର ସଦାନନ୍ଦ ନାଏକ(୨୨) ଓ ଯୁବତୀ ମନୀଷା ନାଏକ(୧୫) ବୋଲି ଜଣାପଡିଛି। ସୂଚନାନୁଯାୟୀ, ବୁଧବାର ସକାଳେ ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନାର ପୋଖରିଆ ସ୍କୁଲସାହିରେ ଜଣଙ୍କ ଘରୁ ଯୁବକ ଓ ଯୁବତୀଙ୍କ ଝୁଲନ୍ତା ମୃତଦେହ ଦେଖି ପରିବାର ଲୋକେ ପୁଲିସକୁ ଖବର ଦେଇଥିଲେ। ପରବର୍ତ୍ତୀ ସମୟରେ ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ରହିଥିଲା ବୋଲି ସୂଚନା ମିଳିଛି। ପୁଲିସ ଉଭୟ ଶବକୁ ରାଇରଙ୍ଗପୁର ଡାକ୍ତରଖାନାରେ ବ୍ୟବଚ୍ଛେଦ କରାଇ ପରିବାର ବର୍ଗକୁ ହସ୍ତାନ୍ତର କରି ଅଧିକ ତଦନ୍ତ କରୁଥିବା ସୂଚନା ମିଳିଛି। ମୃତ୍ୟୁର କାରଣ ସ୍ପଷ୍ଟ ହୋଇପାରିନାହିଁ।

## କେନ୍ଦ୍ର ସାହିତ୍ୟ ଏକାଡେମି ପକ୍ଷରୁ ଯୁବ ଓ ବାଲ୍ ସାହିତ୍ୟ ପୁରସ୍କାର ଘୋଷିତ

ଭୁବନେଶ୍ୱର,୧୮।୬ (ସମିସ): କେନ୍ଦ୍ର ସାହିତ୍ୟ ଏକାଡେମୀ ପକ୍ଷରୁ ଚଳିତ ବର୍ଷର ଯୁବ ଓ ବାଲ୍ ସାହିତ୍ୟ ପୁରସ୍କାର ଘୋଷଣା କରାଯାଇଛି। ନୂଆଦିଲ୍ଲୀରେ ଅନୁଷ୍ଠିତ କେନ୍ଦ୍ର ସାହିତ୍ୟ ଏକାଡେମୀର କାର୍ଯ୍ୟନିର୍ବାହୀ ପରିଷଦ ବୈଠକରେ ୨୩ ଜଣ ଯୁବ ଲେଖକ ଏବଂ ୨୪ ଜଣ ଶିଶୁ ସାହିତ୍ୟିକଙ୍କ ନାଁ ପୁରସ୍କାର ପାଇଁ ଅନୁମୋଦନ କରାଯାଇଥିବା ବେଳେ ଶିଶୁ ସାହିତ୍ୟିକ ରାଜକିଶୋର ପାଢୀଙ୍କୁ ବାଲ୍ ସାହିତ୍ୟ ପୁରସ୍କାର ପ୍ରଦାନ କରାଯିବା ସହ ଓଡ଼ିଆ ଲେଖକ ସୁବ୍ରତ ସେନାପତି ଏବଂ ସାନ୍ତାଳୀ ଭାଷା ପାଇଁ ଫାଗୁ ବାସ୍କେଙ୍କୁ ଯୁବ ପୁରସ୍କାର ପ୍ରଦାନ କରାଯିବ। ତେବେ ଚଳିତ ବର୍ଷ ଡୋଗରୀ ଭାଷା ପାଇଁ କାହାକୁ ମନୋନୀତ କରାଯାଇ ନାହିଁ।

- ସୁବ୍ରତ ସେନାପତି, ଫାଗୁ ବାସ୍କେଙ୍କୁ ଯୁବ ପୁରସ୍କାର
- ବାଲ୍ ସାହିତ୍ୟ ପୁରସ୍କାର ପାଇବେ ରାଜକିଶୋର ପାଢୀ

ଡ. ରାଜକିଶୋର ପାଢ଼ୀ ଶିଶୁ ପୁସ୍ତକ "କେତେ ଫୁଲ ଫୁଟିଛି' ପାଇଁ ବାଲ୍ ସାହିତ୍ୟ ପୁରସ୍କାର ପାଇବେ। ୨୦୧୧ ମସିହାରେ ଶିଶୁ କାହାଣୀ ପୁସ୍ତକ 'କଥା କଳସ' ପାଇଁ ସେ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର ପାଇଥିଲେ। ସେହିପରି ସୁବ୍ରତ କୁମାର ସେନାପତି ତାଙ୍କ ଗଳ୍ପ ପୁସ୍ତକ 'କଦମ୍ବବନ' ପାଇଁ ଯୁବ ସାହିତ୍ୟ ପୁରସ୍କାର ପାଇବେ। ସେହିପରି ମୟୂରଭଞ୍ଜ ଜିଲ୍ଲା ଭୋଲାଗଡ଼ିଆ ଗ୍ରାମର ଯୁବକବି ଫାଗୁ ବାସ୍କେଙ୍କୁ ସାନ୍ତାଳୀ ଭାଷା ବର୍ଗରେ ତାଙ୍କ ସାନ୍ତାଳୀ କବିତା ସଂଗ୍ରହ 'ଆରା ସାଓଁ ଇନ୍' ପାଇଁ କେନ୍ଦ୍ର ସାହିତ୍ୟ ଏକାଡେମୀ ଯୁବ ପୁରସ୍କାର ୨୦୨୫ ପାଇଁ ଚୟନ କରାଯାଇଛି।

ମଙ୍ଗଳବାର କେନ୍ଦ୍ର ସାହିତ୍ୟ ଏକାଡେମୀର କାର୍ଯ୍ୟନିର୍ବାହୀ ବୈଠକରେ ୨୦୨୫ ବର୍ଷ ପାଇଁ ଓଡ଼ିଆ ସମେତ ୨୩ଟି ଭାଷା ପାଇଁ ଯୁବ ପୁରସ୍କାର ଓ ୨୪ଟି ଭାଷା ପାଇଁ ବାଲ୍ ସାହିତ୍ୟ ପୁରସ୍କାର ଘୋଷଣା କରାଯାଇଛି। ଉଭୟ ପୁରସ୍କାର ଯୁବ ପୁରସ୍କାର ପାଇଁ ପ୍ରତ୍ୟେକ ଭାଷାରେ ତିନି ଜଣିଆ ସଦସ୍ୟ ବିଶିଷ୍ଟ ବିଚାରକ ମଣ୍ଡଳୀ ଗଠନ କରାଯାଇଥିଲା। ସେହି ବିଚାରକ ମଣ୍ଡଳୀଗୁଡ଼ିକର ସୁପାରିଶକ୍ରମେ ଏହି ପୁରସ୍କାର ଘୋଷଣା କରାଯାଇଛି। ତେବେ ଓଡ଼ିଆ ଭାଷା ପାଇଁ ଗଠିତ ବିଚାରକ ମଣ୍ଡଳୀରେ ବିଶିଷ୍ଟ ଲେଖିକା ଯଶୋଧାରା ମିଶ୍ର, ରବି ସ୍ୱାଇଁ ଓ ସୁଭାଷ ଶତପଥୀ ସଦସ୍ୟ ଥିବା ବେଳେ ନୀଳାଦ୍ରିଭୂଷଣ ହରିଚନ୍ଦନ, ଡ. ଶକୁନ୍ତଳା ବଳିୟାରସିଂହ ଓ ଡ. ରାମଚନ୍ଦ୍ର ନାୟକ ରହିଥିଲେ। ପରବର୍ତ୍ତୀ ସମୟରେ ହେବାକୁ ଥିବା ଏକ ଉତ୍ସବରେ ଏହି ପୁରସ୍କାର ପ୍ରଦାନ କରାଯିବ।

## ଅଗଷ୍ଟ ୧୫ରୁ ନୂଆ ଫାସ୍‌ଟ୍ୟାଗ୍ ନିୟମ

# ଆରମ୍ଭ ହେବ ବର୍ଷିକିଆ ପାସ୍ ପ୍ରଚଳନ ବ୍ୟବସ୍ଥା

ନୂଆଦିଲ୍ଲୀ,୧୮।୬(ଏଜେନ୍ସି): ଦେଶରେ ଟୋଲ୍ ଟିକସ ନିୟମରେ ହେବାକୁ ଯାଉଛି ଏକ ବଡ଼ ପରିବର୍ତ୍ତନ। ଯାହା ସାଧାରଣ ଲୋକଙ୍କୁ ଦେବ ବହୁ ମାତ୍ରାରେ ଆଶ୍ୱସ୍ତି ଦେବ। ଆଗକୁ ଆରମ୍ଭ ହେବାକୁ ଯାଉଛି ବର୍ଷିକିଆ ଟୋଲ୍ ପାସ୍ ବ୍ୟବସ୍ଥା। ମାତ୍ର ୩,୦୦୦ ଟଙ୍କାରେ ବର୍ଷକ ପାଇଁ ଗାଡ଼ି ମାଲିକଙ୍କୁ ମିଳିବ ଫାସ୍‌ଟ୍ୟାଗ୍। ଆସନ୍ତା ଅଗଷ୍ଟ ୧୫ ତାରିଖଠାରୁ ଦେଶରେ ୩,୦୦୦ ଟଙ୍କା ମୂଲ୍ୟର ଏକ ଫାସ୍‌ଟ୍ୟାଗ୍ ଆଧାରିତ ବାର୍ଷିକ ପାସ୍ ପ୍ରଚଳନ କରାଯିବ। ଏ ନେଇ କେନ୍ଦ୍ର ସଡ଼କ ପରିବହନ ଓ ଜାତୀୟ ରାଜପଥ ମନ୍ତ୍ରୀ ନୀତିନ ଗଡକରୀ ସୋସିଆଲ ମିଡିଆ 'ଏକ୍ସ' ଆକାଉଣ୍ଟ ମାଧ୍ୟମରେ ସୂଚନା ଦେଇଛନ୍ତି।

- ୩,୦୦୦ ଟଙ୍କାରେ ବର୍ଷକ ପାଇଁ ଫାସ୍‌ଟ୍ୟାଗ୍
- ଘରୋଇ ଗାଡ଼ି ୨୦୦ ଥର ଟୋଲ୍ ପାର କରିପାରିବ

ଏହି ପାସ୍ ସକ୍ରିୟ ହେବା ତାରିଖରୁ ଗୋଟିଏ ବର୍ଷ ପାଇଁ କିମ୍ବା ୨୦୦ ଯାତ୍ରା ପର୍ଯ୍ୟନ୍ତ(ଯେଉଁଟି ପ୍ରଥମ) ବୈଧ ରହିବ। ଏହି ପାସ୍ ବିଶେଷ ଭାବରେ କେବଳ ଅଣ-ବାଣିଜ୍ୟିକ ଯାନ ବା ବ୍ୟକ୍ତିଗତ ଯାନ (କାର, ଜିପ୍, ଭ୍ୟାନ ଇତ୍ୟାଦି) ପାଇଁ ଡିଜାଇନ୍ କରାଯାଇଛି। ଏହା ସାରା ଦେଶରେ ଜାତୀୟ ରାଜପଥରେ ସୁଗମ ଯାତ୍ରାକୁ ସକ୍ଷମ କରିବ। ଗଡ଼କରୀ ପୋଷ୍ଟରେ ଲେଖିଛନ୍ତି ଯେ, ବାର୍ଷିକ ପାସ୍ ସକ୍ରିୟକରଣ/ନବୀକରଣ ପାଇଁ ହାଇୱେ ଟ୍ରାଭେଲ୍ ଆପ୍ ଏବଂ ଏନ୍‌ଏଚ୍‌ଏଆଇ/ସଡ଼କ ପରିବହନ ଓ ଜାତୀୟ ରାଜପଥ ମନ୍ତ୍ରଣାଳୟ ୱେବସାଇଟରେ ଖୁବ୍ ଶୀଘ୍ର ଏକ ପୃଥକ ଲିଙ୍କ୍ ଉପଲବ୍ଧ କରାଯିବ, ଯାହା ପ୍ରକ୍ରିୟାକୁ ସରଳ ଏବଂ ସହଜ କରିବ। ଏହାର ନବୀକରଣ ପ୍ରକ୍ରିୟା ଅନଲାଇନରେ ମଧ୍ୟ କରାଯାଇପାରିବ। ନୂତନ ବାର୍ଷିକ ପାସ୍ ନୀତିର ଲକ୍ଷ୍ୟ ହେଉଛି ୬୦ କିଲୋମିଟର ବ୍ୟାସାର୍ଦ୍ଧ ମଧ୍ୟରେ ଅବସ୍ଥିତ ଟୋଲ୍ ପ୍ଲାଜା ସହିତ ଜଡିତ ପୁରୁଣା ସମସ୍ୟାର ସମାଧାନ କରିବା। ଏକକ ଡିଜିଟାଲ୍ କାରବାର ମାଧ୍ୟମରେ ଟୋଲ୍ ପେମେଣ୍ଟକୁ ସହଜ କରିବା, ଟୋଲ୍ ପ୍ଲାଜାରେ ଅପେକ୍ଷା ସମୟ ହ୍ରାସ କରିବା, ଭିଡ଼ କମାଇବା ଏବଂ ବିବାଦ ଦୂର କରିବା ଏହାର ପ୍ରମୁଖ ଲାଭ ବୋଲି ଗଡକରୀ କହିଛନ୍ତି।

ହେଲେ ବର୍ତ୍ତମାନ ଯେଉଁ ଯାତ୍ରୀମାନେ ପ୍ରାୟତଃ ଏକ ନିର୍ଦ୍ଦିଷ୍ଟ ଟୋଲ୍ ପ୍ଲାଜା ଦେଇ ଯାତାୟାତ କରନ୍ତି ସେମାନେ ଠିକଣା ପ୍ରମାଣ ଏବଂ ଡକ୍ୟୁମେଣ୍ଟ ଦାଖଲ କରି ମାସିକ ପାସ୍ ପାଇପାରିବେ। ଏହି ପାସର ମୂଲ୍ୟ ପ୍ରତି ମାସ ୩୪୦ ଟଙ୍କା।

## ଭାଙ୍ଗିଲା ଆନ୍ଧ୍ର-ଓଡ଼ିଶା ସ୍ପେଶାଲ ଜୋନାଲ୍ ମାଓ କମିଟିର ମେରୁଦଣ୍ଡ

# ଯବାନଙ୍କ ଗୁଳିରେ ଟଳିଲେ ଉଦୟ, ଅରୁଣା ଓ ଅଞ୍ଜୁ

ମାଲକାନଗିରି, ୧୮।୬ (ସମିସ): ମାଲକାନଗିରି ଜିଲ୍ଲା ସୀମାନ୍ତ ଆନ୍ଧ୍ରପ୍ରଦେଶରେ ଯବାନଙ୍କ ଗୁଳିରେ ମୋଟ ୬୫ ଲକ୍ଷ ଇନାମି ୩ କୁଖ୍ୟାତ ମାଓନେତା ନିହତ ହୋଇଛନ୍ତି। ମୃତ ମାଓବାଦୀ ମାନେ ହେଲେ ଗଜରଲା ରବି ଓରଫ ଉଦୟ, ରବି ଭେଙ୍କଟା ଚୈତନ୍ୟା ଓରଫ ଅରୁଣା ଏବଂ ଅଞ୍ଜୁ। ମାଲକାନଗିରି ଜିଲ୍ଲାପାଳ ଭିନେଲ୍ କ୍ରୀଷ୍ଣାଙ୍କ ଅପହରଣରେ ଉଦୟ ଓ ଅରୁଣା ସମ୍ପୃକ୍ତ ଥିଲେ। ଆଜି ସକାଳେ ମାଲକାନଗିରି ଜିଲ୍ଲା ସୀମାନ୍ତ ଆନ୍ଧ୍ରପ୍ରଦେଶର ଆଲୁରି ସିତରାମ ରାଜୁ ଜିଲ୍ଲାର ମାରେଡିମେଲୁ ଥାନା ଅଞ୍ଚଳରେ ଟପ୍ କ୍ୟାଡରର ମାଓବାଦୀ ଲୁଚି ରହିଥିବା ନେଇ ବିଶେଷ ସୂତ୍ରରୁ ଖବର ପାଇ ମାରେଡମେଲୁ ପୁଲିସ, ଗ୍ରେହାଉଣ୍ଡ, ଏସଏସ କୋବ୍ରା ବାହିନୀର ଯବାନମାନେ ତଲାସି ଅଭିଯାନ କରିଥିଲେ। ଏହି ସମୟରେ କୋଏଲଗୁଡମ ଗ୍ରାମ ନିକଟ ଜଙ୍ଗଲରେ ଯବାନ ଓ ମାଓବାଦୀଙ୍କ ମଧ୍ୟରେ ମୁହାଁମୁହିଁ ଗୁଳିବିନିମୟ ହୋଇଥିଲା। ଯବାନଙ୍କ ସାମ୍ନା କରି ନପାରି ମାଓବାଦୀ ମାନେ ଜଙ୍ଗଲ ମଧ୍ୟରେ ଲୁଚି ପଳାଇଥିଲେ। ଏହାପରେ ଯବାନମାନେ ଜଙ୍ଗଲରେ ତଲାସୀ କରିବା ବେଳେ ମାଓ ସଂଗଠନର ସେଣ୍ଟ୍ରାଲ କମିଟି ସଦସ୍ୟ ତଥା ଆନ୍ଧ୍ର-ଓଡିଶା ସ୍ପେଶାଲ ଜୋନାଲ କମିଟିର ସେକ୍ରେଟାରୀ ୪୦ ଲକ୍ଷ ଇନାମୀ ମାଓବାଦୀ ଗାଜେର୍ଲା ଓରଫ ଉଦୟ, ମାଓନେତ୍ରୀ ତଥା ଆନ୍ଧ୍ର-ଓଡ଼ିଶା ସ୍ପେସିଆଲ ଜୋନାଲ୍ କମିଟି ସଦସ୍ୟ ତଥା ସେଣ୍ଟ୍ରାଲ କମିଟି ସଦସ୍ୟ ୨୦ ଲକ୍ଷ ଇନାମୀ ମାଓବାଦୀ ରାଭି ଭେଙ୍କେଟ ଚୈତନ୍ୟା ଓରଫ ଅରୁଣାଙ୍କ ସହ ମାଓନେତ୍ରୀ ତଥା ଆନ୍ଧ୍ର-ଓଡ଼ିଶା ଜୋନାଲ କମିଟି ସଦସ୍ୟ ୫ ଲକ୍ଷ ଇନାମୀ ମାଓବାଦୀ ଅଞ୍ଜୁର ମରଶରୀରକୁ ଠାବ କରିଥିଲେ। ଏହାସହ ଘଟଣାସ୍ଥଳରୁ ୨ଟି ଏକେ-୪୭ ରାଇଫଲ, ବହୁ ମାଓ ସାମଗ୍ରୀ ମଧ୍ୟ ଜବତ କରିଥିଲେ। ମୃତ ଅରୁଣା ପୂର୍ବରୁ ଛତିଶଗଡ଼ରେ ଯବାନଙ୍କ ସହ ଏନ୍‌କାଉଣ୍ଟର ବେଳେ ନିହତ ହୋଇଥିବା ମାଓନେତା ଚଲପତିଙ୍କ ପତ୍ନୀ। ଆଜି ଯବାନଙ୍କୁ ଏହି ବଡ ସଫଳତା ମିଳିବା ପରେ ଅଞ୍ଚଳରେ ବର୍ତ୍ତମାନ ମଧ୍ୟ ତଲାସୀ ଅଭିଯାନକୁ ଜାରି ରଖାଯିବା ସହ ଓଡ଼ିଶା-ଆନ୍ଧ୍ର ସୀମାକୁ ସିଲ୍ କରାଯାଇଥିବା ଜଣାପଡିଛି।



ଆଇଏଏସ୍ ଭିନିଲ୍ କ୍ରୀଷ୍ଣା ଓ ଝୀନ୍ ହିକ୍କାଙ୍କ ଅପହରଣର ଥିଲେ ମାଷ୍ଟର ମାଇଣ୍ଡ

# ସରକାର ମାନିଲେ ଧାନକିଣାରେ ଅନିୟମିତତା

## ଓଡ଼ିଶା ମଣ୍ଡିରେ ଛତିଶଗଡ଼ ଧାନ : ଉପମୁଖ୍ୟମନ୍ତ୍ରୀ

ବଲାଙ୍ଗିର,୧୮।୬(ସମିସ): ବଲାଙ୍ଗିର ଜିଲ୍ଲା ମିଲ୍‌କୁ ଆସୁଛି ଛତିଶଗଡ଼ରୁ ଧାନ। ଛତିଶଗଡ଼ ଧାନକୁ ମିଲର୍ସମାନେ କମ୍ ଦରରେ କିଣି ରାଜ୍ୟ ସରକାରଙ୍କ ବୋନସ ସହାୟତାର ଫାଇଦା ନେବାକୁ ଉଦ୍ୟମ କରୁଥିବା ଜଣାପଡ଼ିଛି। କେବଳ ଏତିକି ନୁହଁ ଉକ୍ତ ଧାନକୁ କିଣିବା ପାଇଁ ମିଲର୍ସମାନେ ସରକାରଙ୍କ ଉପରେ ଚାପ ପକାଉଥିବା ସ୍ପଷ୍ଟ ହୋଇଛି। ଏକଥା ନିଜେ କୃଷିମନ୍ତ୍ରୀ ତଥା ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ କହିଛନ୍ତି। ମଙ୍ଗଳବାର ବଲାଙ୍ଗିର ଜିଲ୍ଲା ପଥରଚେପାଠାରେ ଆୟୋଜିତ ରାଜ୍ୟସ୍ତରୀୟ କୃଷକ ଶକ୍ତି ସମାବେଶରେ ମତ ରଖିଛନ୍ତି। କୃଷିମନ୍ତ୍ରୀ ସମାବେଶରେ କହିବା ପରେ ବଲାଙ୍ଗିର ଜିଲ୍ଲାରେ ଚାଲିଥିବା ଧାନକିଣା ଅନିୟମିତତା ପଦାରେ ପଡ଼ିଛି। ପୂର୍ବରୁ ହୋଇଥିବା ଅନିୟମିତତା ମଧ୍ୟ ସ୍ପଷ୍ଟ ହୋଇଛି।

ବଲାଙ୍ଗିର ଜିଲ୍ଲା ପଥରଚେପାଠାରେ ମଙ୍ଗଳବାର ରାଜ୍ୟସ୍ତରୀୟ କୃଷକଶକ୍ତି ସମାବେଶ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇଥିବା ବେଳେ ଉପମୁଖ୍ୟମନ୍ତ୍ରୀ ତଥା କୃଷି ମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ ମଧ୍ୟ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ଶ୍ରୀ ସିଂହଦେଓ ନିଜ ଅଭିଭାଷଣ ରଖିଥିବା ବେଳେ ଧାନକିଣା ପ୍ରସଙ୍ଗ ସାମ୍ନାକୁ ଆଣିଥିଲେ। ଯାହାକି ଏବେ ତାଙ୍କ ନିଜ ସରକାରଙ୍କୁ ବିବାଦକୁ ଟାଣି ଆଣିଛି। ବଲାଙ୍ଗିର ତଥା ଆଖପାଖ ଜିଲ୍ଲାର ମିଲ୍‌କୁ ଛତିଶଗଡ଼ରୁ ଧାନ ଚାଲାଣ ହେଉଥିବା ସ୍ପଷ୍ଟ ହୋଇଛି। ଗତ କିଛି ଦିନ ତଳେ ତୁଷୁରା ଅଞ୍ଚଳରେ ଏକ ଧାନ ବୋଝେଇ ଟ୍ରକ୍‌କୁ ପ୍ରଶାସନ ଜବତ କରିଥିଲା। ଉକ୍ତ ଧାନ ଛତିଶଗଡ଼ରୁ ଆସିଥିବା ହୋଇଥିବା ଆଲୋଚନା ହୋଇଥିଲା। ଅଭିଯୋଗ ଅନୁସାରେ ଓଡ଼ିଶା ସୀମାକୁ ଲାଗିରହିଥିବା ଛତିଶଗଡ଼ ଅଞ୍ଚଳରୁ ବହୁ ପରିମାଣର ଧାନ ଓଡ଼ିଶାକୁ ଚାଲାଣ ହେଉଥିବାବେଳେ ଏହାକୁ ମିଲର୍ସମାନେ ସିଧାସଳଖ ଦଲାଲଙ୍କ ସହାୟତାରେ କମ୍ ଦରରେ କିଣୁଛନ୍ତି। ସେହି ଧାନକୁ ଓଡ଼ିଶାର ବିଭିନ୍ନ ମଣ୍ଡିରେ ମିଥ୍ୟା ଏଣ୍ଟ୍ରିକରି ସରକାରୀ ସ୍ତରରେ କିଣୁଥିବା ଅଭିଯୋଗ ହୋଇଛି। ଫଳରେ ମଣ୍ଡିମାନଙ୍କରେ ଟାର୍ଗେଟ ଆଗୁଆ ପୂରଣ ହେଉଥିବା ଜଣାପଡ଼ିଛି। କିନ୍ତୁ ଚଳିତ ଖରିଫ ଓ ରବିରେ ବଲାଙ୍ଗିର ଜିଲ୍ଲାରେ ବହୁ ସଂଖ୍ୟାରେ ଚାଷୀଙ୍କ ସଂଖ୍ୟା ବୃଦ୍ଧି ପାଇଛି। ସେହି ଅନୁସାରେ ଖରିଫରେ ଅଧିକ ପରିମାଣର ଧାନକିଣା ଯାଇଥିବାବେଳେ ରବି ଧାନକିଣା ଟାର୍ଗେଟ ମଧ୍ୟ ବୃଦ୍ଧି କରାଯାଇଛି। ଦେଖିବାକୁ ଗଲେ ଏଥିପାଇଁ ଗୋଟିଏ ପଟେ ରାଜ୍ୟ ସରକାରଙ୍କ ସହଯୋଗ ରହିଥିବାବେଳେ ଅନ୍ୟପଟେ ରାଜ୍ୟ କୃଷିମନ୍ତ୍ରୀ ଏହି କାରବାରର ସତ୍ୟତାକୁ ପଦାରେ ପକାଇଛନ୍ତି। କୃଷକ ଶକ୍ତି ସମାବେଶରେ ଏନେଇ ନିଜ ଅଭିଭାଷଣରେ କହିବା ସହ ଛତିଶଗଡ଼ ଧାନକୁ କିଣିବା ପାଇଁ ମିଲର୍ସ ମାନେ ଚାପ ପକାଉଥିବା ମଧ୍ୟ ସେ କହିଛନ୍ତି। ଉକ୍ତ ମିଲର ମାନଙ୍କ ବିରୋଧରେ ସରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ସେମାନଙ୍କୁ କଳା ତାଲିକାଭୁକ୍ତ କରିବେ ବୋଲି କୃଷି ମନ୍ତ୍ରୀ କହିଥିଲେ। ଖରିଫ ଓ ରବିରେ ଚାଷୀମାନଙ୍କୁ ଦିଆଯାଇଥିବା ବୋନସ ଟଙ୍କା ପାଇଁ ଏହିଭଳି କାରବାର ଚାଲିଥିବା ପରୋକ୍ଷରେ କହିଥିବାବେଳେ ଛତିଶଗଡ଼ରୁ ଧାନ ଚାଲାଣକୁ ନେଇ ସ୍ୱୀକାର କରିଛନ୍ତି। ଏହି ଧାନ ପ୍ରାୟତଃ ବଲାଙ୍ଗିର ଓ ବରଗଡ଼ ଜିଲ୍ଲାକୁ ଚାଲାଣ ହେଉଥିବା ଅଭିଯୋଗ ହୋଇଛି। ତେବେ ସତରେ ଏହି ଚାଲାଣକୁ ରୋକିବା ପାଇଁ ସରକାର କଡ଼ା ପଦକ୍ଷେପ ଗ୍ରହଣ କରିବେ ନା ସମାବେଶରେ ମାଇଲେଜ ନେବାକୁ ମନ୍ତ୍ରୀ କଥା ଛଳରେ ଏହି ସବୁ କଥା କହିଗଲେ ତାକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି। ରବି ଧାନକିଣାକୁ ଆଉ କିଛି ଦିନ ବାକିଥିବାବେଳେ ବଲାଙ୍ଗିର ଜିଲ୍ଲାରେ ଏହିଭଳି ଚାଲାଣ ରୋକିବାକୁ ପ୍ରଶାସନ କ'ଣ ପଦକ୍ଷେପ ଗ୍ରହଣ କରୁଛି ଓ କେତେ ମିଲର୍ସ ଉପରେ ରାଜ୍ୟ ସରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛନ୍ତି ତାହା ଦେଖିବାକୁ ବାକି ରହିଲା।



▸କ୍ରୀଡ଼ା ପୃଷ୍ଠାରେ...


• RNI REGD NO: 42041/83
• www.sakalaepaper.com
• /sakalanews
• /sakalanews
• www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

•VOLUME- 42 •ISSUE-351 •BHUBANESWAR •THURSDAY •19 JUNE 2025 •PAGE-12 •₹ 6.00

•ବର୍ଷ-୪୨ •ସଂଖ୍ୟା-୩୫୧ •ଭୁବନେଶ୍ୱର •ଗୁରୁବାର •୧୯ ଜୁନ୍ ୨୦୨୫ •ପୃଷ୍ଠା-୧୨ •ଟ.୬.୦୦


## ପାଣିରୁ ଝାଡ଼ାବାନ୍ତି

# ଅଧା ଓଡ଼ିଶା ଆକ୍ରାନ୍ତ

### କାରଣ ଖୋଜି ପାଇଲାନି ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ; ଦେଖାଇଦେଲା କେନ୍ଦ୍ରୀୟ ଟିମ୍

### ମାଡ଼ିଚାଲିଛି ଡାଇରିଆ; ମୟୂରଭଞ୍ଜ ୧୦ମ ଜିଲ୍ଲା

### ୨୧ରେ ପହଞ୍ଚିଲା ଝାଡ଼ାବାନ୍ତି ମୃତକଙ୍କ ସଂଖ୍ୟା

### ମଞ୍ଚରେ ମନ୍ତ୍ରୀ ମାରୁଛନ୍ତି 'ଉପଲବ୍ଧି'ର ବାହାସ୍ଫୋଟ



■ **ଭୁବନେଶ୍ୱର, ୧୮।୬(ସମିସ):** ଗୋଟାକ ପରେ ଗୋଟାଏ ଜିଲ୍ଲାକୁ ନିଜ କବଳକୁ ନେଉଛି ଡାଇରିଆ। ଯାଜପୁର ଜିଲ୍ଲାରୁ ଆରମ୍ଭ ହୋଇଥିବା ଡାଇରିଆ ଗୋଟିଏ ପରେ ଗୋଟିଏ ଜିଲ୍ଲାରେ ନିଜର ଭୟାବହ କାୟା ବିସ୍ତାର କରି ଏବେ ମୟୂରଭଞ୍ଜରେ ପହଞ୍ଚିଛି। ୧୦ ଜିଲ୍ଲା ଭାବରେ ବୁଧବାର ମୟୂରଭଞ୍ଜ ଜିଲ୍ଲାରେ ଡାଇରିଆ ବ୍ୟାପିଛି। ଅନ୍ୟପକ୍ଷରେ ଗତକାଲି ସୁଦ୍ଧା ଡାଇରିଆରେ ୨୦ ଜଣ ମୃତ୍ୟୁବରଣ କରିଥିବାବେଳେ ଆଜି ବାଲେଶ୍ୱରରେ ଜଣେ ବ୍ୟକ୍ତି ମୃତ୍ୟୁବରଣ କରିଛନ୍ତି। ଫଳରେ ଡାଇରିଆ ମୃତକଙ୍କ ସଂଖ୍ୟା ୨୧ରେ ପହଞ୍ଚିଛି। ଏହି ସ୍ଥିତିରେ ଡାଇରିଆ ସ୍ଥିତି ଅନୁଧ୍ୟାନ ପାଇଁ ଆସିଥିବା କେନ୍ଦ୍ରୀୟ ଟିମ୍ ପରିସ୍ଥିତି ଯାଞ୍ଚ ପରେ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗକୁ ପ୍ରଦାନ କରିଥିବା ରିପୋର୍ଟ ସରକାରଙ୍କ ମୁଖା ଖୋଲିଛି। ଦୂଷିତ ପାନୀୟ ଜଳ ଓ ବିଷାକ୍ତ ଖାଦ୍ୟରୁ ଯାଜପୁର ଜିଲ୍ଲାରେ ଡାଇରିଆ ବ୍ୟାପିବା ଆରମ୍ଭ ହୋଇଛି ବୋଲି ଏହି ଟିମ୍ ରିପୋର୍ଟ ରାଜ୍ୟ ସ୍ୱାସ୍ଥ୍ୟ ସଚିବଙ୍କୁ ରିପୋର୍ଟ ଦେଇଥିବା ସୂଚନା ମିଳିଛି।

ଯାଜପୁର ଜିଲ୍ଲାରୁ ଆରମ୍ଭ ହୋଇଥିବା ଝାଡ଼ାବାନ୍ତି ଏବେ ସାଂଘାତିକ ରୂପ ନେଇଛି। ଗୋଟିଏ ପରେ ଗୋଟିଏ ଜିଲ୍ଲାକୁ ଝାଡ଼ାବାନ୍ତି ବା ଡାଇରିଆ ବ୍ୟାପିବାରେ ଲାଗିଛି। ବିଭିନ୍ନ ଡାକ୍ତରଖାନାରେ ହଜାର ହଜାର ଲୋକ ଚିକିତ୍ସା ପାଇଁ ଭର୍ତ୍ତି ହୋଇଛନ୍ତି। ଶଯ୍ୟାର ଅଭାବ ରୋଗୀଙ୍କ ପାଇଁ ବଡ଼ ସମସ୍ୟା ପାଲଟିଛି। ଗତ କେଇମାସ ତଳେ ପୁରୀ ଜିଲ୍ଲାରେ ଡାଇରିଆ ବ୍ୟାପି ଅନେକ ଲୋକ ମୃତ୍ୟୁବରଣ କରିଥିଲେ, ଏହାସତ୍ତ୍ୱେ ସରକାର ଯତ୍ନବାନ ନ ହେବାରୁ ଆଜି ଏପରି ଅବସ୍ଥା ସୃଷ୍ଟି ହୋଇଛି। ସେହିପରି ଲୋକମାନଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବା ନିମନ୍ତେ ପୂର୍ବ ସରକାରଙ୍କ ପକ୍ଷରୁ ଆରମ୍ଭ କରାଯାଇଥିବା ପାଇପ୍ ଜଳ ପ୍ରକଳ୍ପକୁ ସରକାର ବନ୍ଦ କରି ଦେଇଛନ୍ତି। ବିଶୁଦ୍ଧ ପାନୀୟ ଜଳ ଯୋଗାଣ ପାଇଁ ପଞ୍ଚାୟତକୁ ଯେପରି ଆର୍ଥିକ ସହାୟତା ଦିଆଯିବା କଥା ଓ ନଳକୂପ ଖନନ କରିବା କଥା, ତାହା ମଧ୍ୟ କରାଯାଇ ନାହିଁ। ଫଳରେ ଦୂଷିତ ପାନୀୟ ଜଳ ଏବେ ପ୍ରାଣଘାତୀ ହୋଇଛି। କେନ୍ଦ୍ରୀୟ ଟିମ୍ ପଞ୍ଚାୟତିରାଜ ଓ ପାନୀୟ ଜଳ ଓ ଗୃହନିର୍ମାଣ ଓ ନଗର ଉନ୍ନୟନର ବରିଷ୍ଠ ଅଧିକାରୀମାନଙ୍କ ସହ ଆଲୋଚନା କରିଛନ୍ତି। ଖାଦ୍ୟ ନିରାପତ୍ତା ବିଭାଗ ଦ୍ୱାରା ଆଜି ୨୫ଟି ଜଳ ନମୁନା ଓ ୨୦ଟି ସ୍ଥାନରୁ ଖାଦ୍ୟ ନମୁନା ସଂଗ୍ରହ କରି ପରୀକ୍ଷା କରାଯାଇଛି। ୩୫ଟି ହୋଟେଲ, ଢାବା ଓ ୱାଟର ବଟଲିଂ ପ୍ଲାଣ୍ଟ ଆଦିରେ ଚଢ଼ଉ କରାଯାଇଛି।

ତେବେ ଏ କ୍ଷେତ୍ରରେ ସ୍ୱାସ୍ଥ୍ୟ ବିଭାଗକୁ ସବୁ ମହଲରେ ସମାଲୋଚନା କରାଯାଇଛି। ଡାଇରିଆରେ ୨୦ ମୁଣ୍ଡ ଗଡ଼ିବା ପରେ ଯାଜପୁର ଜିଲ୍ଲାରେ ସମୀକ୍ଷା କରିବାକୁ ନେଇ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କୁ କଟୁ ▸ପୃଷ୍ଠା-୭

# ମଧ୍ୟପ୍ରାଚ୍ୟରେ ମିସାଇଲ୍ ବର୍ଷା




■ **ତେହରାନ, ୧୮।୬(ଏଜେନ୍ସି):** ଇରାନ ଓ ଇସ୍ରାଏଲ ମଧ୍ୟରେ ଚାଲିଥିବା ଯୁଦ୍ଧ ଆଜି ଷଷ୍ଠ ଦିନରେ ପହଞ୍ଚିଥିବା ବେଳେ ଆତ୍ମସମର୍ପଣ ଲାଗି ଆମେରିକା ରାଷ୍ଟ୍ରପତି ଟ୍ରମ୍ପଙ୍କ ଆହ୍ୱାନକୁ ପ୍ରତ୍ୟାଖ୍ୟାନ କରିଛନ୍ତି ଇରାନର ସର୍ବୋଚ୍ଚ ନେତା ଆୟାତୋଲ୍ଲା ଖାମେନେଇ। ସେ କହିଛନ୍ତି ଯେ ଇରାନ କେବେହେଲେ ଆତ୍ମସମର୍ପଣ କରିବ ନାହିଁ। ଆକ୍ରମଣ କରି ଇସ୍ରାଏଲ ଯେଉଁ ଭୁଲ କରିଛି ତାର ଉଚିତ ଜବାବ ଦିଆଯିବ। ଏହାସହିତ ସେ ଟ୍ରମ୍ପଙ୍କୁ ଧମକ ଦେଇ କହିଛନ୍ତି ଯେ ଯୁଦ୍ଧରେ ଆମେରିକା ସାମିଲ ହେଲେ ଏହାର ପରିଣାମ ଭୟଙ୍କର ହେବ। ଆମେରିକୀୟ ପ୍ରତିଷ୍ଠାନ ଉପରେ ଇରାନ ଏମିତି ଆକ୍ରମଣ କରିବ ଯେ ସେହି ଦେଶକୁ ଅପୂରଣୀୟ କ୍ଷତି ସହିବାକୁ ପଡ଼ିବ। ଇରାନ ତୁରନ୍ତ ଏବଂ ବିନା ସର୍ତ୍ତରେ ଆତ୍ମସମର୍ପଣ କରୁ ବୋଲି ଗତକାଲି ଟ୍ରମ୍ପ ଚେତାବନୀ ଶୁଣାଇଥିଲେ। ସେ ସାମାଜିକ ଗଣମାଧ୍ୟମ 'ଏକ୍ସ' ଜରିଆରେ ଏହି ଧମକ ଦେଇଥିବା ବେଳେ ଖାମେନେଇ ମଧ୍ୟ 'ଏକ୍ସ' ମାଧ୍ୟମରେ ପ୍ରତିକ୍ରିୟା ଜଣାଇଛନ୍ତି।

ଏସଂପର୍କରେ ପ୍ରତିକ୍ରିୟା ଦେଇ ଟ୍ରମ୍ପ କହିଛନ୍ତି, 'ଇରାନ ଉପରେ ଆକ୍ରମଣରେ ଆମେରିକା ସାମିଲ ହୋଇପାରେ, ନହୋଇପାରେ। ମୁଁ କ'ଣ କରିବାକୁ ଯାଉଛି, ତାହା କେହି ଜାଣନ୍ତି ନାହିଁ। କିନ୍ତୁ ଆସନ୍ତା ସପ୍ତାହ ବଡ଼ ଘଟଣା ଘଟିବାକୁ ଯାଉଛି। ଇରାନ କଥାବାର୍ତ୍ତା କରିବାକୁ ଚାହୁଁଛି, କିନ୍ତୁ ବହୁତ ବିଳମ୍ବ ହୋଇଗଲାଣି। ଏଥର କାର୍ଯ୍ୟାନୁଷ୍ଠାନ ନିଶ୍ଚିତ।' ଇରାନ ଉପରେ ଆକ୍ରମଣ ଜାରି ରଖିବା ଲାଗି ସେ ଇସ୍ରାଏଲକୁ ପରାମର୍ଶ ଦେଇଥିବା ଟ୍ରମ୍ପ କହିଛନ୍ତି।

ଟ୍ରମ୍ପ ଓ ଖାମେନେଇଙ୍କ ମଧ୍ୟରେ ବୟାନବାଜି ଚାଲିଥିବା ବେଳେ ଇରାନ ଓ ଇସ୍ରାଏଲ ପରସ୍ପର ଉପରେ କ୍ଷେପଣାସ୍ତ୍ର ଓ ବୋମାମାଡ଼ ଜାରି ରଖିଛନ୍ତି। ଆଜି ଇରାନ ପକ୍ଷରୁ ଇସ୍ରାଏଲ ଉପରେ ହାଇପରସୋନିକ କ୍ଷେପଣାସ୍ତ୍ର ଆକ୍ରମଣ କରିଛି। ଆକ୍ରମଣ ଯୋଗୁଁ ରାଜଧାନୀ ତେଲ ଆଭିଭରେ ଏକାଧିକ ବିସ୍ଫୋରଣ ହୋଇଥିବାର ଖବର ମିଳିଛି। ଫତାହ-୨ ନାମକ ଏହି ହାଇପରସୋନିକ କ୍ଷେପଣାସ୍ତ୍ର ଘଣ୍ଟାକୁ ୬୧୦୦ କିଲୋମିଟର ବେଗରେ ଗତି କରେ। ଶବ୍ଦ ଠାରୁ ଏହାର ଗତି ୫ଗୁଣା ଅଧିକ ବୋଲି କୁହାଯାଉଛି। ଏହି କ୍ଷେପଣାସ୍ତ୍ରକୁ ଆକାଶମାର୍ଗରେ ଠାବ କରି ଅଟକାଇବା ଅସମ୍ଭବ ବୋଲି କୁହାଯାଉଛି। ତେବେ ଏହି କ୍ଷେପଣାସ୍ତ୍ର ▸ପୃଷ୍ଠା-୭


# ଚିକିତ୍ସା ପାଇଁ ମୁମ୍ବାଇ ଯିବେ ନବୀନ

■ **ଭୁବନେଶ୍ୱର, ୧୮।୬ (ସମିସ):** ଆସନ୍ତା ୨୦ ତାରିଖରେ ଚିକିତ୍ସା ପାଇଁ ମୁମ୍ବାଇ ଯିବେ ବିରୋଧୀ ଦଳ ନେତା ତଥା ବିଜୁ ଜନତା ଦଳର ସଭାପତି ନବୀନ ପଟ୍ଟନାୟକ। ଆସନ୍ତା ଜୁନ ୨୨ ତାରିଖରେ ମୁମ୍ବାଇର କୋକିଳାବେନ ଧୀରୁଭାଇ ଅମ୍ବାନୀ ହସ୍ପିଟାଲରେ ତାଙ୍କର ସର୍ଭିକାଲ ଆର୍ଥ୍ରାଇଟିସ୍ ଚିକିତ୍ସା କରାଯିବ। ଏ ସମ୍ପର୍କରେ ନବୀନ ନିଜେ ସାମାଜିକ ଗଣମାଧ୍ୟମ ▸ପୃଷ୍ଠା-୭

**କୋକିଳାବେନ୍ ଧୀରୁଭାଇ ହସପିଟାଲରେ ହେବ ଚିକିତ୍ସା**

**ନବୀନଙ୍କ ଅନୁପସ୍ଥିତିରେ ଦଳୀୟ ବ୍ୟାପାର ବୁଝିବ ପିଏସି**

**ଆଶୁ ଆରୋଗ୍ୟ କାମନା କଲେ ମୋହନ, ଧର୍ମେନ୍ଦ୍ର**



### ବିଜୁ ଯୁବ ଛାତ୍ର ଜନଜାଗରଣ ସମାବେଶରେ ସରକାରଙ୍କୁ ନିଶାଣ

# ବର୍ଷ ଏକ, ବିଫଳତା ଅନେକ



■ **ପୁରୀ, ୧୮।୬ (ସମିସ):** ରାଜ୍ୟରେ ଡବଲ ଇଞ୍ଜିନ ସରକାରକୁ ବର୍ଷେ ପୂରିଛି। ହେଲେ ସରକାର ସବୁ କ୍ଷେତ୍ରରେ ବିଫଳ। ଓଡ଼ିଶାବାସୀଙ୍କୁ ମିଛ କହି ବିଜେପି ସରକାର ପ୍ରତାରିତ କରିଛି। ନିର୍ବାଚନ ବେଳେ ଅନେକ ବଡ଼ ବଡ଼ କଥା ଦେଇଥିଲେ। ହେଲେ ତାହାକୁ ପାଳନ କଲେ ନାହିଁ, ଓଲଟି ବିଜେଡ଼ି ସରକାରଙ୍କ ସବୁ କଲ୍ୟାଣକାରୀ ଯୋଜନା ବନ୍ଦ କରିଦେଲେ। ବିଏସ୍‌କେୱାଇ ପରି ଲୋକପ୍ରିୟ ଯୋଜନା ବଦଳରେ ରାଜ୍ୟ ସରକାର କାର୍ଯ୍ୟକାରୀ କରିଥିବା ଆୟୁଷ୍ମାନ ଯୋଜନା ସାଧାରଣ ଲୋକଙ୍କ ପାଇଁ ସମସ୍ୟା ପାଲଟିଛି। ତେଣୁ ରାଜ୍ୟ ସରକାରଙ୍କ ମିଛ ପ୍ରଚାରକୁ ଲୋକଙ୍କ ପାଖରେ ପହଞ୍ଚାଇବାକୁ ଯୁବଛାତ୍ରମାନେ କାର୍ଯ୍ୟ କରନ୍ତୁ ବୋଲି ପରାମର୍ଶ ଦେଇଛନ୍ତି ବିଜେଡି ସୁପ୍ରିମୋ ତଥା ବିରୋଧୀଦଳ ନେତା ନବୀନ ପଟ୍ଟନାୟକ।

**ସରକାରଙ୍କ ମିଛ ପ୍ରଚାରକୁ ଲୋକଙ୍କ ପାଖରେ ପହଞ୍ଚାଇବାକୁ ନବୀନଙ୍କ ପରାମର୍ଶ**

ପୁରୀ-କୋଣାର୍କ ରାସ୍ତାର ସ୍ୱାମୀ ନାରାୟଣ ମନ୍ଦିର ପରିସରରେ ବିଜେଡିର ବିଶାଳ ଯୁବ-ଛାତ୍ର ଜନ ଜାଗରଣ ଅଭିଯାନ କାର୍ଯ୍ୟକ୍ରମକୁ ଆଭାସୀ ମାଧ୍ୟମରେ ନବୀନ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ସେ କହିଛନ୍ତି ଯେ ବିଜେଡି ସରକାର ସମୟରେ ଓଡ଼ିଶା ସମଗ୍ର ଦେଶରେ ତା'ର କାମ ପାଇଁ ସୁନାମ ଅର୍ଜନ କରିଥିଲା। କ୍ରୀଡ଼ା ▸ପୃଷ୍ଠା-୭

# ବିମାନରେ ପକ୍ଷୀମାଡ଼: ଅଳ୍ପକେ ବର୍ତ୍ତିଲେ ଯାତ୍ରୀ

■ **ଭୁବନେଶ୍ୱର, ୧୮।୬ (ସମିସ):** ଭୁବନେଶ୍ୱର ବିଜୁ ପଟ୍ଟନାୟକ ବିମାନ ବନ୍ଦରରେ ଏକ ବଡ଼ ଧରଣର ବିପଦ ଟଳିଯାଇଛି। ପାଇଲଟ୍‌ଙ୍କ ଉପସ୍ଥିତ ବୁଦ୍ଧି ଯୋଗୁଁ ଏକ ବଡ଼ ବିପଦରୁ ଯାତ୍ରୀମାନେ ବର୍ତ୍ତିଯାଇଛନ୍ତି। ଅନ୍ୟପଟେ ବିମାନରେ ପକ୍ଷୀମାଡ଼ ଯୋଗୁଁ ଯାତ୍ରୀମାନେ ବିମାନବନ୍ଦର ପରିସରରେ ପ୍ରାୟ ୩ ଘଣ୍ଟା ପର୍ଯ୍ୟନ୍ତ ଅଟକି ରହିଛନ୍ତି। ଶେଷରେ ଅନ୍ୟ ଏକ ବିମାନରେ ଯାତ୍ରୀମାନଙ୍କୁ କୋଲକାତା ପଠାଯାଇଛି। ସୂଚନା ଅନୁଯାୟୀ ବୁଧବାର ଅପରାହ୍ଣରେ ଏକ ଇଣ୍ଡିଗୋ ବିମାନ ୬ଇ-୬୧୦୧ ଭାଇଜାଗ-କୋଲକାତା ବିମାନ ଭୁବନେଶ୍ୱରରେ ପହଞ୍ଚିଥିଲା। ଏହାପରେ ଏହା କୋଲକାତା ଉଡ଼ାଣ ଆରମ୍ଭ କରିବାକୁ ଯାଉଥିଲା। ମାତ୍ର ବିମାନଟି ରନୱେରେ ଥିବା ସମୟରେ ଇଞ୍ଜିନ୍‌ରେ ପକ୍ଷୀ ମାଡ଼ ହୋଇଥିଲା। ସୌଭାଗ୍ୟ ବଶତଃ ପକ୍ଷୀମାଡ଼ ସମ୍ପର୍କରେ ପାଇଲଟ୍ ତୁରନ୍ତ ସୂଚନା ପାଇଥିଲେ ଓ ଉଡ଼ାଣକୁ ସ୍ଥଗିତ ରଖି ରନୱେରେ ବିମାନକୁ ଅଟକାଇ ▸ପୃଷ୍ଠା-୭

**ଅନ୍ୟ ବିମାନରେ କୋଲକାତା ଗଲେ ଯାତ୍ରୀ**




## ରାଜ୍ୟର ମନ୍ତ୍ରୀମାନଙ୍କ ଦକ୍ଷତା ଦେଖି ଶୀର୍ଷ ନେତୃତ୍ୱଙ୍କ ଅକଲ ଗୁଡ୍ଡୁମ୍

# ରିପୋର୍ଟ କାର୍ଡ ସାରା ନାଲି ମୁଣ୍ଡୁଳା

■ **ଭୁବନେଶ୍ୱର, ୧୮।୬ (ସମିସ):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଗସ୍ତ ପରେ ରାଜ୍ୟ ମନ୍ତ୍ରିମଣ୍ଡଳର ନବକଳେବର ପାଇଁ ସରକାର ପ୍ରସ୍ତୁତ ହେଉଛନ୍ତି। ସମ୍ପ୍ରସାରଣ ପାଇଁ ରୂପରେଖ ପ୍ରାୟତଃ ପ୍ରସ୍ତୁତ ହୋଇ ସାରିଥିବା ବେଳେ ଆଶାୟୀଙ୍କ ଛାତି ଧଡ଼ଧଡ଼ ହେଉଛି। ମାତ୍ର ସମ୍ଭାବ୍ୟ ମନ୍ତ୍ରିମଣ୍ଡଳର ରୂପରେଖ ପ୍ରସ୍ତୁତ ନିମନ୍ତେ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ଉପରେ ଦାୟିତ୍ୱ ନ୍ୟସ୍ତ ହୋଇଛି। ମନ୍ତ୍ରିମଣ୍ଡଳରେ କାହାକୁ ନେବେ, କାହାକୁ ବାଦ୍ ଦେବେ ସେ ନେଇ ଆପାତତଃ ନିଷ୍ପତ୍ତି ହୋଇସାରିଛି। ମାତ୍ର କୌତୂହଳର ବିଷୟ ହେଉଛି ।।ଯେ ବିଭାଗ ବଣ୍ଟନକୁ ନେଇ ବାହାରିଛି । ମନ୍ତ୍ରୀମାନଙ୍କ ବିଭାଗଗୁଡ଼ିକର ରିପୋର୍ଟ ଦେଖିବା ପରେ ଦଳର ଶୀର୍ଷ ନେତୃତ୍ୱଙ୍କ ଅକଲ ଗୁଡ୍ଡୁମ୍ ହୋଇ ଯାଇଛି। ମନ୍ତ୍ରୀମାନେ ପ୍ରଦାନ କରିଥିବା ନିଜନିଜ ବିଭାଗର ରିପୋର୍ଟ କାର୍ଡ କେବଳ ନାଲି ମଣ୍ଡୁଳା, ଛକି ଓ ଶୂନରେ ଭରି ଯାଇଛି। ଗତ ଏକବର୍ଷ ମଧ୍ୟରେ ରାଜ୍ୟରେ ବିକାଶ କାମ ଏକପ୍ରକାର ବନ୍ଦ ହୋଇ ଯାଇଛି। ବିଭିନ୍ନ ବିଭାଗଗୁଡ଼ିକ ନିଜର ବଜେଟ ବରାଦ ଖର୍ଚ୍ଚ କରିବାରେ ଅସଫଳ ହୋଇଛନ୍ତି। ନିଜେ ବିଜେପିର ନେତୃବୃନ୍ଦ ମଧ୍ୟ ଏଭଳି ଅପ୍ରିୟ ସତକୁ ସ୍ୱୀକାର କରୁଛନ୍ତି। ସାରା ବର୍ଷଯାକ ମନ୍ତ୍ରୀମାନେ କେବଳ ଟିଭି ମିଡିଆ ବାଇଟରେ ବଡ଼ ବଡ଼ ମୁହଁ ଫୁଟାଣି ମାରିଛନ୍ତି। ଏପରିସ୍ଥଳେ ଗୁରୁତ୍ୱପୂର୍ଣ୍ଣ ବିଭାଗଗୁଡ଼ିକ କାହାକୁ ଦିଆଯିବ ତାହା ମୁଖ୍ୟମନ୍ତ୍ରୀ ଓ ଦଳର ଶୀର୍ଷ ନେତୃତ୍ୱ ପାଇଁ ଅଡୁଆ ହୋଇଛି।

**ବିଭାଗ ବଣ୍ଟନକୁ ନେଇ କେଁ**

**ଟିଭି ମିଡିଆରେ ଘନଘନ ବୟାନବାଜୀ; କାମରେ ପୂରା ଶୂନ**




ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ସୁଭଦ୍ରା ଯୋଜନାରେ ୨ଟି କିସ୍ତିରେ ୧୦ ହଜାର ପ୍ରଦାନ ଏବଂ ଧାନର ଇନପୁଟ ସବସିଡି ବାବଦରେ ୮୦୦ ଟଙ୍କା ପ୍ରଦାନ ଛଡ଼ା ରାଜ୍ୟ ସରକାର ଏହି ବର୍ଷକ ମଧ୍ୟରେ ସେପରି କିଛି ଆଖିଦୃଶିଆ ପଦକ୍ଷେପ ନେଇନାହାନ୍ତି। ଏହାସ ।।ତ୍ତ୍ୱେ ଉପରୋକ୍ତ ଦୁଇଟି ଯୋଜନା ମଧ୍ୟ ସଠିକ୍ ଭାବେ ▸ପୃଷ୍ଠା-୭

# ଖାଦ୍ୟ ନିରାପତ୍ତା ବିଭାଗ ପକ୍ଷରୁ ବିଭିନ୍ନ ଦୋକାନରେ ଚଢ଼ଉ



ଅସ୍ତରଙ୍ଗ,୧୮।୬(ସମିସ): ରାଜ୍ୟର ୭ଟି ଜିଲ୍ଲାରେ ଡାଇରିଆ କାୟା ବିସ୍ତାର କରିଚାଲିଥିବା ବେଳେ ଗତ କିଛିଦିନ ହେଲାଣି ଅସ୍ତରଙ୍ଗ ଚିକିତ୍ସାଳୟକୁ ଝାଡ଼ାବାନ୍ତି ଆକ୍ରାନ୍ତ ରୋଗୀ ଚିକିତ୍ସା ପାଇଁ ଆସୁଛନ୍ତି। ବଜାରରେ ମିଳୁଥିବା ଅପମିଶ୍ରିତ ଦୂଷିତ ଖାଦ୍ୟ ଖାଇ ଆକ୍ରାନ୍ତଙ୍କ ସଂଖ୍ୟା ଯେପରି ଆଗକୁ ନ ବଢ଼େ ସେଥିପାଇଁ ଗତ ୧୬ ତାରିଖରେ ଦୈନିକ 'ସକାଳ'ରେ ଖାଦ୍ୟର ମାନ ଯାଞ୍ଚ ହେଉନଥିବା ସମ୍ବନ୍ଧୀୟ ଏକ ଖବର ପ୍ରସାରଣ ହୋଇଥିଲା। ଖବର ପ୍ରସାରଣ ପରେ ବୁଧବାର ଖାଦ୍ୟ ନିରାପତ୍ତା ବିଭାଗର ୬ ଜଣିଆ ଟିମ୍ ଅସ୍ତରଙ୍ଗ ବଜାରରେ ଚଢ଼ଉ କରି ବିଭିନ୍ନ ହୋଟେଲ, ଜଳଖିଆ ଦୋକାନ, ରାସନ, ଢାବା, ପାନ ଦୋକାନ, ଫାଷ୍ଟ ଫୁଡ୍, ମାଂସ ଦୋକାନ ଉପରେ ଚଢ଼ଉ କରି ଖାଦ୍ୟର ମାନ ଯାଞ୍ଚ କରିବା ପାଇଁ ବିଭିନ୍ନ ଦୋକାନରୁ ସାମ୍ପୁଲ୍ ସଂଗ୍ରହ ସହ ବହୁ ଖାଦ୍ୟ ଏବଂ ପାଣି ପାଉଚ୍ ନଷ୍ଟ କରିଥିଲେ। ସବୁଠୁ ପରିତାପର ବିଷୟ ଯେ, ଖାଦ୍ୟ ନିରାପତ୍ତା ବିଭାଗ ଖାଦ୍ୟ ଯାଞ୍ଚ କରିବାକୁ ଆସୁଥିବା ଖବର ପୂର୍ବରୁ ଅଧିକାଂଶ ଦୋକାନୀଙ୍କ ପାଖରେ ପହଞ୍ଚି ଯାଇଥିବାରୁ ବଜାରର ପ୍ରାୟ ଦୋକାନ ବନ୍ଦ ରହିଥିବା ଦେଖିବାକୁ ମିଳିଥିଲା। ଏ ସମ୍ବନ୍ଧରେ ଖାଦ୍ୟ ନିରାପତ୍ତା ଅଧିକାରୀ ପ୍ରତ୍ୟୁଷ ତାରେଣିଆ କୁହନ୍ତି, ଡାଇରିଆ ସଂକ୍ରମଣ ଏବଂ ଆଗକୁ ରଥଯାତ୍ରା ଥିବା ସହିତ ଗଣମାଧ୍ୟମରେ ଖବର ପ୍ରସାରଣ ହୋଇଥିବାରୁ ଚଢ଼ଉ କରାଯାଇଥିଲା। ଦୋକାନମାନଙ୍କରୁ ସାମ୍ପୁଲ ସଂଗ୍ରହ କରାଯାଇଛି, ଯାଞ୍ଚ ପରେ କାର୍ଯ୍ୟାନୁଷ୍ଠାନ ନିଆଯିବ।

# ଯାଞ୍ଚ୍ ହେଉନି ଖାଦ୍ୟର ମାନ; ଫାଷ୍ଟଫୁଡ୍ ପ୍ରେମରେ ଯୁବଗୋଷ୍ଠୀ





ପିପିଲି,୧୮।୬(ସମିସ): ପିପିଲି ପୌରାଞ୍ଚଳ ଏକ ଜନବହୁଳ ଅଞ୍ଚଳ ସହିତ ବ୍ୟାବସାୟିକ ପେଣ୍ଠସ୍ଥଳୀ ଭାବେ ଜଣାଶୁଣା। ଆଧୁନିକତାର ଛିଟାରେ ଏଠାରେ ଲୋକମାନଙ୍କର ଜୀବନଶୈଳୀରେ ପରିବର୍ତ୍ତନ ଘଟିବା ସହିତ ପାଟି ସୁଆଦିଆ ଖାଦ୍ୟ ପ୍ରତି ଅହେତୁକ ଦୁର୍ବଳତା ବୃଦ୍ଧି ପାଇଛି। ସେହି ଅନୁସାରେ ଲୋକଙ୍କ ଚାହିଦା ଓ ରୁଚି ମୁତାବକ ପିପିଲି ପୌରାଞ୍ଚଳ ଓ ଏହାର ଆଖପାଖ ଛକ ବଜାରମାନଙ୍କରେ ମାଳମାଳ ଜଳଖିଆ ଦୋକାନ ଗଢ଼ିଉଠିଛି। ଯେଉଁଥିପାଇଁ ସର୍ବାଗ୍ରେ ରହିଛି ଫାଷ୍ଟଫୁଡ୍। ଫାଷ୍ଟଫୁଡ୍ ଖାଦ୍ୟ ପ୍ରତି ବର୍ତ୍ତମାନର ଯୁବପିଢ଼ି ବହୁମାତ୍ରାରେ ଆକର୍ଷିତ ହେଉଥିବାବେଳେ ଏହାକୁ ଦୈନନ୍ଦିନ ଖାଇବା ସେମାନଙ୍କ ପାଇଁ ଏକ ଟ୍ରେଣ୍ଡରେ ପରିଣତ ହୋଇଛି। କହିବାକୁ ଗଲେ ଫାଷ୍ଟଫୁଡ୍ ଖାଦ୍ୟ ପ୍ରେମରେ ଯୁବଗୋଷ୍ଠୀମାନେ ଛନ୍ଦି ହୋଇ ପଡ଼ିଛନ୍ତି। ଯାହାର ସୁଯୋଗ ନେଇଛନ୍ତି କିଛି ଲାଭଖୋର୍ ଫାଷ୍ଟଫୁଡ୍ ବେପାରୀ। କାରଣ ସନ୍ଧ୍ୟା ହେଲେ ପୌରାଞ୍ଚଳର ମୁଖ୍ୟ ଛକମାନଙ୍କରେ ସେମାନଙ୍କର ବେପାର ପସରା ମେଲୁଛି। ସେମାନେ ପ୍ରସ୍ତୁତ କରୁଥିବା ଖାଦ୍ୟରେ ବିଭିନ୍ନ ପ୍ରକାରର ରାସାୟନିକ ମାରାତ୍ମକ ରଙ୍ଗ, ଚାଇନା ସଲ୍ଟ, ଭିନେଗାର, ନକଲି ସସ୍ ଓ ବିଷାକ୍ତ କେମିକାଲଯୁକ୍ତ ଉପାଦାନମାନ ପକାଇ ଖାଦ୍ୟକୁ ପାଟି ସୁଆଦିଆ କରି ନିର୍ଦ୍ୱନ୍ଦ୍ୱରେ ବ୍ୟବସାୟ ଚଳାଇଛନ୍ତି। ଯାହା ମଧ୍ୟରେ ରହିଛି ଚାଓମିନ୍, ରୋଲ୍, ଚିକେନ୍ ପକୋଡ଼ା, ଚିଲି ଚିକେନ୍, ବିରିୟାନୀ, ମୋମ, ଚାର୍ଟ ପରି ଆଦି ଖାଦ୍ୟ। ଯାହା ଆଖିକୁ ଖୁବ୍ ସୁନ୍ଦର ଓ ପାଟିକୁ ଭାରି ସୁଆଦ ଲାଗେ। ମାତ୍ର ସ୍ୱାସ୍ଥ୍ୟ ପକ୍ଷେ ଏହିସବୁ ଖାଦ୍ୟ ବହୁ ହାନୀକାରକ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ମତ ପ୍ରକାଶ କରିଛନ୍ତି।

ଏହି ସବୁ ଖାଦ୍ୟ ଖାଇବା ଦ୍ୱାରା ଗ୍ୟାଷ୍ଟ୍ରିକ୍, କିଡ୍‌ନୀ ରୋଗ, ହୃଦ୍‌ଘାତ, ସୁଗାର, ବ୍ଲଡ୍‌ପ୍ରେସର, ମେଦବହୁଳତା, ଚର୍ମ ରୋଗ ଆଦି ପିପିଲି ଅଞ୍ଚଳରେ ବ୍ୟାପୁଥିବା ଜଣାପଡ଼ିଛି। ତା'ଛଡ଼ା ଫାଷ୍ଟଫୁଡ୍ ବେପାର ମେଲାଇଥିବା ଅଧିକାଂଶ ଦୋକାନୀ ଅତି ନିମ୍ନମାନର ଖାଦ୍ୟ ଗ୍ରାହକମାନଙ୍କୁ ବିକ୍ରୟ କରୁଥିବା ଅଭିଯୋଗ ହେଉଛି। ଯାହାକୁ ଲୋକେ ଖାଇ ସ୍ୱାସ୍ଥ୍ୟଜନିତ ସମସ୍ୟା ଭୋଗୁଛନ୍ତି। କିଛି ଅସାଧୁ ଦୋକାନୀ ବଳକା ଖାଦ୍ୟକୁ ଫୋପାଡ଼ିଦେବା ବଦଳରେ ଫ୍ରିଜ୍‌ରେ ରଖି ପରଦିନ ପୁଣି ଗରମ କରି ଗ୍ରାହକମାନଙ୍କୁ ବିକ୍ରି କରିଥା'ନ୍ତି। ଏହା ବ୍ୟତୀତ ପିପିଲି ଅଞ୍ଚଳରେ ଥିବା ବହୁ ଫାଷ୍ଟଫୁଡ୍ ଷ୍ଟଲ୍‌ର ସ୍ୱଚ୍ଛତା ଓ ଅପମିଶ୍ରଣ ନେଇ ମଧ୍ୟ ଅଭିଯୋଗ ହେଉଛି। ଅନ୍ୟପକ୍ଷରେ ଦେଖିବାକୁ ଗଲେ ପିପିଲି ଅଞ୍ଚଳରେ କୌଣସି ଫାଷ୍ଟଫୁଡ୍ ଷ୍ଟଲ୍‌ର ଖାଦ୍ୟ ବିକ୍ରୟ ନିମନ୍ତେ ଲାଇସେନ୍ସ ନ ଥିବାବେଳେ ସେମାନେ ଅବାଧରେ ବେପାର ଚଳାଇଛନ୍ତି। ବିନା ଫୁଡ୍ ଲାଇସେନ୍ସରେ ଖାଦ୍ୟ ବିକ୍ରୟ କଲେ ଅପରାଧିକ ମାମଲା ରୁଜୁ ହେବାର ସରକାରୀ ନିୟମ ରହିଛି। ଯାହାକୁ କେହି ମାନୁ ନ ଥିବାର ଦେଖିବାକୁ ମିଳିଛି। ଦୈନିକ ବିକ୍ରି ହେଉଥିବା ପ୍ରତ୍ୟେକ ଫାଷ୍ଟଫୁଡ୍ ଷ୍ଟଲ୍‌ର ଖାଦ୍ୟର ମାନ ଯାଞ୍ଚ କରିବା ଖାଦ୍ୟ ନିରାପତ୍ତା ଅଧିକାରୀମାନଙ୍କ ଦାୟିତ୍ୱ ହୋଇଥିଲେ ମଧ୍ୟ ବିଭାଗୀୟ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଉନାହାନ୍ତି। ଯାହାଦ୍ୱାରା ଲୋକେ ଟଙ୍କା ଦେଇ ରୋଗ କିଣୁଛନ୍ତି। ବର୍ତ୍ତମାନ ରାଜ୍ୟରେ ବିଭିନ୍ନ ସ୍ଥାନର ଲୋକମାନେ ଝାଡ଼ାବାନ୍ତି ରୋଗରେ ଆକ୍ରାନ୍ତ ହୋଇଥିଲାବେଳେ ଏବେ ପିପିଲି ଅଞ୍ଚଳର ଲୋକମାନେ ଆଶଙ୍କାରେ ଅଛନ୍ତି। ତେଣୁ ଖାଦ୍ୟର ଗୁଣାତ୍ମକ ମାନ ଯାଞ୍ଚ କରିବା ପାଇଁ ସାଧାରଣରେ ଦାବି ହେଉଛି।

# ଦ୍ରୁତ ଗାଡ଼ି ଚାଳକଙ୍କ ଉପରେ ଲାଗିପାରୁନି ଅଙ୍କୁଶ



ଅସ୍ତରଙ୍ଗ,୧୮।୬(ସମିସ): ଅସ୍ତରଙ୍ଗ ଅଞ୍ଚଳ ବର୍ତ୍ତମାନ ମଦ୍ୟପ, ବେପରୁଆ, ଦ୍ରୁତ ବାଇକ ଚାଳକଙ୍କ ହବ୍ ପାଲଟିଯାଇଛି। ଦିନକୁ ଦିନ ଏହି ୩ ପ୍ରମୁଖ ପ୍ରଜାତି ବାଇକ୍ ଚାଳକଙ୍କ ପାଇଁ ଘଟୁଛି ଦୁର୍ଘଟଣା। ରାସ୍ତାରେ ପଥଚାରୀଙ୍କୁ ଗାଡ଼ି ଧକ୍କା ହେବା ସହ ରାସ୍ତାକଡ଼ରେ ଛିଡ଼ା ହୋଇଥିବା ଗାଡ଼ିକୁ ମଧ୍ୟ ଧକ୍କା ଦେଉଛନ୍ତି। ଏହି ଘଟଣା ପାଇଁ ସାଧାରଣ ଲୋକ ଏବେ ସାଇକଲ ଦୂରର କଥା ପାଦରେ ଚାଲି ଚାଲି ମଧ୍ୟ ରାସ୍ତାକୁ ଆସିବାକୁ ଭୟ କରୁଛନ୍ତି। ବୁଧବାର ଅପରାହ୍ଣ ୪ଟାରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଅସ୍ତରଙ୍ଗ ଉକୁଳେଇ ଛକରେ ଘଟିଛି। ଦ୍ରୁତ ବାଇକ୍ ପଛରେ ବସିଥିବା ଯୁବକ ଗୁରୁତର ହୋଇଛନ୍ତି।

ସୂଚନା ମୁତାବକ, ଅସ୍ତରଙ୍ଗରୁ କାକଟପୁର ରାସ୍ତାରେ ୨ଟି ବୁଲେଟ୍‌ରେ ୩ ଜଣ ଯୁବକ ବସିଥିଲେ। ପଛରୁ ଆଉ ଏକ ବାଇକ୍‌ରେ ୨ ଜଣ ଯୁବକ ଆସୁଥିଲେ। ଉଭୟ ବାଇକ୍ ଖୁବ୍ ଜୋର୍‌ରେ ଆସିବା ସହ ରାସ୍ତାକଡ଼ରେ ଏକ କାର୍‌କୁ ଧକ୍କା ଦେଇଥିଲେ। ଦୁର୍ଘଟଣାର ତୀବ୍ରତା ଏତେ ଥିଲା ଯେ କାର୍‌ର ଆଗ ଡାହାଣ ପଟ ଚକା ଫାଟି ଭୟଙ୍କର ଶବ୍ଦ ସୃଷ୍ଟି ହୋଇଥିଲା। ଘଟଣାସ୍ଥଳରେ ସ୍ଥାନୀୟ ଲୋକ ରୁଣ୍ଡ ହୋଇ ଗୁରୁତର ଆହତ ହୋଇଥିବା ଯୁବକଙ୍କୁ ସ୍ଥାନୀୟ ବ୍ୟବସାୟୀ ଜୟନ୍ତ ବିଶ୍ୱାଳ ନିଜ ଗାଡ଼ିରେ ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଅନ୍ୟ ୪ଜଣ ଯୁବକ ଘଟଣାସ୍ଥଳରୁ ଚମ୍ପଟ୍ ମାରି ଖସିଯାଇଥିଲେ। ଖବର ପାଇ ଅସ୍ତରଙ୍ଗ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ବୁଲେଟ୍‌କୁ ଜବତ କରି ତଦନ୍ତ ଜାରି ରଖିଛି। ସମ୍ପୃକ୍ତ ଯୁବକଙ୍କ ପରିଚୟ ବର୍ତ୍ତମାନ ସୁଦ୍ଧା ମିଳିପାରି ନ ଥିବାବେଳେ ଗୁରୁତର ଯୁବକଙ୍କୁ ଭୁବନେଶ୍ୱର କୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି।

# ଜଳିଗଲା ୮ ବଖରା; ଅଗ୍ନିବିପନ୍ନଙ୍କୁ ସହାୟତା

ସାକ୍ଷୀଗୋପାଳ,୧୮।୬(ସମିସ): ସତ୍ୟବାଦୀ ବ୍ଲକ୍ ଅନ୍ତର୍ଗତ ମଧୁବନ ପଞ୍ଚାୟତର ସିଂହାକୁଦା ଗ୍ରାମରେ ମଙ୍ଗଳବାର ରାତିରେ ଆକସ୍ମିକ ଅଗ୍ନିକାଣ୍ଡ ଘଟିଥିଲା। ଏଥିରେ ପ୍ରଫୁଲ୍ଲ କୁମାର ମହାନ୍ତିଙ୍କର ୨ ବଖରା, ନିବାସ ଚନ୍ଦ୍ର ମହାନ୍ତିଙ୍କର ୧ବଖରା, ସୁକାନ୍ତି ମହାନ୍ତିଙ୍କର ୧ବଖରା, ପ୍ରମୋଦ ସୁବୁଦ୍ଧିଙ୍କର ୧ ବଖରା, ପୂର୍ଣ୍ଣଚନ୍ଦ୍ର ସୁବୁଦ୍ଧିଙ୍କର ୧ବଖରା, ନରେନ୍ଦ୍ର ସୁବୁଦ୍ଧିଙ୍କର ୧ବଖରା, ସୁରେନ୍ଦ୍ର ସୁବୁଦ୍ଧିଙ୍କର ୧ବଖରା ସମେତ ଧାନ, ଚାଉଳ ଓ ଆସବାବପତ୍ର ପୋଡ଼ି ଭସ୍ମୀଭୂତ ହୋଇଯାଇଛି। ବିପନ୍ନ ପରିବାର ସଦସ୍ୟମାନେ ପାଖ ପଡ଼ୋଶୀମାନଙ୍କ ଘରେ ଆଶ୍ରୟ ନେଇଛନ୍ତି। ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ର ବିପନ୍ନ ପରିବାର ସଦସ୍ୟମାନଙ୍କୁ ସମବେଦନା ଜଣାଇଥିଲେ। ବିପନ୍ନ ପରିବାରମାନଙ୍କୁ ରନ୍ଧାଖାଦ୍ୟ ଯୋଗାଇଦେବା ନିମନ୍ତେ ଆର୍ଥିକ ସହାୟତା ପ୍ରଦାନ କରିଥିଲେ। ଖୁବ୍‌ଶୀଘ୍ର ବିପନ୍ନ ପରିବାରମାନଙ୍କୁ ଆବାସ ଯୋଜନାରେ ଘର ଯୋଗାଇ ଦିଆଯିବ ବୋଲି ବିଧାୟକ ଶ୍ରୀ ମିଶ୍ର ପ୍ରତିଶ୍ରୁତି ଦେଇଥିଲେ। ଏହି ଅବସରରେ ସତ୍ୟବାଦୀ ତହସିଲ୍‌ଦାର ସନ୍ତୋଷ କୁମାର ପାଣିଗ୍ରାହୀ, ବିଡିଓ ଦେବାଶିଷ ନାୟକ, ଆଇଆଇସି ବିଜୟ କେତନ ବେହେରା, ଜିଲ୍ଲା ପରିଷଦ ସଭ୍ୟାଙ୍କ ପ୍ରତିନିଧି ରଞ୍ଜନ କୁମାର ବରାଳ, ବିପିନ ବିହାରୀ ମହାନ୍ତି, ସରପଞ୍ଚଙ୍କ ପ୍ରତିନିଧି ବିକ୍ରମ କୁମାର ପରିଡ଼ା, ସମିତିସଭ୍ୟାଙ୍କ ପ୍ରତିନିଧି ପ୍ରଭାକର ସାହୁଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ଅଗ୍ନିକାଣ୍ଡର କାରଣ ଜଣାପଡ଼ିନାହିଁ।

# ଦେଉଳି ମଠରୁ ଶ୍ରୀକ୍ଷେତ୍ରକୁ ଗଲା ଅଣସର ଫଳଭାର



କୁଶ୍ଣେଇ/କାକଟପୁର,୧୮।୬(ସମିସ): ଦେବସ୍ନାନ ପୂର୍ଣ୍ଣିମାରେ ମହାପ୍ରଭୁ ସ୍ନାନ କରି ଜ୍ୱରରେ ପୀଡ଼ିତ ଥିବାବେଳେ ଫୁଲୁରି ତେଲ ଓ ଚେରମୂଳି ଓଷୁଅରେ ସାମାନ୍ୟ ସୁସ୍ଥ ହେବାପରେ ଫଳମୂଳ ସେବା ଲାଗିଥାଏ। ଏହି ସେବାରେ ପ୍ରାଚୀ କ୍ଷେତ୍ର ମା' ମଙ୍ଗଳାଙ୍କ ପୀଠର ଅନବସର ଫଳଭାର ଏକ ନିଆରା ପରମ୍ପରା। ଏହି ଅବସରରେ ପର୍ଯ୍ୟଟନସ୍ଥଳୀ ଦେଉଳି ମଠରୁ ଶ୍ରୀଜୀଉମାନଙ୍କ ପାଇଁ ଶ୍ରୀକ୍ଷେତ୍ରକୁ ଫଳମୂଳ ଭାର ପ୍ରେରଣ କରାଯାଇଛି।

ପ୍ରାଚୀତଟରେ ଥିବା ମଠ ଆଶ୍ରମ ଓ ମନ୍ଦିରଗୁଡ଼ିକ ସହିତ ଶ୍ରୀମନ୍ଦିରର ଅନେକ ସେବା ଜଡ଼ିତ। ନବକଳେବରର ଅନେକ ନୀତିକାନ୍ତି ପ୍ରାଚୀ ତଟର ଦେଉଳି ମଠରେ ଗୁପ୍ତ ଭାବେ ସମ୍ପାଦିତ ହୋଇଥାଏ। ପୁନଶ୍ଚ ମହାପ୍ରଭୁଙ୍କର ବାହାର ଚାପ ଓ ଭିତର ଚାପ ଖେଳ ପରେ ସ୍ନାନପୂର୍ଣ୍ଣିମାରେ ମହାସ୍ନାନ ସାରି ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଜ୍ୱର ହୋଇଛି। ଫୁଲୁରୀ ତେଲ ଲାଗି ହୋଇ ଦିଅଁମାନେ ସ୍ୱଳ୍ପ ଆରାମ ଲାଭ କରିଛନ୍ତି। ଏହି ଅବସରରେ ପ୍ରାଚୀ ତଟ ବନଜାଗ ଲୀଳାସ୍ଥଳୀ ଓ ଜଗନ୍ନାଥଙ୍କ ଅନ୍ତୁଡ଼ିଶାଳ କୁହାଯାଉଥିବା ଦେଉଳି ମଠରୁ ଅନବସର ସେବା ନିମିତ୍ତ ତିନିଟି ଫଳଭାର ଶଗଡ଼ ପୁରୀ ଅଭିମୁଖେ ଯାଇଛି। ଖୋଳତାଳ ସଂକୀର୍ତ୍ତନର ତାଳେ ତାଳେ ଗାଁ ଗାଁ ଦେଇ ବିଭିନ୍ନ ଦେବ ପୀଠ ସ୍ପର୍ଶ କରି ସାଜସଜ୍ଜା ହୋଇଥିବା ଶଗଡ଼ ବଳଦ ଓ ଭକ୍ତମାନେ ପୁରୀ ଅଭିମୁଖେ ପଦଯାତ୍ରା କରି ଯାଇଛନ୍ତି। ମଠ ବାଡ଼ି ତଥା ଭକ୍ତମାନଙ୍କ ପ୍ରଦତ୍ତ ବିଭିନ୍ନ ସୁସ୍ୱାଦୁ ଫଳ, ତୁଳସୀ ଓ ପଦ୍ମଫୁଲ ମାଳ ମହାପ୍ରଭୁଙ୍କ ସେବା ପାଇଁ ଶ୍ରୀକ୍ଷେତ୍ର ଯାଇଛି। ବାଟରେ ପୂର୍ବ ନିର୍ଦ୍ଧାରିତ ଦେବପୀଠମାନଙ୍କରେ ବିଶ୍ରାମ କରିବା ସହ ଭକ୍ତମାନେ ନାମ ସଂକୀର୍ତ୍ତନ କରିବାର କାର୍ଯ୍ୟକ୍ରମ ରହିଛି। ଅଣସର ସପ୍ତମୀରେ ଦେଉଳି ମଠରୁ ବାହାରି ନବମୀ ଦିନ ଶ୍ରୀକ୍ଷେତ୍ରରେ ପହଞ୍ଚିବା ପରେ ଶ୍ରୀମନ୍ଦିର ପରିସରରେ ଥିବା ନୃସିଂହ ଚକଡ଼ାରେ ଫଳ ପୁଷ୍ପ ଆଦି ଶ୍ରୀଜୀଉମାନଙ୍କ ଉଦ୍ଦେଶ୍ୟରେ ଅର୍ପଣ କରାଯିବ। ମା' ବିମଳାଙ୍କ ପାଖରେ ପଦ୍ମଫୁଲ ଭାର ଅର୍ପଣ କରାଯିବ। ଗତ ୩ ବର୍ଷ ହେବ ଦେଉଳି ମଠ ଡେଭଲପମେଣ୍ଟ ଚାରିଟେବୁଲ୍ ଟ୍ରଷ୍ଟ ଆନୁକୂଲ୍ୟରେ ଏକ ସୁସଜ୍ଜିତ ଶଗଡ଼ରେ ପାରମ୍ପରିକ ରୀତିନୀତିରେ ଫଳଭାର ଯିବା ବ୍ୟବସ୍ଥାକୁ ମା' ମଙ୍ଗଳା ମନ୍ଦିରର ସେବାୟତମାନେ ସ୍ୱାଗତ ଜଣାଇଛନ୍ତି।

# ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ପାଇଁ ପ୍ରସ୍ତୁତି ବୈଠକ

କଣାସ,୧୮।୬(ସମିସ): କଣାସ ପଞ୍ଚାୟତ ସମିତି ସଭାଗୃହରେ ବୁଧବାର ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ନିମନ୍ତେ ପ୍ରସ୍ତୁତି ବୈଠକ ଅତିରିକ୍ତ ବିଡିଓ ମଙ୍ଗଳସିଂହ ହେମ୍ବ୍ରମଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଅତିରିକ୍ତ ତହସିଲ୍‌ଦାର ଉପେନ୍ଦ୍ର କୁମାର ସେଠୀ ଯୋଗଦେଇ ପ୍ରାକୃତିକ ବିପର୍ଯ୍ୟୟ ସମୟରେ କିପରି ବିପନ୍ନ ଲୋକମାନଙ୍କୁ ଉଦ୍ଧାର କରି ନିରାପଦ ସ୍ଥାନରେ ରଖିପାରିବେ ସେ ସମ୍ପର୍କରେ ସୂଚନା ଦେଇଥିଲେ। କଣାସ ବ୍ଲକ୍‌ର ୨୮ ଗ୍ରାମ ପଞ୍ଚାୟତରେ ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ପାଇଁ ୨୪ଟି ବାତ୍ୟା ଆଶ୍ରୟସ୍ଥଳୀ ପ୍ରସ୍ତୁତ କରି ରଖାଯାଇଥିବା ଓ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବିପର୍ଯ୍ୟୟ ସମୟରେ ସମସ୍ତ ଔଷଧପତ୍ର ଯୋଗାଇଦେବା ପାଇଁ ପ୍ରସ୍ତୁତି ହୋଇ ରହିଥିବା ସ୍ୱାସ୍ଥ୍ୟ ବିଭାଗ ଅଧିକାରୀମାନେ କହିଥିଲେ। ଏହି ବୈଠକରେ ଅଗ୍ନିଶମ ବିଭାଗ, ବ୍ଲକ୍‌ର ସମସ୍ତ କର୍ମଚାରୀ, ଅନେକ ଲୋକ ପ୍ରତିନିଧି ଉପସ୍ଥିତ ଥିଲେ।

# ବର୍ଷାରେ ଭୁଶୁଡ଼ିଲା ବିଦ୍ୟାଳୟ ପାଚେରି



କଣାସ,୧୮।୬(ସମିସ): ଦିନକ ପରେ ବିଦ୍ୟାଳୟ ଖୋଲିବାକୁ ଥିବାବେଳେ ମଙ୍ଗଳବାର କଣାସ ବ୍ଲକ୍ ଦେଇପୁର ଗ୍ରାମପଞ୍ଚାୟତର ତେଲଙ୍ଗାପଡ଼ା ସରକାରୀ ପ୍ରାଥମିକ ବିଦ୍ୟାଳୟର ୨୦୦ ଫୁଟ୍‌ରୁ ଅଧିକ ଲମ୍ବର ସୁରକ୍ଷା ପାଚେରି ଭୁଶୁଡ଼ି ପଡ଼ିଛି। ବିଦ୍ୟାଳୟ ଖୋଲିଲେ ଛାତ୍ରଛାତ୍ରୀମାନେ ବହୁ ଅସୁବିଧାର ସମ୍ମୁଖୀନ ହେବେ ବୋଲି ପ୍ରଧାନଶିକ୍ଷକ ପ୍ରତାପ କେଶରୀ ରାୟ କଣାସ ବ୍ଲକ୍ ଶିକ୍ଷା ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଯୁଦ୍ଧକାଳୀନ ଭିତ୍ତିରେ ଏହାର ମରାମତି କରାନଗଲେ ଅବାଧରେ ଗାଈଗୋରୁ, କୁକୁର ସ୍କୁଲ ପରିସରରେ ପ୍ରବେଶ କରିବେ।

# ଚାରିଛକ ପ୍ରେସ୍ କ୍ଲବ୍‌ର ବନ୍ଧୁ ମିଳନ



ଚାରିଛକ,୧୮।୬(ସମିସ): ଚାରିଛକ ନିକଟସ୍ଥ ଚନ୍ଦ୍ରମଉଳି ସଦାଦାସ ତୋଟାରେ ରଜ ଉପଲକ୍ଷେ ଚାରିଛକ ପ୍ରେସ୍ କ୍ଲବ୍ ପକ୍ଷରୁ ଏକ ବନ୍ଧୁ ମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କ୍ଲବ୍‌ର ସାଧାରଣ ସମ୍ପାଦକ ଡ. କେଦାରନାଥ ସାହୁଙ୍କ ଦ୍ୱାରା ଆୟୋଜିତ ଉତ୍ସବରେ ଉପଦେଷ୍ଟା ଅବସରପ୍ରାପ୍ତ ଆଇଆର୍‌ଏସ୍ ଚନ୍ଦ୍ରକାନ୍ତ ଦଳାଇ ସଭାପତିତ୍ୱ କରିଥିଲେ। ଉକ୍ତ ବନ୍ଧୁ ମିଳନ ଉତ୍ସବରେ ଶିକ୍ଷାବିତ୍ ପ୍ରଫେସର ଗୋପୀନାଥ କର, ଡ. ସନ୍ତୋଷ କୁମାର ମିତ୍ର, ସନାତନ ପାତ୍ର, କୃଷ୍ଣ ଚନ୍ଦ୍ର ରାଉତ, ବନ ବିହାରୀ ଦାଶ, ଆଇନଜୀବୀ ରଜନୀକାନ୍ତ ତ୍ରିପାଠୀ, ମହେନ୍ଦ୍ର ନାୟକ, ଅର୍ଜୁନ ପାତ୍ର, ରବୀନ୍ଦ୍ର ସେନାପତି, ପ୍ରଫୁଲ୍ଲ କୁମାର କର, ବସନ୍ତ କୁମାର ଦାସ, ସଞ୍ଜୟ ପତି, ଶିଶିର ସ୍ୱାଇଁ, ପ୍ରଫୁଲ୍ଲ କୁମାର ସାହୁ, ସୁବାସ ଚନ୍ଦ୍ର ସାହୁ, ସନ୍ତୋଷ କୁମାର ଦାସ, ପ୍ରଶାନ୍ତ ସାହୁ, ବସନ୍ତ କୁମାର ମଲ୍ଲ, ପ୍ରତାପ ମଲ୍ଲିକ, ଅଚ୍ୟୁତାନନ୍ଦ ମିଶ୍ର, ବିଶ୍ୱ ରଞ୍ଜନ ବିଶ୍ୱଶ୍ରୀ, କୈଳାସ ପାତ୍ର, ବିନୋଦ ପ୍ରଧାନ, ଉମାକାନ୍ତ ଭୋଇ, ଜୀବନ ଦାସ, ବିଜୟ ବେହେରା, ପୂର୍ଣ୍ଣ ଚନ୍ଦ୍ର ମହାପାତ୍ରଙ୍କ ସମେତ ୫୦ରୁ ଊର୍ଦ୍ଧ୍ୱ ସଦସ୍ୟ ଯୋଗଦେଇଥିଲେ। ଉଭୟ ଚାରିଛକ ସାମ୍ବାଦିକ ସଂଘ ଓ ଚାରିଛକ ପ୍ରେସ୍ କ୍ଲବ୍ ମଧ୍ୟରେ ଥିବା ମନୋମାଳିନ୍ୟ ଭୁଲି ସମସ୍ତେ ମିଳିମିଶି ଚାରିଛକ ଅଞ୍ଚଳର ବିକାଶ ପାଇଁ ଉଦ୍ୟମ ଜାରି ରଖିବା ସହ ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମ କରିବାକୁ ଶପଥ ନେଇଥିଲେ। ଏହି ଅବସରରେ ଉପସ୍ଥିତ ଅତିଥିମାନଙ୍କୁ ପ୍ରେସ୍ କ୍ଲବ୍ ତରଫରୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା।


# ୧୦ ଲକ୍ଷ ଟଙ୍କାର ମାର୍କେଟ୍ କମ୍ପ୍ଲେକ୍ସ ଅଧପନ୍ତରିଆ



ନୟାହାଟ,୧୮।୬(ସମିସ): ନୟାହାଟ ଫାଣ୍ଡି ଅନ୍ତର୍ଗତ ସୋରଭା ପଞ୍ଚାୟତର ପାଇକସାହିଠାରେ ଗତ ୪ ବର୍ଷ ତଳେ ନିର୍ମାଣ ହୋଇଥିବା ୧୦ ଲକ୍ଷ ଟଙ୍କାର ମାର୍କେଟ୍ କମ୍ପ୍ଲେକ୍ସ ଅଧପନ୍ତରିଆ ଅବସ୍ଥାରେ ପଡ଼ିରହିଛି। ସେହି ଘରେ ବଡ଼ ବଡ଼ ଗଛମାନ ଉଠି ସରୀସୃପ ବସବାସ କରୁଛନ୍ତି। ଉକ୍ତ କର୍ଯ୍ୟ କରୁଥିବା ଠିକାଦାର ତାଙ୍କର କାର୍ଯ୍ୟର ବିଲ୍ ପାଇଯାଇଥିବା ବେଳେ କାର୍ଯ୍ୟ କିନ୍ତୁ ଅଧପନ୍ତରିଆ ଅବସ୍ଥାରେ ପଡ଼ିରହିଛି। ଏ ନେଇ ଗୋପ ବିଡିଓ ଛବିରାଣୀ ସାହୁଙ୍କୁ ପଚାରିବାରେ ସେ କହିଛନ୍ତି ଯେ ଏ ବିଷୟରେ କନିଷ୍ଠ ଯନ୍ତ୍ରୀ ଜାଣିଥିବେ। ସୋରଭା ସରପଞ୍ଚ କିଶୋର ଚନ୍ଦ୍ର ସେଠୀଙ୍କୁ ପଚାରିବାରେ ସେ କହିଛନ୍ତି ସେ ଆମ ସମୟର କାମ ନୁହେଁ। ପୂର୍ବତନ ସରପଞ୍ଚଙ୍କ ସମୟରେ ହୋଇଥିଲା। ଯଦି ଏହି କାର୍ଯ୍ୟ ସମ୍ପୂର୍ଣ୍ଣ ନିର୍ମାଣ କରାଯିବ ତେବେ ପଞ୍ଚାୟତର ରାଜସ୍ୱ ବଢ଼ିପାରିବ।

ଜରୁରୀ ସୂଚନା
Lakheswar Agency
OSFDC Department
Letter
Lakheswar Agency
Letter
8280739643
Managing Director
Lakheswar Agency

# କେନାଲ ବନ୍ଧ ରାସ୍ତା ବିପଦସଂକୁଳ



କୁଶ୍ଣେଇ,୧୮।୬(ସମିସ): ଗମନାଗମନ ଦୃଷ୍ଟି କୋଣରୁ କାକଟପୁର ଲତାହରଣ ମୁଖ୍ୟ ରାସ୍ତାର ଘୋଡ଼ାମୁହାଁ ପୋଲଠାରୁ ଧୂର୍ଜଙ୍ଗ ପର୍ଯ୍ୟନ୍ତ ଯାଇଥିବା ଦେଢ଼ କିଲୋମିଟର କେନାଲ ବନ୍ଧ ରାସ୍ତା ଉପରେ ନିକଟସ୍ଥ ୧୦ ଖଣ୍ଡ ଗ୍ରାମର ଜନସାଧାରଣ ଦୈନନ୍ଦିନ ଯାତାୟାତ କ୍ଷେତ୍ରରେ ନିର୍ଭର କରିଥା'ନ୍ତି। ପୂର୍ବରୁ ଏହି କେନାଲ ବନ୍ଧ ରାସ୍ତାଟି ଲତାହରଣ ଗ୍ରାମପଞ୍ଚାୟତ ଅଧୀନରେ ଥିଲା। ୧୯୯୭ ମସିହାରେ ଏହି କେନାଲ ବନ୍ଧର ମାଟି ରାସ୍ତାକୁ କଂକ୍ରିଟ ଢେଳଇ ରାସ୍ତାରେ ପରିଣତ କରିବାକୁ ପଞ୍ଚାୟତବାସୀଙ୍କ ପକ୍ଷରୁ ଦାବି ହେବାରୁ ତତ୍କାଳୀନ ସରପଞ୍ଚ ପ୍ରାଣନାଥ ମଲ୍ଲିକ ତାଙ୍କ କାର୍ଯ୍ୟକାଳ ୫ ବର୍ଷ ମଧ୍ୟରେ ପର୍ଯ୍ୟାୟ କ୍ରମେ ଗ୍ରାମପଞ୍ଚାୟତ ପାଣ୍ଠିରୁ ଏହି ରାସ୍ତାକୁ କଂକ୍ରିଟ ଢେଳଇ ରାସ୍ତାରେ ପରିଣତ କରିଥିଲେ। ମାତ୍ର ୨୦୧୨ରେ ଏହି ରାସ୍ତାଟି କାକଟପୁର ଜଳସେଚନ ବିଭାଗ ଅଧୀନକୁ ଚାଲିଯିବାରୁ ଏହି ରାସ୍ତାର ରକ୍ଷଣାବେକ୍ଷଣ କି ମରାମତି ଦିଗରେ ଆଉ ଲତାହରଣ ଗ୍ରାମ ପଞ୍ଚାୟତ ହସ୍ତକ୍ଷେପ କରୁନାହିଁ ବୋଲି ସ୍ଥାନୀୟ ପଞ୍ଚାୟତବାସୀ ଅଭିଯୋଗ କରିଛନ୍ତି। ବିଭାଗୀୟ ଅପାରଗତା, ପ୍ରଶାସନିକ ସ୍ଥାଣୁତା ଓ ରାଜନୈତିକ ଇଚ୍ଛାଶକ୍ତି ଅଭାବରୁ ଏହି ରାସ୍ତାଟି ଦୀର୍ଘ ୧୨ ବର୍ଷ ଧରି କାକଟପୁର ଜଳସେଚନ ବିଭାଗ ମରାମତି କି ନିର୍ମାଣ କରିବାର ନାଁ ଧରୁନଥିବା ବେଳେ ରାସ୍ତାଟି ବର୍ତ୍ତମାନ ଯାତାୟାତ କ୍ଷେତ୍ରରେ ସମ୍ପୂର୍ଣ୍ଣ ଭାବେ ଅନୁପଯୋଗୀ ହୋଇପଡ଼ିଛି। ଯାହାଫଳରେ କି ସ୍ଥାନୀୟ ଜନସାଧାରଣ ରାତିରେ ଯିବାଆସିବା ଦୂରେ ଥାଉ, ଦିନବେଳେ ଏହି ରାସ୍ତାରେ ଯାତାୟାତ କରିବାବେଳେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଲୋକେ।

## ଦିନରେ ଯିବାକୁ ବି ଲୋକେ ଭୟ କରୁଛନ୍ତି

ରାସ୍ତାର ଦୁଇ ପାଶ୍ୱର୍ରେ ଅନାବନା ଗଛ ଉଠି ଜଙ୍ଗଲ ସୃଷ୍ଟି ହୋଇ ରାସ୍ତା ମଝିକୁ ଗଛଲତା ମାଡ଼ି ଆସିଲାଣି। କେଉଁଠି ରାସ୍ତା ମଝିରେ ବଡ଼ ଫାଟ ସୃଷ୍ଟି ହେଲାଣି ତ ଆଉ କେଉଁଠି ରାସ୍ତା ଉପରେ ଓ ରାସ୍ତା ପାଶ୍ୱର୍ରେ ଆଣ୍ଠୁଏ ଗଭୀରରେ ଗର୍ତ୍ତ ସୃଷ୍ଟି ହେଲାଣି। ରାସ୍ତା ଉପରକୁ ଅନାବନା ଗଛ ମାଡ଼ି ଆସିଥିବାରୁ କେତେବେଳେ ରାସ୍ତା ଉପରେ ବିଷଧର ସର୍ପ ଶୋଇ ରହୁଛନ୍ତି ତ ଆଉ କେତେବେଳେ ରାସ୍ତାର ଏପଟ ପାଶ୍ୱର୍ରୁ ସେପଟ ପାଶ୍ୱର୍କୁ ଅତିକ୍ରମ କରୁଛନ୍ତି। ଏହି ରାସ୍ତାରେ ସନ୍ଧ୍ୟା ହେଲେ ପଥଚାରୀମାନେ ଯିବାଆସିବାକୁ ଭୟ କରୁଛନ୍ତି। ରାସ୍ତାର ଅବସ୍ଥା ଏବେ ଏତେ ସଂକୀର୍ଣ୍ଣ ହୋଇଛି ଯେ, ଏକ ସମୟରେ ଦୁଇଟି ମୋଟର ସାଇକଲ ରାସ୍ତା ଅତିକ୍ରମ କରିହେଉନି। ଯାହା ଫଳରେ କି ଅଧିକାଂଶ ସମୟରେ ଏହି ରାସ୍ତାରେ ପଥଚାରୀ ଓ ଗାଡ଼ି ଚାଳକଙ୍କୁ ଦୁର୍ଘଟଣାର ଶିକାର ହେବାକୁ ପଡୁଛି। ଏହି ରାସ୍ତାର ଦୁଇ ପାଶ୍ୱର୍ରେ ଏବେ କଟକଣା, ଭଣ୍ଡାଘର, ଲତାହରଣ, ରସୁଲପୁର ଆଦି ବସ୍ତିର ଲୋକ ବସବାସ କରିବାକୁ ଘରଦ୍ୱାର ନିର୍ମାଣ କରୁଥିବାବେଳେ ଧୂର୍ଜଙ୍ଗ ଓ ଧୂର୍ଜଙ୍ଗ ହରିଜନ ସାହି ଗାଁ ସହିତ ନିକଟସ୍ଥ ୧୦ ଖଣ୍ଡ ଗ୍ରାମର ଲୋକ ପ୍ରତିଦିନ ଯାତାୟାତ କ୍ଷେତ୍ରରେ ଏହି ରାସ୍ତା ଉପରେ ନିର୍ଭର କରିଥା'ନ୍ତି। କାକଟପୁର ଜଳସେଚନ ବିଭାଗ ସବ୍‌ଡିଭିଜନ କାର୍ଯ୍ୟାଳୟ ଆବଶ୍ୟକ ନ ଥାଇ ବହୁ ଅନାବଶ୍ୟକ ସ୍ଥଳେ ଏକାଧିକ କେନାଲରେ ସଂଖ୍ୟାଧିକ ବ୍ରିଜ୍ ନିର୍ମାଣ ସାଙ୍ଗକୁ ବହୁ କେନାଲ ବନ୍ଧ ଓ ନଦୀ ବନ୍ଧରେ ପିଚୁ ଏବଂ ଢେଳଇ ରାସ୍ତା ନିର୍ମାଣ କରୁଥିବାବେଳେ ସ୍ଥାନୀୟ ଅଞ୍ଚଳବାସୀଙ୍କ ବାରମ୍ବାର ଦାବି ସତ୍ତ୍ୱେ ଏହି ରାସ୍ତାକୁ ନିର୍ମାଣ କିମ୍ବା ମରାମତି ନ କରିବା ପଛରେ କି ଉଦ୍ଦେଶ୍ୟ ରହିଛି ତାହା ସ୍ଥାନୀୟ ଅଞ୍ଚଳବାସୀଙ୍କ ମନରେ ଚିନ୍ତା ପ୍ରକଟ କରିଛି। ପୁରୀ ଜିଲ୍ଲାପାଳ, ରାଜ୍ୟ ଜଳସେଚନ ବିଭାଗ ମୁଖ୍ୟଯନ୍ତ୍ରୀ, ସର୍ବୋଚ୍ଚ ଯନ୍ତ୍ରୀ ଓ ବିଭାଗୀୟମନ୍ତ୍ରୀ ଏହି ରାସ୍ତା ପ୍ରତି ଦୃଷ୍ଟି ଦେଇ ତୁରନ୍ତ ଏହି ରାସ୍ତାକୁ ନିର୍ମାଣ କରିବାକୁ ଉକ୍ତ ଗ୍ରାମର ଗ୍ରାମବାସୀଙ୍କ ସମେତ ଲତାହରଣ ପଞ୍ଚାୟତବାସୀଙ୍କ ପକ୍ଷରୁ ଦୃଢ଼ ଦାବି ହେଉଛି।

# ସାର୍ଥକଙ୍କ ରୋଗୀ ସେବା କରିବା ଲକ୍ଷ୍ୟ ପୂରଣ ହୋଇଛି



ଗୋପ,୧୮।୬(ସମିସ): ଗୋପ ବ୍ଲକ୍ ଅଧୀନ ବିଶିଷ୍ଟ ସମାଜସେବୀ ତଥା ଖଣି ନିର୍ଦ୍ଦେଶାଳୟର ସେକ୍ସନ ଅଫିସର ବିଭୂତି ପଟ୍ଟନାୟକ, ବରିଷ୍ଠ ପ୍ରଧାନଶିକ୍ଷୟିତ୍ରୀ ରଙ୍ଗଲତା ଦେଇଙ୍କ ପୁତ୍ର ସାର୍ଥକ ପଟ୍ଟନାୟକ ଚଳିତ ବର୍ଷ ସର୍ବଭାରତୀୟ ନିଟ୍ ପରୀକ୍ଷାରେ ୫୪୭ ନମ୍ବର ରଖି ସର୍ବଭାରତୀୟ ସ୍ତରରେ ୧୩,୭୭୫ ର୍‍ୟାଙ୍କରେ ରହିଥିବାବେଳେ ଡାକ୍ତର ପଢ଼ିବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଏ ନେଇ ଗୋପ ଅଞ୍ଚଳରେ ଖୁସିର ଲହରୀ ଖେଳିଯାଇଛି। ସାର୍ଥକ ପିଲାଟିବେଳୁ ଡାକ୍ତର ହୋଇ ରୋଗୀ ସେବା କରିବାକୁ ଲକ୍ଷ୍ୟ ରଖିଥିବାବେଳେ ପିତାମାତାଙ୍କ ଆଶୀର୍ବାଦରେ ତାଙ୍କର ଏ ସ୍ୱପ୍ନ ପୂରଣ ହେବାକୁ ଯାଉଛି। ସେ ପାଠ ପଢୁଥିବା ନିଗମାନନ୍ଦ ଉଚ୍ଚ ବିଦ୍ୟାଳୟ ପୁରାତନ ଛାତ୍ରଛାତ୍ରୀମାନେ ତାଙ୍କୁ କୃତଜ୍ଞତା ଦେଇଥିବାବେଳେ ବିଶିଷ୍ଟ ସମାଜସେବୀ ତଥା ସଫ୍ଟୱେର ଇଞ୍ଜିନିୟର ତାପସ ସାହୁ ଓ ବିଶିଷ୍ଟ ବ୍ୟବସାୟୀ ଜ୍ୟୋତି ମହାନ୍ତିଙ୍କ ସମେତ ବରିଷ୍ଠ ନେତୃତ୍ୱମାନେ ତାଙ୍କ ଘର ନିକଟରେ ପହଞ୍ଚି ସମ୍ବର୍ଦ୍ଧିତ କରିଥିବା ଦେଖିବାକୁ ମିଳିଛି।




# ଶ୍ରୀକ୍ଷେତ୍ର ସିଟି

୧୮/୬/୨୦୨୫ (ବୁଧବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ

ଟ. ୧,୧୮,୦୮୧/- ସୁନା: ୦୦.୦୦୦ ଗ୍ରାମ୍ ରୁପା: ୦୦.୦୦୦ ଗ୍ରାମ୍






■ ରଥଖଳାରୁ...

## ରଥରେ ରଙ୍ଗ କାମ ଜାରି

ପୁରୀ,୧୮।୬(ସମିସ): ଆଉ ୮ ଦିନ ପରେ ରଥଯାତ୍ରା। ଏଥିପାଇଁ ପ୍ରଶାସନିକ ପ୍ରସ୍ତୁତି ଜୋର୍‌ଦାର ଚାଲିଛି। ରଥଖଳାରେ ରଥ ନିର୍ମାଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ବୁଧବାର ତିନିରଥର ଗୋଟିଏ ଲେଖାଏଁ ଦୁଆରବେଢ଼ା ନିର୍ମାଣ ହୋଇଛି। ସେହିପରି ସିଂହାସନ ପ୍ରଭା ନିର୍ମାଣ ଆରମ୍ଭ କରାଯାଇଛି। ତିନିରଥର ବେଦୀ ପରିସରକୁ ବଢ଼ାଇବା ପାଇଁ ବାହୁଟ ଫାଳିଆ ସଂଯୋଗ ହୋଇଛି। ଏଥିରେ ପଟା ବାଡ଼ାଯିବ। ରୂପକାର ସେବକମାନେ ନାଟଗୋଡ଼ରେ ରୂପ ଖୋଦେଇ ଶେଷ କରିବା ପରେ ଅଳଙ୍କାର ପକା କାମ ପ୍ରାୟ ସରିଆସିଲଣି। ଏଥିସହ ତିନିରଥରେ ପଟାଗୁଜଗୁଡ଼ିକରେ ସିଂହ ବିରାଳ, ଗଜ ବିରାଳ ଏବଂ ନର ବିରାଳ ଚିତ୍ର ଖୋଦେଇ କରାଯାଉଛି। ଚିତ୍ରକର ସେବକମାନେ ନାଟଗୋଡ଼ରେ ରଙ୍ଗ ଦେଉଛନ୍ତି। ଏଥିସହ ପାର୍ଶ୍ୱ ଦେବଦେବୀ ମୂର୍ତ୍ତିଗୁଡ଼ିକର ରଙ୍ଗ କାର୍ଯ୍ୟ ସହ, ହଂସ ପଟା, କନ୍ୟା ପଟା, ଶିଖର ଡମ୍ବରୁ, କଳସ, ଓଲଟ ଶୁଆ ସହ ରଥର ବାହ୍ୟ ଅଂଶଗୁଡ଼ିକରେ ରଙ୍ଗ କରାଯାଉଛି। ଦୋଳବେଦୀ ପରିସର ଅସ୍ଥାୟୀ କମାରଶାଳରେ ଓଝା ସେବକମାନେ କଳସ କଣ୍ଟା, ଦୁଆରବେଢ଼ା ପାଇଁ କଣ୍ଟା ନିର୍ମାଣ ସହ ଗଣ୍ଠି କଣ୍ଟା, ଏଲ୍ କ୍ଲାମ୍ପ୍, ୟୁ କ୍ଲାମ୍ପ୍ ନିର୍ମାଣ କରୁଛନ୍ତି। ଦରଜୀ ସେବକମାନେ ତିନି ରଥର ବତା କନାରେ ଲେସ୍ ଫିଟିଂ ସହ ଦୁଆରବେଢ଼ା ଏବଂ ଚନ୍ଦ୍ରଶାଳୀ ପାଇଁ କନାକଟା ଶେଷ କରି ସେଥିରେ ସିଲ୍‌ଭର ଲେସ୍ ସିଲେଇ କାର୍ଯ୍ୟ କରିଛନ୍ତି।

▶ ଆସୁଛି ରଥଯାତ୍ରା

# ୩ ରଥରେ ୧୨ ଘୋଡ଼ା



ପୁରୀ,୧୮।୬(ସମିସ): ପାଖେଇ ଆସୁଛି ରଥଯାତ୍ରା। ରଥଖଳାରେ ତିଆରି ଚାଲିଛି ତିନିରଥ। ରଥରେ ବସି ଆଡ଼ପ ମଣ୍ଡପକୁ ବିଜେ କରିବେ ଚତୁର୍ଦ୍ଧାବିଗ୍ରହ। ମହାପ୍ରଭୁଙ୍କ ରଥରେ ପାଶ୍ୱର୍ ଦେବଦେବୀଙ୍କ ସହିତ ରୁହନ୍ତି ଘୋଡ଼ା। ରଥ ଗଢ଼ିବା ପୂର୍ବରୁ ଘୋଡ଼ାମାନଙ୍କୁ ସଂଯୋଗ କରାଯାଇଥାଏ। ତେବେ ଏହି ଘୋଡ଼ାମାନଙ୍କ ବିଷୟରେ ଜାଣିବାକୁ ଅନେକଙ୍କ ମନରେ ବିଶେଷ ଆଗ୍ରହ ଥାଏ। ପ୍ରତିରଥରେ ୪ଟି ଲେଖାଏଁ ଘୋଡ଼ା ରହିଥା'ନ୍ତି। ତିନିରଥରେ ରହୁଥିବା ଅଶ୍ୱମାନଙ୍କ ଭିନ୍ନ ଭିନ୍ନ ନାମ ରହିଛି। ନନ୍ଦିଘୋଷ ରଥରେ ଲାଗୁଥିବା ଅଶ୍ୱମାନେ ହେଲେ ଶଙ୍ଖ, ବଳାହକ, ଶ୍ୱେତ ଓ ହରିଦାଶ୍ୱ। ସେହିପରି ତାଳଧ୍ୱଜ ରଥର ଅଶ୍ୱଗୁଡ଼ିକ ହେଲେ ଶଙ୍ଖ, ସୁଚିତ୍ର, ଅଙ୍ଗଦ ଓ ମେଘନାଦ। ଦର୍ପଦଳନ ରଥର ଅଶ୍ୱଗୁଡ଼ିକ ହେଲେ ରୋଚିକା, ମୋଚିକା, ଜିତା ଓ ଅପରାଜିତା। ତାଳଧ୍ୱଜ ଓ ନନ୍ଦିଘୋଷ ରଥର ଘୋଡ଼ା ଅଣ୍ଡିରା ହୋଇଥିବାବେଳେ ସୁଭଦ୍ରାଙ୍କ ରଥର ଘୋଡ଼ା ମାଈ। ଘୋଡ଼ାଗୁଡ଼ିକୁ ରଥରେ ସଂଯୋଗ କରିବା ପୂର୍ବରୁ ଏମାନଙ୍କୁ ଚିତ୍ରିତ କରାଯାଏ। ସେହି ଚିତ୍ର ଅନୁଯାୟୀ, ନନ୍ଦିଘୋଷ ରଥ ଘୋଡ଼ାର ରଙ୍ଗ ଧଳା, ବଡ଼ ଠାକୁରଙ୍କର କଳା ଏବଂ ସୁଭଦ୍ରାଙ୍କ ରଥର ଘୋଡ଼ାର ରଙ୍ଗ ନାଲି। ରଥରୁ ଓହ୍ଲାଇବା ପରେ ଏମାନଙ୍କୁ ସ୍ୱତନ୍ତ୍ର ଭବେ ରଖାଯାଇ ପୂଜା କରିବାର ବିଧି ରହିଛି। ଘୋଡ଼ାଗୁଡ଼ିକୁ ବିସର୍ଜନ କରାଯାଏ ନାହିଁ। ନବକଳେବର ସମୟରେ ଏମାନେ ନିର୍ମିତ ହୋଇ ପ୍ରତିଷ୍ଠା ପାଇଥା'ନ୍ତି। ପରବର୍ତ୍ତୀ ନବକଳେବର ପର୍ଯ୍ୟନ୍ତ ଏମାନେ ରଥରେ ସଂଯୋଜିତ ହୋଇଥା'ନ୍ତି। ନବକଳେବର ପଡ଼ିଲେ ଏମାନଙ୍କୁ କୋଇଲି ବୈକୁଣ୍ଠରେ ସମାଧି ଦିଆଯାଏ। ପୁଣି ନୂତନ ଘୋଡ଼ା ନିର୍ମାଣ କରିଥା'ନ୍ତି ରୂପକାର ସେବକ।

ରଥରେ ଘୋଡ଼ା ସଂଯୋଗ ହେବା ନେଇ ବିଭିନ୍ନ ପ୍ରକାର ଜନଶ୍ରୁତି ରହିଛି। ଏହି ଜନଶ୍ରୁତି ଅନୁଯାୟୀ, ପୂର୍ବରୁ ରଥକୁ ଘୋଡ଼ାମାନେ ଟାଣୁଥିଲେ। ସେହି ସ୍ମୃତିରେ ରଥରେ କାଠ ନିର୍ମିତ ଘୋଡ଼ାଙ୍କୁ ସଂଯୋଗ କରାଯାଉଛି। ଅନ୍ୟପକ୍ଷରେ ଏହି ଅଶ୍ୱଙ୍କୁ ଇନ୍ଦ୍ରୀୟ ସହିତ ମଧ୍ୟ ତୁଳନା କରାଯାଏ। ଶରୀର ହେଉଛି ରଥ, ଇନ୍ଦ୍ରୀୟ ହେଉଛନ୍ତି ଘୋଡ଼ା। ଅର୍ଥାତ୍ ମହାପ୍ରଭୁଙ୍କ ରଥରେ ଅଶ୍ୱ ସଂଯୋଜିତ ହେବାର ରହସ୍ୟ ହେଉଛି ଶରୀର ରୂପକ ରଥକୁ ଇନ୍ଦ୍ରୀୟମାନେ ଯେପରି ଠିକ୍ ମାର୍ଗରେ ନେଇଯାଆନ୍ତି। ସେହିଭଳି ଅଶ୍ୱମାନେ ତିନିରଥକୁ ଠିକ୍ ମାର୍ଗରେ ନେଇ ଲକ୍ଷ୍ୟସ୍ଥଳରେ ପହଞ୍ଚାଇ ଦିଅନ୍ତି। ତେଣୁ ଆମ ସନାତନ ପରମ୍ପରାରେ ଅଶ୍ୱମେଧ ଯଜ୍ଞର ପରିକଳ୍ପନା କରାଯାଇଛି। ଅଶ୍ୱମେଧ ଯଜ୍ଞର ରହସ୍ୟ ହେଉଛି ଇନ୍ଦ୍ରୀୟମାନଙ୍କୁ ନିୟନ୍ତ୍ରଣ କରିବା।

## ଭିଜିଲାନ୍ସ ଜାଲରେ ଥାନା ଏଏସ୍‌ଆଇ



ପୁରୀ,୧୮।୬(ସମିସ): ଭିଜିଲାନ୍ସ ଜାଲରେ ଚନ୍ଦନପୁର ଥାନାରେ ଏଏସ୍‌ଆଇ ଭାବେ କାର୍ଯ୍ୟରତ ପ୍ରଭାତ କୁମାର ପ୍ରଧାନ। ଏକ ଜମି ବିବାଦ ମାମଲାରେ ଜଣେ ଅଭିଯୋଗକାରୀଙ୍କୁ ସାହାଯ୍ୟ କରିବା ପାଇଁ ୧୫ ହଜାର ଟଙ୍କା ଲାଞ୍ଚ ନେଉଥିବା ଅଭିଯୋଗରେ ଭିଜିଲାନ୍ସ ତାଙ୍କୁ ଗିରଫ କରିଛି। ସୂଚନା ଅନୁସାରେ, ଚନ୍ଦନପୁର ଥାନା ଅଞ୍ଚଳରେ ଦୁଇ ଭାଇଙ୍କ ମଧ୍ୟରେ ଜମିଜମା ବିବାଦ ଲାଗିରହିଥିଲା। ଏହି ମାମଲାର ତଦନ୍ତ ଶ୍ରୀ ପ୍ରଧାନ କରୁଥିଲେ। ବୁଧବାର ଏଏସ୍‌ଆଇ ଶ୍ରୀ ପ୍ରଧାନ ସାହାଯ୍ୟ କରିବା ପାଇଁ ଜଣଙ୍କଠାରୁ ୧୫ ହଜାର ଟଙ୍କା ଲାଞ୍ଚ ଦାବି କରିଥିଲେ। ଏନେଇ ଅଭିଯୋଗକାରୀ ଭିଜିଲାନ୍ସ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ। ଭିଜିଲାନ୍ସ ଦଳ ପୂର୍ବରୁ ଜଗି ରହିଥିଲେ। ଏଏସ୍‌ଆଇ ଶ୍ରୀ ପ୍ରଧାନ ଅଭିଯୋଗକାରୀଙ୍କଠାରୁ ଟଙ୍କା ନେଉଥିବାବେଳେ ଭିଜିଲାନ୍ସ ତାଙ୍କୁ ଧରିଥିଲା। ତାଙ୍କଠାରୁ ଲାଞ୍ଚ ଟଙ୍କା ଜବତ କରାଯାଇଛି। ଏଥିସହ ଶ୍ରୀ ପ୍ରଧାନଙ୍କ ଦୁଇଟି ସ୍ଥାନରେ ଏକକାଳୀନ ଚଢ଼ଉ କରାଯାଇଛି। ଏ ସମ୍ପର୍କରେ ଭୁବନେଶ୍ୱର ଭିଜିଲାନ୍ସ ଥାନାରେ ଏକ ମାମଲା ନଂ ୧୨/୨୫ ରୁଜୁ କରିଛି।

ଲୋକ ମେଳା ଓ କୃଷି ମେଳାର ତୃତୀୟ ସନ୍ଧ୍ୟା

## ନୃତ୍ୟଗୀତରେ କମ୍ପିଲା ସ୍ୱର୍ଣ୍ଣାଭ ବେଳାଭୂମି



ପୁରୀ,୧୮।୬(ସମିସ): ଶ୍ରୀ ଶ୍ରୀକ୍ଷେତ୍ର ସୂଚନା ପକ୍ଷରୁ ସ୍ୱର୍ଣ୍ଣାଭ ବେଳାଭୂମିରେ ଚାଲିଛି ୨୩ତମ ଲୋକମେଳା ଓ ୧୬ତମ କୃଷିମେଳା। ବୁଧବାର ଥିଲା ଏହାର ତୃତୀୟ ସନ୍ଧ୍ୟା। ଅନୁଷ୍ଠାନର ସମ୍ପାଦକ ରାଜେଶ କୁମାର ମହାନ୍ତିଙ୍କ ପରିଚାଳନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଉପ ଆରକ୍ଷୀ ଅଧୀକ୍ଷକ ସହର ପ୍ରଶାନ୍ତ କୁମାର ସାହୁ, ସମୁଦ୍ର କୂଳ ଥାନା ଭାରପ୍ରାପ୍ତ ଅଧିକାରୀ ମାନସ ଚକ୍ର, ଉତ୍କଳ ବିଦ୍ୱତ୍ ପରିଷଦର ସଭାପତି ମନୋଜ ରଥ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ସାଂସ୍କୃତିକ ଦଳମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଉଦ୍‌ଘୋଷକ ଚନ୍ଦ୍ରବିଜୟୀ ମିଶ୍ର ସଂଯୋଜନା କରିଥିଲେ। ଅଭ୍ୟର୍ଥନା କମିଟି ଅଧକ୍ଷ ସନ୍ତୋଷ କୁମାର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ପରେ ଭାରତ ବର୍ଷର ୨୨ଟି ରାଜ୍ୟରୁ ଆସିଥିବା କଳାକାରଙ୍କ ନୃତ୍ୟରେ କମ୍ପିଥିଲା ସ୍ୱର୍ଣ୍ଣାଭ ବେଳାଭୂମି। ଏତଦ୍‌ବ୍ୟତୀତ ଆୟୋଜିତ କୃଷିମେଳାରେ ଭାରତ ବର୍ଷର ବିଭିନ୍ନ ରାଜ୍ୟ, ବିଭିନ୍ନ ବିଭାଗ ଏବଂ ଓଡ଼ିଶାର ଅନେକ କୃଷି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଏହି ଉତ୍ସବକୁ ଶିବସୁନ୍ଦର ମିଶ୍ର, ରିତେଶ ମହାନ୍ତି, ବିଦ୍‌ରୋହ କେଶରୀ ସିଂହ, ନାରାୟଣ ପାତ୍ର, ସତ୍ୟବ୍ରତ ଦାସ, ଦେବେନ୍ଦ୍ର ମହାପାତ୍ର, ସୌମ୍ୟରଞ୍ଜନ ମିଶ୍ର, ନୃସିଂହ ଚରଣ ଦାଶ ଏବଂ ଅନ୍ୟ ସଦସ୍ୟ ବୃନ୍ଦ ପରିଚାଳନାରେ ସହଯୋଗ କରିଥିଲେ।

## ପାର୍କିଂ ମୁକ୍ତ ରହିବ ସମୁଦ୍ରକୂଳ ଓ ସିଟି ରୋଡ୍

ପୁରୀ,୧୮।୬(ସମିସ): ପୁରୀକୁ ପ୍ରତିଦିନ ବହୁ ସଂଖ୍ୟାରେ ଭକ୍ତ, ପର୍ଯ୍ୟଟକ ଆସୁଛନ୍ତି। ସେମାନଙ୍କୁ ଉପଯୁକ୍ତ ମୌଳିକ ସୁବଧା ଯୋଗାଇଦେବା ପ୍ରଶାସନର କର୍ତ୍ତବ୍ୟ। କିନ୍ତୁ ବିଭିନ୍ନ ସମୟରେ ସିଟି ରୋଡ୍ ଓ ସମୁଦ୍ର କୂଳ ରାସ୍ତାରେ ଭକ୍ତ, ପର୍ଯ୍ୟଟକ ଯିବାଆସିବା କରିବାରେ ସମସ୍ୟା ଭୋଗିଥା'ନ୍ତି। ଏସ୍‌ପି ବିନୀତ୍ ଅଗ୍ରୱାଲଙ୍କ ନିର୍ଦ୍ଦେଶକ୍ରମେ ଏହି ପରିସ୍ଥିତିକୁ ଦୂର କରିବା ପାଇଁ ପୁଲିସ ବିଶେଷ ପଦକ୍ଷେପ ଗ୍ରହଣ କରିଛି। ସିଟି ରୋଡ୍ ଓ ସମୁଦ୍ର କୂଳ ରାସ୍ତା ଉପରେ ଯେଉଁମାନେ ଅନଧିକୃତ ଭାବେ ଗାଡ଼ି ରଖିବେ ସେମାନଙ୍କ ଉପରେ ଅର୍ଥଦଣ୍ଡ ଲାଗୁ ହେବା ସହିତ ଗାଡ଼ି ଅପସାରଣ କରାଯିବ। ଏହି ଅଞ୍ଚଳକୁ ସର୍ବଦା ଯାତାୟାତ ପାଇଁ ସମ୍ପୂର୍ଣ୍ଣ ଭାବେ ପାର୍କିଂ ଫ୍ରି ରଖାଯିବ। ସେହିପରି ରୁଟିନ୍ ଅନୁଯାୟୀ, ସମସ୍ତ ପର୍ଯ୍ୟଟକ ବସ୍ ତାଳବଣିଆ ପାର୍କିଂରେ ରହିବ। କେବଳ ଡ୍ରପ୍ ପଏଣ୍ଟ ଭାବେ ଅର୍ବାନ ହାଟର ବ୍ୟବହାର କରାଯିବ। ଏହି ଚିନ୍ତାଧାରାରେ ଶୃଙ୍ଖଳା ଓ ଯାତାୟାତ ସୁବିଧା ବୃଦ୍ଧି ହେବ। ସିଟିରୋଡ୍ ଓ ସମୁଦ୍ର କୂଳ ରାସ୍ତା ଅଞ୍ଚଳରେ ଚାଲୁଥିବା ୪ହଜାର ଅଟୋ ଚାଳକଙ୍କୁ କଡ଼ା ନିର୍ଦ୍ଦେଶ ଦିଆଯାଇଛି ଯେ ସେମାନେ ରୋଡ୍ ଉପରେ ଗାଡ଼ି ରଖିବେ ନାହିଁ। ଅନଧିକୃତ ଅଟୋ ପାର୍କିଂ କଲେ ଦଣ୍ଡ ଓ ଅନ୍ୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏହି ଉଦ୍ୟମ ପୁରୀକୁ ଯାତାୟାତ ଜାମ୍‌ମୁକ୍ତ କରିବା ଓ ପର୍ଯ୍ୟଟନ ସୁବିଧା ବଢ଼େଇବା ଦିଗରେ ଏକ ଦୃଢ଼ ପଦକ୍ଷେପ। ସମସ୍ତ ଗାଡ଼ି ଚାଳକ, ପର୍ଯ୍ୟଟକ ଓ ସ୍ଥାନୀୟ ବାସିନ୍ଦାଙ୍କୁ ଏଥିପାଇଁ ସହଯୋଗ କରିବାକୁ ଆହ୍ୱାନ କରାଯାଉଛି।

## ବଞ୍ଜାରାଙ୍କ ଉପରେ ରହିବ ନଜର

ପୁରୀ,୧୮।୬(ସମିସ): ରଥଯାତ୍ରା ପାଇଁ ପୁରୀକୁ ଲକ୍ଷାଧିକ ଭକ୍ତ ଆସିଥା'ନ୍ତି। ଏମିତି ବି ପ୍ରତିଦିନ ପୁରୀକୁ ପର୍ଯ୍ୟଟକଙ୍କ ଆଗମନ ହୋଇଥାଏ। ସମସ୍ତଙ୍କ ସୁରକ୍ଷା ପୁଲିସ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ। ତେଣୁ ଏହାକୁ ନଜରରେ ରଖି ଜିଲ୍ଲା ପୁଲିସ ପକ୍ଷରୁ ସମସ୍ତ ଥାନା ଅଧିକାରୀ ବିଭିନ୍ନ ସ୍ଥାନ ଯଥା- ଖୋଲା ଜାଗାରେ ରହୁଥିବା ବଞ୍ଜାରା ଏବଂ ସନ୍ଦିଗ୍ଧ ବ୍ୟକ୍ତିମାନଙ୍କ ଉପରେ କଡ଼ା ନଜର ରଖାଯିବାକୁ ନିଷ୍ପତ୍ତି ହୋଇଛି। ସହରର ବିଭିନ୍ନ ଖାଲି ଜାଗା, ବସ୍‌ଷ୍ଟାଣ୍ଡ, ରେଳ ଷ୍ଟେସନ, ଗ୍ରାଣ୍ଡ ରୋଡ୍ ଓ ସମୁଦ୍ର କୂଳ ଅଞ୍ଚଳରେ ବଞ୍ଜାରାମାନେ ଥିବା ପୁଲିସ ନଜରକୁ ଆସିଛି। ଏହାକୁ ଦୃଷ୍ଟିରେ ରଖି ଏବଂ ସାଧାରଣ ଜନତାଙ୍କ ସୁରକ୍ଷାକୁ ପ୍ରାଥମିକତା ଦେଇ ବୁଧବାର ପୁରୀ ଜିଲ୍ଲାର ସମସ୍ତ ଥାନା ଆଇଆଇସି ସେମାନଙ୍କ ଅଞ୍ଚଳ ଅନୁଯାୟୀ ବସ୍ତି ବୁଲି ବଞ୍ଜାରାଙ୍କ ଯାଞ୍ଚ କରିଛନ୍ତି। ଏଥିରେ ସେମାନଙ୍କର ସମ୍ପୂର୍ଣ୍ଣ ପରିଚୟପତ୍ର ଏବଂ ଠିକଣା ଯାଞ୍ଚ କରାଯାଇଛି। ଯାଞ୍ଚବେଳେ ଯେଉଁମାନେ ସନ୍ଦିଗ୍ଧ ଓ ଅସ୍ୱଷ୍ଟ ତଥ୍ୟ ଦେଉଛନ୍ତି ସେମାନଙ୍କ ଉପରେ ନିକଟ ଥାନା ପକ୍ଷରୁ ଅନୁସନ୍ଧାନ ଚାଲିଛି। ପୁଲିସକୁ ଏଥିରେ ସହଯୋଗ କରିବାକୁ ଅନୁରୋଧ କରାଯାଇଛି।



ଆସୁଛି ରଥଯାତ୍ରା; ଶ୍ରୀମନ୍ଦିର ସମ୍ମୁଖରେ ଝୋଟି ଚିତା (ଫଟୋ- ଅନୀଲ)

## ଜିଲ୍ଲା ରେଡ୍‌କ୍ରସର ପ୍ରାଥମିକ ପ୍ରଶିକ୍ଷଣ ଶିବିର



ପୁରୀ,୧୮।୬(ସମିସ): ଆଗାମୀ ରଥଯାତ୍ରାକୁ ନଜରରେ ରଖି ପୁରୀ ଜିଲ୍ଲା ରେଡ୍‌କ୍ରସ୍‌ର ୧୦୦ ସ୍ୱେଚ୍ଛାସେବୀଙ୍କୁ ନେଇ ଦିନିକିଆ ପ୍ରାଥମିକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ପ୍ରଶାସନର ଜରୁରୀକାଳୀନ ବିଭାଗର ଆସିଷ୍ଟାଣ୍ଟ କଲେକ୍ଟର ତଥା ଜିଲ୍ଲା ରେଡ୍‌କ୍ରସର ସମ୍ପାଦକ ପଞ୍ଚାନନ ପରିଜା ରେଡ୍‌କ୍ରସ୍‌ର ପ୍ରତିଷ୍ଠାତା ହେନେରୀ ଡୁନାଣ୍ଟଙ୍କୁ ଫଟୋରେ ମାଲ୍ୟାର୍ପଣ କରି ଏହି ପ୍ରଶିକ୍ଷଣ ଶିବିରର ଶୁଭାରମ୍ଭ କରିଥିଲେ। ରାଜ୍ୟ ଶାଖାର ପ୍ରଶିକ୍ଷଣ ନିର୍ଦ୍ଦେଶକ ଲକ୍ଷ୍ମଣ ସ୍ୱାଇଁ ଓ ପ୍ରଶିକ୍ଷକ କୁବେର ଚନ୍ଦ୍ର ପାତ୍ର ସ୍ୱେଚ୍ଛାସେବୀଙ୍କୁ ପ୍ରାଥମିକ ଚିକିତ୍ସା, ଉଦ୍ଧାର କାର୍ଯ୍ୟ, ଜୀବନ ରକ୍ଷା, କ୍ଷତ ବ୍ୟାଣ୍ଡେଜ୍, ହୃଦ୍‌ଘାତରୁ ରକ୍ଷା କୌଶଳ, ବୁଡ଼ିଯାଉଥିବା ଲୋକଙ୍କୁ ଉଦ୍ଧାର କୌଶଳ, ପୋଡ଼ିଯାଉଥିବା ଲୋକଙ୍କୁ ଆଶୁ ଚିକିତ୍ସା ସମ୍ବନ୍ଧରେ ପ୍ରଶିକ୍ଷଣ ଦେଇଥିଲେ। ଜିଲ୍ଲା ରେଡ୍‌କ୍ରସର ଯୁଗ୍ମ ସମ୍ପାଦିକା ଗୀତାଞ୍ଜଳି ପଣ୍ଡାଙ୍କ ପରିଚାଳନାରେ ଶୃଙ୍ଖଳିତ ଭାବେ ଏହା ଅନୁଷ୍ଠିତ ହୋଇଥିଲା। ରେଡ୍‌କ୍ରସ୍‌ର ଆଜୀବନ ସଦସ୍ୟ ନୀଳାଚଳ ଦାସ, ଦୀପକ ପାତ୍ର, ମନୋରଞ୍ଜନ ଜେନା, ଉଜ୍ଜ୍ୱଳ ବିଶ୍ୱାସ, ପ୍ରଦୀପ୍ତ ପ୍ରଧାନ, ନାରଣ ଦାସ, ସଦସ୍ୟା ସବିତା ମିଶ୍ର ଓ ଜୟନ୍ତୀ ମହାପାତ୍ର ଶିବିର ପରିଚାଳନାରେ ସହଯୋଗ କରିଥିଲେ।

ଅରୁନ୍ଧତୀ ରଜ ପରୀ ସିଜିନ୍-୭ର ଗ୍ରାଣ୍ଡ ଫିନାଲେ

## ପୁରସ୍କୃତ ହେଲେ ୩ ବିଜେତା

ପୁରୀ,୧୮।୬(ସମିସ)



ଓଡ଼ିଶାର ଅଗ୍ରଣୀ ଜୁଏଲାରୀ ପ୍ରତିଷ୍ଠାନ ଅରୁନ୍ଧତୀ ଜୁଏଲର୍ସ ପକ୍ଷରୁ ରଜ ପରୀ ସିଜନ୍-୭ର ଗ୍ରାଣ୍ଡ ଫିନାଲେ ଓ ଫରେନ୍ ଟ୍ରିପ୍ ମେଗା ଲକି ଡ୍ର' ବୁଧବାର ସ୍ଥାନୀୟ ଟାଉନ୍ ହଲ୍‌ରେ ଅନୁଷ୍ଠିତ ହୋଇଯାଇଛି। ଏହି ମେଧା ଅନ୍ୱେଷଣ ଏବଂ ଭଗ୍ୟଶାଳୀ ବିଜେତା ଚୟନ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଓଲିଉଡ୍ ଅଭିନେତ୍ରୀ ତଥା ଅରୁନ୍ଧତୀ ଜୁଏଲର୍ସର ବ୍ରାଣ୍ଡ ଆମ୍ବାସାଡର ଅର୍ଚ୍ଚିତା ସାହୁ ଯୋଗଦେଇଥିଲେ। ବିଚାରପତି ଭାବେ ଗୀତିକାର ଅରୁଣ ମନ୍ତ୍ରୀ ଓ ଉପସ୍ଥାପିକା ଶୋଭନା ମିଶ୍ର ଯୋଗଦେଇଥିଲେ। ଅରୁନ୍ଧତୀ ଜୁଏଲର୍ସ ରଜପରି ଭଳି ମହାମଞ୍ଚ ମାଧ୍ୟମରେ ୭ ବର୍ଷ ଧରି ଓଡ଼ିଶାର କୋଣକୋଣରୁ ପ୍ରତିଭାଙ୍କୁ ଅନ୍ୱେଷଣ କରି ସେମାନଙ୍କ ପ୍ରତିଭା ବିକାଶ କରିବାର ସୁଯୋଗ ଦେଇଆସିଛି। ସେହିପରି ଚଳିତ ବିବାହ ଋତୁରେ ନିଜ ପ୍ରିୟ ଗ୍ରାହକବନ୍ଧୁଙ୍କୁ ଅରୁନ୍ଧତୀ ଜୁଏଲର୍ସ ବିଦେଶ ଭ୍ରମଣ ଭଳି ଅଫର ପ୍ରଦାନ କରିଥିଲା। ଏହି ଅବସରରେ ୯ ଜଣ ଭଗ୍ୟଶାଳୀ ବିଜେତାଙ୍କୁ ଜୁଏଲର୍ସ ତରଫରୁ ବିଦେଶ ଭ୍ରମଣ କୁପନ୍ ପ୍ରଦାନ କରାଯାଇଥିଲା।

ଅରୁନ୍ଧତୀ ଜୁଏଲର୍ସର ପ୍ରତିଷ୍ଠାତା ବ୍ରହ୍ମାନନ୍ଦ ମେହେର ଅରୁନ୍ଧତୀ ଜୁଏଲର୍ସ ପ୍ରତି ପ୍ରଗାଢ଼ ଭରସା ଓ ବିଶ୍ୱାସ ରଖିଥିବାରୁ ଗ୍ରାହକଙ୍କୁ ଧନ୍ୟବାଦ ଜଣାଇବା ସହ ରଜପରି ଓ ବିଦେଶ ଭ୍ରମଣ କୁପନ୍ ବିଜେତାଙ୍କୁ ଅଭିନନ୍ଦନ ଜ୍ଞାପନ କରିଥିଲେ। ଶ୍ରୀ ମେହେର କହିଥିଲେ, ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦ ସର୍ବଦା ଅରୁନ୍ଧତୀର ପ୍ରତ୍ୟେକଟି ସଫଳତାର ପ୍ରେରଣାର ସ୍ରୋତ। ଚଳିତ ବର୍ଷ ମହାପ୍ରଭୁଙ୍କ କରୁଣାରୁ ପ୍ରତ୍ୟେକ ଶାଖାରେ ଅରୁନ୍ଧତୀ ଗହଣା ସହ ବାନ୍ଧ ଶାଢ଼ି ଅପୂର୍ବ ସମନ୍ୱୟ ଶୋଭାପାଉଛି। ନିଜ ଗ୍ରାହକଙ୍କୁ ସର୍ବଶ୍ରେଷ୍ଠ ସେବା ସହ ସର୍ବୋତ୍ତମ ଉତ୍ପାଦ ଯୋଗାଇବା ଅରୁନ୍ଧତୀ ଜୁଏଲର୍ସର ପ୍ରଥମ ପ୍ରାଥମିକତା ଓ ଏହା ଆଗାମୀ ଦିନରେ ମଧ୍ୟ ଜାରି ରହିବ ବୋଲି ପ୍ରତିଷ୍ଠାତା ଶ୍ରୀ ମେହେର କହିଛନ୍ତି।

### ଫରେନ୍ ଟ୍ରିପ୍ ମେଗା ଲକି ଡ୍ର'ରେ ୯ ଜଣଙ୍କୁ କୁପନ ପ୍ରଦାନ


ସୂଚନାଥାଉ କି, ରଜପରି ସିଜିନ୍-୭ରେ ୨୦୦୦ ଜଣ ପ୍ରତିଯୋଗୀ ଅଡିଶନ ରାଉଣ୍ଡରେ ଅଂଶଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରୁ ୩୫ ଜଣ ପ୍ରତିଯୋଗୀ ଫିନାଲେ ରାଉଣ୍ଡ ପାଇଁ ଯୋଗ୍ୟ ବିବେଚିତ ହୋଇଥିଲେ। ବିଜେତା ୩ ପ୍ରତିଯୋଗୀଙ୍କୁ ଯଥାକ୍ରମେ ୨୦ହଜାର, ୧୫ହଜାର ଏବଂ ୧୦ହଜାର ଟଙ୍କାର ଅର୍ଥ ରାଶି ପ୍ରଦାନ କରାଯାଇଥିଲା।

## ବିକାଶ ମେଳା ଉଦ୍‌ଯାପିତ



ପୁରୀ,୧୮।୬(ସମିସ): ଶରଧାବାଲିଠାରେ ଚାଲିଥିବା ସରକାରଙ୍କ ଏକ ବର୍ଷ ପୂର୍ତ୍ତିର ବିକାଶ ମେଳା ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଡ. ଶରତ ଚନ୍ଦ୍ର ମହାପାତ୍ର, ଅତିରିକ୍ତ ଜିଲ୍ଲାପାଳ (ପ୍ରୋଟୋକଲ) ନୀଳମାଧବ ଭୋଇ ଅତିଥି ଭାବେ ଯୋଗଦେଇ ସରକାରଙ୍କ ବିଭିନ୍ନ ବିକାଶମୂଳକ କାର୍ଯ୍ୟକ୍ରମର ସଫଳ ରୂପାୟଣ ସହ ଜନସଚେତନତା ସୃଷ୍ଟି ଏହି ବିକାଶ ମେଳାର ଲକ୍ଷ୍ୟ। ଏଥିସହ ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀର ମା'ମାନେ ପାରମ୍ପରିକ ଖାଦ୍ୟର ବିପଣୀ ଖୋଲି ଲୋକମାନଙ୍କୁ ସୁଖାଦ୍ୟ ପ୍ରଦାନ ସହ ନିଜ ବ୍ୟବସାୟକୁ ଆଗେଇ ନେବା ଏକ ଭଲ ସୂଚନା ବୋଲି କହିଥିଲେ। ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି ଏଥିରେ ଅଧ୍ୟକ୍ଷତା କରିବା ସହ ଗତ ୧୨ ତାରିଖଠାରୁ ଆରମ୍ଭ ହୋଇଥିବା ଏହି ମେଳାରେ ୫୦ଟି ଷ୍ଟଲ୍ ହୋଇଥିଲା। ଯେଉଁଥିରେ ୨୫ଟି ବିଭିନ୍ନ ବିଭାଗର ଷ୍ଟଲ୍ ଥିବାବେଳେ ୨୫ଟି ଖାଦ୍ୟ ଷ୍ଟଲ୍ ଥିଲା। ଏହା ଅତ୍ୟନ୍ତ ସଫଳ ଭାବେ ସମ୍ପନ୍ନ ହୋଇଥିବାରୁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ସୂଚନା ଓ ଲୋକ ସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା, ମିଶନ ଶକ୍ତି ଡିପିସି ସ୍ୱାଗତିକା ପରିଡ଼ା ପ୍ରମୁଖ ଯୋଗଦେଇଥିଲେ। ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ତନୁପ୍ରଭା ବେଉରା ଧନ୍ୟବାଦ ଅର୍ପଣ କରିଥିଲେ।

# ସମ୍ପାଦକୀୟ



ସଂଘର୍ଷ ବିହୀନ ଓ ଅପରୀକ୍ଷିତ ଜୀବନ ମୂଲ୍ୟହୀନ।
-ସକ୍ରେଟିସ୍

THE SAKALA

## ପ୍ରତୀକ୍ଷିତ ସୁମାରି

କରୋନା ମହାମାରୀର ପ୍ରତିକୂଳ ପରିବେଶରେ ୨୦୨୧ରେ ହେବାକୁ ଥିବା ଜନଗଣନା ଶେଷ ମୁହୂର୍ତ୍ତରେ ସ୍ଥଗିତ ରଖାଯାଇଥିଲା। ତେଣୁ ଦଶବର୍ଷର ବ୍ୟବଧାନରେ ହେବାକୁ ଥିବା ଜନଗଣନା ୧୬ ବର୍ଷ ପରେ ୨୦୨୭ ମାର୍ଚ୍ଚ ୧ରୁ ଆରମ୍ଭ ହେବାକୁ ଯାଉଛି। ଭୌଗୋଳିକ ଦୃଷ୍ଟିରୁ ପ୍ରତିକୂଳ ପରିସ୍ଥିତିର ସମ୍ମୁଖୀନ ହେଉଥିବା ବରଫାବୃତ୍ତ ଲଦାଖ, ଜାମ୍ମୁ-କାଶ୍ମୀର, ହିମାଚଳ ପ୍ରଦେଶ ଓ ଉତ୍ତରାଖଣ୍ଡରେ ଜନସୁମାରି ୨୦୨୬ ଅକ୍ଟୋବର ୧ରୁ ଆରମ୍ଭ ହେବ। ଗତ ସୋମବାର ଏଥିସକାଶେ କେନ୍ଦ୍ର ସରକାର ଗେଜେଟ୍ ବିଜ୍ଞପ୍ତି ଜାରି କରିଛନ୍ତି। ୧୯୪୮ ଜନଗଣନା ଆଇନ ଧାରା ୩ ଓ ୧୯୯୦ ନିୟମାବଳୀ ଭିତ୍ତିରେ ଏହି ଜନସୁମାରି କରାଯିବ। ଏହି ବିଜ୍ଞପ୍ତି ଜାରି ପରବର୍ତ୍ତୀ ସମୟଠାରୁ ପ୍ରଶାସନିକ ଆବଶ୍ୟକତା ଦୃଷ୍ଟିରୁ କୌଣସି ଥାନା, ଜିଲ୍ଲା, ତହସିଲ ପରିସର ବୃଦ୍ଧି କରାଯାଇପାରିବ ନାହିଁ।

ଆଗାମୀ ଜନଗଣନା ଏହି ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ଯେ ଜନସୁମାରି ସହିତ ଏକାସଙ୍ଗରେ ଜାତି ଗଣନା ହେବ। ପୁଣି ଏହି ଜନଗଣନା ଆଧାରରେ ସଂସଦ ଓ ବିଧାନସଭା ନିର୍ବାଚନମଣ୍ଡଳୀ ସୀମା ପୁନଃନିର୍ଦ୍ଧାରଣ ହେବାର ସମ୍ଭାବନା ରହିବ ଏବଂ ବିଧାନପାଳିକାରେ ମହିଳାଙ୍କ ସକାଶେ ୩୩ ପ୍ରତିଶତ ସଂରକ୍ଷଣ ପାଇଁ ବାଟ ଫିଟିବ। ଲୋକସଭା ଓ ବିଧାନସଭା ନିର୍ବାଚନମାନଙ୍କରେ ମହିଳାଙ୍କ ପାଇଁ ୩୩ ପ୍ରତିଶତ ଆସନ ସଂରକ୍ଷଣ ସୁବିଧା ପ୍ରଦାନ ସକାଶେ ସରକାରଙ୍କ ପକ୍ଷରୁ ଆଗତ ପ୍ରସ୍ତାବ ସଂସଦରେ ଗୃହୀତ ହୋଇଥିବା ବେଳେ ତାହାର କାର୍ଯ୍ୟକାରିତା ନେଇ ବିଭିନ୍ନ ମହଲରେ ସନ୍ଦେହ ଉଙ୍କି ମାରିଥିଲା। ସେତେବେଳେ ଯେଉଁମାନେ ଏହାକୁ ବିରୋଧ କରୁଥିଲେ ସେମାନେ ଆଇନର ଦାୟରେ ପଡ଼ି ମହିଳା ପ୍ରାର୍ଥୀ ଦେବାକୁ ବାଧ୍ୟ ହେବେ।

ସେହିଭଳି ଗତ ସାଧାରଣ ନିର୍ବାଚନରେ ବିରୋଧୀ ଦଳ ପକ୍ଷରୁ ଜାତିଭିତ୍ତିକ ଜନଗଣନାକୁ ଏକ ପ୍ରମୁଖ ପ୍ରସଙ୍ଗ କରାଯାଇଥିଲା। ଏପରିକି କେତେକ ବିରୋଧୀ ଦଳ ଶାସିତ ରାଜ୍ୟରେ ଜାତିଭିତ୍ତିକ ଜନସୁମାରି ମଧ୍ୟ କରାଯାଇଛି। ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଜାତିଆଣ ରାଜନୀତିକୁ ବଳ ଦେବା ପାଇଁ ଏ ଦିଗରେ ଉଦ୍ୟମ କରି ଯେଉଁ ଜନମତ ସୃଷ୍ଟି କରିଥିଲେ ତାହାର ପ୍ରଭାବ ମଧ୍ୟ ଗତ ଲୋକସଭା ନିର୍ବାଚନରେ ଅନୁଭୂତ ହୋଇଥିଲା। ଜାତି ଆଧାରରେ ଜନଗଣନା ଦାବିକୁ ଭିତ୍ତି କରି ଜାତୀୟ ରାଜନୀତିରେ ସୃଷ୍ଟି ହୋଇଥିବା ବିବଦମାନ ପରିସ୍ଥିତିର ଅବସାନ ପାଇଁ ଏହା ସପକ୍ଷରେ ସରକାରଙ୍କୁ ନିଷ୍ପତ୍ତି ନେବାକୁ ପଡ଼ିଥିଲା। ତେଣୁ ଜନଗଣନା ବିଜ୍ଞପ୍ତିର ଯଥେଷ୍ଟ ପୂର୍ବରୁ (ଏପ୍ରିଲ୍ ୩୦)ରେ କେନ୍ଦ୍ର ମନ୍ତ୍ରିମଣ୍ଡଳର ରାଜନୈତିକ ବ୍ୟାପାର କମିଟି ବୈଠକରେ ପ୍ରସ୍ତାବ ଅନୁମୋଦନ ଲାଭ କରିଥିଲା। ତେବେ ଏହାର ଆଧାରଶିଳାକୁ ନେଇ ବିଭିନ୍ନ ମହଲରେ ମତଭେଦ ଜାରି ରହିଛି। ଜାତି ଆଧାରରେ ଜନଗଣନା ଓ ତାହା ଭିତ୍ତିରେ ସଂରକ୍ଷଣ ସୁବିଧା ପ୍ରଦାନକୁ ନେଇ ପୁଣି ଯେ ବିବାଦ ମୁଣ୍ଡ ନ ଟେକିବ ଏ କଥା ନୁହେଁ। ମଣ୍ଡଳ ଆନ୍ଦୋଳନରୁ ସୃଷ୍ଟି ହୋଇଥିବା ଭୟଙ୍କର ପରିସ୍ଥିତି ଏବେ ବି ମନରୁ ଲିଭିନାହିଁ।

ଅନ୍ୟ ଏକ ଦିଗ ହେଲା, ଜନଗଣନା ରିପୋର୍ଟ ଭିତ୍ତିଭୂମିରେ ଲୋକସଭା ନିର୍ବାଚନ ମଣ୍ଡଳୀ ସୀମା ପୁନଃ ନିର୍ଦ୍ଧାରଣ କରାଯିବାର ଯେଉଁ ସୁଯୋଗ ରହିଛି ତାହାକୁ ଭିତ୍ତି କରି ପୁଣି ଏକ ବିଭାଜନର ସୀମାରେଖା ଟାଣିଲା ଭଳି ପରିସ୍ଥିତି ଉପୁଜିବ। ଏଥିମଧ୍ୟରେ ଏହାର ପ୍ରାକ୍ ସୂଚନା ମିଳିସାରିଲାଣି। ଗୋଟିଏ ପକ୍ଷରେ ଦେଶର ଜନବିସ୍ଫୋରଣକୁ ରୋକିବା ପାଇଁ ସରକାରୀ କାର୍ଯ୍ୟକ୍ରମକୁ ସଫଳ କରିଥିବା ରାଜ୍ୟ ସମୂହ ଏବଂ ଅନ୍ୟପକ୍ଷରେ ଅନିୟନ୍ତ୍ରିତ ଜନସଂଖ୍ୟା ବୃଦ୍ଧି ଘଟାଇଥିବା ଅନଗ୍ରସର ରାଜ୍ୟ। ସଂସଦରେ ପ୍ରତିନିଧିତ୍ୱ ବୃଦ୍ଧି ଓ ହ୍ରାସ ଭଳି ଗୁରୁତ୍ୱପୂର୍ଣ୍ଣ ରାଜନୈତିକ ପ୍ରସଙ୍ଗ ମୁଣ୍ଡ ଟେକିବା ଏକପ୍ରକାର ଥୟ। ଏନ୍‌ଡିଏ ସରକାର ପ୍ରମୁଖ ସହଯୋଗୀ ଆନ୍ଧ୍ର ମୁଖ୍ୟମନ୍ତ୍ରୀ ଚନ୍ଦ୍ରବାବୁ ନାଇଡୁ ନିକଟରେ ଏହି ସମ୍ଭାବନା ବିରୋଧରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। କାରଣ ତାଙ୍କ ରାଜ୍ୟ ମଧ୍ୟ ଏହି ଫର୍ମୁଲାରେ କ୍ଷତିଗ୍ରସ୍ତ ହେବ। ଅଥଚ କ୍ଷମତା ରାଜନୀତିର ସମ୍ଭାବନା ଦୃଷ୍ଟିରୁ ନିର୍ବାଚନ ମଣ୍ଡଳୀ ପୁନଃନିର୍ଦ୍ଧାରଣ ପ୍ରସଙ୍ଗରେ କେନ୍ଦ୍ରରେ କ୍ଷମତାସୀନ ସରକାର ସାଲିସ୍ କରିବା ପ୍ରଶ୍ନ ଉଠୁନାହିଁ।

ଏ କଥା ଅସ୍ୱୀକାର କରିବାର ନାହିଁ ଯେ ଗଣତାନ୍ତ୍ରିକ ବ୍ୟବସ୍ଥାରେ ଜନସଂଖ୍ୟା ଅନୁପାତରେ ପ୍ରତିନିଧିତ୍ୱ ଅଧିକାରକୁ ଏଡ଼ାଇ ଯିବା ସମ୍ଭବ ନୁହେଁ। କିନ୍ତୁ ସମୟର ଆବ୍ୟଶ୍ୟକତା ଦୃଷ୍ଟିରୁ ସମୃଦ୍ଧିର ଦିଗ ନିର୍ଣ୍ଣୟ କରିବାରେ ଅସଫଳ ରାଜ୍ୟକୁ ଅଧିକ ପ୍ରତିନିଧିତ୍ୱ ସୁଯୋଗ ଦେବା କେତେଦୂର ସମୀଚୀନ ତାହା ମଧ୍ୟ ବିଚାର୍ଯ୍ୟ। ଯଦି ଆଶଙ୍କା ଅନୁରୂପ ସୀମା ପୁନଃନିର୍ଦ୍ଧାରଣ ବେଳେ ଜନସଂଖ୍ୟାର ଘନତ୍ୱ ଗୁରୁତ୍ୱ ଲାଭ କରିବ ତେବେ ସରକାର ଗଠନରେ ସଂଖ୍ୟା ରାଜନୀତି ପୁଣି ପ୍ରଭାବ ବିସ୍ତାର କରିବ। ଏହି ବିବଦମାନ ପ୍ରସଙ୍ଗକୁ ଯଥାସମ୍ଭବ ଦୂରେଇ ରଖିବା ପାଇଁ ୧୯୭୧ ମସିହାରୁ ଲୋକସଭା ଆସନ ସଂଖ୍ୟା ଅପରିବର୍ତ୍ତିତ ରଖିବାକୁ ଅତୀତର ସରକାରମାନେ ବାଧ୍ୟ ହୋଇଛନ୍ତି। ଆଗାମୀ ଜନଗଣନା ପରେ କେନ୍ଦ୍ର ସରକାରଙ୍କ ଆଗରେ ଏହିସବୁ ଆହ୍ୱାନ ସୃଷ୍ଟି ହେବ।

ଦୁଇଟି ପର୍ଯ୍ୟାୟରେ ଅନୁଷ୍ଠିତ ହେବାକୁ ଥିବା ଆଗାମୀ ଜନଗଣନା ପାଇଁ କେନ୍ଦ୍ରୀୟ ବଜେଟ୍‌ରେ ୩, ୭୬୮ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି। ପ୍ରଥମ ପର୍ଯ୍ୟାୟରେ ବାସଗୃହ ଗଣତି ଓ ଦ୍ୱିତୀୟ ପର୍ଯ୍ୟାୟରେ ଲୋସଂଖ୍ୟା ଗଣତି କରାଯିବ। ଏଥିରେ ପରିବାର ଓ ବ୍ୟକ୍ତିଗତ ସମ୍ପତ୍ତି, ଆୟ, ଆୟର ଉତ୍ସ, ଜାତି, ଉପଜାତି ଏବଂ ସାମାଜିକ ଓ ସାଂସ୍କୃତିକ ଦିଗ ସମ୍ପର୍କରେ ତଥ୍ୟ ରହିବ। ଜନଗଣନା ପରିଚାଳନା ସକାଶେ ୩୪ ଲକ୍ଷ ତଥ୍ୟ ସଂଗ୍ରାହକ ଓ ତଦାରଖକାରୀଙ୍କୁ ନିଯୁକ୍ତି ଦିଆଯିବ ଏବଂ ୧.୩ ଲକ୍ଷ ଜନଗଣନା ଅଧିକାରୀ ସମ୍ପୃକ୍ତ ରହିବେ। ଆମ ଦେଶରେ ସ୍ୱାଧୀନତା ପୂର୍ବରୁ ୧୮୮୧ ରୁ ଜନଗଣନା କରାଯାଉଛି। ସେହି ଆଧାରରେ ସମ୍ପ୍ରତି ଜନଗଣନା ବିଜ୍ଞପ୍ତି ଷୋଡ଼ଶ ହୋଇଥିଲେ ମଧ୍ୟ ସ୍ୱାଧୀନତା ପରେ ଆମ ସରକାରଙ୍କ ଦ୍ୱାରା ପରିଚାଳିତ ଏହା ଅଷ୍ଟମ ସଂସ୍କରଣ।

# ଓଡ଼ିଶାର ଅସ୍ମିତା ଓ ବିକାଶର ସ୍ୱପ୍ନ କେତେ ବାସ୍ତବ?

**ରାମ ନାରାୟଣ ମିଶ୍ର**

ଦୀର୍ଘ ଚବିଶବର୍ଷର ବିଜେଡି ସରକାର ପରେ ଏବେ ବିଜେପି ସରକାର ରାଜ୍ୟ ଶାସନ ଡଙ୍ଗାର ମଙ୍ଗୁଆଳ ସାଜିଛନ୍ତି। ନିର୍ବାଚନ ବେଳେ ଓଡ଼ିଶାର ଅସ୍ମିତାକୁ ନେଇ ରାଜନୈତିକ ଦଳମାନଙ୍କ ଭିତରେ ବାଦାନୁବାଦ ଚାଲିଥିଲା ବେଳେ ଏହାକୁ ଆୟୁଧ କରି ସେମାନେ ନିର୍ବାଚନ ରଣକ୍ଷେତ୍ରକୁ ଓହ୍ଲାଇଥିଲେ। ରାଜ୍ୟର ସାଢ଼େଚାରିକୋଟି ଲୋକଙ୍କୁ ରାଜ୍ୟର ଅସ୍ମିତା ଓ ସ୍ୱାଭିମାନ ରକ୍ଷା ସହିତ ସାମୂହିକ ବିକାଶ ନିମନ୍ତେ ଡବଲ ଇଞ୍ଜିନ୍ ସରକାର ଅନେକ ପ୍ରତିଶ୍ରୁତି ଦେଇଛନ୍ତି। ଶାସନଭାର ହାତକୁ ନେବା ମାତ୍ରେ ଓଡ଼ିଶାର ଇଷ୍ଟ ପ୍ରଭୁ ଜଗନ୍ନାଥଙ୍କ ନିର୍ବିଘ୍ନରେ ଦର୍ଶନ ପାଇଁ ଶ୍ରୀମନ୍ଦିରର ଚାରିଦୁଆର ଖୋଲିଦେଲେ। ରତ୍ନଭଣ୍ଡାର ଖୋଲିଦେବା ସହ ଏହାର ମରାମତି କାମକୁ ହାତକୁ ନେଲେ। କିନ୍ତୁ ସେ କାମ ଏବେ ବି ଅଧୁରା, ଭକ୍ତଙ୍କୁ ସୁବିଧାରେ ଦର୍ଶନ ମିଳିବାରେ ଅନେକ ବାଧା।

ସାଧାରଣଲୋକଙ୍କ ସୁବିଧା ଅସୁବିଧା ବୁଝିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ ଖୋଲିଲା ଏବଂ ହଜାର ହଜାର ସଂଖ୍ୟାରେ ଅଭିଯୋଗପତ୍ର ନିଜେ ମୁଖ୍ୟମନ୍ତ୍ରୀ ଲୋକଙ୍କ ହାତରୁ ଗ୍ରହଣ କଲେ। ସେଗୁଡ଼ିକ ଉପରେ କି କାର୍ଯ୍ୟାନୁଷ୍ଠାନ ନିଆଗଲା, ତା' ଜାଣିବା ତ ସମ୍ଭବ ନୁହେଁ। ଏବେ ପ୍ରାୟ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ପ୍ରକୋଷ୍ଠ ତାଙ୍କର ବିଭିନ୍ନ କାର୍ଯ୍ୟବ୍ୟସ୍ତତା ଯୋଗୁଁ ବନ୍ଦ ରହୁଛି। ଏହି କାମଟି ଅବିରତ ଚାଲୁ ରଖିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ଅନୁପସ୍ଥିତିରେ ଦୁଇ ଉପମୁଖ୍ୟମନ୍ତ୍ରୀ ଅବା ଅନ୍ୟ ଜଣେ ଭାରପ୍ରାପ୍ତ ମନ୍ତ୍ରୀ କ'ଣ ଦାୟିତ୍ୱ ନେଇ ପାରି ନ ଥା'ନ୍ତେ? ରଣ କରି ଘିଅ ଖାଇବାରେ ଏବର ସରକାର ଏତେ ତତ୍ପର ଯେ ରାଜ୍ୟର ବିକାଶ ନାମରେ ଏପରି ଖର୍ଚ୍ଚମାନ କରୁଛନ୍ତି, ଯଦ୍ୱାରା ମୁଣ୍ଡପିଛା ରଣଭାର ବଢ଼ି ଚାଲିଛି। ଆତ୍ମପ୍ରଚାର ନିମନ୍ତେ ପ୍ରତିଦିନ ଅଯଥାରେ କୋଟି କୋଟି ଟଙ୍କାର ବିଜ୍ଞାପନ ଜନିତ ବ୍ୟୟ କରାଯାଉଛି। ଅନାବଶ୍ୟକ ଆଭ୍ୟନ୍ତରୀଣ ଗସ୍ତ ଖର୍ଚ୍ଚ କମୁନାହିଁ। ଯେଉଁକାମ ସ୍ଥାନୀୟ ସରକାରୀ କର୍ମଚାରୀ ବା ଲୋକପ୍ରତିନିଧି ଅନାୟାସରେ କରିପାରନ୍ତେ, ତା'କୁ ରାଜଧାନୀରୁ ମନ୍ତ୍ରୀ, ଅଧିକାରୀମାନେ ଯାଇ ଶିଳାନ୍ୟାସ ବା ଉଦ୍ଘାଟନ କରି ବାହାବା ନେଉଛନ୍ତି।

ଏବେ ବିଜେପି ସରକାର ବିଗତ ସରକାର ଅମଳରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନାର ନାମ ଓ ରଙ୍ଗ ବଦଳେଇବା ଆରମ୍ଭ କରିଛନ୍ତି। ଏଥିରେ କେବଳ ଦଳୀୟ ସ୍ୱାର୍ଥ ଛଡ଼ା ସାଧାରଣ ଲୋକଙ୍କର କିଛି ଲାଭ ହେଲା କି? ବିଜେପି ସରକାର ଏବେ ନୂଆ ନୂଆ ଯୋଜନା ଓ ପ୍ରତିଶ୍ରୁତି ଗଣମାଧ୍ୟମରେ ଉପସ୍ଥାପନ କରିବା ସହିତ ୨୦୩୬ ବେଳକୁ ନୂଆ ବିକଶିତ ଓଡ଼ିଶାର ସ୍ୱପ୍ନ ଦେଖାଇବା ଆରମ୍ଭ କଲେଣି। ଭଲ କଥା, କିନ୍ତୁ ସେ ସବୁକୁ ଏବେଠାରୁ ନେଇ ଆଣି ଥୋଇ ପାରିବାର ବ୍ୟବସ୍ଥା ନ କଲେ ସେଇ ନଥିପତ୍ର ଭିତରେ ରହି ଉଇ ଚରିଯିବ, ଯାହା ଆଗରୁ ଅନେକବାର ହୋଇଛି। କଥାରେ ଅଛି, କାଲି କାମ ଆଜି କର ଆଉ ଆଜି କାମ ଏବେ କର। ଓଡ଼ିଶାର ଯେଉଁ ବରପୁତ୍ରମାନେ ଓଡ଼ିଶାର ଅସ୍ମିତା ଓ ସ୍ୱାଭିମାନ ପାଇଁ ନିଜକୁ ଉତ୍ସର୍ଗକରି ଦେଶର ସ୍ୱାଧୀନତା ଆଣିବା ସହିତ ଆମକୁ ଭାଷାଭିତ୍ତିକ ରାଜ୍ୟଟିଏ ଦେଇଗଲେ, ସେମାନଙ୍କ ଭିତରୁ ଜଣେ ବି ଏ ଯାଏଁ 'ଭାରତରତ୍ନ' ସମ୍ମାନରେ ସମ୍ମାନିତ ହୋଇପାରିଲେ ନାହିଁ। ଏଥିରେ ଆମ ରାଜ୍ୟର ଅସ୍ମିତା କ୍ଷୁଣ୍ଣ ହେଉନି କି? ଏହାଠାରୁ ଦୁଃଖର କଥା ଆଉ କ'ଣ ହୋଇପାରେ?

ଓଡ଼ିଶାର ଯୋଗ୍ୟ ସନ୍ତାନ ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ ସମୃଦ୍ଧ ଓଡ଼ିଶା ଗଠନ ପାଇଁ ଅନେକ ପଦକ୍ଷେପ ନେଇ ଓଡ଼ିଶାରେ ଶିଳ୍ପ ବିପ୍ଳବର ମୂଳଦୂଆ ସ୍ଥାପନ କରିଥିଲେ। ଉତ୍କଳଗୌରବ ମଧୁସୂଦନ ଓ ଉତ୍କଳମଣି ଗୋପବନ୍ଧୁଙ୍କର ସେ ପ୍ରକୃତ ଦାୟାଦ ଥିଲେ ବୋଲି ଆମେ କହିବାରେ କିଛି ଭୁଲ୍ ହେବନି। ସେତେବେଳର ଓଡ଼ିଶାରେ ଶିଳ୍ପ ବିକାଶ ଉତ୍ତୁଙ୍ଗ ଶିଖରକୁ ଛୁଇଁ ପାରିଥିଲା। ପାରାଦୀପ ବନ୍ଦର, ରାଉରକେଲା ଇସ୍ପାତ ଓ ସାର କାରଖାନା, ହୀରାକୁଦ ଡ୍ୟାମ, ବଡ଼ମ୍ବା ଓ ବରଗଡ଼ ଚିନି କାରଖାନା, ଓଡ଼ିଶା ଟେକ୍ସଟାଇଲ ମିଲ୍, କୋଣାର୍କ ଟେଲିଭିଜନକୁ କେହି ଭୁଲିପାରିବେ କି? ସରକାର ବଦଳିଗଲା ବୋଲି ତାଙ୍କ ଅବଦାନକୁ ଭୁଲିଯିବା ଅପରାଧରେ ଗଣାହେବ। ଓଡ଼ିଶା ପ୍ରଶାସନକୁ ତୃଣମୂଳ ସ୍ତରରେ ପହଞ୍ଚାଇବା ପାଇଁ ସେ ୧୩ଟି ଜିଲ୍ଲାରୁ ୩୦ଟି ଜିଲ୍ଲା ଗଠନ କରିଥିଲେ। ତାଙ୍କର ସେଇ ମହତ୍ ଉଦ୍ଦେଶ୍ୟ ଏବେ ପୂରଣ ହୋଇ ପାରୁଥିଲା ପରି ମନେ ହେଉନାହିଁ।

ଜିଲ୍ଲାମାନଙ୍କରେ ନିୟୋଜିତ ହଜାର ହଜାର ସରକାରୀ କର୍ମଚାରୀଙ୍କ ବେତନ ବାବଦରେ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଥିଲା ବେଳେ ଅଧ୍ୟୁଷିତ ଅଞ୍ଚଳରେ ବାସ କରୁଥିବା ସାଧାରଣ ଲୋକମାନଙ୍କର ସେମାନେ ଆସ୍ଥାଭାଜନ ହୋଇପାରୁ ନାହାନ୍ତି। କାରଣ ସେମାନଙ୍କ ସୁଖ ସୁବିଧା ଦେଖିବା ବଦଳରେ ଅନେକ ନିଜର ସୁଖ ସୁବିଧାକୁ ଅଧିକ ଶ୍ରେୟ ମନେ କରୁଛନ୍ତ। ପୋଲଭରମ୍ ନିମନ୍ତେ ଆମ ରାଜ୍ୟର ଅପୂରଣୀୟ କ୍ଷତି ହେବାକୁ ବସିଛି। ଛତିଶଗଡ଼ ଆମ ରାଜ୍ୟର ଜୀବନଧାରା ମହାନଦୀରେ ଏକାଧିକ ବ୍ୟାରେଜ୍ ନିର୍ମାଣ କରିବା ଫଳରେ ମହାନଦୀ ଓ ତା' ଶାଖାନଦୀର ଶଯ୍ୟାମାନ ବର୍ଷସାରା ଶୁଖିଲା ପଡୁଛି। ଶାସ୍ତ୍ରୀୟ ମାନ୍ୟତା ପ୍ରାପ୍ତ ଆମର ମାତୃଭାଷା ଓଡ଼ିଆକୁ ଏବେ ବି ଓଡ଼ିଶାର ବିଚ୍ଛିନ୍ନାଞ୍ଚଳରେ ବାସ କରୁଥିବା ଓଡ଼ିଆ ଭାଇଭଉଣୀ ମାନେ ଶିକ୍ଷା କରିବାର ମୌଳିକ ଅଧିକାରରୁ ବଞ୍ଚିତ।

ପ୍ରତିଦିନ ଖବରକାଗଜମାନଙ୍କରେ ପ୍ରକାଶ ପାଉଥିବା ବିଭିନ୍ନ ଅଞ୍ଚଳର ସମସ୍ୟାବହୁଳ ଅନେକ ବାସ୍ତବ ବିକଳ ଚିତ୍ରମାନ ଶାସନକଳର ଦୃଷ୍ଟିକୁ ଆସୁଥିଲା ପରି ମନେ ହେଉନାହିଁ। ରୋଗୀ ବଣଜଙ୍ଗଲର ଦୁର୍ଗମ ରାସ୍ତାରେ ଖଟିଆ-ଭାରରେ ଡାକ୍ତରଖାନାକୁ ଆସିବା, ପିଇବାପାଣି ପାଇଁ କେତେ କିଲୋମିଟର ବାଟ ଚାଲି ଚାଲି ଯିବା, ଅନାହାରରେ ଆମ୍ବଟାକୁଆ ଜାଉ ଖାଇବା, ଛାତ୍ରଛାତ୍ରୀମାନେ ବିପଦସଙ୍କୁଳ ଭରାନଦୀରେ ପଶି ପାରିହେବା, ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର, ଫର୍ମାସିଷ୍ଟ ନଥିବା ଯୋଗୁଁ ରୋଗୀ ହନ୍ତସନ୍ତ ହେବା, ସୁଲଭ ଦରରେ ବିହନ, ସାର ଓ ଅନ୍ୟାନ୍ୟ କୃଷି ସାମଗ୍ରୀ ପାଇବା ପାଇଁ ଚାଷୀଭାଇ ଅସୁବିଧାରେ ପଡ଼ିବା - ଏମିତି ଅଗଣିତ ସମସ୍ୟାର ଜାଲରେ ପଡ଼ି ଛଟପଟ ହେଉଥିବା ଲୋକଙ୍କ ପାଇଁ ସରକାରଙ୍କ ଭୂମିକା କ'ଣ କିଛି ନାହିଁ?

ଏବେ ରାଜ୍ୟରେ ଦାଦନ ସମସ୍ୟା ଦିନକୁ ଦିନ ଉତ୍କଟ ହେବାରେ ଲାଗିଛି। କାମ ନପାଇ ଲୋକେ ବାହାରକୁ ଯାଇ ଯାହା ତ ରୋଜଗାର କରୁଛନ୍ତି, ତହିଁରେ ଅତ୍ୟାଚାରିତ ଓ ମୃତ୍ୟୁର ଶିକାର ହେଉଛନ୍ତି। ଚାଷୀ ଭାଇଙ୍କ ଦୁଃଖ କେବେ ଲାଘବ ହେବ ସେ କଥା ସରକାରଙ୍କୁ ଜଣା। ଅଭାବୀ ବିକ୍ରୀ ସହିତ ଫସଲ ସାଇତି ରଖିବାର ଘୋର ଅସୁବିଧା ପାଇଁ ସେମାନେ କି ହଇରାଣ ହରକତ ହେଉଛନ୍ତି ସେ କଥା ସମସ୍ତେ ଜାଣୁଥିଲେ ବି ପ୍ରତିକାର ବ୍ୟବସ୍ଥା ହୋଇ ପାରୁନାହିଁ। ଶୀତଳ ଭଣ୍ଡାର ନିର୍ମାଣ ଘୋଷଣା ପରେ ପୂରାପୁରି ଶିଥିଳ ପଡ଼ିଯାଇଛି।

ଏଣୁ ହେ ସରକାର! ୨୦୩୬ ବିକଶିତ ଓଡ଼ିଶାର ସ୍ୱପ୍ନ ଦେଖନ୍ତୁ, ମନା ନାହିଁ। କିନ୍ତୁ ବର୍ତ୍ତମାନ ସରକାରର ଅବଧି ଆଉ ଚାରିବର୍ଷ ଆଖିର ପଲକରେ ଚାଲିଯିବ। ତେବେ ସେଇ ସ୍ୱପ୍ନରୁ କିଛିଟା ସାକାର କରିବାକୁ ଚେଷ୍ଟାକରିବା ନିମନ୍ତେ ଏବେଠାରୁ ମନ୍ତ୍ରୀ, ନେତା ଓ ରାଜ୍ୟସ୍ତରୀୟ ପଦାଧିକାରୀମାନେ ପ୍ରତି ମାସରେ ଅନ୍ତତଃ ଗୋଟିଏ ଜିଲ୍ଲାରେ ସାତଦିନ ରହଣି କରି ସେ ଜିଲ୍ଲାର କୋଣ ଅନୁକୋଣର ସୁବିଧା ଅସୁବିଧାକୁ ହୃଦୟଙ୍ଗମ କରନ୍ତୁ। ସମୀକ୍ଷା କରନ୍ତୁ ଏବଂ ସେ ସବୁର ଆଶୁ ସମାଧାନ ପାଇଁ ଚେଷ୍ଟା କରନ୍ତୁ। ଏ ପ୍ରକ୍ରିୟା ସେତେଦିନ ଯାଏଁ ଚାଲୁ ରହୁ, ଯେତେବେଳେ ପର୍ଯ୍ୟନ୍ତ ରାଜ୍ୟର ସାଧାରଣ ଲୋକଟିର ମୁହଁରେ ସନ୍ତୋଷର ଆଭା ଫୁଟି ଉଠି ନଥିବ।

ଭୁବନେଶ୍ୱର, ମୋ: ୭୯୭୮୪୬୬୪୧୫

# ଚିକିତ୍ସା ବିଜ୍ଞାନ ବନାମ ଆଧ୍ୟାତ୍ମିକତା

**ଡାକ୍ତର ନିତ୍ୟାନନ୍ଦ ସ୍ୱାଇଁ**

ଅସୁସ୍ଥ ବ୍ୟକ୍ତି ଡାକ୍ତରଙ୍କ ନିକଟକୁ ଯାଇଥା'ନ୍ତି ନିଜର ରୋଗ ଉପଶମ ପାଇଁ। ରୋଗ ନିର୍ଣ୍ଣୟ ପାଇଁ ଡାକ୍ତର ରୋଗୀକୁ ନାନା ପ୍ରଶ୍ନ ପଚାରିଥା'ନ୍ତି ରୋଗ ସଂପର୍କରେ। କିନ୍ତୁ ସେ କ'ଣ ଜାଣିବାକୁ ଚାହିଁଥା'ନ୍ତି ଯେ ରୋଗୀ ଆସ୍ତିକ କି ନାସ୍ତିକ? ମନ୍ଦିର କି ମସ୍‌ଜିଦ୍ କିମ୍ବା ଚର୍ଚ୍ଚ ଯା'ନ୍ତି କି ନା? ଯୋଗ ଦିଅନ୍ତି କି ନା ପ୍ରାର୍ଥନା ସଭାରେ? ଯୋଗ, ଧ୍ୟାନ ଇତ୍ୟାଦି କରିବାର ଅଭ୍ୟାସ ଅଛି କି ନାହିଁ? ରୋଗୀକୁ ଏହି ପ୍ରକାରର ପ୍ରଶ୍ନ ପଚାରିବା ବିତର୍କିତ। କାରଣ ଧର୍ମାଚରଣ କିମ୍ବା ବିଶ୍ୱାସ-ଅବିଶ୍ୱାସ ରୋଗୀର ବ୍ୟକ୍ତିଗତ ବ୍ୟାପାର। ସେ ବିଷୟରେ ପ୍ରଶ୍ନ ପଚାରିବା କ'ଣ ରୋଗୀର ବ୍ୟକ୍ତିଗତ ସ୍ୱାଧୀନତା ଉପରେ ହସ୍ତକ୍ଷେପ ନୁହେଁ? ତା'ଛଡ଼ା ରୋଗୀକୁ ସେସବୁ ପ୍ରଶ୍ନ ପଚାରିବା କ'ଣ ଚିକିତ୍ସା ଶାସ୍ତ୍ର ଅନୁମୋଦିତ? ଯେଉଁ ଚିକିତ୍ସାବିଦ୍ୟା ବିଜ୍ଞାନ ଭାବରେ ଗଣ୍ୟ, ତାହା ଧର୍ମକୁ କାହିଁକି ଆମନ୍ତ୍ରଣ ଜଣେଇବ?

ମଣିଷର ସ୍ୱାସ୍ଥ୍ୟ ଉପରେ କିନ୍ତୁ ଧର୍ମର ପ୍ରଭାବ ନାନା ଭାବରେ ରହିଛି ବୋଲି କହିଛନ୍ତି ପେନ୍‌ସିଲ୍‌ଭାନିଆ ବିଶ୍ୱବିଦ୍ୟାଳୟର ଅଧ୍ୟାପକ ତଥା ସ୍ନାୟୁ ବିଜ୍ଞାନୀ ଆନଣ୍ଡ୍ରୁ ନିଉବର୍ଗ। ସହକର୍ମୀ ସ୍ନାୟୁ ବିଜ୍ଞାନୀ କାର୍ମ ରବର୍ଟ ଓୟାଲ୍ଡମ୍ୟାନ୍‌ଙ୍କ ସଙ୍ଗେ ମିଳିତ ଭାବେ ନିଉବର୍ଗ ଲେଖିଛନ୍ତି ସାଢ଼େ ତିନିଶହ ପୃଷ୍ଠାର ଖଣ୍ଡେ ବହି। ବହିଟିର ନାଁ 'ହାଓ ଗଡ୍ ଚେଞ୍ଜେସ୍ ଇୟୋର୍ ବ୍ରେନ୍: ବ୍ରେକ୍ ଥ୍ରୁ ଫାଇଣ୍ଡିଙ୍ଗସ୍ ଫ୍ରମ୍ ଏ ଲିଡିଂ ନିଉରୋସାଇଣ୍ଟିଷ୍ଟ।' ଉଦ୍ଦେଶ୍ୟ ପ୍ରାର୍ଥନା କିମ୍ବା ଧ୍ୟାନ ଭଳି ଧର୍ମାଚରଣର ସହିତ ସୁସ୍ୱାସ୍ଥ୍ୟର ସମ୍ପର୍କ ନିର୍ଣ୍ଣୟ। ଧର୍ମ ବିଶ୍ୱାସ ସଙ୍ଗେ ସ୍ୱାସ୍ଥ୍ୟର ସମ୍ପର୍କ ବିଷୟରେ ଆହୁରି ଖଣ୍ଡେ ବହି 'ମେଡିସିନ, ରିଲିଜିୟନ ଆଣ୍ଡ ହେଲ୍‌ଥ' ଶୀର୍ଷକରେ ପ୍ରକାଶିତ ହୋଇଛି। ଡିଉକ୍ ବିଶ୍ୱବିଦ୍ୟାଳୟର 'ସେଣ୍ଟର ଫର ସ୍ପିରିଚୁଆଲିଟି, ଥିୟୋଲୋଜି ଆଣ୍ଡ ହେଲ୍‌ଥ' କେନ୍ଦ୍ରର ନିର୍ଦ୍ଦେଶକ ହ୍ୟାରଲ୍ଡ କୋନିଗ୍ ଏହି ପୁସ୍ତକର ରଚୟିତା। ବ୍ୟାଧି ଉପଶମରେ ଔଷଧ ସହିତ ଆଧ୍ୟାତ୍ମିଚିନ୍ତନର ଉପଯୋଗ କିପରି ଭାବରେ କରିବେ ଚିକିତ୍ସକମାନେ ସେହି ବିଷୟରେ ସେ ପୁସ୍ତକଟିରେ ପରାମର୍ଶ ଦେଇଛନ୍ତି। 'ହାଓ ଗଡ୍ ଚେଞ୍ଜେସ୍ ଇୟୋର ବ୍ରେନ୍' ବହିଟିରେ ନିଉବର୍ଗ ଓ ଓୟାଲ୍ଡମ୍ୟାନ୍ ଜଣେଇଛନ୍ତି ସେମାନଙ୍କର ଏକାଧିକ ପରୀକ୍ଷା ଏବଂ ସମୀକ୍ଷାର କଥା। ସେମାନଙ୍କ ନିକଟକୁ ଚିକିତ୍ସା ପାଇଁ ଆସିଥିବା ଶତାଧିକ ରୋଗୀଙ୍କ ଉପରେ ବିଶେଷ ପରୀକ୍ଷା ନିରୀକ୍ଷା କରି ସେମାନେ ଜାଣିପାରିଛନ୍ତି ଯେ ଧ୍ୟାନ, ପ୍ରାର୍ଥନା ଓ ଭଜନ କରୁଥିବା ବେଳେ ମଣିଷ ମସ୍ତିଷ୍କର ଫ୍ରଣ୍ଟାଲ୍ ଲୋବ ଅଂଶଟି ପ୍ରଥମେ ଜଡ଼ିତ ହୋଇପଡ଼େ। ଗଭୀର ଭାବରେ ମଗ୍ନ ରହିଥିବା ଅବସ୍ଥାରେ କ୍ରିୟାଶୀଳ ହୋଇଥାଏ ମସ୍ତିଷ୍କର ପାରିଏଟାଲ୍ ଲୋବ୍ ନାମକ ଅଂଶଟି। ଯେଉଁମାନେ ୧୦-୧୫ ବର୍ଷ ଧରି ଲଗାତାର ଧ୍ୟାନ, ପ୍ରାର୍ଥନା ଇତ୍ୟାଦିରେ ରତ ରହିଥିଲେ ସେମାନଙ୍କ ମସ୍ତିଷ୍କର ଫ୍ରଣ୍ଟାଲ୍ ଲୋବ୍ ତୁଳନାତ୍ମକ ଭାବେ ସ୍ଫୀତ ହୋଇଯାଇଥିଲା। ପୁଣି ଆଧ୍ୟାତ୍ମବାଦୀଙ୍କ ମସ୍ତିଷ୍କର ଥାଲାମସ୍ ଅଂଶଟି ବି ଭିନ୍ନ ଥିବା ସେମାନେ ଗବେଷଣାରୁ ଜାଣିପାରିଲେ।

ସାଧନା-ଭଜନକୁ କେତେ କାଳ ଧରି କଲେ ମସ୍ତଷ୍କରେ ଏସବୁ ପରିବର୍ତ୍ତନ ଘଟେ? ଏହି ପ୍ରଶ୍ନର ଉତ୍ତରରେ 'ହାଓ ଗଡ୍ ଚେଞ୍ଜେସ ଇୟୋରବ୍ରେନ' ବହିଟିରେ ଜଣେ ରୋଗୀଙ୍କ କଥା ଉଲ୍ଲେଖ କରିଛନ୍ତି ନିଉଗର୍ବ ଓ ଓୟାଲ୍ଡମ୍ୟାନ୍। ଏକଦା ପେସାରେ ମେକାନିକ୍ ଥିବା ଗାସ ନାମଧାରୀ ରୋଗୀଟିଏ ଆସିଲେ। ଚେହେରା ସୁଠାମ, ଧର୍ମକର୍ମ ଠାରୁ ଶହେ ହାତ ଦୂରରେ। ମଧ୍ୟବୟସୀ ଗାସ କହିଲେ ତାଙ୍କର କିଛି ମନେ ରହୁନି। କିଛି ମନେ ପକେଇ ପାରୁନାହାନ୍ତି। ସବୁକିଛି ଶୁଣି ସାରିବା ପରେ ନିଉବର୍ଗ ଯେଉଁ ପ୍ରେସକିପସନ୍ ଦେଲେ ତାହା ବିଚିତ୍ର - 'ନିୟମ କରି ପ୍ରତିଦିନ କୀର୍ତ୍ତନ ଗାନ; ତା'ପୁଣି ହିନ୍ଦୁମାନଙ୍କର ଧର୍ମ ସଙ୍ଗୀତ।' ଦୁଇମାସ ଧରି ନିରନ୍ତର ଭଜନ, କୀର୍ତ୍ତନ କରିବା ପରେ ଗାସ୍ ପୁଣି ଆସିଲେ ନିଉବର୍ଗ ଓ ଓୟାଲ୍ଡମ୍ୟାନଙ୍କ ଚିକିତ୍ସା କେନ୍ଦ୍ରକୁ। ଏଥର ପରୀକ୍ଷାରୁ ଜଣାଗଲା ଯେ ଗାସ୍‌ଙ୍କ ସ୍ମୃତିଶକ୍ତି ୫୦ ପ୍ରତିଶତ ବଢ଼ିଛି। ଏଥିରେ ଖୋଦ୍ ନିଉବର୍ଗ ଓ ଓୟାଲ୍ଡମ୍ୟାନ୍ ମଧ୍ୟ ଆଶ୍ଚର୍ଯ୍ୟ ହେଲେ।

ପ୍ରାର୍ଥନା ବା ଧ୍ୟାନ କଲେ କେବଳ ନିଜର ନୁହେଁ, ଅନ୍ୟର ସ୍ୱାସ୍ଥ୍ୟରେ ବି ଉନ୍ନତି ଘଟେ। ଏହି ବିଷୟରେ ଦୁଇଟି ଅନୁଧ୍ୟାନ ଆଲୋଚିତ। ପ୍ରଥମଟି ୧୯୯୮ ମସିହାର। ସାନଫ୍ରାନସିସ୍କୋ ଜେନେରାଲ ହସ୍ପିଟାଲର କାର୍ଡିଓଲୋଜିଷ୍ଟ ର୍ୟାନ୍ ଡଲ୍ ବାୟାର୍ଡ ଦାବି କରିଥିଲେ ଯେ ହସପିଟାଲ୍‌ରେ ଭର୍ତ୍ତି ଯେଉଁସବୁ ରୋଗୀଙ୍କ ପାଇଁ ସେମାନଙ୍କ ପରିବାର ସଦସ୍ୟ ଏବଂ ଅନ୍ୟମାନେ ଆରୋଗ୍ୟ କାମନା କରି ପ୍ରାର୍ଥନା କରିଥିଲେ, ସେହିସବୁ ରୋଗୀ ତୁଳନାତ୍ମକ ଭାବେ ଖୁବ୍ ଶୀଘ୍ର ଆରୋଗ୍ୟ ଲାଭ କରିଥିଲେ। ଅପରପକ୍ଷରେ ୨୦୦୫ ମସିହାରେ ହାର୍ଭାର୍ଡ ବିଶ୍ୱବିଦ୍ୟାଳୟର ଗବେଷକ ହର୍ବଟ୍ ବେନ୍‌ସନ୍ ପ୍ରାର୍ଥନାର ଏପରି ଅଲୌକିକତାକୁ ପ୍ରତ୍ୟାଖ୍ୟାନ କରି କହିଥିଲେ ଯେ ଅନ୍ୟର ପ୍ରାର୍ଥନା ସେବା ପାଇବା ସତ୍ତ୍ୱେ ୫୨ ପ୍ରତିଶତ ବାଇପାସ୍ ଅସ୍ତ୍ରୋପଚାର କରାଯାଇଥିବା ରୋଗୀଙ୍କ କ୍ଷେତ୍ରରେ ଜଟିଳତା ବଢ଼ୁଥିବା ବେଳେ କେହି ପ୍ରାର୍ଥନା କରି ନଥିବା ୫୧ ପ୍ରତିଶତ ରୋଗୀଙ୍କ କ୍ଷେତ୍ରରେ ଜଟିଳତା ବଢ଼ୁଛି।

ଏବେ ପ୍ରଶ୍ନ ଉଠେ, ଧର୍ମାଚରଣ ସହିତ ସୁସ୍ୱାସ୍ଥ୍ୟର ସଂଯୋଗ କ'ଣ ପ୍ଲେସିବୋ ବା ମାନସିକ ସନ୍ତୁଷ୍ଟି ପାଇଁ ପ୍ରଦତ୍ତ ନିଗୁଣ ଔଷଧର ପ୍ରଭାବ ସଦୃଶ? ଟେକ୍ସାସ୍ ବିଶ୍ୱବିଦ୍ୟାଳୟର ଗବେଷକ ରବଟ୍ ହାମର ତାଙ୍କର ୧୫ ବର୍ଷ ବ୍ୟାପୀ ଅନୁଧ୍ୟାନ ପରେ ଜଣେଇଥିଲେ ଯେଉଁମାନେ ଚର୍ଚ୍ଚ ଯାଆନ୍ତି, ସେମାନଙ୍କର ଏକ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ମୃତ୍ୟୁବରଣ କରିବାର ଆଶଙ୍କା, ଚର୍ଚ୍ଚ ଯାଉନଥିବା ବ୍ୟକ୍ତିମାନଙ୍କ ତୁଳନାରେ କମ୍। ପିଟସବର୍ଗ ମେଡିକାଲ ସେଣ୍ଟରର ସର୍ଜନ ଡ୍ୟାନିୟେଲ ହଲ ଲକ୍ଷ୍ୟ କରିଥିଲେ, ଚର୍ଚ୍ଚଗାମୀ ବ୍ୟକ୍ତିଙ୍କ ଆୟୁଷ ଅଧାର୍ମିକଙ୍କ ତୁଳନାରେ ଦୁଇ/ତିନିବର୍ଷ ବେଶୀ।

ସ୍ୱାସ୍ଥ୍ୟଜନିତ ଉପକାରର ଏପରି ସବୁ ନିଦର୍ଶନ ଆଧାରରେ ଧର୍ମାଚରଣକୁ କ'ଣ ଚିକିତ୍ସାର ଉପକରଣ ଭାବରେ ଗଣ୍ୟ କରାଯିବ? କଲମ୍ବିଆ ୟୁନିଭରସିଟି ମେଡିକାଲ୍ ସେଣ୍ଟରର ମନୋଚିକିତ୍ସାର ଅଧ୍ୟାପକ ରିଚାର୍ଡ ସ୍ଲୋୟାନ୍‌ଙ୍କ ମତରେ ପ୍ଲେସିବୋ ପ୍ରଭାବ ବିଷୟରେ ଗବେଷକମାନେ ଆହୁରି ତନ୍ନ ତନ୍ନ କରି ପରୀକ୍ଷା କରି ଦେଖିବା ଉଚିତ। ଚର୍ଚ୍ଚର ଶାନ୍ତ ପରିବେଶ, ଧର୍ମ ବିଶ୍ୱାସର ଜୀବନଚର୍ଯ୍ୟା ଇତ୍ୟାଦି ମଣିଷ ଶରୀରରେ ଯେଉଁସବୁ ପ୍ରଭାବ ପକାଏ ସେସବୁକୁ ମଧ୍ୟ ବିଚାର କରିବା ଉଚିତ। ଏ ସବୁ ନ କଲେ ଅଯଥାରେ ଅଲୌକିକତା ଉପରେ ଆସ୍ଥା ଜାତ ହୁଏ। ଚିକିତ୍ସାରେ ଧର୍ମର ପ୍ରଭାବ ବିଷୟକୁ ଆହ୍ୱାନ କରି 'ବ୍ଲାଇଣ୍ଡ ଫେଥ୍: ଦ ଅନହୋଲି ଆଲାୟେନ୍ସ ଅଫ୍ ରିଲିଜିୟନ୍ ଆଣ୍ଡ ମେଡିସିନ୍ (ଅନ୍ଧବିଶ୍ୱାସ, ଧର୍ମ ଓ ଚିକିତ୍ସାବିଜ୍ଞାନ ମଧ୍ୟରେ ଏକ ଅପବିତ୍ର ମୈତ୍ରୀ)' ନାମରେ ଏକ ପୁସ୍ତକ ପ୍ରଣୟନ କରିଛନ୍ତି ସ୍ଲୋୟାନ୍। ସେ ମନେ କରନ୍ତି, ଚିକିସା ବିଜ୍ଞାନ ସଙ୍ଗେ ଧର୍ମର କୋଳାକୋଳି ରୀତିମତ ଅଶୁଭ। ତାଙ୍କର ମନ୍ତବ୍ୟ ହେଉଛି ବିଜ୍ଞାନ ଅଲୌକିକ ବ୍ୟାଖ୍ୟାରେ ମୁଣ୍ଡ ପୂରେଇ ନ ଥାଏ। ମାତ୍ର ବିତର୍କ ଚିକିତ୍ସା ସୂତ୍ରରୁ ଉତ୍ଥାପିତ ହୋଇଥିଲେ ମଧ୍ୟ ଦ୍ୱନ୍ଦ୍ୱଟା କିନ୍ତୁ ବାସ୍ତବରେ ବିଜ୍ଞାନ ସହିତ ଧର୍ମର।

କଟକ, ମୋ: ୯୪୩୭୭୬୬୧୧୭

# ସମାଜ ସଂସ୍କାରର ତେଜସ୍କ୍ରିୟ କିରଣ: ମୋହିନୀ ମୋହନ

**ପ୍ରଫେସର ମଣୀନ୍ଦ୍ର କୁମାର ମେହେର**

**ସାହିତ୍ୟ ସରିତ୍**

ସମାଜ ସଂସ୍କାରକ ସାହିତ୍ୟ ସାଧକ ଭାବରେ ବ୍ୟାସକବି ଫକୀର ମୋହନଙ୍କୁ କିଏ ବା ନ ଜାଣେ? ଅଥଚ ତାଙ୍କ ପୁତ୍ର ମୋହିନୀ ମୋହନଙ୍କ ପ୍ରସଙ୍ଗ ଉତ୍‌ଥାପିତ ହେବା ମାତ୍ରକେ ଉଭୟଙ୍କ ଜୀବନ ଓ ଚିନ୍ତନ ମଧ୍ୟରେ ଏକ ତାରତମ୍ୟ ଦୃଷ୍ଟିଗୋଚର ହୁଏ। କିନ୍ତୁ ସେହି ତାରତମ୍ୟ ମଧ୍ୟରେ ଯେ ଥାଇପାରେ ଏକ ଅନ୍ତର୍ଗତ ଅଦ୍ଭୁତ ସାମ୍ୟ ଏହା ଆବିଷ୍କାର କରିପାରିଲେ ହୃଦୟରେ ସଞ୍ଜାତ ହୁଏ ଅଭିନ୍ନ ସ୍ପନ୍ଦନ। ଫକୀର ମୋହନ ଆସ୍ତିକ ଥିଲେ ଆଉ ମୋହିନୀ ମୋହନ ଥିଲେ ନାସ୍ତିକ - ଏତିକି ପାର୍ଥକ୍ୟ ନିରୂପଣ କରି ନିରବ ହୋଇଯାଏ ଆମ ଚିତ୍ତଦେଶ। ଏହି ବାହ୍ୟ ଆବରଣରୁ ମୁକ୍ତ କରି ପିତା-ପୁତ୍ରଙ୍କୁ ନୂତନ ଭାବରେ ଦେଖିଲେ ଆମର ଚିନ୍ତାଧାରା ପରିବର୍ତ୍ତିତ ହୋଇଯିବା ପାଇଁ ଅଧିକ ବିଳମ୍ବ ହେବ ନାହିଁ। ପାରମ୍ପରିକ ବିଶ୍ୱାସ ମଧ୍ୟରେ ଯିଏ ସୀମିତ ସେ ଆସ୍ତିକ ଆଉ ସମାଜ ନିର୍ଣ୍ଣିତ ନୈତିକତାର ରେଖା ଲଂଘନ କରିଦେବା ମାତ୍ରକେ ହୋଇଯାଏ ନାସ୍ତିକ - ଏପରି ବଦ୍ଧମୂଳ ଧାରଣା ଆଉ କେତେଦିନ ମାନବିକ ସମ୍ପର୍କ ମଧ୍ୟରେ ପ୍ରାଚୀର ସୃଷ୍ଟି କରି ରହିଥିବ?

ସମାଜରେ ବ୍ୟାପୀ ଯାଉଥିବା ଅନ୍ଧବିଶ୍ୱାସ ଓ କୁସଂସ୍କାର ବିରୁଦ୍ଧରେ ଲେଖନୀ ଚାଳନା କରି ଫକୀର ମୋହନ ହେଲେ ଚିରପୂଜ୍ୟ। ମୋହିନୀ ମୋହନଙ୍କ ଆବିର୍ଭାବ ସେଇ ଚେତନାରୁ ତ ସମ୍ଭବ ହୋଇଛି! ସେ ପିତାଙ୍କଠାରୁ କିପରି ହୋଇପାରିବେ ଭିନ୍ନ? ଅନ୍ତଃଦୃଷ୍ଟି ଉନ୍ମୋଚନ କରି ଥରେ ଦେଖାଯାଉ ତ! ପିତାଙ୍କ ସମାଜ ସଂସ୍କାର ମନୋବୃତ୍ତିର ଆଉ ଏକ ଅଗ୍ନି-ସ୍ଫୁଲିଙ୍ଗ କ'ଣ ନୁହନ୍ତି ମୋହିନୀମୋହନ? ପାରମ୍ପରିକ ଧର୍ମ-ଧାରଣାକୁ ଅତିକ୍ରମ କରି ସେ ହୋଇଥିଲେ ସତ୍ୟ-ସନ୍ଧନୀ। ତାଙ୍କ ଦ୍ୱାରା ରଚିତ ପ୍ରବନ୍ଧଗୁଡ଼ିକର ସଂକଳନ 'ବିବିଧ ପ୍ରସଙ୍ଗ' ଧ୍ୟାନପୂର୍ବକ ପାଠ କଲେ ନବଚେତନା-ଉନ୍ମୁଖ ପାଠକ ମାତ୍ରକେ ଉପଲବ୍ଧି କରିପାରିବେ ଯେ ସେ କିପରି ମୁକ୍ତଆକାଶର ବିହଙ୍ଗ। ଏ ମୁକ୍ତି କେଉଁ ମଣିଷ ଆତ୍ମାର କାମ୍ୟ ନୁହେଁ?

ସେ କେବଳ ବୃତ୍ତିଧାରୀ ଦର୍ଶନର ଅଧ୍ୟାପକ ନ ଥିଲେ। ଥିଲେ ମୌଳିକ ଚେତନା -ସମ୍ପନ୍ନ ଦାର୍ଶନିକ। କିନ୍ତୁ ତାଙ୍କ ଭିତରେ ଯେଉଁ ମାନବୀୟ ସମ୍ବେଦନଶୀଳତା ଥିଲା ଅତ୍ୟନ୍ତ ଗଭୀର, ତାହା ତ ଏପର୍ଯ୍ୟନ୍ତ ବି ଆଧୁନିକ ମଣିଷ ହୃଦୟଙ୍ଗମ କରିପାରିନାହିଁ। ସେଇ ସମୟରେ ସେ ଲେଖନ୍ତି 'ଜୀବଜନ୍ତୁଙ୍କ ଅଧିକାର' ଶୀର୍ଷକ ପ୍ରବନ୍ଧ, ଯାହା ପ୍ରତ୍ୟେକ ବିଶ୍ୱବିଦ୍ୟାଳୟର ପାଠ୍ୟକ୍ରମ ଅନ୍ତର୍ଭୁକ୍ତ ହେବା ବିଧେୟ। ଯେଉଁ ପୃଥିବୀ ଏ ପର୍ଯ୍ୟନ୍ତ ମଣିଷକୁ ମଣିଷର ଅଧିକାର ଦେବା ପାଇଁ କୁଣ୍ଠିତ, ସେ ଜୀବଜନ୍ତୁମାନଙ୍କ ପ୍ରତି ସହାନୁଭୂତିଶୀଳ ହୋଇପାରିବ କିପରି? ମୋହିନୀ ମୋହନଙ୍କୁ ଦେଖିବା ପରେ ଜଣେ ଭଦ୍ର ମହିଳା ମନ୍ତବ୍ୟ ଦେଲେ, 'ସେ ନାସ୍ତିକ। ଅଥଚ ତାଙ୍କ ବ୍ୟବହାର ଏତେ ଭଦ୍ରୋଚିତ!' ଏହାହିଁ ତ ମୋହିନୀ ମୋହନଙ୍କ ଆସ୍ତିକତାର ସୌନ୍ଦର୍ଯ୍ୟ। ପ୍ରତିଦିନ ଭଗବାନଙ୍କ ମୂର୍ତ୍ତି ପାଖରେ ଭକ୍ତି ନିବେଦନ। ପୁଣି ଚତୁଃପାର୍ଶ୍ୱର ମଣିଷ ଓ ପ୍ରକୃତି ପ୍ରତି କ୍ରୂର, କର୍କଶ ଓ ପୀଡ଼ାଦାୟକ ବ୍ୟବହାର ପ୍ରଦର୍ଶନ! ଏହାଠାରୁ ଆଉ ଅଧିକ ନାସ୍ତିକତା କେଉଁଠି ଥାଇପାରେ?

ଧର୍ମ, ବିବାହ, ଭାଗ୍ୟ, ବିବେକ, ସମାଜ ବିଷୟରେ ନିଜ ମୁକ୍ତ ଚିନ୍ତାଧାରା ପ୍ରକାଶ କରିଥିବାରୁ ମୋହିନୀ ମୋହନଙ୍କ ଗଦ୍ୟ ସୃଷ୍ଟିରେ ଓଡ଼ିଆ ସାହିତ୍ୟ ହୋଇଛି ସମୃଦ୍ଧ। ସେ ଭାଗ୍ୟକୁ ଅସ୍ୱୀକାର କରିପାରି ନାହାନ୍ତି। ମାତ୍ର ଯେଉଁ ସିଦ୍ଧାନ୍ତରେ ଉପନୀତ ହୋଇଛନ୍ତି, ସେଇ ସ୍ତରକୁ ସଚ୍ଚୋଟ ଭାଗ୍ୟବାଦୀମାନେ ମଧ୍ୟ ଆରୋହଣ କରିପାରନ୍ତି ନାହିଁ। ଭାଗ୍ୟଫଳ ଭୋଗ ହିଁ ଯଦି ହୁଏ ସତ୍ୟ, ତା'ହେଲେ ମଣିଷ କେଉଁ ଦୃଷ୍ଟିଭଙ୍ଗୀ ନେଇ ବଞ୍ଚିବା ସମୁଚିତ? ସମସ୍ତ ଶତ୍ରୁତା, ମାନ, ଅଭିମାନ, ଈର୍ଷା, ଦ୍ୱେଷ ଭାବନାରୁ ବିମୁକ୍ତ ଏକ ସ୍ଥିତପ୍ରଜ୍ଞ ଜୀବନ ହିଁ ମଣିଷ ପାଇଁ ଏକାନ୍ତ କାମ୍ୟ- ଏହା ନିଜ ରଚନାରେ ପ୍ରତିପାଦନ କରିଦେଉଥିବା ମୋହିନୀ ମୋହନ ନିଜ ଅଜାଣତରେ ତ ଭଗବତ ଗୀତାର ନିଷ୍କର୍ଷ ଉପସ୍ଥାପିତ କରିଦେଇଛନ୍ତି ପ୍ରେରଣା ଗର୍ଭିତ ବାକ୍ୟରେ! ପ୍ରାଚ୍ୟ-ପାଶ୍ଚାତ୍ୟ ସାହିତ୍ୟ ଓ ଦର୍ଶନ ଜଗତରେ ଗଭୀର ଅବଗାହନ କରିଥିବା ମୋହିନୀ ମୋହନ ସ୍ୱକୀୟ ଦୃଷ୍ଟିକୋଣରୁ ହିଁ ପ୍ରତ୍ୟେକ କଥାକୁ ବିଚାର କରନ୍ତି। ବିଶିଷ୍ଟ ଅସ୍ତିତ୍ୱବାଦୀ ଦାର୍ଶନିକ ନିଟଜେଙ୍କ ବିଷୟରେ ଓଡ଼ିଆ ପାଠକମାନଙ୍କୁ ସେ ହିଁ ପ୍ରଥମେ ପରିଚିତ କରାଇଛନ୍ତି।

ପରିସୂକ୍ଷ୍ମ ସ୍ତରରେ ରହିଛି ଯଦି ଏକ ଅଦୃଶ୍ୟ ବାସ୍ତବତା, ତା'ହେଲେ ପିତା-ପୁତ୍ର ସେଠାରେ ରହିଥିବେ ଏକାତ୍ମ ହୋଇ ନିଶ୍ଚୟ। ସେହି ଏକାତ୍ମକତାକୁ ଅନୁଭବ କରିପାରିଲେ ସମାଜ ପୁନର୍ଗଠନର ଅନନ୍ୟ ଶିଳ୍ପୀ ଭାବରେ ମୋହିନୀ ମୋହନ ଆମର ରହିବେ ସଦା ପ୍ରଣମ୍ୟ।

ଭୁବନେଶ୍ୱର, ମୋ: ୭୦୭୭୫୫୩୭୦୭

ସକାଳ THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I.E, BBSR-751019
Ph.: 0674-2954342 | 2955342

ଲେଖା ଓ ଲୋକମତ ପାଇଁ: sakalaeditorial@gmail.com

ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ଅବଶିଷ୍ଟାଂଶ

## ଅଧା ଓଡ଼ିଶା...

ସମାଲୋଚନା କରିଛନ୍ତି । ଶ୍ରୀ ମହାଲିଙ୍ଗ ନିଜ ସରକାରଙ୍କ ଉପଲବ୍ଧି ବର୍ଣ୍ଣନା କରିବା ସମୟରେ ଏହାକୁ ମଧ୍ୟ ଉଲ୍ଲେଖ କରିବା ଆବଶ୍ୟକ ବୋଲି ବିରୋଧୀ କଟାକ୍ଷ କରିଛନ୍ତି । କେଇମାସ ତଳେ କଣାସରେ ଡାଇରିଆ ମୃତ୍ୟୁ ଓ ଏବେ ରାଜ୍ୟସାରା ହଇଜା, ଝାଡ଼ାବାନ୍ତି ଲୋକଙ୍କ ଜୀବନକୁ ବିପନ୍ନ କରିଛି । ତେଣୁ ୨୪ ବର୍ଷରେ ଯାହା ହୋଇ ନ ଥିଲା, ତାହା ଏ ସରକାର କରି ଦେଖାଇଛି ବୋଲି ସ୍ୱାସ୍ଥ୍ୟ ମନ୍ତ୍ରୀ କହିଥିବା କଥା ସମ୍ପୂର୍ଣ୍ଣ ସତ ବୋଲି ବିରୋଧୀ କହିଛନ୍ତି ।

ଏହି ପରିପ୍ରେକ୍ଷୀରେ ଡାଇରିଆ ସ୍ଥିତିର ମୁକାବିଲା ପାଇଁ ସରକାରୀ ବିଭାଗମାନେ କ୍ଷେତ୍ର ସ୍ତରରେ ସମନ୍ୱିତ ଓ ଏକାଭୀମୁଖୀ ଭାବେ କାର୍ଯ୍ୟ ଜାରି ରଖିବାକୁ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ନିର୍ଦ୍ଦେଶ ଦେଇଛନ୍ତି । ଗ୍ରାମ୍ୟ ପାନୀୟ ଜଳ ଉତ୍ସଗୁଡ଼ିକର ନିୟମିତ ବିଶୋଧନ କାର୍ଯ୍ୟ ଅନୁଧ୍ୟାନ କରିବା, ଆବଶ୍ୟକ ପଦକ୍ଷେପ ନେବାକୁ ବିଭାଗୀୟ ସଚିବମାନଙ୍କୁ ସେ ପରାମର୍ଶ ଦେଇଛନ୍ତି । ସେହିପରି ସ୍ୱାସ୍ଥ୍ୟ ସଚିବ ରାଜ୍ୟର ସମସ୍ତ ଜିଲ୍ଲାରେ ଡାଇରିଆ ମୁକାବିଲା ସ୍ଥିତି ସମୀକ୍ଷା କରିଛନ୍ତି । ଆସନ୍ତାକାଲି ବିଶେଷଜ୍ଞ ଦଳ କଟକ, ଯାଜପୁର ଓ ଭଦ୍ରକ ଜିଲ୍ଲା ଗସ୍ତ କରିବେ ବୋଲି ସ୍ୱାସ୍ଥ୍ୟ ସଚିବ ସୂଚନା ଦେଇଛନ୍ତି ।

## ମଧ୍ୟପ୍ରାଚ୍ୟରେ ମିସାଇଲ...

ମାଡ଼ରେ ଇସ୍ରାଏଲର କେତେ କ୍ଷତି ହୋଇଛି, ତାହା ଜଣାପଡ଼ିନାହିଁ । ଅନ୍ୟପକ୍ଷରେ ଇସ୍ରାଏଲ ଆଜି ଇରାନ ରାଜଧାନୀ ତେହରାନ ଉପରେ ପ୍ରଚଣ୍ଡ କ୍ଷେପଣାସ୍ତ୍ର ଓ ବୋମାମାଡ଼ କରିଛି । ଇସ୍ରାଏଲର ୫୦ଟି ଲଢ଼ୁଆ ବିମାନ ଉତ୍ତର ଏବଂ ପଶ୍ଚିମ ତେହରାନର ୨୦ଟି ଠିକଣା ଉପରେ ବୋମାମାଡ଼ କରିଛନ୍ତି । ଇରାନର ଅନେକ ପରମାଣୁ ଓ ସାମରିକ ପ୍ରତିଷ୍ଠାନ ସହିତ ତୈଳ ଭଣ୍ଡାର ଭୀଷଣ ଭାବେ କ୍ଷତିଗ୍ରସ୍ତ ହୋଇଛି । ସର୍ବୋଚ୍ଚ ନେତା ଖାମେନେଇ ଏବଂ ଅନ୍ୟ ବରିଷ୍ଠ ନେତା ବିଭିନ୍ନ ବଙ୍କରରେ ଆଶ୍ରୟ ନେଇ ସେଠାରୁ ଯୁଦ୍ଧ ପାଇଁ କମାଣ୍ଡ ପଠାଉଥିବା ଜଣାପଡ଼ିଛି ।

ଇରାନ ଓ ଇସ୍ରାଏଲ ମଧ୍ୟରେ ଚାଲିଥିବା ଏହି ଯୁଦ୍ଧରେ ୬୦୦ରୁ ଅଧିକ ଲୋକ ପ୍ରାଣ ହରାଇଲେଣି । ଏଥିରେ ଇରାନର ସବୁଠାରୁ ଅଧିକ କ୍ଷତି ହୋଇଛି । ଇରାନ ସରକାର ସ୍ୱୀକାର କରିଛନ୍ତି ଯେ ଇସ୍ରାଏଲ ଆକ୍ରମଣରେ ଏହାର ୫୮୫ ଜଣ ଲୋକ ପ୍ରାଣ ହରାଇଥିବା ବେଳେ ୧୪୦୦ରୁ ଅଧିକ ଆହତ ହୋଇଛନ୍ତି । ସେହିଭଳି ଇସ୍ରାଏଲରେ ୨୪ ଜଣ ଲୋକ ପ୍ରାଣ ହରଇଥିବା ବେଳେ ୧୩୦୦ ଆହତ ହୋଇଛନ୍ତି । ଇରାନ ଦାବି କରିଛି ଯେ ଇସ୍ରାଏଲର ଅନେକ ସାମରିକ ପ୍ରତିଷ୍ଠାନ, ତୈଳ ବିଶୋଧନାଗାର ଏବଂ ପରମାଣୁ କେନ୍ଦ୍ର ଉପରେ ଆକ୍ରମଣ ହୋଇଛି । ଇସ୍ରାଏଲ ମଧ୍ୟ ଦାବି କରିଛି ଯେ ଏହାର ଆକ୍ରମଣରେ ଇରାନର ବାୟୁସୀମା ସୁରକ୍ଷା ବ୍ୟବସ୍ଥା ଭୁଶୁଡ଼ି ପଡ଼ିଛି ।

ଇତିମଧ୍ୟରେ ଏହି ଯୁଦ୍ଧକୁ ନେଇ ଉଦବେଗ ପ୍ରକାଶ କରିଛନ୍ତି ରୁଷ ରାଷ୍ଟ୍ରପତି ପୁଟିନ । ସେ କହିଛନ୍ତି ଯେ ଯୁଦ୍ଧ ଜାରି ରହିଲେ ମଧ୍ୟପ୍ରାଚ୍ୟ ପରିସ୍ଥିତି ଭୟଙ୍କର ହୋଇପଡ଼ିବ । ଦୁଇ ଦେଶ ମଧ୍ୟରେ ଅସ୍ତ୍ରବିରତି ସହିତ ଶାନ୍ତି ପ୍ରତିଷ୍ଠା ଲାଗି ମଧ୍ୟସ୍ଥତା କରିବାକୁ ସେ ପ୍ରସ୍ତାବ ଦେଇଛନ୍ତି । ଏସଂପର୍କରେ ଇରାନ କିମ୍ବା ଇସ୍ରାଏଲର ପ୍ରତିକ୍ରିୟା ଜଣାପଡ଼ିନାହିଁ । କିନ୍ତୁ ସେମାନେ ଯୁଦ୍ଧ ବନ୍ଦ କରିବା ମୁଡ୍‌ରେ ନଥିବା କୁହାଯାଉଛି । ଅନ୍ୟପକ୍ଷରେ ସେମାନେ ପରସ୍ପର ଉପରେ ଆକ୍ରମଣକୁ ଆହୁରି ଜୋରଦାର କରିବାରେ ଲାଗିଛନ୍ତି ।

## ଚିକିତ୍ସା ପାଇଁ...

'ଏକ୍ସ'ରେ ସୂଚନା ଦେଇଛନ୍ତି । ନବୀନ କହିଛନ୍ତି ଯେ ବିଶେଷଜ୍ଞଙ୍କ ପରାମର୍ଶକ୍ରମେ ମୋର ସର୍ଭିକାଲ ଆର୍ଥ୍ରାଇଟିସ୍ ଚିକିତ୍ସା ମୁମ୍ବାଇସ୍ଥିତ କୋକିଲାବେନ୍ ଧୀରୁଭାଇ ଅମ୍ବାନୀ ହସ୍‌ପିଟାଲରେ ହେବ । ମୋର ବ୍ୟକ୍ତିଗତ ଚିକିତ୍ସକ ଡାକ୍ତର ରମାକାନ୍ତ ପଣ୍ଡା ମୁମ୍ବାଇଠାରେ ଚିକିତ୍ସା ବ୍ୟବସ୍ଥାର ସମସ୍ତ କାର୍ଯ୍ୟ ତଦାରଖ କରିବେ । ମହାପ୍ରଭୁ ଜଗନ୍ନାଥଙ୍କ ଆଶୀର୍ବାଦ ଏବଂ ଓଡ଼ିଆ ଭାଇଭଉଣୀଙ୍କ ଶୁଭେଚ୍ଛାରେ ଶୀଘ୍ର ଓଡ଼ିଶା ଫେରିବି ଓ ରାଜ୍ୟବାସୀଙ୍କ ସେବା ଜାରି ରଖିବି ବୋଲି ନବୀନ କହିଛନ୍ତି । ଅନ୍ୟପକ୍ଷରେ ତାଙ୍କ ଅନୁପସ୍ଥିତିରେ ବିଜେଡିର ଦୈନନ୍ଦିନ କାର୍ଯ୍ୟକ୍ରମ ତଦାରଖ ଦାୟିତ୍ୱ ଦଳର ରାଜନୈତିକ ବ୍ୟାପାର କମିଟି ଉପରେ ନ୍ୟସ୍ତ କରିଛନ୍ତି ନବୀନ । ଏହାସହ ବରିଷ୍ଠ ଉପ ସଭାପତି (ମୁଖ୍ୟାଳୟ) ଦେବୀପ୍ରସାଦ ମିଶ୍ର ଏହି ସମୟରେ ଦଳର ଛାମୁଆ ସଂଗଠନ ପକ୍ଷରୁ ଆୟୋଜିତ ବିଭିନ୍ନ କାର୍ଯ୍ୟକ୍ରମର ତଦାରଖ ଏବଂ ସମନ୍ୱୟ ରକ୍ଷା କରିବେ ବୋଲି ନବୀନ ନିର୍ଦ୍ଦେଶ ଦେଇଛନ୍ତି ।

ଅପରପକ୍ଷେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବିରୋଧୀଦଳ ନେତା ନବୀନ ପଟ୍ଟନାୟକଙ୍କ ଶୀଘ୍ର ସୁସ୍ଥ ହେବା ଲାଗି କାମନା କରିଛନ୍ତି । 'ଏକ୍ସ'ରେ ସେ କହିଛନ୍ତି ଯେ ବିରୋଧୀ ଦଳ ନେତା ଶ୍ରୀ ପଟ୍ଟନାୟକଙ୍କ ଅସୁସ୍ଥତା ବିଷୟରେ ଜାଣି ଚିନ୍ତିତ । ତାଙ୍କର ଚିକିତ୍ସା ପ୍ରକ୍ରିୟା ସୁରୁଖୁରୁରେ ସମ୍ପନ୍ନ ହେଉ ଓ ଆଶୁ ଆରୋଗ୍ୟ ଲାଭକରି ଉତ୍ତମ ସ୍ୱାସ୍ଥ୍ୟ ଲାଭ କରନ୍ତୁ ବୋଲି ମହାପ୍ରଭୁ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛି । ସେହିପରି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମଧ୍ୟ ନବୀନଙ୍କର ଶୀଘ୍ର ସୁସ୍ଥତା କାମନା କରିଛନ୍ତି । ଏମାନଙ୍କ ବ୍ୟତୀତ ଅନ୍ୟାନ୍ୟମ ଦଳର ନେତାମାନେ ମଧ୍ୟ ନବୀନଙ୍କର ଶୀଘ୍ର ସୁସ୍ଥତା କାମନା କରିଛନ୍ତି ।

## ବର୍ଷ ଏକ...

କ୍ଷେତ୍ରରେ ଓଡ଼ିଶା ବିଶ୍ୱରେ ପରିଚୟ ସୃଷ୍ଟି କରିଥିଲା । ବିଭିନ୍ନ ଜାତୀୟ ଏବଂ ଆନ୍ତର୍ଜାତୀୟ କ୍ରୀଡ଼ା ଆୟୋଜନ କରି ଆମେ ଯୁବ ସମାଜ ଭିତରେ ନୂଆ ପ୍ରେରଣା ସୃଷ୍ଟି କରିଥିଲୁ । ମୋ ସ୍କୁଲ, ମୋ କଲେଜ ଭଳି ନୂଆ କାର୍ଯ୍ୟକ୍ରମ ସମାଜକୁ ଶିକ୍ଷା ସହ ଯୋଡି ପାରିଥିଲା । ୫-ଟି ସ୍କୁଲ ରୂପାନ୍ତରୀକରଣ ଶିକ୍ଷା ଭିତ୍ତିଭୂମିକୁ ସୁଦୃଢ଼ କରିଥିଲା । ଆଦର୍ଶ ବିଦ୍ୟାଳୟ ଗାଁର ପିଲାମାନଙ୍କ ସ୍ୱପ୍ନ ସାକାର କରୁଛି । ଲକ୍ଷ୍ମୀ ବସ୍‌ରେ ପିଲାମାନେ ମାତ୍ର ୫ ଟଙ୍କାରେ ସ୍କୁଲ, କଲେଜ ଯାଇପାରୁଥିବା ବେଳେ ମା'ମାନେ ମାର୍କେଟକୁ ଯାଇପାରୁଥିଲେ । ମାତ୍ର ବିଜେପି ସରକାର ଏ ସବୁ ଯୋଜନାକୁ ବନ୍ଦ କରି ଦେଇଛନ୍ତି । ନୂଆ ଓ ଏବଂ ବିଏସ୍‌କେୱାଇ ଯୋଜନା ବନ୍ଦ କରାଯାଇଛି । ମିଶନ ଶକ୍ତି ମା'ମାନଙ୍କୁ ଦୁର୍ବଳ କରିବାକୁ ଚକ୍ରାନ୍ତ ଚାଲିଛି । ରାଜ୍ୟ ଅର୍ଥନୀତି ଏବେ ତଳମୁହାଁ । ମହିଳାମାନଙ୍କ ଉପରେ ଅତ୍ୟାଚାର ବଢ଼ିଚାଲିଛି । କଲେରା, ଡାଇରିଆରେ ଲୋକେ ହୀନସ୍ତା ହେଉଛନ୍ତି । ଆୟୁଷ୍ମାନ କାର୍ଡ ଧରି ରୋଗୀ ହସ୍ପିଟାଲରୁ ଫେରୁଛନ୍ତି । ତେଣୁ ବିଜେପିର ମିଛ ପ୍ରଚାରର ଉପଯୁକ୍ତ ଜବାବ ଦେବା ସହ ଲୋକଙ୍କୁ ସତ କ'ଣ ଜଣାଇବାକୁ ଯୁବ ସମାଜ କାର୍ଯ୍ୟ କରନ୍ତୁ ବୋଲି ନବୀନ ପରାମର୍ଶ ଦେଇଛନ୍ତି ।

ବିଜେଡି ବରିଷ୍ଠ ସାଧାରଣ ସମ୍ପାଦକ ବ୍ୟୋମକେଶ ରାୟଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ସମାବେଶରେ ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର କହିଛନ୍ତି ଯେ ନବୀନ ସରକାରଙ୍କ ସମୟରେ ଯୁବ ଛାତ୍ରଙ୍କ ପାଇଁ ଶିକ୍ଷା ଓ ନିଯୁକ୍ତି କ୍ଷେତ୍ରରେ ଯେଉଁସବୁ ସମ୍ଭାବନା ସୃଷ୍ଟି ହୋଇଥିଲା, ଆଜି ବିଜେପିର ଏକ ବର୍ଷର ଶାସନରେ ତାହା ମଉଳିଯାଇଛି । ନବୀନଙ୍କ ଦ୍ୱାରା ପ୍ରତିଷ୍ଠା ହୋଇଥିବା 'ସ୍କିଲ୍ଡ ଇନ୍ ଓଡିଶା'ରେ ଆଜି ଯୁବକମାନଙ୍କ ଦକ୍ଷତା ବିକାଶ କ୍ଷେତ୍ରରେ କୌଣସି ଅଗ୍ରଗତି ହୋଇନାହିଁ । ଆର୍ସେଲର ମିତ୍ତଲ ଓ ଜେଏସ୍‌ଡବ୍ଲ୍ୟୁ ଭଳି ଶିଳ୍ପ ସଂସ୍ଥା ଆଜି ଅନ୍ୟ ରାଜ୍ୟକୁ ମୁହାଁଇଲେଣି ।

ବରିଷ୍ଠ ବିଧାୟକ ତଥା ଓବିସି ସେଲ୍ ଆବାହକ ଡ. ଅରୁଣ କୁମାର ସାହୁ କହିଥିଲେ ଯେ ଗତ ଏକ ବର୍ଷରେ ରାଜ୍ୟରେ ଓଡିଆ ଅସ୍ମିତା ବାରମ୍ବାର ଭୂଲୁଣ୍ଠିତ ହୋଇଛି । ରଥଯାତ୍ରା ସମୟରେ ବଡ଼ଠାକୁର ଶ୍ରୀବଳଭଦ୍ର ପଡିଗଲେ, ତାର ତଦନ୍ତ କୁଆଡେ ଗଲା ଓଡିଶାବାସୀ ଜାଣିପାରିଲେ ନାହିଁ । ଟ୍ରିପଲ ଇଞ୍ଜିନ ସରକାର ଥାଇ ମହାନଦୀ ଜଳ ବିବାଦର ସମାଧାନ ପାଇଁ କୌଣସି ଉଦ୍ୟମ ହେଲା ନାହିଁ । ପୋଲାଭରମ ପ୍ରକଳ୍ପ ଓଡିଶାର ସ୍ୱାର୍ଥକୁ ଅଣଦେଖା କରି କେନ୍ଦ୍ର ଆନ୍ଧ୍ରକୁ ୧୬,୦୦୦ କୋଟି ଟଙ୍କା ଦେଇଦେଲେ, କିନ୍ତୁ ଆମ ରାଜ୍ୟର ୨୦ ଏମ୍‌ପିଙ୍କ ମୁହଁ ଚୁପ୍ । ରାଜ୍ୟରେ ଆଇନ ଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ, ପ୍ରତିଦିନ ଦୁଷ୍କର୍ମ, ହତ୍ୟା ଭଳି ଘଟଣା ଖବରକାଗଜରେ ଶିରୋନାମା ପାଲଟିଛି । ଏହା କ'ଣ ବିଜେପିର ଓଡିଆ ଅସ୍ମିତା ବୋଲି ସେ ପ୍ରଶ୍ନ କରିଥିଲେ ।

ଦଳର ଉପସଭାପତି ସଞ୍ଜୟ ଦାସବର୍ମା ତାଙ୍କ ବକ୍ତବ୍ୟରେ କହିଥିଲେ, ଡବଲ ଇଞ୍ଜିନ ଡବଲ ବିକାଶ ନାରା ଦେଇ କ୍ଷମତାକୁ ଆସିଥିବା ବିଜେପି ସରକାରଙ୍କର ଓଡିଶା ପ୍ରତି ଅବହେଳା ଜାରି ରହିଛି । ଏହି ଏକ ବର୍ଷରେ ଓଡିଶାକୁ କେନ୍ଦ୍ରର ଅନୁଦାନ ପ୍ରାୟ ୧୮.୧୯ ପ୍ରତିଶତ କମିଛି । ୨୦୧୫ରେ ଘୋଷିତ ବହୁ ପ୍ରତୀକ୍ଷିତ ଉପକୂଳ ରାଜପଥ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହେଲା ନାହିଁ । ବରିଷ୍ଠ ଉପସଭାପତି ତଥା ବିଧାୟିକା ପ୍ରମିଳା ମଲ୍ଲିକ ରାଜ୍ୟ ବିଜେପି ସରକାରଙ୍କ ସଫଳତାକୁ ନେଇ ଉତ୍ସବ ପାଳନକୁ ତାତ୍ସଲ୍ୟ କରି କହିଥିଲେ ଯେ ଜଣେ ସରକାରୀ କର୍ମଚାରୀଙ୍କୁ ରାଜ୍ୟପାଳଙ୍କ ପୁଅ ମାଡ ମାରିବା ଘଟଣାରେ ନ୍ୟାୟ ନ ଦେବା, ମାଣ୍ଡିପଙ୍କାରେ ଚାଉଳ ବଣ୍ଟନ ବିଫଳ ଯୋଗୁ ଆମ୍ବ ଟାକୁଆ ଖାଇ ୪ ଜଣଙ୍କ ମୃତ୍ୟୁ ହେବା, ବିଷାକ୍ତ ମଦ ପିଇ ୫ ଜଣଙ୍କ ଜୀବନ ଯିବା, ବିଷାକ୍ତ ଛତୁଆ ଖାଇ ୨ ଜଣଙ୍କ ମୃତ୍ୟୁ ହେବା ଓ ଆଇନ ଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହୋଇ ପଡିବା, ଅପରାଧ ରେକର୍ଡରେ ଓଡିଶା ୮ମ ସ୍ଥାନ ହାସଲ କରିବା ଇତ୍ୟାଦି ରାଜ୍ୟ ବିଜେପି ସରକାରଙ୍କ ସଫଳତା । ଧାନ କିଣାରେ କଟ୍‌ନୀ ଛଟ୍‌ନୀ , ସୁଭଦ୍ରା ଯୋଜନାରେ ପ୍ରତିଶ୍ରୁତି ଅନୁସାରେ ଦୁଇ ବର୍ଷରେ ୫୦ ହଜାର ନ ଦେଇ ଦିନକୁ ୨୭ ଟଙ୍କା ହିସାବରେ ବର୍ଷକୁ ୨ କିସ୍ତିରେ ୧୦ ହଜାର ଦେବା ନାରୀ ସ୍ୱାଭିମାନ ପ୍ରତି ଉପହାସ ହୋଇଛି ସେ କହିଥିଲେ ।

କାର୍ଯ୍ୟକ୍ରମରେ ଦଳର ନେତା ପ୍ରଣବ ପ୍ରକାଶ ଦାସ, ସଂଘମିତ୍ରା ମିଶ୍ର, ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ନିରଞ୍ଜନ ପୂଜାରୀ, କଳିକେଶ ସିଂହଦେଓ, ପ୍ରଣବ ବଳବନ୍ତରାୟ, ବିଭୂତି ବଳବନ୍ତରାୟ, ସ୍ନେହାଙ୍ଗିନୀ ଛୁରିଆ, ରାଜଶ୍ରୀ ମଲ୍ଲିକ, ଟୁକୁନି ସାହୁ, ରୋହିତ ପୂଜାରୀ, ରାଜ୍ୟସଭା ସାଂସଦ ସୁଭାଶିଷ ଖୁଣ୍ଟିଆ, ସୁନୀଲ ମହାନ୍ତି, ଦେବୀ ରଞ୍ଜନ ତ୍ରିପାଠୀ, ତୁଷାରକାନ୍ତି ବେହେରା, ବୈକୁଣ୍ଠ ନାୟକ, ଶୁଭେନ୍ଦୁ ମଙ୍ଗରାଜ, ଧୃତୀ ମାର୍ଥା, ଏଲିନା ଦାଶ ଏବଂ ଛାତ୍ର ନେତା ବିଶ୍ୱ ପ୍ରତାପ ସାହୁ, ମିକୁ ପ୍ରଧାନ, ରାଜେଶ ରାଜ ସ୍ୱାଇଁ, ଅଭିନାଶ ଠାକୁର, ଇପ୍ସିତା ସାହୁ ପ୍ରମୁଖ ବକ୍ତବ୍ୟ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଡ. ଅମର ପଟ୍ଟନାୟକ, ପ୍ରଫୁଲ୍ଲ ସାମଲ, ପ୍ରୀତିରଞ୍ଜନ ଘଡେଇ, ଶର୍ମିଷ୍ଠା ସେଠୀ, ଦୀପାଳି ଦାସ ଉପସ୍ଥିତ ଥିଲେ । ବିଧାୟକ ସୌଭିକ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ ।

## ବିମାନରେ ପକ୍ଷୀମାଡ଼...

ଦେଇଥିଲେ । ବିଶେଷଜ୍ଞ ଦଳ ରନ୍‌ୱେରେ ପହଞ୍ଚି ବିମାନର ଯାଞ୍ଚ ପରେ ଏହି ବିମାନର ଉଡ଼ାଣକୁ ବନ୍ଦ ରଖା ଯାଇଥିଲା । ଇଣ୍ଡିଗୋ ପକ୍ଷରୁ କୋଲକାତା ଯିବାକୁ ଥିବା ଯାତ୍ରୀମାନଙ୍କ ପାଇଁ ଅନ୍ୟ ଏକ ବିମାନର ବନ୍ଦୋବସ୍ତ କରାଯାଇଥିଲା ।

ଅହମଦାବାଦ୍ ବିମାନ ଦୁର୍ଘଟଣା ପରେ ଦେଶର ବିଭିନ୍ନ ରାଜ୍ୟରେ ବିମାନଯାତ୍ରାକୁ ନେଇ ଭୟର ବାତାବରଣ ଦେଖାଦେଇଛି । ଏପରି ସମୟରେ ଭୁବନେଶ୍ୱରରେ ପୁଣି ଥରେ ଗୋଟିଏ ବିମାନରେ ପକ୍ଷୀମାଡ଼ ଘଟଣା ବିମାନଯାତ୍ରୀଙ୍କୁ ଚିନ୍ତାରେ ପକାଇଛି । ଭୁବନେଶ୍ୱର ବିମାନବନ୍ଦର ରନ୍‌ୱେକୁ ଲାଗି ଥିବା ରାସ୍ତାରେ ବାରମ୍ବାର ଉଚ୍ଛେଦ ସତ୍ତ୍ୱେ ଉଠାଦୋକାନୀମାନେ ଏଠାକୁ ହଟୁନାହାନ୍ତି । ମୁଖ୍ୟତଃ ଫାଷ୍ଟଫୁଡ୍ ଦୋକାନ ଯୋଗୁଁ ଏଠାରେ ପଡୁଥିବା ଆବର୍ଜନା ପକ୍ଷୀମାନଙ୍କୁ ଆକୃଷ୍ଟ କରୁଛି । ସେଥିପାଇଁ ଅନେକ ସମୟରେ ଭୁବନେଶ୍ୱର ବିମାନବନ୍ଦରରେ ପକ୍ଷୀମାଡ଼ ଯୋଗୁଁ ବିମାନ ଯାତ୍ରା ପ୍ରଭାବିତ ହେଉଛି ।

## ରିପୋର୍ଟ କାର୍ଡ ସାରା...

କାର୍ଯ୍ୟାନ୍ୱୟନ ହୋଇ ନ ଥିବା ଯୋଗୁ ସରକାରଙ୍କୁ ସାଧାରଣରେ ବେଶ୍ ସମାଲୋଚିତ ହେବାକୁ ପଡ଼ିଛି । ଏପରିସ୍ଥଳେ ଗତ ଏକବର୍ଷରେ ପ୍ରାୟ ସମସ୍ତ ମନ୍ତ୍ରୀମାନଙ୍କ ପ୍ରଦର୍ଶନକୁ ନେଇ ବିଜେପିର ଶୀର୍ଷ ନେତୃତ୍ୱ ଅସୁଖୀ ବୋଲି କୁହାଯାଉଛି । ବର୍ଷକ ମଧ୍ୟରେ ମନ୍ତ୍ରିମଣ୍ଡଳର ସଦସ୍ୟ କେବଳ ମିଡିଆ ନିଜ ଉପସ୍ଥିତିକୁ ଜାହିର୍ କରିଛନ୍ତି; ମାତ୍ର କାର୍ଯ୍ୟକ୍ଷେତ୍ରରେ ସେମାନଙ୍କ ଉପସ୍ଥିତି ଶୂନ । ରାଜସ୍ୱ ସଂସ୍କାରଠାରୁ ଆରମ୍ଭ କରି ଶ୍ରୀମନ୍ଦିର ସଂସ୍କାର, ଜଳବିବାଦ ଓ ସୀମା ବିବାଦର ସମାଧାନ, ଆଇନ ଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣ, ଉନ୍ନୟନ ମୂଳକ କାର୍ଯ୍ୟକ୍ରମ ଯେପରି ମେଟ୍ରୋ ପ୍ରକଳ୍ପ, ୭୫ ହଜାର କିଲୋମିଟର ବିଶ୍ୱସ୍ତରୀୟ ରାସ୍ତା ଆଦି କେବଳ ଗଣମାଧ୍ୟମ ବିବୃତିରେ ସୀମିତ ହୋଇ ରହିଯାଇଛି । ବର୍ଷକ ମଧ୍ୟରେ ସରକାରଙ୍କୁ ସୁନାମ ଅପେକ୍ଷା ଅଧିକ ଦୁର୍ନାମ ମୁଣ୍ଡାଇବାକୁ ପଡ଼ିଛି । ବର୍ଷ ଆରମ୍ଭରୁ ରଥ ଉପରେ ବଳଭଦ୍ରଙ୍କ ପଡ଼ିଯିବା ଘଟଣାଠାରୁ ବର୍ଷ ଶେଷରେ ହଇଜା ପରି ଘଟଣାରେ ମନ୍ତ୍ରୀମାନଙ୍କର ଅପାରଗତା ହିଁ ଏହାର ମୁଖ୍ୟ କାରଣ ବୋଲି ନିଜେ ମୁଖ୍ୟମନ୍ତ୍ରୀ ହୃଦ୍‌ବୋଧ କରି ସାରିଛନ୍ତି । ତେଣୁ କେଉଁ ମନ୍ତ୍ରୀଙ୍କୁ କେଉଁ ଦାୟିତ୍ୱ ଦିଆଯିବ ତାହା ନିଷ୍ପତ୍ତି ହୋଇ ନାହିଁ । ମିଳିଥିବା ସୂଚନା ଅନୁଯାୟୀ ପ୍ରାୟ ଡଜନେରୁ ଅଧିକ ମନ୍ତ୍ରୀଙ୍କର ବିଭାଗରେ ଅଦଳ ବଦଳ ହେବ । ନିଜ ନିଜ ଅଧିନରେ ଥିବା ଦୁହାଁଳିଆ ବିଭାଗକୁ ପାଖରେ ରଖିବାକୁ ଏମାନେ ନିଜ ନିଜ ସ୍ତରରେ ଉଦ୍ୟମ ଚଳାଇଥିବା ବେଳେ ନେତୃତ୍ୱ ଏହାକୁ ଗ୍ରହଣ କରିବାକୁ ପ୍ରସ୍ତୁତ ନାହାନ୍ତି । ତେବେ ପ୍ରଧାନମନ୍ତ୍ରୀଙ୍କ ଉଭୟ ସରକାର ଓ ସାଂଗଠନିକ ସ୍ତରରେ ଏକ ବଡ଼ ବୈଠକ ଅନୁଷ୍ଠିତ ହେବ ଏବଂ ଏହାପରେ ମନ୍ତ୍ରିମଣ୍ଡଳ ରୂପରେଖ ଚୂଡ଼ାନ୍ତ କରାଯିବ ।

# ଉତ୍କଳ ବାଳାଶ୍ରମରେ ଝାଡ଼ାବାନ୍ତି; ୨୪ ଆକ୍ରାନ୍ତ

ବାଲେଶ୍ୱର,୧୮।୬(ସମିସ): ଝାଡ଼ାବାନ୍ତି ବାଲେଶ୍ୱର ଜିଲ୍ଲାରେ ଡେଇଁବାକୁ ଲାଗିଛି । ଗତକାଲି ସିମୁଳିଆ ପରେ ଆଜି ସହରସ୍ଥିତ ଉତ୍କଳ ବାଳାଶ୍ରମର ୨୪ଜଣ ଅନ୍ତେବାସୀ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇ ରେମୁଣାସ୍ଥିତ ଫକୀରମୋହନ ମେଡିକାଲ କଲେଜରେ ଚିକିତ୍ସିତ ହେଉଛନ୍ତି । ମଙ୍ଗଳବାର ରାତିଠାରୁ ଉତ୍କଳ ବାଳାଶ୍ରମର ୨୪ଜଣ ଅନ୍ତେବାସୀ ହଠାତ ଝାଡ଼ାବାନ୍ତି ରୋଗରେ ଆକ୍ରାନ୍ତ ହୋଇଥିଲେ । ସେମାନଙ୍କୁ ତୁରନ୍ତ ଫକୀରମୋହନ ମେଡିକାଲ କଲେଜକୁ ନିଆଯାଇଥିଲା । ସେଥିମଧ୍ୟରୁ ୧୨ଜଣଙ୍କୁ ଘରୋଇ ମେଡିକାଲରେ ଚିକିତ୍ସା କରାଯାଇ ବାଳାଶ୍ରମକୁ ଅଣାଯାଇଥିଲା । ହେଲେ ସେଥିମଧ୍ୟରୁ ୧୧ଜଣଙ୍କୁ ଫକୀରମୋହନ ମେଡିକାଲ କଲେଜରେ ଭର୍ତ୍ତି କରାଯାଇଥିଲା । ଜଣେ ଅନ୍ତେବାସୀ ଜ୍ୱର ପାଇଁ ମେଡିସିନ ୱାର୍ଡରେ ଭର୍ତ୍ତି ହୋଇଥିବା ବେଳେ ୧୦ଜଣ ଡାଇରିଆ ୱାର୍ଡରେ ଚିକିତ୍ସିତ ହେଉଛନ୍ତି । ଏବେ ସେମାନଙ୍କ ସ୍ୱାସ୍ଥ୍ୟବସ୍ଥା ସ୍ଥିର ରହିଥିବା ମେଡିକାଲ ପକ୍ଷରୁ ଜଣାଯାଇଛି ।

# ଯାଜପୁର: ଆଉ ୫ ନମୁନାରେ କଲେରା ପଜିଟିଭ୍ ଚିହ୍ନଟ

ଯାଜପୁର,୧୮।୬(ସମିସ): ଯାଜପୁରରୁ ଗତ ୯ ଦିନ ତଳୁ ବାହାରିଥିବା ଝାଡ଼ାବାନ୍ତି ଆଜି ପର୍ଯ୍ୟନ୍ତ ନିୟନ୍ତ୍ରଣ ହୋଇପାରିନି । ପୂର୍ବରୁ ସଂଗୃହିତ ନମୁନା ମଧ୍ୟରୁ ୧୧ଟିରେ କଲେରା ଭୂତାଣୁ ମିଳିଥିବା ବେଳେ

### ବ୍ୟାସନଗରରେ ଦୁଇ ଜଣଙ୍କ ମୃତ୍ୟୁ

ଆଜି ଆଉ ୫ ନମୂନାରେ କଲେରା ଭୂତାଣୁ ମିଳିଥିବା ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ସ୍ପଷ୍ଟ କରିଛନ୍ତି । ଆଜି ବ୍ୟାସନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଆଉ ଦୁଇ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଜିଲ୍ଲାରେ ମୃତକଙ୍କ ସଂଖ୍ୟା ୧୮ରେ ପହଞ୍ଚିଥିବା ଜଣାପଡିଛି । ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସନ୍ଧ୍ୟା ୬ଟା ସୁଦ୍ଧା ମିଳିଥିବା ସୂଚନା ଅନୁଯାୟୀ ଆଜି ୧୦୪ଜଣ ନୂଆ ରୋଗୀ ଆଡ୍‌ମିଟ ହୋଇଥିବା ବେଳେ ୯ ଜଣଙ୍କୁ ରେଫର୍ କରାଯାଇଛି । ସୁସ୍ଥ ହେବା ପରେ ୧୧୨ ଜଣଙ୍କୁ ଡିସଚାର୍ଜ କରାଯାଇଥିବା ବେଳେ ବର୍ତ୍ତମାନ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସମେତ ସମସ୍ତ ଚିକିତ୍ସାଳୟରେ ମୋଟ ୧୭୪ ଜଣ ଚିକିତ୍ସିତ ହେଉଛନ୍ତି ।

ପ୍ରଶାସନ ପକ୍ଷରୁ ବିଭିନ୍ନ ସ୍ଥାନରେ ଲୋକ ମାନଙ୍କୁ ସଚେତନ କରାଯିବା ସହ ଫୁଟା ପାଣି ପିଇବା ପାଇଁ ପରାମର୍ଶ ଦିଆଯାଇଛି । ଜିଲ୍ଲାର ବିଭିନ୍ନ ହୋଟେଲ ଜଳଖିଆ ଦୋକାନରେ ଚଡ଼ଉ ଜାରି ରହିଛି । ଯାଜପୁର ଜିଲ୍ଲାପାଳ ପି. ଅନ୍ୱେଷା ରେଡ୍ଡୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଜିଲ୍ଲାରେ ଡାଇରିଆ ନିୟନ୍ତ୍ରଣ ନିମନ୍ତେ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଉଛି । ସଂକ୍ରମଣ ଓ ଡାଇରିଆ ରୋକିବା ପାଇଁ ସରକାରୀ ବେସରକାରୀ ଟ୍ୟୁବ୍‌ୱେଲ, କୂପ, ପାଇପ ୱାଟର ସପ୍ଲାଏ ଗୁଡ଼ିକୁ ବିଶୋଧନ କରାଯାଉଛି । ଏଚ୍‌୨ଏସ୍ କିଟ୍ ମାଧ୍ୟମରେ ଏମ୍‌ବିକେ ମାନେ ପାନୀୟ ଜଳକୁ ପରୀକ୍ଷା କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ସେମାନେ ହଟସ୍ପଟ ଅଞ୍ଚଳ; ଯେଉଁଠାରେ ଏବେ ଡାଇରିଆ କେଶ ବାହାରିବାର ତଥ୍ୟ ଆସୁଛି ଏବଂ ପାଇପ୍ ୱାଟର ସପ୍ଲାଏ ଉପଭୋକ୍ତା ଅଞ୍ଚଳରେ ପାନୀୟ ଜଳ ପରୀକ୍ଷା କରୁଛନ୍ତି ।

## SWAPNESWAR BALASHRAM

AT-BOILO, PO-PURUNAHAT, PS-KISHORENAGAR, DIST-CUTTACK
Regd. No- 4294-595 of 1985-86

**INVITATION FOR OBJECTION**

As per the advertisement given regarding various posts on date 13.06.2025 and 15.06.2025 in Samaya and Sakala Paper, if anyone has any objection on the provisional list given on our Website: https://www.swapneswarbalashram.blogspot.com, send your objection letter to our email swapneswarbalashram@gmail.com or send a hard copy to: The Secretary, Swapneswar Balashram, At-Boilo, Po-Purunahat, Ps-Kishorenagar, Dist-Cuttack, Pin-754131 within 7 days from the date of advertisement in the newspaper.

Sd/- Secretary
Swapneswar Balashram, Boilo, Cuttack

## THE ORISSA MINERALS DEVELOPMENT COMPANY LTD.

(A Government of India Enterprise)
CIN: L51430OR1918GOI034390
Regd. Office: Ground Floor, SAIL Building, Plot-271, Bidyut Marg, Unit-IX, Bhoi Nagar, Bhubaneswar, Khordha, Odisha, India-751022.
Email: info.birdgroup@birdgroup.co.in. Website: www.birdgroup.co.in

STATEMENT OF AUDITED STANDALONE FINANCIAL RESULTS FOR THE YEAR ENDED 31st MAR 2025 - IND-AS COMPLIANT

(Rs in lacs)

| Sl No. | PARTICULARS | FOR YEAR ENDING 31.03.2025 | Qtr-III ENDING 31.12.2024 | FOR YEAR ENDING 31.03.2024 |
|---|---|---|---|---|
| 1 | Total Income from Operation / Other income | 1,125.51 | 2,116.53 | 6,558.12 |
| 2 | Net Profit / (Loss) for the period (Before Tax, exceptional and / or extraordinary items) | (3,071.90) | (839.80) | (530.88) |
| 3 | Net Profit / (Loss) for the period Before Tax (after exceptional and / or extraordinary items) | (3,071.90) | (839.80) | (530.88) |
| 4 | Net Profit / (Loss) for the period after Tax (after exceptional and / or extraordinary items) | (787.09) | (80.47) | 201.91 |
| 5 | Total Comprehensive income for the period [Comprising Profit / (Loss) for the period (after tax) and other comprehensive income (after tax)] | (1,205.92) | (749.23) | 208.35 |
| 6 | Paid up Equity Share Capital | 60.00 | 60.00 | 60.00 |
| 7 | Reserves (Excluding revaluation reserve) as shown in the audited balance sheet of the previous year | (3,207.40) | (747.81) | (1,133.82) |
| 8 | Net Worth | (3,147.40) | (687.81) | (1,073.82) |
| 9 | Earning per share (of Rs. 1/-each) (for continuing and discontinued operations) - | | | |
| | 1. Basic | (52.41) | (12.48) | 4.75 |
| | 2. Diluted | (52.41) | (12.48) | 4.75 |

1. The above results of the Company were approved by the Board of Directors at their respective meetings held on 17th June 2025.
2. The above is the extract of the detail format of Annual Financial Result filed with the Stock Exchange under Regulation 33 of the SEBI (Listing Obligations and Disclosure Requirements) Regulations, 2015. The full Format of the Annual Financial Results are available on the Company's Website: www.birdgroup.co.in, the NSE (www.nseindia.com), the BSE (www.bseindia.com) and the CSE (www.cse-india.com)

For and on behalf of the Board of Director
Sd/-
(Vasudha Chandra Saratkal)
Managing Director

Place: Bhubaneswar
Date: 17th June' 2025

## PANCHAYAT RAJ & DRINKING WATER DEPARTMENT
GOVERNMENT OF ODISHA

## OFFICE OF THE PANCHAYAT SAMITI, JHARIGAM

**INVITATION FOR BIDS**

No: BDO/JHG/02/2025-26, Dated: 11.06.2025

The Block Development Officer, Jharigam, on behalf of the Governor of Odisha, invites percentage rate bids through e-procurement in a single cover system as per norms of the e-procurement system in online mode.

1. Name of Works: As mentioned in Table "A", which includes Construction of Additional Classrooms in different Primary and Upper Primary Schools of Jharigam block.
2. No. of Works: 5 (Five) Nos (Detailed in Tender Call Notice available on the website)
3. Estimated Cost: As mentioned in Table "A"
4. Tender Paper Cost: Rs. 6000/- per each work
5. Class of Contractor: D & C Class
6. Period of Completion: 180 Days
7. Critical Dates: *Further details can be seen in the bidding documents available on the e-procurement portal: www.tendersodisha.gov.in

* Subsequent corrigendum (if any) will appear on the above website.
* The authority reserves the right to reject any or all tenders without assigning any reason.

| Sl. No. | Details | Information |
|---|---|---|
| 1 | Name of Works | Construction of Additional Classrooms in different Primary and Upper Primary Schools of Jharigam Block (as per Table "A") |
| 2 | No. of Works | 5 (Five) Nos |
| 3 | Estimated Cost | As mentioned in Table "A" |
| 4 | Tender Paper Cost | Rs. 6000/- per each work |
| 5 | Class of Contractor | D & C Class |
| 6 | Period of Completion | 180 Days |
| 7 | Availability of Tender for bidding | From 17.06.2025 at 10:00 AM to 03.07.2025 at 04:00 PM |
| 8 | Last Date for Seeking Clarification | 03.07.2025 up to 04:00 PM |
| 9 | Date of Opening of Bid | 04.07.2025 at 11:00 AM |

OIPR-19408/11/0011/2526

Sd/- Block Development Officer, Jharigam

## AFFIDAVIT

By virtue of an affidavit sworn before Notary Public, Bhadrak, Affidavit No. 1355 dated 17-06-2025. I MURSHIDA KHATUN, Address At- Habibnagar, PO- Dhamnagar, Bhadrak, Odisha, 756117 declare that I have changed my name from MURSHID KHATOON to MURSHIDA KHATUN. Henceforth, I shall b known as MURSHIDA KHATUN for all purposes.

MURSHIDA KHATUN

## AFFIDAVIT

I Susmita Ghadei w/o- Balaram Ghadei, resident of village/po. Durpal, Ps-Kamarda, Dist-Balasore, Odisha, declared by affidavit before Executive Magistrate, Bhograi No.2103/ dtd-12/06/2025 that My son name as Bhagabata Ghadei in his Birth Certificate, that wrongly mentioned as Rakesh Ghadei in Adhar. Bhagabat Ghadei and Rakesh Ghadei is one & same person. Hence my son shall be known as Bhagabat Ghadei for all future purpose.

## AFFIDAVIT

I Kalicharan Jena, S/o- Kartik Jena, resident of village/Po-Katisahi, Ps-Kamarda, Dist-Balasore, Odisha, declared by affidavit before Executive Magistrate, Bhograi No.1855/ dtd-29/05/2025 that My son name as Rajkeshore Jena in his Birth Certificate, that wrongly mentioned as Rajkeshor Jena in Adhar. Rajkeshor Jena and Rajkeshor Jena is one & same person. Hence my son shall be known as Rajkeshore for all future purpose.

## AFFIDAVIT

I Manoranjan Swain, S/o-Parshuram Swain of village Garasang, Po- Garasang, Via-Ada, Ps-Similia, Dist-Baleswar Pin- 756134 declare by this affidavit no- 1766, Dt-17/06/2025 that now onwards.My name was wrongly mentioned as M Swain (Aadhaar card no -5518 6332 3422 ). I shall be known as Manoranjan Swain for all future purposes as mentioned above address.

## CHANGE OF NAME

By the virtue of an affidavit sworn before Executive Magistrate Kakatpur, dated 18.06.2025 I, ABHIMANYU MUDULI, Address At- Suhagpur, PO- Suhagpur, PS- Kakatpur, Dist - Puri, PIN - 752107 declare that I have changed my Son's/Daughter's name from Deepak Kumar Muduli to Deepak Ranjan Muduli. Henceforth his/she shall be known as Deepak Ranjan Muduli for all purposes .

## AFFIDAVIT

By virtue of an affidavit sworn before Executive Magistrate, Anandapur dated- 26/03/2025. I, GAYATRI RANA, address At/Po- Kolimati, Dist- Keonjhar, Pin-758015, Odisha declare that I have changed my name from Gayatri Sahoo To Gayatri Rana. Henceforth, I shall be known as Gayatri Rana for all purposes.

GAYATRI RANA
(New Name)

## AFFIDAVIT

By virtue of an affidavit sworn before Notary Public, Bhubaneswar, dated-18.06.2025, I, Pratap Dora, S/O- Brundaban Dora, resident of Vill- Singipur, PO- Singipur, P.S.-Patapur, Dist-Ganjam, Odisha, Pin-761014, declare that I have changed the name of my daughter's name from M Sanaki Dora to M Sonkashi Dora. Henceforth, she shall be known as M Sonkashi Dora for all purposes.

## AFFIDAVIT

By virtue of an affidavit sworn before BRAJA SUNDAR NAYAK, Notary Public, RAYAGADA, dated 18 Jun 2025, I, SIPRA SANGHAMITRA DASH, Address Opp. Shanti Bhaban, Convent Road, Rayagada, Odisha, PIN 765001 declare that I have changed my name from SIPRA SANGHAMITRA RICHA TANISHA DASH to SIPRA SANGHAMITRA DASH. Henceforth, I shall be known as SIPRA SANGHAMITRA DASH for all purposes.

SIPRA SANGHAMITRA DASH

## AFFIDAVIT

I, Dilip Kumar Agarwalla, aged about 54 years, S/o- Late Bajaranglal Agrawalla, resident of Sardar Patel Marg, PO- Jatni, PS- Jatni, Dist- Khordha, Odisha declared by this affidavit No.148, dtd- 18/06/2025 that now onwards I shall be known as DILIP KUMAR AGRAWALLA for all future purposes.

## AFFIDAVIT

By virtue of an affidavit sworn before Notary Public, Bhadrak, Affidavit No. 1353 dated 17-06-2025. I MADINA BIBI, Address At- Mojahidnagar, PO- Dhamnagar, Bhadrak, Odisha, 756117 declare that I have changed my name from AMIRUN BIBI alias AMIRUN NESSA to MADINA BIBI. Henceforth, I shall b known as MADINA BIBI for all purposes.

MADINA BIBI

## CHANGE OF NAME

By the virtue of an affidavit sworn before Notary public Bhubaneswar dated 12-06-2025, I Prakash Behera At - Hatabaradihi, PO - Hatabaradihi, PS - Tangi, Dist - Khordha, Odisha, PIN - 752027 hereby declare that I have changed name of my daughter from Laxmipriya Behera to Puja Behera. Henceforth She shall be known as Puja Behera for all purposes .

## AFFIDAVIT

I, Chiranjeevi Sakali, aged about 41 years, S/o- Narayana Chakali, resident of At-3-3, Ayyavaripeta, Ps- Ichapurm Rural, Mandalam, Loddaputti, Dist- Srikakulam, PIN- 532312, Andhra Pradesh declared by this affidavit No. 1194, dtd- 17/06/2025 that now onwards I shall be known as CHIRANJEEVI CHAKALI for all future purposes.

## AFFIDAVIT

By virtue of an affidavit No. 7636, Sworn before The Executive Magistrate, Jajpur on dtd- 02/12/2024. I Akash Malik, aged about 24 years, S/o- Surendra Malik, resident of Vill- Natakul, Po- Kotapur, Ps- Dharmasala, Dist-Jajpur, Odisha my real name is Akash Malik recorded in my Aadhar Card, Bank Account bearing Aadhar No- 3648 1879 1440 & Bank A/c No- 07410110208232, but my name is Prakash Chandra Malik recorded in my LIC Policy Bond bearing No. 590188881. Henceforth, both the name Akash Malik and Prakash Chandra Malik is one and same person for all future purposes.

Akash Malik

## AFFIDAVIT

BY VIRTUE OF an affidavit sworn before the Executive Magistrate, Sohela, No -04 dated 17/06/2025 I Sagara Naik, S/o- Dolamani Naik, R/o- Village/Po.- Baunsenmura, PS- Sohela, Dist - Bargarh, Odisha declare that, my son's actual and correct name is Jagamohan Naik but in his Aadhaar card his name has been wrongly mentioned as Gagmohan Naik. Hence both Jagamohan Naik and Gagmohan Naik is same and person.

## AFFIDAVIT

I, Narayana Sakali, aged about 68 years, S/o- Thutayya Chakali, resident of At-3-3, Ayyavaripeta, Ps- Ichapurm Rural, Mandalam, Loddaputti, Dist- Srikakulam, PIN- 532312, Andhra Pradesh declared by this affidavit No. 1193, dtd- 17/06/2025 that now onwards I shall be known as NARAYANA CHAKALI for all future purposes.

## AFFIDAVIT

By virtue of an affidavit before The Executive Magistrate, Titilagarh, on dated- 04/06/2025. I, Santosh Sahu, aged about 53 years, S/O- Late Dutia Sahu, permanent resident of At- Ghantasuni Pada, PO/PS- Titilagarh, Dist- Balangir, (Odisha), PIN- 767033 affirm that I have changed my minor daughter's name from Sardha Rani Sahu (old name) To Sradha Rani Sahu (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion she will be known as Sradha Rani Sahu (new name).

Santosh Sahu

## SALE

Booking Open 2/3 BHK Flats Price Starts from 60 Lakhs BHPL KRISHNA BHARATPUR, BHPL RUDRA in front of CET College, Ghatikia, BHPL SB HOMES, Ghatikia, BHPL PNM, Satya Vihar, BHPL GRAND-4, Jagamara & Ready to move 3 BHK Flats BHPL ARYA, Ghatikia & K.I Palace, Samantarapur, Bhubaneswar.

Contact
GADHWAL GROUP
Mob.: 9437015112

## LOST

Notice is hereby given to general public that, I Sri. Sambit has lost the original link RSD bearing no-11081408405 dt. 03.10.2014 RSD NO-11081402723 dt 10.03.2014 and ROR NO-514/1937 AND ROR NO-514/2137 of Mouza-Kesura, which was kept in my hand Bag while he was going to court from his residence at Kotasahi, on 28.05.2025 lost the original sale deed somewhere, around court area and in spite of his best efforts failed to trace the same. Therefore, if anyone has found the same, please contact Advocate Sri. N.C. Pattnaik, mob - 9853311189, of UCHR, at Chandrasekharpur within 15 days from the date of the publication, failing which the document will lose its legal force, and any misuse of the document will be punishable under law.

## TO-LET

Commercial Space available on rent for Shopping Mall, Bank, Office, Restaurant, Banquet Hall, Saloon & Spa, Gym, Godown, Rooftop restaurant and other purposes. Beside Vipul Gardens, Kalinga Nagar, Ghatikia, Bhubaneswar. Basement - 2755 sqft, Ground - 2191 sqft, 1st, 2nd & 3rd floor - 2767 sqft and Terrace / Rooftop - 2755 sqft. with Anandban scenery view.

CONTACT : 6371093914

## AFFIDAVIT

I, Sharmistha Nayak, W/o- Abhijit Nayak, D/O- Muralidhar Srichandan, resident of At- Plot No-5, Basuaghai, Tankapani Road, Badagada Brit Colony, PS- Badagada, Bhubaneswar, Dist- Khorda, Pin- 751018, Odisha. Declare by this affidavit No- CF No-31, dtd- 17.06.2025, that now onwards I shall be known as SARMISTHA SRICHANDAN for all future purposes.

## ନା ହେଉଛି ଯାଞ୍ଚ, ନା ଜରିମାନା

# ବିକ୍ରି ହେଉଛି ନିମ୍ନମାନର ମିଠା, ରଙ୍ଗମିଶା ଖାଦ୍ୟ

ନୟାଗଡ଼,୧୮।୬(ସମିସ)

ସାରା ରାଜ୍ୟରେ ହଇଜା ବ୍ୟାପିବା ପରେ ବି ନୟାଗଡ଼ ଜିଲ୍ଲାରେ ଚିନ୍ତା ପଶୁ ନାହିଁ। ବିଭିନ୍ନ ନାମୀଦାମୀ ହୋଟେଲ, ରେସ୍ତୋରାଁ, ସହର ମଧ୍ୟରେ ଠେଲାଗାଡ଼ିରେ ବିକ୍ରି ହେଉଥିବା ଖାଦ୍ୟ ପଦାର୍ଥର ଗୁଣବତ୍ତା ଯାଞ୍ଚ କରାଯାଉନାହିଁ। ନୟାଗଡ଼ ଜିଲ୍ଲାର ବିଭିନ୍ନ ହୋଟେଲ, ଢାବା, ଜଳଖିଆ ଦୋକାନରେ ସ୍ୱାଦିଷ୍ଟ ଖାଦ୍ୟ ନାଁରେ ବାସି, ଅପମିଶ୍ରିତ ଏବଂ ନିମ୍ନମାନର ଖାଦ୍ୟ ତଥା ମାତ୍ରାଧିକ ମସଲାଯୁକ୍ତ ଖାଦ୍ୟ ବିକ୍ରି ହେଉଥିବା ଅଭିଯୋଗ ହେଉଥିଲେ ମଧ୍ୟ ସବୁ ଜାଣି ଅଜଣା ହେଉଛନ୍ତି ବିଭାଗୀୟ ଅଧିକାରୀମାନେ। ଦୈନିକ ଗ୍ରାହକମାନେ ଖାଦ୍ୟ ଖାଇବା ବଦଳରେ ଅପମିଶ୍ରିତ ଖାଦ୍ୟ ଖାଇ ବିଭିନ୍ନ ପେଟ ଓ ଚର୍ମ ରୋଗର ଶିକାର ହେଉଥିବା ଅଭିଯୋଗ ହୋଇଛି। ଜିଲ୍ଲା ପ୍ରଶାସନ ପକ୍ଷରୁ ନିୟମିତ ଭାବେ ହୋଟେଲ ଓ ଢାବାଗୁଡ଼ିକରେ ଖାଦ୍ୟର ମାନ ଯାଞ୍ଚ ହେଉ ନ ଥିବାରୁ ବିଭାଗୀୟ ଅଧିକାରୀଙ୍କ କାର୍ଯ୍ୟ ଉପରେ ସାଧାରଣ ଲୋକଙ୍କ ସନ୍ଦେହ ସୃଷ୍ଟି ହୋଇଛି। ହୋଟେଲ ଓ ଢାବାଗୁଡ଼ିକ ମଧ୍ୟରୁ କେଉଁଟି ସ୍ୱୀକୃତିପ୍ରାପ୍ତ ଏବଂ କେଉଁଟି ଅଣସ୍ୱୀକୃତିପ୍ରାପ୍ତ ଗ୍ରାହକ ଜାଣିପାରୁନାହାନ୍ତି। ନୟାଗଡ଼ ସହରର ବିଭିନ୍ନ ସ୍ଥାନରେ ରହିଥିବା ହୋଟେଲ, ମିଠା ଦୋକାନଗୁଡ଼ିକ ଯାଞ୍ଚ କରାଯାଉନାହିଁ। ଢାବାଗୁଡ଼ିକରେ ଦୁଇ ତିନି ଦିନ ତଳର ବାସି ଖାଦ୍ୟକୁ ଗରମ କରି ପରସା

- ହଇଜା ବ୍ୟାପିବା ପରେ ବି ଚଢ଼ଉ ନାହିଁ
- ବିକ୍ରି ହେଉଛି ବାସି ଖାଦ୍ୟ; ପ୍ରଶାସନ ନିରବ

ଯାଉଛି। ଜଳଖିଆ ଦୋକାନଗୁଡ଼ିକରେ ଅପମିଶ୍ରିତ ଓ କମ୍ ଦାମ୍‌ର ତେଲରେ ଖାଦ୍ୟ ପଦାର୍ଥ ଓ ଜଳଖିଆ ବିକ୍ରି ହେଉଛି।

ଅନ୍ୟପକ୍ଷରେ ଫାଷ୍ଟଫୁଡ୍ ଦୋକାନରେ ମଧ୍ୟ ନିମ୍ନମାନର ମସଲା ଓ ସସ୍ ବ୍ୟବହାର



କରାଯାଇ ବିଷାକ୍ତ ଖାଦ୍ୟ ବିକ୍ରି କରାଯାଉଛି। ଏଥିପ୍ରତି କାହାର ଦୃଷ୍ଟି ନ ଥିବା ଚିନ୍ତାର କାରଣ ପାଲଟିଛି। ଜିଲ୍ଲାରେ ନିଯୁକ୍ତ ଖାଦ୍ୟ ସୁରକ୍ଷା ଅଧିକାରୀ ବିଭିନ୍ନ ସ୍ଥାନରେ ବିକ୍ରି ହେଉଥିବା ଖାଦ୍ୟର ପ୍ରକୃତ ମାନ ନିରୂପଣ ପାଇଁ ଏହାକୁ ପରୀକ୍ଷାଗାରକୁ ପଠାଇବା ପରେ ୪୦ଦିନ ମଧ୍ୟରେ ରିପୋର୍ଟ ମିଳିବାର ନିୟମ ରହିଛି। ଯଦି କୌଣସି ସୂତ୍ରରୁ ଅପମିଶ୍ରିତ କିମ୍ବା ନିମ୍ନମାନର ଖାଦ୍ୟ ବିକ୍ରି ହେଉଥିବା ରିପୋର୍ଟରୁ ଜଣାଯାଏ, ତାହେଲେ ସରକାରଙ୍କ ପକ୍ଷରୁ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାର ନିୟମ ଅଛି। କିନ୍ତୁ ଏଠି ସେଭଳି କିଛି ଆଖିଦୃଶିଆ ପଦକ୍ଷେପ ନିଆଯାଉନାହିଁ। ନୟାଗଡ଼ ସହରରେ ଜିଲ୍ଲାର ସମସ୍ତ ବିଭାଗୀୟ କାର୍ଯ୍ୟାଳୟ ସହ ପଞ୍ଚାୟତ ସମିତି, ତହସିଲ୍, ଡାକ୍ତରଖାନା, ବିଦ୍ୟୁତ୍ କାର୍ଯ୍ୟାଳୟ, ଥାନା, କୋର୍ଟ ସମେତ ବିଭିନ୍ନ ସରକାରୀ କାର୍ଯ୍ୟାଳୟ ରହିଛି। ବିଭିନ୍ନ କାମରେ ହଜାର ହଜାର ଲୋକ ନୟାଗଡ଼ ଆସି ବିଭିନ୍ନ ହୋଟେଲ କିମ୍ବା ଢାବାରେ ଖାଦ୍ୟ ଖାଇବା ପାଇଁ ଭିଡ଼ ଜମାଇଥାନ୍ତି। ହୋଟେଲ ମାଲିକମାନେ ଅଧିକ ଲାଭ ପାଇବା ଆଶାରେ କମ୍ ମୂଲ୍ୟରେ କିଣା ଯାଇଥିବା ତେଲ, ମସଲା, ଘିଅରେ ପ୍ରସ୍ତୁତ ଖାଦ୍ୟ ଗ୍ରାହକଙ୍କୁ ପରସି ଦିଅନ୍ତି। କେବଳ ସେତିକି ନୁହେଁ ପଚା ସଢ଼ା ମାଛ ମାଂସକୁ ଅଧିକ ମସଲା ଦେଇ ଖାଦ୍ୟ ପ୍ରସ୍ତୁତ କରି ଲୋକଙ୍କୁ ଖାଇବାକୁ ଦେଇ ରୋଗ କିଣିବା ପାଇଁ ବାଧ କରୁଥିବା ଅଭିଯୋଗ ହେଉଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ବିଭାଗୀୟ ଅଧିକାରୀମାନେ ଯେତେବେଳେ ଚଢ଼ଉ କରିବାକୁ ଆସୁଛନ୍ତି ହୋଟେଲ ମାଲିକଙ୍କୁ ଆଗୁଆ ଖବର ଦିଆଯାଉଥିବା ଅଭିଯୋଗ ହେଉଛି। ଜିଲ୍ଲା ପ୍ରଶାସନ ପକ୍ଷରୁ କଡ଼ାକଡ଼ି ନଜର ରଖି ଦୋଷୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସାଧାରଣରେ ଦାବି ହେଉଛି।

## ଆଶାକର୍ମୀ ଜିଲ୍ଲା ସମ୍ପାଦିକାଙ୍କ ଶ୍ରଦ୍ଧାଞ୍ଜଳି ସଭା


**ନୟାଗଡ଼,୧୮।୬(ସମିସ):** ଓଡ଼ିଶା ଆଶା କର୍ମୀ ଆସୋସିଏସନ ନୟାଗଡ଼ ଜିଲ୍ଲା ସମ୍ପାଦିକା ତଥା ସିଆଇଟିୟୁ ରାଜ୍ୟ କମିଟି ସଭ୍ୟା ସାଥୀ ନଳିନୀ ଦାସଙ୍କ ଏକାଦଶାହରେ ତାଙ୍କର ଶ୍ରଦ୍ଧାଞ୍ଜଳି ଉଦ୍ଦେଶ୍ୟରେ ଶତାଧିକ ଆଶାକର୍ମୀ ଏକ ଶୋଭାଯାତ୍ରା ସହ ଗ୍ରାମ ପରିକ୍ରମା କରିଥିଲେ। କ୍ରିଦାଶପୁରଠାରେ ବିଶିଷ୍ଟ ଶ୍ରମିକ ନେତା ସାଥୀ ବିଶ୍ୱନାଥ ମହାପାତ୍ରଙ୍କ ସଭାପତିତ୍ୱରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ନଳୀନଙ୍କ ଫଟୋ ଚିତ୍ରରେ ଉପସ୍ଥିତ ସମସ୍ତ ଅତିଥି, ଆଶାକର୍ମୀ, ବନ୍ଧୁବାନ୍ଧବ ଓ ଗ୍ରାମବାସୀମାନେ ପୁଷ୍ପାର୍ପଣ କରିବା ପରେ ତାଙ୍କ ଉଦ୍ଦେଶ୍ୟରେ ୧ମିନିଟ୍ ଶୋକ ପ୍ରକାଶ କରାଯାଇଥିଲା। ସେ ଏକାଧାରରେ ଅନେକ ଗୁଣର ଅଧିକାରିଣୀ ଥିଲା ବେଳେ ଆଶାକର୍ମୀ ଓ ସମସ୍ତ ସ୍କିମ୍ ଶ୍ରମିକଙ୍କ ଅଧିକାର ପାଇଁ ସାଲିସ୍ ବିହୀନ ସଂଗ୍ରାମ କରୁଥିଲେ। ସିଆଇଟିୟୁ ଜିଲ୍ଲା ଆବାହକ ତଥା ବାମପନ୍ଥୀ ନେତା ବିଶ୍ୱନାଥ ମହାପାତ୍ର, ସିଟୁର ରାଜ୍ୟ ସମ୍ପାଦକ ତଥା ଅଶାକର୍ମୀ ସଂଗଠନର ରାଜ୍ୟ ଉପସଭାପତି ସୁରେଶ ସ୍ୱାଇଁ, ଶ୍ରମିକ ନେତା ଶ୍ରୀକାନ୍ତ ପଟ୍ଟନାୟକ, ପୂର୍ବତନ ସରପଞ୍ଚ ଦୁତି ବାମନ ବେହେରା, ଅଙ୍ଗନବାଡ଼ି କର୍ମୀ ଜ୍ୟୋତ୍ସ୍ନାରାଣୀ ପଣ୍ଡା, ଜିଲ୍ଲା ସଭାପତି ଚାପଧାରୀ ରାଉତ, ଜିଲ୍ଲା ସଂଗଠନର ନେତ୍ରୀ ସଂଯୁକ୍ତା ସେଠୀ, କାଳନ୍ଦି ନାୟକ, ପ୍ରତିଭା ବେହେରା, ବାସନ୍ତୀ ବେହେରା, ସରୋଜିନୀ ସାହୁ, ସସ୍ମିତା ପଟ୍ଟନାୟକ, ମଙ୍ଗୁଳି ରାଉତ, ସରୋଜିନୀ ତ୍ରିପାଠୀ, ଜାମିନୀ ରାଣୀ ବେହେରା, ସନ୍ତୋଷିନୀ ସାହୁ, ରୂପମଞ୍ଜରୀ ସାହୁ ପ୍ରମୁଖ ସ୍ମୃତିଚାରଣ କରିଥିଲେ।

## ବରିଷ୍ଠ ନାଗରିକଙ୍କ ବନ୍ଧୁ ମିଳନ



**ରଣପୁର,୧୮।୬(ସମିସ):** ନୟାଗଡ଼ ଜିଲ୍ଲା ରଣପୁର ଅଞ୍ଚଳର ସୁର୍କାବାଡ଼ି ଗ୍ରାମରେ ସମସ୍ତ ବରିଷ୍ଠ ନାଗରିକଙ୍କୁ ନେଇ ଏକ ବନ୍ଧୁ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବୈକୁଣ୍ଠ ମହାପାତ୍ରଙ୍କ ସଭାପତିତ୍ୱରେ କୋଷାଧ୍ୟକ୍ଷ ବିଜୟ କୁମାର ସାହୁ, ଶଙ୍କର ସାହୁଙ୍କ ସହଯୋଗରେ ଗ୍ରାମ ଦେବତୀ ମା' ରାମଚଣ୍ଡୀ ମନ୍ଦିର ପ୍ରାଙ୍ଗଣରେ ଏହି କାର୍ଯ୍ୟକ୍ରମ ପ୍ରତିବର୍ଷ ପରି ଏ ବର୍ଷ ମଧ୍ୟ ଶେଷ ରଜରେ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଦୁଇ ଜଣ ବରିଷ୍ଠ ନାଗରିକଙ୍କୁ ସରପଞ୍ଚ ସୁନିତା ମହାପାତ୍ର ଏବଂ ସମିତିସଭ୍ୟ ପ୍ରତିନିଧି କୃଷ୍ଣ ଚନ୍ଦ୍ର ମିଶ୍ର ସମ୍ବର୍ଦ୍ଧିତ କରିଥିଲେ। ପୂର୍ବ ସରକାର ବରିଷ୍ଠ ନାଗରିକ ସମ୍ମିଳନୀ କକ୍ଷ ପାଇଁ କିଛି ଅନୁଦାନ ରାଶି ପ୍ରଦାନ କରିଥିଲେ। କୌଣସି କାରଣରୁ ସେ କାର୍ଯ୍ୟ ଆଜି ପର୍ଯ୍ୟନ୍ତ ହୋଇପାରିଲା ନାହିଁ। ଫଳରେ ବରିଷ୍ଠ ନାଗରିକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଯାଇଥିଲା। ବର୍ତ୍ତମାନର ସରକାର ଉକ୍ତ ଅନୁଦାନ ରାଶିକୁ ଫେରସ୍ତ ନେଇଥିବା ଯୋଗୁଁ ସଭାରେ ଅସନ୍ତୋଷ ପ୍ରକାଶ ପାଇଥିଲା। ସରପଞ୍ଚ ସୁନିତା ମହାପାତ୍ର ସ୍ଥାନୀୟ ବିଧାୟିକା ତଥା ବାଚସ୍ପତି ସୁରମା ପାଢ଼ୀଙ୍କୁ ଜଣାଇ ପୁନର୍ବାର ସେ ଅନୁଦାନ ରାଶିକୁ ଫେରାଇ ଆଣିବା ପାଇଁ କହିଛନ୍ତି।

## ବିପର୍ଯ୍ୟୟ ପରିଚାଳନା ପ୍ରାକ୍ ପ୍ରସ୍ତୁତି ବୈଠକ




**ଓଡ଼ଗାଁ,୧୮।୬(ସମିସ):** ନୟାଗଡ଼ ଜିଲ୍ଲା ଓଡ଼ଗାଁ ବ୍ଲକ୍ ସଭାଗୃହଠାରେ ଓଡ଼ଗାଁ ବ୍ଲକ୍ ଏବଂ ଏନ୍‌ଏସିର ମିଳିତ ସହଯୋଗରେ ବିପର୍ଯ୍ୟୟ ପରିଚାଳନା ପ୍ରାକ୍ ପ୍ରସ୍ତୁତି ବୈଠକ ବୁଧବାର ଅପରାହ୍ଣରେ ଅନୁଷ୍ଠିତ ହୋଇଯାଇଛି। ବ୍ଲକ୍ ଅଧ୍ୟକ୍ଷ ଲୋକନାଥ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବିଡିଓ ଜିତେନ୍ଦ୍ର କୁମାର ନାୟକ, ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ନିହାର ରଞ୍ଜନ ବେହେରା ଏବଂ ଗ୍ରାମ ପଞ୍ଚାୟତ ଅଧିକାରୀ ବିଶ୍ୱଜିତ୍ ଜେନା ପ୍ରମୁଖଙ୍କ ସହିତ ଗ୍ରାମ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ, ପଞ୍ଚାୟତ ଜନ ପ୍ରତିନିଧି, ଅଗ୍ନିଶମ ସେବା ବାହିନୀ ଅଧିକାରୀ, ବ୍ଲକ୍ କୃଷି ଅଧିକାରୀ, ସ୍ୱାସ୍ଥ୍ୟ କର୍ମଚାରୀ, ବନାଞ୍ଚଳ କର୍ମଚାରୀ, ବିଦ୍ୟୁତ୍ ବିଭାଗୟ ଅଧିକାରୀ ଓ ପ୍ରତିନିଧିମାନଙ୍କ ସହିତ ହିସାବ ରକ୍ଷକ ଏବଂ ତଥ୍ୟ ନିକ୍ଷେପଣ ପରିଚାଳକମାନେ ଗୋଟିଏ ଟେବୁଲରେ ବସି ଆଲୋଚନା କରିଥିଲେ। ବିଶେଷକରି ଓଡ଼ଗାଁ ବ୍ଲକ୍ ଅଞ୍ଚଳରେ କାଳବୈଶାଖୀ, ବର୍ଷା, ବାତ୍ୟା, ବନ୍ୟାର ପ୍ରକୋପ ଦେଖିବାକୁ ମିଳୁଥିବାରୁ ପ୍ରାକୃତିକ ବିପର୍ଯ୍ୟୟବେଳେ ମନୁଷ୍ୟ ଏବଂ ଗୃହପାଳିତ ପ୍ରାଣୀମାନଙ୍କୁ ନିରାପଦ ସ୍ଥାନକୁ ସ୍ଥାନାନ୍ତର ସହିତ ସେମାନଙ୍କ ପାଇଁ ଖାଦ୍ୟ, ବସ୍ତ୍ରର ବ୍ୟବସ୍ଥା କରିବା ନିମନ୍ତେ ପ୍ରସ୍ତୁତ ରହିବାକୁ ବିଡିଓ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ।

## ନିଶା ନିବାରଣ ସଚେତନତା

**ଭାପୁର,୧୮।୬(ସମିସ):** ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ୍ ପରିସରରେ ବୁଧବାର ପୂର୍ବାହ୍ଣ ୧୧ଟା ସମୟରେ ମାଦକଦ୍ରବ୍ୟ ସେବନ ବିରୋଧରେ ଏକ ସଚେତନତା ରଥ ଶୁଭାରମ୍ଭ ହୋଇଥିଲା। ଏହାକୁ ଉଦ୍‌ଘାଟନ କରିଥିଲେ ବ୍ଲକ୍ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସାରଦା ପ୍ରସନ୍ନ ପଣ୍ଡା। ଏହି ସମୟରେ ଖଣ୍ଡପଡ଼ା ଅବକାରୀ ବିଭାଗର



ଥାନା ଅଧିକାରୀ ଦୀପକ କୁମାର ଜେନା, ଏସ୍‌ଆଇ ମିତାରାଣୀ ଦେହୁରୀ, ସିଡିପିଓ ତୃପ୍ତି ମହାପାତ୍ର, ମିଶନ ଶକ୍ତି ବ୍ଲକ୍ ମୁଖ୍ୟ ଭାରତୀ ପଟ୍ଟନାୟକ, ରେଣୁବାଳା ସାହୁ ଯୋଗଦେଇଥିଲେ। ସମସ୍ତ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ସଦସ୍ୟାମାନେ ନିଶା ନୁହଁ, ଜୀବନ ବଞ୍ଚାଅ ବୋଲି ପ୍ଲାକାର୍ଡ ଧରି ଭାପୁର ବ୍ଲକ୍‌ଠାରୁ ଶୋଭାଯାତ୍ରା ଆରମ୍ଭ କରି ବଜାର ଅଞ୍ଚଳ ବୁଲିଥିଲେ। ନିଶା ଦ୍ରବ୍ୟ ସେବନର କୁପରିଣାମ ବିଷୟରେ ଲୋକଙ୍କୁ ଅବଗତ ପାଇଁ ପ୍ଲାକାର୍ଡ ଧରି ସଚେତନତା ବାର୍ତ୍ତା ପ୍ରଦାନ କରିଥିଲେ। ଅପମିଶ୍ରିତ, ବିଷାକ୍ତ ଏବଂ ଚୋରା ମଦ କାରବାରକୁ କିଭଳି ସମ୍ପୂର୍ଣ୍ଣ ଭାବେ ରୋକାଯାଇପାରିବ ସେ ବିଷୟରେ ଜନସାଧାରଣଙ୍କୁ ସଚେତନ କରିଥିଲେ।

## ଭେଣ୍ଡିଆ ପାଉଛନ୍ତି ବାର୍ଦ୍ଧକ୍ୟ ଭତ୍ତା

**ଖଣ୍ଡପଡ଼ା,୧୮।୬(ସମିସ):** ଖଣ୍ଡପଡ଼ା ବ୍ଲକ୍‌ର ବିଭିନ୍ନ ପଞ୍ଚାୟତରେ ବର୍ଷ ବର୍ଷ ଧରି ମାଳମାଳ ଅଯୋଗ୍ୟ ହିତାଧିକାରୀଙ୍କ ନାମ ଭତ୍ତା ହିତାଧିକାରୀ ତାଲିକାରେ ସ୍ଥାନ ପାଇଆସୁଛି। ଏନେଇ ବାରମ୍ବାର ପ୍ରଶାସନର ଦୃଷ୍ଟି ଆକର୍ଷଣ ଓ ଅଭିଯୋଗ ସତ୍ତ୍ୱେ ଭତ୍ତା ହିତାଧିକାରୀଙ୍କ ତାଲିକାରୁ ଅଯୋଗ୍ୟ ବ୍ୟକ୍ତିବିଶେଷଙ୍କୁ ବାଦ୍ ଦେବା ତ ଦୂରର କଥା ଖଣ୍ଡପଡ଼ା ବ୍ଲକ୍ ପ୍ରଶାସନ କିମ୍ବା ଜିଲ୍ଲା ପ୍ରଶାସନ ପକ୍ଷରୁ ଅଭିଯୋଗର ତଦନ୍ତ ନ ହେବା ଆଶ୍ଚର୍ଯ୍ୟର ବିଷୟ। ଖଣ୍ଡପଡ଼ା ବ୍ଲକ୍ ଅଧୀନ ୨୨ଟି ପଞ୍ଚାୟତରେ ପ୍ରତି ମାସରେ ଭତ୍ତା ପାଉଥିବା ହିତାଧିକାରୀଙ୍କ ତାଲିକାକୁ ଅନୁଧ୍ୟାନ କଲେ ଭିନ୍ନକ୍ଷମ ଭତ୍ତା, କଳାକାର ଭତ୍ତା ହିତାଧିକାରୀ ଚୟନରେ ହୋଇଥିବା ଦୁର୍ନୀତି ସାମ୍ନାକୁ ଆସୁଛି। କଳାକାର ଓ ଭିନ୍ନକ୍ଷମ ନ ହୋଇ ମଧ୍ୟ ସେମାନେ ଭତ୍ତା ପାଇବାକୁ ଯୋଗ୍ୟ ବିବେଚିତ ହେଲେ କିପରି ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅଧିକାଂଶ ଲୋକ ବଧିର, ମାନସିକ ବିକାରଗ୍ରସ୍ତ ଓ ଦୃଷ୍ଟିବାଧିତ ନ ହୋଇ ମଧ୍ୟ ସେମାନେ ବିଭାଗୀୟ ଅଧିକାରୀଙ୍କୁ ଲାଞ୍ଚ ଦେଇ ଭିନ୍ନକ୍ଷମ ପ୍ରମାଣପତ୍ର ହାତେଇ ପ୍ରତି ମାସରେ ଭତ୍ତା ଟଙ୍କା ନେଉଥିବା ଦେଖିବାକୁ ମିଳୁଛି। ସେହିପରି କାଗଜପତ୍ରରେ ଠକେଇ କରି ୬୦ ବର୍ଷ ବୟସରୁ କମ୍ ବୟସର ଅନେକ ବ୍ୟକ୍ତି ପ୍ରତି ମାସରେ ଭତ୍ତା ପାଉଥିବା ଅଭିଯୋଗ ହେଉଛି। ଯାହାକି ଭେଣ୍ଡିଆ ପାଉଛନ୍ତି ବାର୍ଦ୍ଧକ୍ୟ ଭତ୍ତା ବୋଲି ସାଧାରଣରେ ଆଲୋଚନା ହେଉଛି। ଏସବୁ ଦୁର୍ନୀତି ପଛରେ କିଛି ଦୁର୍ନୀତିଗ୍ରସ୍ତ ପ୍ରଶାସନିକ ଅଧିକାରୀ, କିଛି ଦଣ୍ଡିଆ ଓ ରାଜନେତାଙ୍କ ପ୍ରଚ୍ଛନ୍ନ ହାତ ଥିବା ନେଇ ସାଧାରଣରେ ଆଲୋଚନା ହେଉଛି। ପ୍ରତି ମାସରେ ଭତ୍ତା ପାଉଥିବା ହିତାଧିକାରୀଙ୍କ ତାଲିକା ଯଦି ପ୍ରଶାସନ ପକ୍ଷରୁ ଯାଞ୍ଚ କରାଯାଏ ବହୁ ଅଯୋଗ୍ୟ ହିତାଧିକାରୀ ତାଲିକାରୁ ବାଦ୍ ପଡ଼ିବେ ବୋଲି ଜଣାପଡ଼ିଛି। ବିଭିନ୍ନ କ୍ଷେତ୍ରରେ ଦୁର୍ନୀତିକୁ ଆଦୌ ପ୍ରଶ୍ରୟ ଦିଆଯିବ ନାହିଁ ବୋଲି ରାଜ୍ୟ ସରକାର ଡିଣ୍ଡିମ ପିଟୁଥିବାବେଳେ ଖଣ୍ଡପଡ଼ା ବ୍ଲକ୍‌ସ୍ତରରେ ଭତ୍ତା ହିତାଧିକାରୀ ଚୟନରେ ହୋଇଥିବା ଦୁର୍ନୀତିର ତଦନ୍ତ କେବେ ହେବ ତାହା ଦେଖିବାକୁ ସାଧାରଣରେ ଉତ୍କଣ୍ଠା ପ୍ରକାଶ ପାଉଛି। ନୟାଗଡ଼ ଜିଲ୍ଲାପାଳ ଏଥିପ୍ରତି ଦୃଷ୍ଟି ଦେବାକୁ ବୁଦ୍ଧିଜୀବୀ ମହଲରୁ ଦାବି ହେଉଛି।

## ଅଦ୍ୱିକା-କିଶୋରୀ ସୁଭଦ୍ରା ଦିବସ ରଜ ମହୋତ୍ସବ



**ଓଡ଼ଗାଁ,୧୮।୬(ସମିସ):** ନୟାଗଡ଼ ଜିଲ୍ଲା ଓଡ଼ଗାଁ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଦ୍ୱାରା ଆୟୋଜିତ ବ୍ଲକ୍‌ସ୍ତରୀୟ ଅଦ୍ୱିକା-କିଶୋରୀ ସୁଭଦ୍ରା ଦିବସ ରଜ ମହୋତ୍ସବ ରଙ୍ଗଣୀପାଟଣା ପଞ୍ଚାୟତ ସଭାଗୃହଠାରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଓଡ଼ଗାଁ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ଲହଡ଼ିମାଳା ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରଙ୍ଗଣୀପାଟଣା ସରପଞ୍ଚ ସସ୍ମିତା ପାତ୍ର, ଜିଲ୍ଲା ହବ୍ ଷ୍ଟାଫ୍ ସୂର୍ଯ୍ୟକାନ୍ତ ସାହୁ, ସୁଜିତ୍ କୁମାର ପାତ୍ର, ସୁଶ୍ରୀ ସଙ୍ଗୀତା ଜେନା, ବିଶ୍ୱ ପାର୍ଥବୀ ଯୋଗଦେଇ କିଶୋର କିଶୋରୀଙ୍କ ମଧ୍ୟରେ ସୃଜନଶୀଳତା ବୃଦ୍ଧି, ଭଲ ମନ୍ଦ ପରଖିବା, ବିଚାର କରିବାର ଶକ୍ତି ବୃଦ୍ଧି କରିବା ପାଇଁ ପରାମର୍ଶ ଦେଇଥିଲେ। ୫୦ରୁ ଊର୍ଦ୍ଧ୍ୱ ଅଂଶଗ୍ରହଣକାରୀ କିଶୋର କିଶୋରୀ ସଚେତନତାର ବାର୍ତ୍ତା ବହନ କରୁଥିବା ବାଲ୍ୟ ବିବାହ, ଅନ୍ଧ ବିଶ୍ୱାସ ସଚେତନତାମୂଳକ କ୍ଷୁଦ୍ର ନାଟକ ପରିବେଷଣ ମାଧ୍ୟମରେ ଲୋକମାନଙ୍କୁ ବୁଝାଇଥିଲେ।

## ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କୁ ଦିଆଯିବ ଦାବିପତ୍ର

# ବିକାଶ ପାଇଁ ଅଣ୍ଟା ଭିଡ଼ିଲା ବିକାଶ ପରିଷଦ



**ଭାପୁର,୧୮।୬(ସମିସ):** ନୟାଗଡ଼ ଜିଲ୍ଲା ଖଣ୍ଡପଡ଼ା ନିର୍ବାଚନମଣ୍ଡଳୀ ସବୁବେଳେ ରାଜ୍ୟ ପ୍ରଶାସନ ଅବହେଳାର ଶିକାର ହୋଇଆସୁଛି। ଏନେଇ ଖଣ୍ଡପଡ଼ା ଭାପୁର ବିକାଶ ପରିଷଦ ଅହରହ ଉଦ୍ୟମ ଜାରି ରଖିଛି। ବୁଧବାର ଅପରାହ୍ଣରେ ଭାପୁର ପଞ୍ଚାୟତ ଜହରକୋଟ ନିକଟସ୍ଥ ରାମମନ୍ଦିର ପରିସରରେ ପରିଷଦର ସମ୍ପାଦକ ଦାଶରଥି ମହାପାତ୍ରଙ୍କ ଆହ୍ୱାନରେ ବୈଠକ ଆୟୋଜିତ ହୋଇଥିଲା। ପରିଷଦର ସଭାପତି ତଥା ପୂର୍ବତନ ବ୍ଲକ୍ ଉପାଧ୍ୟକ୍ଷଙ୍କ ପ୍ରତିନିଧି ଶ୍ରୀନିବାସ ପୃଷ୍ଟିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଅଞ୍ଚଳରେ ବିଭିନ୍ନ ବିକାଶମୂଳକ କାର୍ଯ୍ୟ ବିଷୟରେ ଆଲୋଚନା ହୋଇଥିଲା ଓ କେଉଁ କେଉଁ କାର୍ଯ୍ୟ ଅବହେଳିତ ହୋଇ ରହିଛି ସେ ନେଇ ସମସ୍ତେ ଆଲୋଚନା କରିଥିଲେ। ଅଞ୍ଚଳର ବିକାଶରେ କିପରି ଖଣ୍ଡପଡ଼ା ଓ ଭାପୁର ବ୍ଲକ୍ ଦୀର୍ଘଦିନ ହେଲା ରାଜନୈତିକ ଓ ପ୍ରଶାସନିକ ଅବହେଳାର ଶିକାର ହୋଇଆସୁଛି ସେନେଇ ବିଭିନ୍ନ ସଭ୍ୟ ଆଲୋଚନା ସମୟରେ ଉଦ୍‌ବେଗ ପ୍ରକାଶ କରିଥିଲେ। ଆଲୋଚନା ସମୟରେ ପୂର୍ବତନ ସରପଞ୍ଚ ରାଜକିଶୋର ଦଳେଇ, ବନମାଳୀ ନାୟକ, ସମିତିସଭ୍ୟ ପଠାଣୀ ପଟ୍ଟନାୟକ ବିଭିନ୍ନ ଅବହେଳିତ ବିଷୟ ଆଲୋଚନା କରିଥିଲେ। ୬ ଦଫା ଦାବି ନେଇ ପ୍ରଧାନମନ୍ତ୍ରୀ, ରେଳମନ୍ତ୍ରୀ, ମୁଖ୍ୟମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, ଜିଲ୍ଲାପାଳଙ୍କୁ ଲିଖିତ ଦାବିପତ୍ର ପ୍ରଦାନ କରାଯିବା ପାଇଁ ସ୍ଥିର କରାଯାଇଥିଲା। ଦାବିଗୁଡ଼ିକ ହେଲା ପୁରୀଧାମଠାରୁ ଅନୁଗୋଳ ପର୍ଯ୍ୟନ୍ତ ପ୍ରସ୍ତାବିତ ରେଳପଥକୁ ତୁରନ୍ତ ନୀଳମାଧବ ପୀଠ କଣ୍ଟିଲୋ ପର୍ଯ୍ୟନ୍ତ କାର୍ଯ୍ୟ ଆରମ୍ଭ, ସିଦ୍ଧାମୂଳାଠାରୁ କରବର ପର୍ଯ୍ୟନ୍ତ ଆଡ଼ିବନ୍ଧ ନିର୍ମାଣ, ମହାନଦୀର ପଦ୍ମାବତୀଠାରେ ଆନିକଟ ନିର୍ମାଣ, ଭାପୁର ଅଞ୍ଚଳକୁ ନୂତନ ପରିଚୟ ଦେଇଥିବା ଦ୍ୱିତୀୟ ଅଯୋଧ୍ୟା କୁହାଯାଉଥିବା ଫତେଗଡ଼ ଶ୍ରୀରାମ ମନ୍ଦିରକୁ ପର୍ଯ୍ୟଟନସ୍ଥଳୀର ମାନ୍ୟତା, ଭାପୁରକୁ ଏନ୍‌ଏସି ମାନ୍ୟତା ଓ ଭାପୁର ବିଟ୍ ହାଉସକୁ ଫାଣ୍ଡି ମାନ୍ୟତା ପ୍ରଦାନ ରହିଛି।

## ନୟାଗଡ଼ ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କ

# କାଗଜପତ୍ର ନେଇ ଫେରିଲେ ଇଓଡବ୍ଲ୍ୟୁ ଅଧିକାରୀ

**ନୟାଗଡ଼,୧୮।୬(ସମିସ):** ନୟାଗଡ଼ ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କରେ କ୍ରାଇମ୍‌ବ୍ରାଞ୍ଚ ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ)ର ବରିଷ୍ଠ ଅଧିକାରୀ ମଙ୍ଗଳବାର ଛାନ୍‌ଭିନ୍ କରିଥିବାବେଳେ ବୁଧବାର ପୁଣି ତଦନ୍ତ କରିଛନ୍ତି। ନୟାଗଡ଼ ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କରେ ବ୍ୟାପକ ପରିମାଣର ଅର୍ଥ ହେର୍‌ଫେର୍ ଏବଂ ଇନ୍‌କମ୍ ଟ୍ୟାକ୍ସ ଫାଙ୍କିବାରୁ ଏକାଧିକ ପ୍ୟାନ୍ କାର୍ଡ ବ୍ୟବହାର କରାଯାଇଛି। ଯାହାକୁ ନେଇ ଇନ୍‌କମ୍ ଟ୍ୟାକ୍ସ ବିଭାଗ ୩୬୨ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବିଗତ ଦିନରେ ଜରିମାନା କରିଥିଲେ। ଏହି ଜରିମାନା ଏବଂ ଇନ୍‌କମ୍ ଟ୍ୟାକ୍ସ ଫାଙ୍କିବା ପାଇଁ ହୋଇଥିବା ପ୍ୟାନ କାର୍ଡ ଜାଲିଆତିରୁ ବ୍ୟାଙ୍କକୁ ରକ୍ଷା କରିବା ପାଇଁ ପରିଚାଳନା ପରିଷଦ ଏକ ଏଜେନ୍ସିକୁ ଦାୟିତ୍ୱ ଦେଇଥିଲେ। ଉକ୍ତ ଏଜେନ୍ସିକୁ ପାରିଶ୍ରମିକ ବାବଦ ୨ କୋଟି ୧୦ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। ଯାହା ବେଆଇନ ବୋଲି ସମ୍ପାଦକ ଅଜୟ କୁମାର ପଟ୍ଟନାୟକ ବିଗତ ଦିନରେ ଅଭିଯୋଗ କରିଥିଲେ। ଉକ୍ତ ୨ କୋଟି ୧୦ ଲକ୍ଷ ଟଙ୍କା ଦେଣନେଣକୁ ନେଇ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶରେ କ୍ରାଇମ୍‌ବ୍ରାଞ୍ଚ ଅର୍ଥନୈତିକ ଶାଖାର ଇନ୍ସପେକ୍ଟର ବୁଧବାର ଦ୍ୱିତୀୟ ଦିନରେ ତଦନ୍ତ ସାରି ଫେରିଛନ୍ତି। ନୟାଗଡ଼ ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କରୁ ଅନେକ କାଗଜପତ୍ର ନେଇ ଅଧିକାରୀ ଫେରିଥିବା ସୂଚନା ମିଳିଛି।

## ପ୍ରାର୍ଥନା ଗୃହ ନିର୍ମାଣ ଶେଷ କରିବାକୁ ଦାବି

**ଖଣ୍ଡପଡ଼ା,୧୮।୬(ସମିସ):** ଖଣ୍ଡପଡ଼ା ବ୍ଲକ୍ ଅଧୀନ କୁମ୍ଭାରପଡ଼ା ଗ୍ରାମର ପ୍ରଭୁ ଶ୍ରୀଲଡୁକେଶ୍ୱରଜୀଉଙ୍କ ମନ୍ଦିର ପରିସରରେ ଏକ ପ୍ରାର୍ଥନା ଗୃହ ନିର୍ମାଣ କାର୍ଯ୍ୟ ଗତ ୧୮ ମାସ ଧରି ମନ୍ଥରଗତିରେ ଚାଲିଥିବା ଜଣାପଡ଼ିଛି। ୨୦୨୪-୨୫ ଆର୍ଥିକ ବର୍ଷରେ ଉକ୍ତ ପ୍ରାର୍ଥନା ଗୃହର ଛାତ, କାନ୍ଥ ଓ ଚଟାଣ କାର୍ଯ୍ୟ ଶେଷ ହୋଇଥିବାବେଳେ ଏବେ ବି ଅନେକ କାର୍ଯ୍ୟ ବାକିଥିବା ଜଣାପଡ଼ିଛି। ଖଣ୍ଡପଡ଼ା ବ୍ଲକ୍ ପ୍ରଶାସନର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଉକ୍ତ ପ୍ରାର୍ଥନା ଗୃହ ନିର୍ମାଣ କାର୍ଯ୍ୟ ଚାଲୁ ରହିଥିବାବେଳେ ପଞ୍ଚାୟତ ଅନୁଦାନ



ପାଣ୍ଠିରୁ ଏହି କାର୍ଯ୍ୟ ନିମନ୍ତେ ୪ ଲକ୍ଷ ୫୯ ହଜାର ଟଙ୍କା ବ୍ୟୟବରାଦ ହୋଇଥିବା ପ୍ରଶାସନ ସୂତ୍ରରୁ ଜଣାପଡ଼ିଛି। ନିର୍ମାଣ କାର୍ଯ୍ୟ ତଦାରଖ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀଙ୍କ ଅଣଦେଖା ଯୋଗୁଁ ପ୍ରାର୍ଥନା ଗୃହ ନିର୍ମାଣରେ ଅଯଥା ବିଳମ୍ବ ହେଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଖଣ୍ଡପଡ଼ା ବ୍ଲକ୍ ପ୍ରଶାସନ ଏ ଦିଗରେ ଦୃଷ୍ଟି ଦେବାକୁ କୁମ୍ଭାରପଡ଼ା ଗ୍ରାମବାସୀ ଦାବି କରିଛନ୍ତି। ଏ ସମ୍ପର୍କରେ ଖଣ୍ଡପଡ଼ା ବ୍ଲକ୍ ଉନ୍ନୟନ ଅଧିକାରୀ ଅଙ୍କୁର ଅଭିଳାଷଙ୍କ ସମେତ ସହକାରୀ ଯନ୍ତ୍ରୀ ଆଶୁତୋଷ ମହାନ୍ତିଙ୍କ ସହ ଯୋଗାଯୋଗ କରିବାରେ ସେଥିପ୍ରତି ସେମାନେ ଦୃଷ୍ଟି ଦେବେ ବୋଲି କହିଛନ୍ତି। କେବେ ପ୍ରାର୍ଥନା ଗୃହ ନିର୍ମାଣ କାର୍ଯ୍ୟ ଶେଷ ହୋଇ ତାହା କାର୍ଯ୍ୟକ୍ଷମ ହେବ ତାହା ଦେଖିବାକୁ ବାକି ରହିଲା ବୋଲି ସ୍ଥାନୀୟ ଅଞ୍ଚଳରେ ଆଲୋଚନା ହେଉଛି।

## ପୂଜ୍ୟପୂଜା ଓ ମେଧା ସମ୍ମାନ ପ୍ରଦାନ

# 'ସଫଳତା ଏକ ଉପଲବ୍ଧ ନୁହେଁ; ଦାୟିତ୍ୱ'




**ଗଣିଆ/ଦଶପଲ୍ଲା,୧୮।୬(ସମିସ):** ଏକ ବୌଦ୍ଧିକ ପରିବେଶ ମଧ୍ୟରେ ସ୍ଥାନୀୟ ବିନ୍ଧ୍ୟଗିରି ଭବନ ପରିସରରେ ପୂଜ୍ୟପୂଜା ଓ ମେଧା ସମ୍ମାନ ପ୍ରଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗଣିଆର ଅଗ୍ରଣୀ ବାସୁଦେବ ଫାଉଣ୍ଡେସନ ତରଫରୁ ଆୟୋଜିତ ଏହି ଭବ୍ୟ ସମ୍ବର୍ଦ୍ଧନା ସଭାରେ ଦଶପଲ୍ଲା, ନୂଆଗାଁ ଓ ଗଣିଆ ୩ ବ୍ଲକ୍‌ର ଚଳିତ ବର୍ଷ ମାଟ୍ରିକ୍ ଓ +୨ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥି ସହିତ ପୂଜ୍ୟପୂଜା ପରମ୍ପରାକୁ ସମ୍ମାନ ଜଣାଇ ଗଣିଆ ବ୍ଲକ୍ ବର୍ଷୀୟାନ ଶିକ୍ଷକ ଓ ଶିକ୍ଷାବିତ୍‌ଙ୍କୁ ଯଥୋଚିତ ସମ୍ମାନିତ କରାଯାଇଥିଲା। ଫାଉଣ୍ଡେସନର ସଭାପତି ତଥା ଅବସରପ୍ରାପ୍ତ ଅଧ୍ୟକ୍ଷ କୁଳମଣି ବାରିକିଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ପାଦକ ବଳରାମ ସ୍ୱାଇଁ ସମ୍ପାଦକୀୟ ବିବରଣୀରେ ସେବା ଓ ପ୍ରେରଣା ମାଧ୍ୟମରେ ସାମୂହିକ ଆଞ୍ଚଳିକ ପ୍ରଗତି ବାର୍ତ୍ତା ଦୋହରାଇଥିଲେ। ମୁଖ୍ୟ ଅତିଥି ଭାବରେ ସ୍ଥାନୀୟ ବିଧାୟକ ରମେଶ ଚନ୍ଦ୍ର ବେହେରା ଏକ ଆବେଗିକ ଅଭିଭାଷଣରେ ପରୀକ୍ଷାରେ ଉତ୍କର୍ଷ ସଫଳତାକୁ ଛାତ୍ରଛାତ୍ରୀମାନେ ଏକ ଦାୟିତ୍ୱ ଭାବରେ ଗ୍ରହଣ କରି ଆଗକୁ ବଢ଼ିବାକୁ ପରାମର୍ଶ ଦେଇଥିଲେ। ସ୍ଥାନୀୟ ବିଡିଓ ସାଗର ନନ୍ଦ ଚଳିତ ଶିକ୍ଷା ବ୍ୟବସ୍ଥାରେ ତୀବ୍ର ପ୍ରତିଦ୍ୱନ୍ଦ୍ୱିତା ସହିତ ସାମିଲ୍ ହେବାକୁ ହେଲେ ଆହେମିକା ପରିବର୍ତ୍ତେ ଆତ୍ମ ପ୍ରଚେଷ୍ଟାକୁ ଗୁରୁତ୍ୱ ଦେବାକୁ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସ୍ଥାନୀୟ ରଘୁନାଥଜୀଉ ଡିଗ୍ରୀ କଲେଜ ଅଧ୍ୟକ୍ଷ ଲକ୍ଷ୍ମୀଧର ପଣ୍ଡା, ଅଧ୍ୟକ୍ଷା ସଲୀଳା ସେଠୀ, ଅଧ୍ୟକ୍ଷ ସଞ୍ଜୟ ପଣ୍ଡା, ବ୍ଲକ୍ ଅଧ୍ୟକ୍ଷା ଝୁନା ଜେନା, ଜିଲ୍ଲା ପରିଷଦ ସଭ୍ୟ ନରେଶ ବେହେରା, ସମାଜସେବୀ ପ୍ରଫୁଲ୍ଲ ବେହେରା, ସଦାଶିବ ମିଶ୍ର ପ୍ରମୁଖ ମଞ୍ଚାସୀନ ଅତିଥି ଭାବରେ ଅଭିଭାଷଣ ରଖିଥିଲେ। ଅନୁଷ୍ଠାନର ପ୍ରାଣ ପ୍ରତିଷ୍ଠାତା ଶେଷଦେବ ସ୍ୱାଇଁ 'ଦେବାର କଳା ହିଁ, ମହନୀୟ ସେବା' ବୋଲି ଅନୁଷ୍ଠାନର ଆଭିମୁଖ୍ୟ ସ୍ୱଷ୍ଟୋକ୍ତି ରଖିଥିଲେ।

# ମେଲେରିଆ, ଡେଙ୍ଗୁ ଓ ଡାଇରିଆ ନିରାକରଣ ବୈଠକ

ନୟାଗଡ଼,୧୮।୬(ସମିସ)



ନୟାଗଡ଼ ଜିଲ୍ଲାପାଳଙ୍କ ସଦ୍‌ଭାବନା ସଭାଗୃହରେ ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ ମେଲେରିଆ, ଡେଙ୍ଗୁ, ଡାଇରିଆ ନିରାକରଣ ନିମନ୍ତେ ଏକ ଟାସ୍କଫୋର୍ସ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା. ସୁଶାନ୍ତ କୁମାର ଦାସ ଡାଇରିଆ ନିରାକରଣ ଅଭିଯାନ, ମେଲେରିଆ ଓ ଡେଙ୍ଗୁ ଉପରେ ବିଶଦ୍ ଆଲୋଚନା କରିଥିଲେ। ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ବନମାଳୀ ପ୍ରଧାନ ମେଲେରିଆ, ଡେଙ୍ଗୁ ଓ ଡାଇରିଆ ଉପରେ ଅନ୍ୟ ବିଭାଗର ଦାୟିତ୍ୱ ଓ କର୍ତ୍ତବ୍ୟ ଉପରେ ଆଲୋଚନା କରିଥିଲେ। ଏହି ଅଭିଯାନରେ ଲୋକଙ୍କୁ ସଚେତନ କରିବା ସହିତ ଘର ଘର ବୁଲି ଓଆର୍‌ଏସ୍ ବିତରଣ ସହ ଜିଙ୍କ୍ ଟାବ୍‌ଲେଟ୍ ଓ ମଶାରି ବ୍ୟବହାର କରିବାକୁ ପରାମର୍ଶ ଦିଆଯାଉଛି। ଏହାସହିତ ପରିବେଶକୁ ସଫାସୁତରା କରି କୌଣସି ସ୍ଥାନରେ ପାଣି ଜମା ହେବାକୁ ନ ଦେବା, ପାଣିର ଉତ୍ସମାନଙ୍କରେ ଯଥା- ନଳକୂଅ ଏବଂ ପାଣି ଟାଙ୍କିକୁ ବିଶୋଧନ କରିବାକୁ ହାଲୋଜେନ ଟାବ୍‌ଲେଟ୍ ପକାଇବାକୁ କୁହାଯାଉଛି। କ୍ଲୋରିନେଟ୍ କରିବା ପାଇଁ ଏବଂ ସମସ୍ତ ବିଦ୍ୟାଳୟ ମହାବିଦ୍ୟାଳୟରେ ଥିବା ଓଭରହେଡ୍ ପାଣି ଟାଙ୍କିକୁ ବିଶୋଧନ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ଫୁଟା ପାଣି ବ୍ୟବହାର ପାଇଁ ସିଡିଏମ୍‌ଓ ପରାମର୍ଶ ଦେଇଛନ୍ତି। ଥଣ୍ଡା ଖାଦ୍ୟ ଓ ବାସି ଖାଦ୍ୟ ଖାଇବାକୁ ବାରଣ କରାଯାଉଥିବା ସୂଚନା ମିଳିଛି। ଜିଲ୍ଲା ଏବଂ ବ୍ଲକ୍‌ସ୍ତରରେ କଣ୍ଟ୍ରୋଲ ରୁମ୍ ଖୋଲାଯିବାକୁ ମତ ରଖିଥିଲେ। ଜିଲ୍ଲାପାଳ ସମସ୍ତ ପ୍ରଶାସନିକ ଅଧିକାରୀଙ୍କୁ ଆଲର୍ଟ ରହିବାକୁ ଯଥା- ପ୍ରଚାରପ୍ରସାର ପାଇଁ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ସମସ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ, ଜିଲ୍ଲା ପଞ୍ଚାୟତ ଅଧିକାରୀ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ।

## ଗତିଶ୍ୱର ଦେବଙ୍କ ପୀଠରେ ୧୪ ଶମ୍ଭୁ ମେଳଣ

ବାଣପୁର, ୧୮।୬(ସମିସ): ବାଣପୁରର ମାଳି ଗୋବିନ୍ଦପୁର ଗ୍ରାମସ୍ଥିତ ପ୍ରସିଦ୍ଧ ଶୈବପୀଠ ଶ୍ରୀଗତିଶ୍ୱର ଦେବଙ୍କ ପୀଠରେ ଚାରିଦିନ ଧରି ଚାଲିଥିବା ବିଶ୍ୱଶାନ୍ତି ମହାଯଜ୍ଞ ସହ ଅଖଣ୍ଡ ନାମଯଜ୍ଞର ଅନ୍ତିମ ଦିବସ ପୂର୍ଣ୍ଣାହୁତି ଅବସରରେ ମଙ୍ଗଳବାର ସନ୍ଧ୍ୟାରେ ଚତୁର୍ଦ୍ଦଶ ମହାଶମ୍ଭୁ ମିଳନ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଶନିବାର ଅଙ୍କୁରାରୋପଣ ହୋଇ ରବିବାର



ଜଳଯାତ୍ରା, ସୂର୍ଯ୍ୟପୂଜା ରୀତିନୀତିରେ ଅନୁଷ୍ଠିତ ହୋଇ ଘୃତଯଜ୍ଞ ଆରମ୍ଭ ହୋଇଥିଲା। ସୋମବାର ପୂଜା ଓ ଅଖଣ୍ଡ ନାମଯଜ୍ଞ ସମାପନ ହେବାପରେ ମଙ୍ଗଳବାର ଯଜ୍ଞର ପୂର୍ଣ୍ଣାହୁତି ହୋଇଥିଲା। ପୂର୍ଣ୍ଣାହୁତି ଅବସରରେ ଆଖପାଖ ଅଞ୍ଚଳର ୧୪ ମହାଶମ୍ଭୁଙ୍କ ମହାମିଳନ ଅନୁଷ୍ଠିତ ହୋଇଯାଇଛି। ପୀଠାଧିଶ ଶ୍ରୀଶ୍ରୀଗତିଶ୍ୱର ମହାଦେବଙ୍କ ନିମନ୍ତ୍ରଣ କ୍ରମେ ଗବପଦର ବିଜେ ଶ୍ରୀରାମେଶ୍ୱର ଦେବ, ଶ୍ରୀବାଙ୍କନିଧି ଦେବ, ବାଣପୁର ଦୁଲଣୀ ଶାସନର ଶ୍ରୀଗତିଶ୍ୱର ଦେବ ଓ ଶ୍ରୀଗୋପୀନାଥ ଦେବ, ମଙ୍ଗଳପୁର ଶାସନର ଶ୍ରୀଜଗତେଶ୍ୱର ଦେବ, ଏକଡାଳିଆର ଶ୍ରୀସୋମନାଥେଶ୍ୱର ଦେବ, ମଙ୍ଗରାଜପୁରର ଶ୍ରୀଗତିଶ୍ୱର ଦେବ, ଦୋଳମୁଣ୍ଡାଇ ଗ୍ରାମର ଶ୍ରୀବାଲୁଙ୍କେଶ୍ୱର ଦେବ, ବଡ଼କୂଳର ଶ୍ରୀଚନ୍ଦ୍ରଶେଖର ଦେବ ଓ ଶ୍ରୀହରଗୌରୀ ଦେବ, ହାତୀମୁଣ୍ଡାର ଶ୍ରୀଗଛବାଲୁଙ୍କେଶ୍ୱର ଦେବ ଓ ସିଙ୍ଗେଶ୍ୱରର ଶ୍ରୀସିଂହନାଥ ଦେବ ଏବଂ ଭେଟେଶ୍ୱରର ଶ୍ରୀବେଟିନାଥ ଦେବ ପ୍ରମୁଖ ୧୪ ମହାଶମ୍ଭୁ ପାଟ ପଟୁଆର ସହ ଶୋଭାଯାତ୍ରାରେ ବାହାରି ମେଳଣ ପଡ଼ିଆରେ ବିଜେ କରିଥିଲେ। ଦିନତମାମ ଠାକୁରଙ୍କ ପୂଜାର୍ଚ୍ଚନା ଚାଲିଥିବାବେଳେ ସନ୍ଧ୍ୟାରେ ଯଜ୍ଞର ପୂର୍ଣ୍ଣାହୁତି ପରେ ଶମ୍ଭୁ ମହାମିଳନ ଅନୁଷ୍ଠିତ ହୋଇଥିଲା। ପ୍ରତ୍ୟହ ସମଗ୍ର ଅଞ୍ଚଳରୁ ସହସ୍ରାଧିକ ଶ୍ରଦ୍ଧାଳୁ ଯୋଗଦେଇ ଯଜ୍ଞ ନାରାୟଣଙ୍କ ଆଶୀର୍ବାଦ ଭିକ୍ଷା କରୁଥିବାବେଳେ ଶ୍ରଦ୍ଧାଳୁମାନଙ୍କ ନିମନ୍ତେ ଗ୍ରାମବାସୀଙ୍କ ତରଫରୁ ପ୍ରସାଦସେବନର ବ୍ୟବସ୍ଥା କରାଯାଇଥିଲା।

# ଖାଦ୍ୟ ସୁରକ୍ଷା ବିଭାଗ ପକ୍ଷରୁ ଚଢ଼ଉ; ଜରିମାନା ଆଦାୟ

ଟାଙ୍ଗୀ, ୧୮।୬(ସମିସ)

ଖୋର୍ଦ୍ଧା ଜିଲ୍ଲା ପ୍ରଶାସନ ନିର୍ଦ୍ଦେଶ କ୍ରମେ ଟାଙ୍ଗୀ ଖାଦ୍ୟ ସୁରକ୍ଷା ଅଧିକାରୀ ବିଭିନ୍ନ ସ୍ଥାନରେ ବ୍ୟାପକ ଚଢ଼ଉ କରି ବାସି, ଅପମିଶ୍ରିତ ଖାଦ୍ୟ ଜବତ ପରେ ନଷ୍ଟ କରିବା ସହିତ ପାଉଚ୍ ପାଣି ମଧ ଜବତ କରାଯାଇଥିବା ଏପରିକି ଜରିମାନା ମଧ୍ୟ ଆଦାୟ କରାଯାଇଥିବା ସୂଚନା ମିଳିଛି। ପାଣି ପାଗର ପରିବର୍ତ୍ତନ ସହ ବିଭିନ୍ନ ଅଞ୍ଚଳରେ ଡାଇରିଆ ସଂକ୍ରମଣ ହେଉଥିବାକୁ ଦୃଷ୍ଟିରେ ରଖି ଖୋର୍ଦ୍ଧା ଜିଲ୍ଲା ପ୍ରଶାସନ ନିର୍ଦ୍ଦେଶ କ୍ରମେ ଟାଙ୍ଗୀ ଥାନା ଅଧୀନସ୍ଥ ଉଗ୍ରତାରା ପୀଠରେ ଅନୁଷ୍ଠିତ ହେଉଥିବା ରଜ ମହୋତ୍ସବରେ ବିଭିନ୍ନ ଫାଷ୍ଟ ଫୁଡ୍ ଦୋକାନରେ ଚଢ଼ଉ କରାଯାଇଥିଲା। ବାସି ଖାଦ୍ୟ ବିଶେଷ କରି ଦୁଇଟି ଚାଟ୍ ଦୋକାନରେ ପ୍ରସ୍ତୁତ କରାଯାଇ ବିକ୍ରି ପାଇଁ ଥିବା ସମସ୍ତ ଅପମିଶ୍ରଣ, ବାସି ଚାଟ୍‌କୁ ଖାଦ୍ୟ ସୁରକ୍ଷା ବିଭାଗୀୟ ଅଧିକାରୀ ଦେବାଶିଷ ବଳ ସମ୍ପୂର୍ଣ୍ଣ ନଷ୍ଟ କରିଥିବାବେଳେ ଏକ ଫାଷ୍ଟ ଫୁଡ୍ ଦୋକାନରେ ଅପମିଶ୍ରିତ ଦହି ନଷ୍ଟ କରାଯାଇଥିବା ଜଣାପଡ଼ିଛି।

ଉଗ୍ରତାରାଙ୍କ ପୀଠରେ କୌଣସି ପଞ୍ଜିକୃତ ସ୍ୱାକ୍ଷର ନ ଥିବା ପାଣି ପାଉଚ୍ ନମୁନା ମଧ ସଂଗ୍ରହ



କରାଯାଇଥିବା ସୂଚନା ମିଳିଛି। ମଙ୍ଗଳବାର ବାଣପୁର ବଜାର ମିଠା ଦୋକାନରେ ଚଢ଼ଉ କରାଯାଇ ୩ହଜାର ଟଙ୍କା ଜରିମାନା କରାଯାବା ସହ ପାନୀୟଜଳ ନମୁନା ସଂଗ୍ରହ କରାଯାଇ ଡାଇରିଆ ସମ୍ପର୍କରେ ସଚେତନତା କରାଯାଇଥିବା ଟାଙ୍ଗୀ ଖାଦ୍ୟ ସୁରକ୍ଷା ଅଧିକାରୀ ଶ୍ରୀ ବଳ ସୂଚନା ଦେଇଛନ୍ତି। ବାଣପୁର ଅଲଡିହ ଛକଠାରୁ ପଲଟନ ପଡ଼ିଆ ପର୍ଯ୍ୟନ୍ତ ପ୍ରତ୍ୟେକ ଦୋକାନୀଙ୍କୁ ସଚେତନ କରାଯାଇଥିବା ବେଳେ ଭଗବତୀ ମନ୍ଦିର ନିକଟରେ ଏକ ଫାଷ୍ଟ ଫୁଡ୍ ଦୋକାନରେ ଚଢ଼ଉ କରାଯାଇ ଜରିମାନା ଆଦାୟ, ଗାଲୁଆ ଛକରେ ତିନିଟି ଜଳଖିଆ, ଫାଷ୍ଟଫୁଡ୍ ଦୋକାନରୁ ଜରିମାନା ଆଦାୟ କରାଯିବା ସହିତ ବାସି ମିଠା ଫୋପାଡ଼ି ଦିଆଯାଇଥିବା ଖାଦ୍ୟ ସୁରକ୍ଷା ଅଧିକାରୀ ଶ୍ରୀ ବଳ ମଧ ସୂଚନା ଦେଇଛନ୍ତି। ପାଣିପାଗର ପରିବର୍ତ୍ତନ ଯୋଗୁଁ ଝାଡ଼ାବାନ୍ତି ହଇଜା ସଂକ୍ରମଣକୁ ଦୃଷ୍ଟିରେ ରଖି ଟାଙ୍ଗୀ ତଥା ଗ୍ରାମାଞ୍ଚଳରେ ଥିବା ବିଭିନ୍ନ ଚାଟ, ମିଠା ଦୋକାନରେ ବିକ୍ରୟ ପାଇଁ ଉପଲବ୍ଧ ବାସି ଖାଦ୍ୟ, ଅପମିଶ୍ରିତ ଖାଦ୍ୟ ମହଜୁଦକାରୀଙ୍କ ବିରୁଦ୍ଧରେ କଡ଼ା ପଦକ୍ଷେପ ନେବାକୁ ସାଧାରଣରେ ଦାବି କରାଯାଇଛି।

**ଜଟଣୀ:** ସହରରେ ଦିନକୁ ଦିନ ବେଆଇନ୍ ଭାବେ ହୋଟେଲ ଓ ରେସ୍ତୋରାଁ ଖୋଲିବାରେ ଲାଗିଛି। ବେପାର ଆଶାରେ ଖାଦ୍ୟ ସୁରକ୍ଷା ନିୟମକୁ ନ ମାନି ଅନେକ ଦୋକାନ ଗୁଡ଼ିକରେ ଅପମିଶ୍ରିତ ଏବଂ ନିମ୍ନମାନର ଖାଦ୍ୟ ପଦାର୍ଥକୁ ଅସ୍ୱାସ୍ଥ୍ୟକର ପରିବେଶରେ ପ୍ରସ୍ତୁତ କରୁଛନ୍ତି। କିଛିଦିନର ବ୍ୟବଧାନରେ ଜିଲ୍ଲା ଖାଦ୍ୟ ସୁରକ୍ଷା ବିଭାଗ ଓ ଜଟଣୀ ପୌରପାଳିକା ପକ୍ଷରୁ ସହରର ବିଭିନ୍ନ ହୋଟେଲ, ଜଳଖିଆ ଦୋକାନ, ଠେଲାଗାଡ଼ିରେ ବିକ୍ରି ହେଉଥିବା ଖାଦ୍ୟ ପଦାର୍ଥର ଯାଞ୍ଚ କରିଥିଲେ। କିଛି ହୋଟେଲରେ ବାସି ଖାଦ୍ୟ ରଖାଯାଇଥିବାବେଳେ ତାକୁ ମଧ ନଷ୍ଟ କରାଯାଇଥିଲା। ଚଢ଼ଉ ସମୟରେ ସମୁଦାୟ ୮ଟି ଦୋକାନରୁ ୧୫୦୦ ଟଙ୍କା ଜରିମାନା ଆଦାୟ କରାଯାଇଥିଲା। ଯାଞ୍ଚ ସମୟରେ ଜିଲ୍ଲା ଖାଦ୍ୟ ସୁରକ୍ଷା ଅଧିକାରୀ ଟିମ୍ ଓ ଜଟଣୀ ପୌରପାଳିକାର ଏକ ଟିମ୍ ସାମିଲ ଥିଲେ।

## ଜାତୀୟ ରାଜପଥରେ ଗୁଳି ଫୁଟାଇ ବାଇକ୍ ଲୁଟ୍ !

ନିରାକାରପୁର, ୧୮।୬(ସମିସ): ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ଥାନା ଅନ୍ତର୍ଗତ ରାମେଶ୍ୱର ୧୬ ନଂ ଜାତୀୟ ରାଜପଥ ଚିଙ୍ଗୁଡ଼ି କମ୍ପାନୀ ସାମ୍ନାରେ ବୁଧବାର ଅପରାହ୍ଣରେ ଦୁଇ ଜଣ ଅଜ୍ଞାତ ବନ୍ଧୁକଧାରୀ ଗୁଳି ଫୁଟାଇ ଏକ ବାଇକ୍ ନେଇ ଫେରାର୍ ହୋଇଯାଇଥିବା ଜଣାପଡ଼ିଛି। ପ୍ରାପ୍ତ ସୂଚନାରୁ ଜଣାପଡ଼ିଛି, ଦୁଇ ଜଣ ଯୁବକ ଗୋଟିଏ ବାଇକ୍‌ରେ ଟାଙ୍ଗୀ ପଟୁ ଆସି ଚିଙ୍ଗୁଡ଼ି କମ୍ପାନୀ ସାମ୍ନା ୧୬ ନଂ ଜାତୀୟ ରାଜପଥ କଡ଼ରେ ରଖାଯାଇଥିବା ବାଇକ୍‌କୁ ଗୁଳି ଫୁଟାଇ ଡକାୟତି କରି ନେଇଥିବା ଜଣାପଡ଼ିଛି। ପରେ ସେମାନେ ବାଇକ୍‌ରେ ଜଙ୍କିଆ ଆଡ଼କୁ ପଳାଉଥିବାବେଳେ ତାଙ୍କ ପିଛା କରିବାରୁ ଆହୁରି ଦୁଇ ରାଉଣ୍ଡ ଗୁଳି କରି ବାଇକ୍‌ଟିକୁ ନେଇ ପଳାଇଛନ୍ତି। ରାତି ସାଢ଼େ ୮ଟା ପର୍ଯ୍ୟନ୍ତ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବାବେଳେ ରାତିରେ ଅଭିଯୋଗ ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତନାଘନା କରିଥିବା ଶୁଣିବାକୁ ମିଳୁଛି।

## ଯାତ୍ରୀବାହୀ ଅଟୋ ଓଲଟି ୫ ଆହତ, ଚାଳକ ଗୁରୁତର

ବାଲୁଗାଁ, ୧୮।୬(ସମିସ): ୧୬ ନମ୍ବର ଜାତୀୟରାଜପଥ ଉପରେ ଏକ ଯାତ୍ରୀବାହୀ ଅଟୋ ଓଲଟି ପଡ଼ିବାରୁ ଚାଳକଙ୍କ ସମେତ ୫ଜଣ ଆହତ ହୋଇଛନ୍ତି। ବାଲୁଗାଁ ସାମନ୍ତରାପୁର ସାହିର କେତେକ ଲୋକ ଏକ ଅଟୋ ଯୋଗେ ନିଜ ସମ୍ପର୍କୀୟ ନାରୁଣୀ ଗ୍ରାମକୁ ଯାଇ ଫେରୁଥିବାବେଳେ ସନ୍ଧ୍ୟାରେ ୧୬ ନମ୍ବର ଜାତୀୟ ରାଜପଥର କଉଡ଼ିଖଣି ଛକ ନିକଟରେ କୌଣସି କାରଣରୁ ଅଟୋଟି ଭାରସାମ୍ୟ ହରାଇ ରାସ୍ତା ଉପରେ ଓଲଟି ପଡ଼ିଥିଲା। ଅଟୋରେ ବସିଥିବା ୪ଜଣ ଯାତ୍ରୀଙ୍କ ସହ ଚାଳକ ଆହତ ହୋଇଥିଲେ। ସ୍ଥାନୀୟ ଲୋକଙ୍କ ସହାୟତାରେ ସମସ୍ତ ଆହତଙ୍କୁ ଆମ୍ବୁଲାନ୍ସ ଯୋଗେ ବାଲୁଗାଁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ତେବେ ଚାଳକଙ୍କ ଅବସ୍ଥା ଗୁରୁତର ଥିବାରୁ ଅଧିକ ଚିକିତ୍ସା ପାଇଁ ତାଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି।

## ୭୪ ଲିଟର ଦେଶୀ ମଦ ଜବତ; ୪ ଗିରଫ

ବେଗୁନିଆ, ୧୮।୬(ସମିସ): ଖୋର୍ଦ୍ଧା ଜିଲ୍ଲା ଅବକାରୀ ଅଧୀକ୍ଷିକା ସୁମତି ତ୍ରିପାଠୀଙ୍କ ନିର୍ଦ୍ଦେଶ ଓ ସଦର ରେଞ୍ଜ ଅବକାରୀ ବିଭାଗ ନିରୀକ୍ଷକ ରାଧାକାନ୍ତ ଭୋଇଙ୍କ ତତ୍ତ୍ୱାବଧାନରେ ବେଗୁନିଆ ଅବକାରୀ ଥାନାର ସହଯୋଗରେ ବିଭିନ୍ନ ଅଞ୍ଚଳରେ ଚଢ଼ଉ ହୋଇଛି। ଏଥିରୁ ମୋଟ୍ ୭୪ ଲିଟର ମଦ ଜବତ ସହ ୪ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି। ଅଭିଯୁକ୍ତମାନେ ହେଲେ ବେଗୁନିଆ ଥାନା ଅନ୍ତର୍ଗତ ଚଟୁଆ ଗ୍ରାମର କୈଳାଶ ଚନ୍ଦ୍ର ସାହୁ, ରାଜକିଶୋର ସାହୁ ଏବଂ ପିତୁକୁଳି ଗ୍ରାମର ଉତ୍ତମ ନାୟକ ଓ ବୋଲଗଡ଼ ଥାନା ଅନ୍ତର୍ଗତ ଭବାନୀପୁରର ବୈକୁଣ୍ଠ ନାୟକ।

## ପୋଖରୀରେ ବୁଡ଼ି ଯୁବକ ମୃତ

ବେଗୁନିଆ, ୧୮।୬(ସମିସ): ବାଘମାରୀ ଥାନା ଅନ୍ତର୍ଗତ ପୋଡ଼ାଡିହ ଗ୍ରାମ ପାଇକରାସାହିର ରାମ ଚନ୍ଦ୍ର ସାହୁଙ୍କ ପୁଅ ରବୀନ୍ଦ୍ର (୩୮)ଙ୍କର ଆବରଣ ପୋଖରୀରେ ବୁଡ଼ି ମୃତ୍ୟୁ ହୋଇଛି। ସୂଚନା ଅନୁଯାୟୀ, ରବୀନ୍ଦ୍ର ମଙ୍ଗଳବାର ପୂର୍ବାହ୍ଣରେ ଗାଧୋଇବାକୁ ଯାଇଥିଲେ। ତେବେ ଦୀର୍ଘ ସମୟ ଧରି ନ ଫେରିବାରୁ ପରିବାର ସଦସ୍ୟମାନେ ଖୋଜିବା ଆରମ୍ଭ କରି ଦେଇଥିଲେ। ପରେ ପୋଖରୀ କୂଳରୁ ପରିଧାନ ବସ୍ତ୍ର ଦେଖି ସନ୍ଦେହ ଉପୁଜିବାରୁ ଖୋଜିବା ଆରମ୍ଭ କରି ଦେଇଥିଲେ। ତାଙ୍କ ମୃତଶରୀରକୁ ଚିକିତ୍ସାଳୟ ନେଇ ପୁଲିସ ଉପସ୍ଥିତିରେ ଶବ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

## ଅଣସର ବାସରେ ପ୍ରଭୁ ଅନନ୍ତପୁରୁଷୋତ୍ତମ ଦେବ

ଖୋର୍ଦ୍ଧା, ୧୮।୬(ସମିସ): ଇଚ୍ଛାମୟ, ଲୀଳାମୟ ଓ ଭାବମୟ ଠାକୁର ହେଉଛନ୍ତି ପ୍ରଭୁ ଅନନ୍ତପୁରୁଷୋତ୍ତମ। ଦେବସ୍ନାନ ପୂର୍ଣ୍ଣିମାରେ ସୁବାସିତ ଜଳରେ ସ୍ନାନ ପରେ ଜ୍ୱରରେ ପଡ଼ିଛନ୍ତି ଚତୁର୍ଦ୍ଧା ମୂର୍ତ୍ତି। ଅଣସର ବାସରେ ଉପଚାର ପାଇଁ ମଠର ସାଧୁମାନଙ୍କ ଦ୍ୱାରା ଚାଲିଛି ଗୁପ୍ତସେବା। ଅଣସରରେ ଠାକୁରଙ୍କ ଶ୍ରୀଅଙ୍ଗ ସେବା କରାଯାଉଥିବାବେଳେ ଜ୍ୟେଷ୍ଠ ଶୁକ୍ଳ ତୃତୀୟାରେ

**● ଉପଚାର ନିମନ୍ତେ ଚାଲିଛି ଗୁପ୍ତସେବା**

ଠାକୁରଙ୍କ ଓଦାବସ୍ତ୍ର ଖୋଲାଯାଇଥାଏ। ଚତୁର୍ଥୀରେ ଶ୍ରୀଅଙ୍ଗ ଫିଟା ନୀତି, ପଞ୍ଚମୀରେ ଫୁଲୁରି ତେଲ, ଷଷ୍ଠୀରୁ ନବମୀ ମଧ୍ୟରେ ଠାକୁରଙ୍କୁ ଓଷୁଅ ଲାଗି କରାଯାଇଥାଏ ବୋଲି ମୁଖ୍ୟ ପୂଜକ କମଳଲୋଚନ ଦାସ ମହାରାଜ ସୂଚନା ଦେଇଛନ୍ତି। ସେହିପରି ପଞ୍ଚମୀରେ ପାଞ୍ଚଣ ଓ ଦଶମୀରେ ଶ୍ରୀବିଗ୍ରହଙ୍କ ଚକାବିଜେ ନୀତି କରାଯାଇଥାଏ। ଉକ୍ତଦିନ ଦଶମୂଳ ଭୋଗ କରାଯିବ। ଚକାବିଜେ ପରେ ଏକ ସ୍ୱତନ୍ତ୍ର ଲେପ ଦିଆଯାଏ। ଏହି ଦିନ ଶ୍ରୀବିଗ୍ରହ ସାମାନ୍ୟ ସୁସ୍ଥତା ଅନୁଭବ କରନ୍ତି। ଏକାଦଶୀ ତିଥିରେ ଖଳି ପ୍ରସାଦ ଲାଗି ହୋଇଥାଏ। ଅଣସର ଘର ପ୍ରବେଶ ଦିନଠାରୁ ଏକାଦଶୀ ପର୍ଯ୍ୟନ୍ତ ଶୁକ୍ଳ ବସ୍ତ୍ର, ଧଳାଫୁଲ ଏବଂ ବିନା ତୁଳସୀରେ ଠାକୁରଙ୍କ ବେଶ କରାଯାଇ ଭୋଗ ଲାଗି ହୋଇଥାଏ। ଏକାଦଶୀରେ ଠାକୁରଙ୍କ ଶ୍ରୀଅଙ୍ଗରେ ଚନ୍ଦନ ଲାଗି କରାଯାଏ ବୋଲି ପୂଜକ କହିଛନ୍ତି। ଘୋଷଯାତ୍ରା ନିମନ୍ତେ ଜାଗୁଳେଇପାଟଣା ସ୍ଥିତ ଅନନ୍ତପୁରୁଷୋତ୍ତମ ପୀଠ ଏବେଠାରୁ ଚଳଚଞ୍ଚଳ ହେବାରେ ଲାଗିଛି। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ମନ୍ଦିର ଟ୍ରଷ୍ଟି ପକ୍ଷରୁ ସମସ୍ତ ପ୍ରକାର ପ୍ରସ୍ତୁତି ହୋଇଛି। ଆସନ୍ତା ୨୬ ତାରିଖରେ ନେତ୍ରୋତ୍ସବ ଓ ନବଯୌବନ ଦର୍ଶନ କରାଯିବ। ୨୭ରେ ଠାକୁର ପହଣ୍ଡି ହୋଇ ରଥାରୁଢ଼ ହେବେ। ଶ୍ରୀକ୍ଷେତ୍ରରେ ତିନିଟି ରଥରେ ଯାତ୍ରା କରାଯାଉଥିବାବେଳେ ଜାଗୁଳେଇପାଟଣାଠାରେ ତିନି ଭାଇ-ଭଉଣୀଙ୍କ ପୂର୍ଣ୍ଣବିଗ୍ରହ ଗୋଟିଏ ରଥରେ ରଥାରୁଢ଼ ହୋଇ ମାଉସୀ ମା' ମନ୍ଦିରକୁ ବିଜେ କରିବାର ପରମ୍ପରା କେଉଁ ଆବହମାନ କାଳରୁ ଜାରି ରହିଛି। ପ୍ରାୟ ୪୫ବର୍ଷ ହେବ ଏଠାରେ ନିୟମିତ ଭାବେ ଘୋଷଯାତ୍ରା ଅନୁଷ୍ଠିତ ହୋଇଆସୁଛି।

## ମା' ଭଗବତୀଙ୍କ ହୁଣ୍ଡିରୁ ମିଳିଲା ୧, ୩୭, ୪୨୮ ଟଙ୍କା

ବାଣପୁର, ୧୮।୬(ସମିସ): ଭଗବତୀ କ୍ଷେତ୍ର ବାଣପୁରର ଆରାଧ ଦେବୀ ତଥା ରାଜ୍ୟର ଅନ୍ୟତମ ଶକ୍ତିପୀଠ ମା' ଭଗବତୀଙ୍କ ଦୀର୍ଘ ୬ମାସ ବ୍ୟବଧାନରେ ବୁଧବାର ମନ୍ଦିରର ଭିତର ଦାନବାକ୍ସ ଖୋଲାଯାଇଛି। ଏହି ଦାନବାକ୍ସରୁ ଶ୍ରଦ୍ଧାଳୁମାନେ ଦାନ କରିଥିବା ମୋଟ୍ ୧ ଲକ୍ଷ ୩୭ ହଜାର ୪୨୮ ଟଙ୍କା ସମେତ ରୁପାର ଆଖି ୨ଟି ଓ ଏକ ରୁପା କଏନ ମିଳିଛି। ଶ୍ରୀଦକ୍ଷେଶ୍ୱର ଭଗବତୀ ଏଣ୍ଡାଓମେଣ୍ଟ ସଭାପତି ତଥା ବାଣପୁର ତହସିଲ୍‌ଦାର ଟି.



ପଦ୍ମନାଭ ଦୋରାଙ୍କ ଉପସ୍ଥିତିରେ ପରିଚାଳନା କମିଟିର ସଦସ୍ୟ ବାଣପୁର ବିଡିଓ ଶୀତଳ ଅଗ୍ରୱାଲା, ଏଣ୍ଡାଓମେଣ୍ଟର କାର୍ଯ୍ୟନିର୍ବାହୀ ଅଧିକାରୀ ବାଳମୁକୁନ୍ଦ ଦାସ ଓ ବାଣପୁର ପୁଲିସ ସମେତ ମନ୍ଦିର କର୍ମଚାରୀ ସୁରେନ୍ଦ୍ର ସାହୁ, କମଳ କୁମାର ମିଶ୍ର ଓ ଅକ୍ଷୟ କୁମାର ମିଶ୍ର ପ୍ରମୁଖଙ୍କ ଉପସ୍ଥିତିରେ ମା'ଙ୍କ ନିକଟରେ ପୂଜାର୍ଚ୍ଚନା ପରେ ହୁଣ୍ଡି ଖୋଲାଯାଇଥିଲା। ପୂର୍ବରୁ ବିଗତ ବର୍ଷରେ ମା'ଙ୍କର ଭିତର ଓ ବାହାର ଦୁଇଟି ହୁଣ୍ଡିକୁ ଖୋଲାଯାଇ ସେଥିରୁ ମିଳିଥିବା ସମସ୍ତ ଦାନ ଟଙ୍କା ଓ ଅଳଙ୍କାରକୁ ବ୍ୟାଙ୍କରେ ଜମା କରାଯାଇଥିଲା। ମା'ଙ୍କର ମନ୍ଦିର ଭିତର ହୁଣ୍ଡିରୁ ବାହାରିଥିବା ସମସ୍ତ ଟଙ୍କା ସ୍ଥାନୀୟ ୟୁକୋ ବ୍ୟାଙ୍କରେ ଜମା ରଖାଯାଇଛି। ଯାହା ମା'ଙ୍କ ନୀତିକାନ୍ତି ଓ ସେବା କାର୍ଯ୍ୟରେ ବିନିଯୋଗ କରାଯିବ ବୋଲି ମନ୍ଦିର ପରିଚାଳନା କମିଟି ତରଫରୁ ସୂଚନା ମିଳିଛି।

## ବୀର ଯବାନଙ୍କ ସ୍ମୃତିଚାରଣ କଲେ ସାଂସଦ ମାନସ ମଙ୍ଗରାଜ

ବାଣପୁର, ୧୮।୬(ସମିସ): ଭାରତୀୟ ନୌସେନାର ତଟରକ୍ଷୀ ବାହିନୀରେ କାର୍ଯ୍ୟରତ ଯବାନ ଦେବରାଜ ମହାରଣା କିଛିଦିନ ହେବ ରୋଗରେ ଆକ୍ରାନ୍ତ ହୋଇ କୋଲକାତାସ୍ଥିତ ମିଲିଟାରୀ ହସ୍ପିଟାଲରେ ଗତ ୬ ତାରିଖରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ପରଲୋକ ଘଟିଥିଲା। ତାଙ୍କ ଦ୍ୱାଦଶାହ ଅବସରରେ ଜନ୍ମମାଟି ବାଣପୁର ଗାଲୁଆ ଗ୍ରାମରେ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବିତ୍ ବାଳମୁକୁନ୍ଦ ଦାସଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ରାଜ୍ୟସଭା ସାଂସଦ ମାନସ କୁମାର ମଙ୍ଗରାଜ ଯୋଗଦେଇ ସ୍ୱର୍ଗତ ଦେବରାଜଙ୍କ ସ୍ମୃତିଚାରଣ କରିବା ସହ ଗ୍ରାମରେ ଦେବରାଜଙ୍କ ଏକ ପ୍ରତିମୂର୍ତ୍ତି ସ୍ଥାପନା କରିବାରେ ସହଯୋଗ କରିବେ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ପୂର୍ବତନ ଚିଲିକା ବ୍ଲକ ଅଧ୍ୟକ୍ଷ ଲଳିତ ମୋହନ ପଟ୍ଟନାୟକ, ତହସିଲ୍‌ଦାର ଟି.ପଦ୍ମନାଭ ଦୋରା, ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ଗୋପୀନାଥ ମହାରଣା




ଓ ଶିକ୍ଷାବିତ୍ ସଂଗ୍ରାମ କେଶରୀ ସାହୁ ପ୍ରମୁଖଙ୍କ ସମେତ ଅଞ୍ଚଳର ବହୁ ବୁଦ୍ଧିଜୀବୀ ଯୋଗଦେଇ ସ୍ୱର୍ଗତ ଦେବରାଜଙ୍କ ସ୍ମୃତିଚାରଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଦେବରାଜ ୧୯୯୪ ମସିହାରେ ଦେଶ ସେବା ପାଇଁ ଭାରତୀୟ ତଟରକ୍ଷୀ ବାହିନୀରେ ଯୋଗଦେଇ ଆରବ ସାଗର, ବଙ୍ଗୋପ ସାଗର ଓ ପ୍ରଶାନ୍ତ ମହାସାଗର ଆଦି ଭାରତର ବିଭିନ୍ନ ପ୍ରାନ୍ତରେ କାର୍ଯ୍ୟ କରିଥିବାବେଳେ ଚାକିରି କ୍ଷେତ୍ରରେ ସେ ବହୁ ଆୱାର୍ଡ ପାଇଥିବା ସହ ବେସିକ୍ ଟ୍ରେନିଂରେ ବେଷ୍ଟ ଆୱାର୍ଡ ମଧ ପାଇଥିଲେ।

## ଷ୍ଟେସନ୍‌ରେ ବ୍ୟାଗ୍ ଝାମ୍ପିବାବେଳେ ଅଭିଯୁକ୍ତ କାବୁ

ଜଟଣୀ, ୧୮।୬(ସମିସ): ଖୋର୍ଦ୍ଧାରୋଡ୍ ରେଳ ଷ୍ଟେସନରେ ଜଣେ ମହିଳା ଯାତ୍ରୀଙ୍କଠାରୁ ଭ୍ୟାନିଟ୍ ବ୍ୟାଗ୍ ଝାମ୍ପିନେବାବେଳେ ଅଭିଯୁକ୍ତକୁ କାବୁ କରିଛି ପୁଲିସ। ଗିରଫ ଅଭିଯୁକ୍ତ ହେଲା ପୁରୀ ବ୍ରହ୍ମଗିରି ମୁଣ୍ଡଳୀର ସୁଶାନ୍ତ ସାହୁ (୨୮)। ତା' ନିକଟରୁ ଭ୍ୟାନିଟ୍ ବ୍ୟାଗ୍, ସୁନାର ମଙ୍ଗଳସୂତ୍ର ଓ ନଗଦ ୧୫ ହଜାର ଟଙ୍କା ଜବତ କରିଛି ପୁଲିସ। ସୂଚନାଯୋଗ୍ୟ ଯେ, ମଙ୍ଗଳବାର ବିଳମ୍ବିତ ରାତିରେ ମହିଳା ଯାତ୍ରୀ ଜଣକ ୨ ନମ୍ବର ପ୍ଲାଟ୍‌ଫର୍ମରେ ଟ୍ରେନ୍‌କୁ ଅପେକ୍ଷା କରିଥିଲେ। ଏହି ସମୟରେ ଅଭିଯୁକ୍ତ ହଠାତ୍ ମହିଳାଙ୍କ କାନ୍ଧରୁ ଭ୍ୟାନିଟ୍ ବ୍ୟାଗ୍‌ଟିକୁ ଝାମ୍ପି ନେଇ ଫେରାର୍ ହୋଇଯାଇଥିଲା। ମହିଳା ଜଣକ ଚିତ୍କାର କରିବାରୁ ପ୍ଲାଟ୍‌ଫର୍ମରେ ନିୟୋଜିତ ଥିବା ଆର୍‌ପିଏଫ୍ ପୁଲିସ ଅଭିଯୁକ୍ତର ପିଛା କରି କାବୁ କରିଥିଲେ। ତା' ନିକଟରୁ ଚୋରି ସାମଗ୍ରୀ ସବୁ ଜବତ ହୋଇଥିଲା।

## ଜଳିଗଲା ଲୁହାପଥର ବୋଝେଇ ଟ୍ରକ୍

ନିରାକାରପୁର, ୧୮।୬(ସମିସ): ଖୋର୍ଦ୍ଧା ଜିଲ୍ଲା ଜଙ୍କିଆ ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥ ସୁନେଇ ରୁପେଇ ଛକରେ ବୁଧବାର ଏକ ଚଳନ୍ତା ଟ୍ରକ୍‌ରେ ନିଆଁ ଲାଗି ଜଳି ଯାଇଥିବା ଜଣାପଡ଼ିଛି। ସ୍ଥାନୀୟ ଯୁବକଙ୍କ ସହାୟତାରେ ସୁରକ୍ଷିତ ଅବସ୍ଥାରେ ଚାଳକଙ୍କୁ ଉଦ୍ଧାର



କରାଯାଇଛି। ଟ୍ରକ୍‌ରେ ଲୁହା ପଥର ବୋଝେଇ ହୋଇ ବିଶାଖାପାଟଣାରୁ ପାରାଦ୍ୱୀପ ଯାଉଥିଲା। ଓଭର ଲୋଡିଂ କାରଣରୁ ପ୍ରଥମେ ଇଞ୍ଜିନ୍‌ରୁ ଧୂଆଁ ବାହାରିଥିଲା। ଏହି ଘଟଣାକୁ ଦେଖି ସ୍ଥାନୀୟ ଯୁବକମାନେ ଟ୍ରକ୍‌କୁ ଅଟକାଇ ସୁରକ୍ଷିତ ଅବସ୍ଥାରେ ଚାଳକଙ୍କୁ ଉଦ୍ଧାର କରିଥିଲେ। କ୍ୟାବିନ୍‌ଟି ସମ୍ପୂର୍ଣ୍ଣ ଭାବେ ପୋଡ଼ିଯାଇଛି। ଖବର ପାଇ ଜଙ୍କିଆ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

## ଶେଷ ପର୍ଯ୍ୟାୟରେ ଦାରୁବ୍ରହ୍ମ ଦେବଙ୍କ ରଥ ନିର୍ମାଣ

ଭୂଷଣ୍ଡପୁର, ୧୮।୬(ସମିସ): ଆସନ୍ତା ୨୭ ତାରିଖରେ ଅନୁଷ୍ଠିତ ହେବ ମହାପ୍ରଭୁଙ୍କ ଘୋଷଯାତ୍ରା। ରଥରେ ମହପ୍ରଭୁଙ୍କ ଦର୍ଶନ ଅପେକ୍ଷାରେ ଲକ୍ଷାଧିକ ଭକ୍ତ। ବିଶ୍ୱ ପ୍ରସିଦ୍ଧ ଘୋଷଯାତ୍ରା ନିମନ୍ତେ ଶ୍ରୀକ୍ଷେତ୍ରର



ବଡ଼ଦାଣ୍ଡ ଚଳଚଞ୍ଚଳ ହୋଇଥିବାବେଳେ ଟାଙ୍ଗୀ ବ୍ଲକ ଭୂଷଣ୍ଡପୁର ଏବଂ ବାଲିପାଟପୁର ଗ୍ରାମ ପଞ୍ଚାୟତର ମିଳିତ ସହଯୋଗରେ ଦାରୁବ୍ରହ୍ମ ଦେବଙ୍କ ରଥଯାତ୍ରା ଲାଗି ପ୍ରସ୍ତୁତି ଜୋର୍‌ଦାର ଚାଲିଛି। ରଥଖଳାରେ ରଥ ନିର୍ମାଣ କାର୍ଯ୍ୟ ସାଙ୍ଗକୁ ରଥଯାତ୍ରା ପ୍ରସ୍ତୁତି କାର୍ଯ୍ୟ ଏବେ ପ୍ରାୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ନେତ୍ର ଉତ୍ସବ ପୂର୍ବରୁ ରଥ ନିର୍ମାଣ କାମ ସରିବ ବୋଲି ଦାରୁବ୍ରହ୍ମ ରଥଯାତ୍ରା କମିଟି ପକ୍ଷରୁ କୁହାଯାଇଛି। ରଥ କାର୍ଯ୍ୟକୁ ମହାରଣା ସେବାୟତ ତ୍ରିଲୋଚନ ମହାରଣା, ବଟକୃଷ୍ଣ ମହାରଣା, ରବି ମହାରଣା, ପାଣ୍ଡବ ମହାରଣା, ନିରଞ୍ଜନ ମହାରଣା, ରଞ୍ଜନ ମହାରଣା, ସୋନୁ ମହାରଣା ପ୍ରମୁଖ ଯୁଦ୍ଧକାଳୀନ ଭିତ୍ତିରେ ଜାରି ରଖିଛନ୍ତି।

# ବରିଷ୍ଠ ନାଗରିକ ମଞ୍ଚର ରଜ ପର୍ବ ପାଳନ

ଖୋର୍ଦ୍ଧା, ୧୮।୬(ସମିସ):

ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ଶ୍ରୀରାମ ନଗରସ୍ଥିତ ସଭାଗୃହ ପରିସରରେ ଓଡ଼ିଶାର ଗଣପର୍ବ ରଜ ଉତ୍ସବ ପାଳନ କରାଯାଇଛି। ଆଧୁନିକତାର ଦ୍ୱାହି ଦେଇ ଓଡ଼ିଶାରୁ ଏହାର ନିଜସ୍ୱ ଭାଷା, ସାହିତ୍ୟ, ସଙ୍ଗୀତ, ନୃତ୍ୟ, ଲୋକକଳା, ପିଠାପଣାକୁ ରାଜ୍ୟବାସୀ ଆଉ ପୂର୍ବଭଳି ଆଦର କରୁନାହାନ୍ତି। ଅନେକ ପାରମ୍ପରିକ ଖାଦ୍ୟ ଆଉ ମିଳୁନାହିଁ। ଝିଅମାନେ ପିଠା ତିଆରି ଶିଖିବା ପାଇଁ ଆଗ୍ରହୀ ନୁହନ୍ତି। ଏହି ପ୍ରତିକୂଳ ପରିସ୍ଥିତିରେ ବରିଷ୍ଠ ନାଗରିକ ମହିଳା ଶାଖା ଦ୍ୱାରା ରଜପର୍ବ ପାଳନ ଅବସରରେ ପିଠା ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଏହି ପ୍ରତିଯୋଗିତାରେ ସୌଦାମିନି ପଟ୍ଟନାୟକ, ସ୍ୱର୍ଣ୍ଣରେଣୁ ପଟ୍ଟନାୟକ, ଝରଣା ମିଶ୍ର, ମମତା ସାହୁ, ମାୟାଧର ପ୍ରଧାନ, ଦାମୋଦର ବେହେରା, ରାମଚନ୍ଦ୍ର ମଙ୍ଗରାଜ, ଶ୍ରୀମନ୍ତ ବେହେରା, ସହଦେବ ସାହୁ, ରବୀନ୍ଦ୍ର ନାଥ ମିଶ୍ର, ଭାଗବତ ସାହୁ ଓ ମହେନ୍ଦ୍ର ମିଶ୍ର ପ୍ରମୁଖ ଅଂଶ ଗ୍ରହଣ କରିଥିଲେ। ବିରଞ୍ଚି ସାହୁ ଓ ଶରତ ସାହୁ ମଞ୍ଚ ପରିଚାଳନା କରିଥିଲେ।



ଓଡ଼ିଶୀ ସଙ୍ଗୀତ ଓ ନୃତ୍ୟ ସଦସ୍ୟଙ୍କ ନାତି ନାତୁଣୀମାନେ ପରିବେଷଣ କରିଥିଲେ। ପ୍ରିଜଲ ପ୍ରିୟା ସାହୁ, ଜାଗୃତି ମହାନ୍ତି, ଶ୍ରଦ୍ଧାଶ୍ରୀ ମହାନ୍ତି, ସାକ୍ୟସିଂହ ପଟ୍ଟନାୟକ ଓ ମୌସୁମୀ ସାମନ୍ତସିଂହାର ଓଡ଼ିଶୀ ଓ ସମ୍ବଲପୁରୀ ନୃତ୍ୟ ପରିବେଷଣ କରିଥିଲେ। ସ୍ୱର୍ଣ୍ଣରେଣୁ ପଟ୍ଟନାୟକ, ବସନ୍ତ ଦାଶ, ଉମାକାନ୍ତ ମିଶ୍ର, ମହେନ୍ଦ୍ର ଦାସ ସୁଗମ ସଙ୍ଗୀତ ଓ ଭଜନ ପରିବେଷଣ କରିଥିଲେ। ଏହି ଉତ୍ସବକୁ କ୍ଷେତ୍ରବାସୀ ସାହୁ, ନବୀନ ସାମନ୍ତସିଂହାର, ନବକିଶୋର ମହାପାତ୍ର, ରତ୍ନାକର ରଣସିଂହ, ଗଦାଧର ଗୋଛି, ହରମୋହନ ମହାପାତ୍ର, ବିପିନ ବିହାରୀ ମିଶ୍ର, ବିଜୟ ପଣ୍ଡା ପରିଚାଳନା କରିଥିଲେ। ଏହି ଉତ୍ସବରେ ଅନୁଷ୍ଠାନର କର୍ମକର୍ତ୍ତା ଓ ସଦସ୍ୟବୃନ୍ଦ ଉପସ୍ଥିତ ଥିଲେ। ମଞ୍ଚର ସମ୍ପାଦକ ରାମଶଙ୍କର ସ୍ୱାଗତ ଭାଷଣ ଓ ସହସମ୍ପାଦକ ସନ୍ତୋଷ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ଦୋଳି ଖେଳ ଓ ରଜ ପାନଖିଆରେ ସରିଲା ରଜ

ନିରାକାରପୁର, ୧୮।୬(ସମିସ): ପୁରପଲ୍ଲୀରେ ରଜ ପର୍ବରେ ଝିଅ ବୋହୂମାନେ ବଡ଼ ଆନନ୍ଦ ଉଲ୍ଲାସରେ ଦୋଳି ଖେଳି, ରଜ ପାନ, ଭୋଜିଭାତ ଓ ପିଠାପଣାରେ ମସ୍‌ଗୁଲ ହୋଇଯାଇଥିବା ଖୋର୍ଦ୍ଧା ଜିଲ୍ଲା କଞ୍ଚିଲୋ ଗ୍ରାମରେ ମଧ ମହାସମାରୋହରେ ରଜ ପାଳନ ହୋଇଛି। ଗ୍ରାମର ସମସ୍ତ ଝିଅ-ବୋହୂ ନୂତନ ବସ୍ତ୍ର ପରିଧାନ କରି ପାଦରେ ଅଳତା ଲଗାଇ ରଜପର୍ବକୁ ପାଳନ କରିଛନ୍ତି। ଏହି



ଗ୍ରାମରେ ଅନୁଷ୍ଠିତ ରଜ ଉତ୍ସବ ଅବସରରେ ଗ୍ରାମର ଗୋଟିଏ ସ୍ଥାନରେ ଗ୍ରାମର ସମସ୍ତ ଝିଅବୋହୂ ଏକାଠି ହୋଇଥିଲେ। ସମସ୍ତେ ମନ ଆନନ୍ଦରେ ରଜଦୋଳିଠାରୁ ଆରମ୍ଭ କରି ଅନ୍ୟାନ୍ୟ ପାରମ୍ପରିକ ଖେଳ ଖେଳିଥିଲେ। ବିଭିନ୍ନ ବାଦ୍ୟ ସଙ୍ଗୀତର ତାଳେ ତାଳେ ସମସ୍ତେ ନୃତ୍ୟ କରି ସମସ୍ତଙ୍କ ମଧ୍ୟରେ ଭାବର ଆଦାନପ୍ରଦାନ କରିଥିଲେ। ରଜ ପାନ ସହିତ ଭୋଜିଭାତ ପରିବେଶକୁ ଆହୁରି ଆକର୍ଷଣୀୟ କରିଥିଲା। ଏହି କାର୍ଯ୍ୟକ୍ରମରେ ପ୍ରମୁଖ ଭୂମିକାରେ ରେଣୁବାଳା ପଟ୍ଟନାୟକ, ନମିତା ଦାସ, ମାନସୀ ପଟ୍ଟନାୟକ, କୁନି, ହେନା, ରଜନୀ, ଟୁନା ଅପା, ମୀନା ଅପା, ମାମି ଅପା, ବୁଢ଼ିଆ ଅପା, ପ୍ରଭୀ ଅପା ପ୍ରମୁଖ ସକ୍ରିୟ ସହଯୋଗ କରିଥିଲେ।

## ରଜ ମହୋତ୍ସବ ଉଦ୍‌ଯାପିତ


ବେଗୁନିଆ, ୧୮।୬(ସମିସ): ବେଗୁନିଆ ସଦର ମହକୁମାର ନୂଆସାହିସ୍ଥିତ ଜଗନ୍ନାଥ ମନ୍ଦିର ସଂଲଗ୍ନ ଆମ୍ର କାନନ ପରିସରରେ ପତିତପାବନ ଯୁବକ ସଂଘ ପକ୍ଷରୁ ୪ଦିନ ଧରି ଚାଲିଥିବା ରଜ ମହୋତ୍ସବ ଉଦ୍‌ଯାପିତ ହୋଇଛି। ଏଥିରେ କିଶୋରୀ ବାଳିକାମାନଙ୍କ ମଧ୍ୟରେ ପୁଚି, ମ୍ୟୁଜିକ୍ ଚେୟାର, ଅନ୍ଧପୁଟୁଳି ଓ ଭକ୍ତି ଭୂଷଣ ତ୍ରିପାଠୀ ସ୍ମୃତି ସଂସଦ ପକ୍ଷରୁ କୁଇଜ୍ ପ୍ରତିଯୋଗିତାରେ ଇଂ ରାମ ମାନସ ପଣ୍ଡା ଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଅନୁଷ୍ଠାନର ସଭାପତି ରଶ୍ମି ଚାନ୍ଦ କରଙ୍କ ଅଧ୍ୟକ୍ଷତା ଓ ପ୍ରଧାନଶିକ୍ଷକ ଦିବାକର ସାହୁଙ୍କ ସଂଯୋଜନାରେ ଗ୍ରାମ୍ୟ କମିଟି ସଭାପତି ଲାଲା ଦିଲ୍ଲୀପ କୁମାର ରାୟ ମୁଖ୍ୟ ଅତିଥି, ଶିକ୍ଷାବିତ୍ କାଶୀନାଥ ପଟ୍ଟନାୟକ ମୁଖ୍ୟବକ୍ତା ଓ ଅବସରପ୍ରାପ୍ତ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ୍ ଶାଖା ପରିଚାଳକ ଦୀନବନ୍ଧୁ ଦାଶ ସମ୍ମାନିତ ଅତିଥି ଭାବେ ଯୋଗଦେଇ ରଜ ଉତ୍ସବ ପୁରାତନ ପରମ୍ପରାକୁ ଉଜ୍ଜୀବିତ କରିଥାଏ ବୋଲି ମତ ପ୍ରକାଶ କରିଥିଲେ। ଏହା ଅବସରରେ ରଜ କୁଇନ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇ କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର ସହ ନଗଦ ଅର୍ଥ ରାଶି ଦେଇ ସମ୍ବର୍ଦ୍ଧିତ କରିଥିଲେ।

## ଇରାନର ୨ ପରମାଣୁ ଠିକଣା କ୍ଷତିଗ୍ରସ୍ତ; ବିକିରଣ ଆରମ୍ଭ

**ସ୍ପଷ୍ଟକଲା ଆଇଏଇଏ**

ଭିଏନା, ୧୮।୬ (ଏଜେନ୍ସି): ଇସ୍ରାଏଲ ଏବଂ ଇରାନ ମଧ୍ୟରେ ଘମାଘୋଟ ଲଢେଇ ଜାରି ରହିଛି। ଉଭୟ ଦେଶ ପରସ୍ପର ଉପରେ କ୍ଷେପଣାସ୍ତ୍ର ଏବଂ ଡ୍ରୋନ ମାଡ଼ ଜାରି ରଖିଥିବାବେଳେ ଅନ୍ତର୍ଜାତୀୟ ଆଣବିକ ଶକ୍ତି ଏଜେନ୍ସି (ଆଇଏଇଏ) ବଡ଼ ସୂଚନା ଦେଇଛି। ଇରାନର ଦୁଇ ପ୍ରମୁଖ ଆଣବିକ ଠିକଣାରେ ଇସ୍ରାଏଲ ଆକ୍ରମଣ ସ୍ପଷ୍ଟ କରିଛି। ଏଥିରୁ ଇସ୍ରାଏଲ ଡିଫେନ୍ସ ଫୋର୍ସ (ଆଇଡିଏଫ) କରୁଥିବା ଦାବି ସତ୍ୟ ପ୍ରମାଣିତ ହୋଇଛି। ଆଇଏଇଏ ସୂଚନା ଅନୁଯାୟୀ ଇସ୍ରାଏଲ ଯୁଦ୍ଧ ବିମାନର ବୋମାବର୍ଷାରେ ଆଣବିକ କେନ୍ଦ୍ର 'ତେସା କରାଜ ୱାର୍କସପ୍' ଏବଂ 'ତେହରାନ ରିସର୍ଚ୍ଚ ସେଣ୍ଟର' କ୍ଷତିଗ୍ରସ୍ତ ହୋଇଛି। କରାଜରେ ଦୁଇଟି କୋଠା ଧ୍ୱଂସ ହୋଇଛି। ଏଠାରେ ସେଣ୍ଟ୍ରିଫ୍ୟୁଜ ଉପାଦାନ ପ୍ରସ୍ତୁତ କରାଯାଉଥିଲା। ଗୋଟିଏ କୋଠାରେ 'ଆଡଭାନ୍ସଡ ସେଣ୍ଟ୍ରିଫ୍ୟୁଜ ରୋଟର' ନିର୍ମାଣ କରାଯାଉଥିଲା। ଏହାକୁ ତେହରାନରେ ପରୀକ୍ଷା କରାଯାଉଥିଲା।

ନତାଞ୍ଜ ସାଇଟ୍ ଉପରେ ପରୋକ୍ଷ ଭାବେ ଆକ୍ରମଣ କରାଯାଇଥିଲା ବୋଲି ପ୍ରଥମେ କୁହାଯାଉଥିଲା। ମାତ୍ର ଆଇଏଇଏ ସ୍ପଷ୍ଟ କରିଛି ଯେ ଆକ୍ରମଣରେ ନତାଞ୍ଜର ଭୂତଳ ହଲ୍ ଗୁଡିକ କ୍ଷତିଗ୍ରସ୍ତ ହୋଇଛି। ଉପଗ୍ରହ ଚିତ୍ରରୁ ଏହି ସୂଚନା ମିଳିଛି। ଏହି ଦୁଇ ଠିକଣାରୁ ବିକିରଣ ଏବଂ ରାସାୟନିକ ପ୍ରଦୂଷଣ ଆରମ୍ଭ ହୋଇଯାଇଥିବା କୁହାଯାଇଛି। ତେବେ ଇରାନର ଅନ୍ୟ ପରମାଣୁ ଠିକଣାଗୁଡିକର ସ୍ଥିତି ଅପରିବର୍ତ୍ତିତ ରହିଥିବା କୁହାଯାଇଛି। କାରଣ ଆଇଇଏ ଏ ସବୁ ଠିକଣାର ଯାଞ୍ଚ କରିପାରିନାହିଁ।



## ଅପରେସନ 'ସିନ୍ଧୁ' ଆରମ୍ଭ — ଇରାନରୁ ଫେରୁଛନ୍ତି ୧୧୦ ଛାତ୍ରଛାତ୍ରୀ

ନୂଆଦିଲ୍ଲୀ, ୧୮।୬(ଏଜେନ୍ସି): ମଧ୍ୟପ୍ରାଚ୍ୟର ଦୁଇ ଦେଶ ଇସ୍ରାଏଲ ଓ ଇରାନ ମଧ୍ୟରେ ଯୁଦ୍ଧ ଏବେ ନିର୍ଣ୍ଣାୟକ ମୋଡରେ ପହଞ୍ଚିଛି। ଇରାନରେ ଫସିଥିବା ଭାରତୀୟ ନାଗରିକଙ୍କୁ ଫେରାଇ ଆଣିବାକୁ ଭାରତ ସରକାର 'ଅପରେସନ ସିନ୍ଧୁ' ଆରମ୍ଭ କରିଛନ୍ତି। ଏହିକ୍ରମରେ ଉତ୍ତର ଇରାନରୁ ଭାରତୀୟ ଦୂତାବାସ ପ୍ରଥମ ପର୍ଯ୍ୟାୟରେ ୧୧୦ ଜଣ ଛାତ୍ରଛାତ୍ରୀଙ୍କୁ ସ୍ୱଦେଶ ପଠାଇବାକୁ ବ୍ୟବସ୍ଥା କରିଛି। ବୁଧବାର ଭାରତୀୟ ସମୟ ଅପରାହ୍ଣ ୨.୫୫ରେ ଏମାନେ ଇରାନ ଛାଡିଥିବା ବେଳେ ଗୁରୁବାର ସକାଳେ ଭାରତରେ ପହଞ୍ଚିବେ ବୋଲି ବୈଦେଶିକ ମନ୍ତ୍ରଣାଳୟ ତରଫରୁ କୁହାଯାଇଛି। ଏମାନଙ୍କ ମଧ୍ୟରେ ଜମ୍ମୁ-କଶ୍ମୀରର ୯୦ ଜଣ ଛାତ୍ର ସାମିଲ ରହିଛନ୍ତି। ବାକି ଛାତ୍ରମାନେ କର୍ଣ୍ଣାଟକ ଓ ଉତ୍ତରପ୍ରଦେଶର ବୋଲି କୁହାଯାଇଛି। ଏହି ଛାତ୍ରମାନେ ମେଡିକାଲ ଅର୍ଥାତ ଏମ୍‌ବିବିଏସ୍ ଡିଗ୍ରୀ ହାସଲ କରିବାକୁ ଇରାନ ଯାଇଥିଲେ। ଇରାନର ୟେରେଭାନରୁ ଦୋହା ବାଟ ଦେଇ ଛାତ୍ରମାନେ ଦିଲ୍ଲୀରେ ପହଞ୍ଚିବେ। ଇରାନରେ ରହୁଥିବା ସବୁ ବିଦେଶୀ ନାଗରିକଙ୍କ ସୁରକ୍ଷା ପାଇଁ ଆମେ ବେଶ୍ ତତ୍ପର ଓ ସେମାନଙ୍କୁ ଫେରାଇ ଆଣିବାକୁ ପ୍ରତିଶ୍ରୁତି ଦେଉଛୁ ବୋଲି ଦିଲ୍ଲୀସ୍ଥିତ ଇରାନ ଉପ- ରାଷ୍ଟ୍ରଦୂତ ମହମ୍ମଦ ଜାଭେଦ୍ ହୋସେଇନି କହିଛନ୍ତି। ଭାରତ ଓ ଇରାନ ବୈଦେଶିକ ମନ୍ତ୍ରଣାଳୟ ମଧ୍ୟରେ ଉତ୍ତମ ସମନ୍ୱୟ ଓ ସହଯୋଗ ରହିଛି। ଇରାନ ଛାଡିବାକୁ ଚାହୁଁଥିବା ସବୁ ଭାରତୀୟ ନାଗରିକଙ୍କୁ ଆମେ ସହଯୋଗ କରିବାକୁ ବଦ୍ଧ ପରିକର ବୋଲି ସେ କହିଛନ୍ତି। ପର୍ଯ୍ୟାୟକ୍ରମେ ଅନ୍ୟ ଭାରତୀୟ ନାଗରିକଙ୍କୁ ଫେରାଇଆଣିବାକୁ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯିବ ବୋଲି ବୈଦେଶିକ ମନ୍ତ୍ରଣାଳୟ ତରଫରୁ କୁହାଯାଇଛି।

### ବାନ୍ଧବୀଙ୍କୁ ଚାକରାଣୀ କରି ପଠାଇଲେ ଆଇନ ଛାତ୍ରୀ

## ୪୮ ଘଣ୍ଟାରେ ୩୦ ଲକ୍ଷ ଚୋରି କରି ଡାକ୍ତରଙ୍କ ଘରୁ ଫେରାର

ନୂଆଦିଲ୍ଲୀ, ୧୮।୬ (ଏଜେନ୍ସି): ଦିଲ୍ଲୀର ମଡେଲ ଟାଉନ ଅଞ୍ଚଳରୁ ଚାଞ୍ଚଲ୍ୟକର ମାମଲା ସାମ୍ନାକୁ ଆସିଛି। ଏଠାରେ ରହୁଥିବା ଜଣେ ଆଇନ ଛାତ୍ରୀ ୩୦ ଲକ୍ଷ ଟଙ୍କା ଚୋରି କରିବା ପାଇଁ ଚଳଚ୍ଚିତ୍ର ଶୈଳୀରେ ଷଡ଼ଯନ୍ତ୍ର କରିଛନ୍ତି। ଏଥିରେ ଦୁଇ ବାନ୍ଧବୀଙ୍କୁ ସାମିଲ କରିଛନ୍ତି। ଏଥିପାଇଁ ଜଣେ ବାନ୍ଧବୀଙ୍କୁ ଚାକରାଣୀ କରି ଜଣେ ଡାକ୍ତରଙ୍କ ଘରକୁ ପଠାଇ ଥିଲେ। ସେ ମାତ୍ର ଦୁଇ ଦିନରେ ୩୦ ଲକ୍ଷ ଟଙ୍କା ଏବଂ ମୋବାଇଲ ଚୋରାଇ ନେଇଥିଲେ। ଏହା ପରେ ତିନି ଜଣ ଯାକ ଫେରାର ହୋଇ ଯାଇଥିଲେ। ତେବେ ପୁଲିସ ସିସିଟିଭି ଫୁଟେଜ ଏବଂ ଅନ୍ୟ ପ୍ରଯୁକ୍ତିବଦ୍ୟା ଆଧାରରେ ଅଭିଯୁକ୍ତଙ୍କୁ ଧରିଥିଲା। ଦଇ ଜଣଙ୍କୁ ମିରଟ ଏବଂ ଜଣଙ୍କୁ ସହାରନପୁରରୁ ଗିରଫ କରାଯାଇଛି। ଆଇନ ଛାତ୍ରୀ ରଜନୀ (୨୭) ଏହାର ମାଷ୍ଟରମାଇଣ୍ଡ ଥିଲେ। ସେ ଶିଳ୍ପୀ (୧୯)ଙ୍କୁ ଚାକରାଣୀ କରି ଡ. ଅନିଲ ରହେଜାଙ୍କ ଘରକୁ ପଠାଇ ଥିଲେ। ଗତ ୧୨ ତାରିଖରେ ପୁଲିସକୁ ଫୋନ କରି ଚାକରାଣୀ ଭାବେ ରଖିଥିବା ତନବୀର କୌର ଏହା ନେଇ ପଳାଇଛି ବୋଲି ଡାକ୍ତର କହିଥିଲେ। ଯାଞ୍ଚରୁ ଜଣାପଡ଼ିଥିଲା ଯେ ତନବୀରଙ୍କ ପ୍ରକୃତ ନାମ ଶିଳ୍ପୀ। ପୁଲିସ ଏହି ଚୋରି ଟଙ୍କା ଜବତ କରିଛି।

## ମଦ ଦୁର୍ନୀତି: ଜଗନଙ୍କ ଘନିଷ୍ଠ ସହଯୋଗୀ ଗିରଫ

ବେଙ୍ଗାଲୁରୁ, ୧୮।୬ (ଏଜେନ୍ସି): ଆନ୍ଧ୍ର ପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ଜଗନ ମୋହନ ରେଡ୍ଡୀଙ୍କ ଘନିଷ୍ଠ ସହଯୋଗୀ ତଥା ୱାଇଏସଆରସିପି ସାଧାରଣ ସମ୍ପାଦକ ଚେଭିରେଡ୍ଡୀ ଭାସ୍କର ରେଡ୍ଡୀଙ୍କୁ ବେଙ୍ଗାଲୁରୁରୁ ଗିରଫ କରାଯାଇଛି। ବହୁ କୋଟି ଟଙ୍କାର ମଦ ଦୁର୍ନୀତି ମାମଲାରେ ଆନ୍ଧ୍ର ପୁଲିସ ଏସ୍‌ଆଇଟି ଏହି କାର୍ଯ୍ୟାନୁଷ୍ଠାନ ନେଇଛି। ପୂର୍ବରୁ ଭାସ୍କରଙ୍କ ବିରୋଧରେ ଲୁକ୍‌ଆଉଟ ନୋଟିସ ଜାରି କରାଯାଇଥିଲା। ସେ ବିଦେଶ ପଳାଇବା ପାଇଁ ପ୍ରୟାସ କରୁଥିଲେ। ଏଥିପାଇଁ ବେଙ୍ଗାଲୁରୁ ବିମାନବନ୍ଦରରେ ପହଞ୍ଚି ଥିଲେ। ମାତ୍ର ଏହା ପୂର୍ବରୁ ଇମିଗ୍ରେସନ ଅଧିକାରୀମାନେ ତାଙ୍କୁ ଧରି ନେଇଥିଲେ। ଏହାର ସୂଚନା ପାଇବା ପରେ ଆନ୍ଧ୍ର ପୁଲିସ ପହଞ୍ଚି ବୁଧବାର ବଡ଼ି ଭୋରରେ ଭାସ୍କର ଏବଂ ତାଙ୍କ ସହଯୋଗୀ ଭେଙ୍କଟେଶ ନାଇଡୁଙ୍କୁ ଗିରଫ କରିଥିଲା। ଉଭୟଙ୍କୁ ବିଜୟୱାଡା ନିଆଯାଇଛି। ଏହି ମାମଲାରେ ଚନ୍ଦ୍ରଗିରିର ପୂର୍ବତନ ବିଧାୟକ ଭାସ୍କରଙ୍କ ସମେତ ୬ ଜଣ ଅଭିଯୁକ୍ତ ଅଛନ୍ତି। ଏ ପର୍ଯ୍ୟନ୍ତ ଏହି ମାମଲାରେ ୩୯ ଜଣଙ୍କୁ ଗିରଫ କରାଗଲାଣି।

## ଗୋଟିଏ ନମ୍ବରକୁ ୧୧୩ଥର ଫୋନ୍

ଲକ୍ଷ୍ନୌ, ୧୮।୬(ଏଜେନ୍ସି): ଟ୍ରାନ୍ସପୋର୍ଟ ବ୍ୟବସାୟୀ ରାଜା ରଘୁବଂଶୀ ହତ୍ୟା ମାମଲାରେ ନୂଆ ତଥ୍ୟ ସାମ୍ନାକୁ ଆସିଛି। ଏଥିରେ ମୁଖ୍ୟ ଅଭିଯୁକ୍ତ ତଥା ରାଜାଙ୍କ ପତ୍ନୀ ସୋନମ ଦୁଇଟି ମୋବାଇଲ ନମ୍ବର ବ୍ୟବହାର କରୁଥିଲା। କଲ୍ ଡିଟେଲ୍ ଅନୁସାରେ ସୋନମ୍ ମାର୍ଚ୍ଚ ମାସରେ ୨୫ ଦିନ ମଧ୍ୟରେ ୧୧୯ ଥର କଲ କରି କଥା ହୋଇଥିଲେ। ସେ ଦୀର୍ଘ ସମୟ ଧରି ସଞ୍ଜୟ ବର୍ମାଙ୍କ ସହ କଥା ହୋଇଥିଲେ ବୋଲି କୁହାଯାଉଛି। ତେବେ ଶିଲଂ ପୁଲିସ ଆନୁଷ୍ଠାନିକ ଭାବେ ଏ ନେଇ କିଛି ସୂଚନା ଦେଇନାହିଁ। ବୁଧବାର ଅପରାହ୍ଣରେ ପୁଲିସ୍ ସୋନମର ଘରେ ପହଞ୍ଚି ତା'ର ମା ଓ ଭାଇ ଗୋବିନ୍ଦଙ୍କୁ ବନ୍ଦ କୋଠରୀରେ ପଚରାଉଚରା କରିଥିଲା। ସେପଟେ ଫତେପୁର ଜିଲ୍ଲାରେ ରାଜା ହତ୍ୟାକାଣ୍ଡର ଅନ୍ୟତମ ଅଭିଯୁକ୍ତ ରାଜ୍ କୁଶୱାହର ଜେଜେମା ହୃଦ୍‌ଘାତରେ ମୃତ୍ୟୁବରଣ କରିଛନ୍ତି। ରାଜ ନିର୍ଦ୍ଦୋଷ ବୋଲି ଜେଜେମା ମୃତ୍ୟୁ ପୂର୍ବରୁ କହିଥିବା କଥା ପରିବାର ଲୋକେ କହିଛନ୍ତି।

## ୧୫ ଦିନରେ ମିଳିବ ଭୋଟର କାର୍ଡ

ନୂଆଦିଲ୍ଲୀ, ୧୮।୬ (ଏଜେନ୍ସି): ଏଥର ଭୋଟର ତାଲିକା ସଂଶୋଧନର ୧୫ ଦିନ ଭିତରେ ଲୋକଙ୍କୁ ନୂଆ ଭୋଟର ଆଇଡି ମିଳିବ। ନିର୍ବାଚନ କମିଶନଙ୍କ ପକ୍ଷରୁ ବୁଧବାର ଏହି ସୂଚନା ଦିଆଯାଇଛି। କାର୍ଡ ପ୍ରଦାନ ଲାଗି ନୂଆ ପ୍ରକ୍ରିୟା ଆରମ୍ଭ କରାଯାଇଛି। ଏଥିରେ ନୂଆ ପଞ୍ଜିକରଣ କିମ୍ବା ଆଇଡିରେ ଥିବା ସୂଚନା ପରିବର୍ତ୍ତନ ସାମିଲ ରହିଛି। ଏହା ବ୍ୟତୀତ ଭୋଟରଙ୍କୁ ଏସ୍‌ଏମ୍‌ଏସ୍ ମଧ୍ୟ ମିଳିବ। ଏହା ମାଧ୍ୟମରେ କାର୍ଡ ସ୍ଥିତିର ସୂଚନା ଦିଆଯିବ। ଏବେ ଭୋଟର କାର୍ଡ ମିଳିବାକୁ ମାସେରୁ ଅଧିକ ସମୟ ଲାଗିଯାଉଛି।

## କରୋନା: ୨୪ ଘଣ୍ଟାରେ ଆଉ ୪ ମୃତ

ନୂଆଦିଲ୍ଲୀ, ୧୮।୬(ଏଜେନ୍ସି): କରୋନାର ନୂଆ ଭ୍ୟାରିଏଣ୍ଟ ସଂକ୍ରମଣରେ ଦେଶରେ ମୃତ୍ୟୁ ସଂଖ୍ୟ ବୃଦ୍ଧି ପାଇବାରେ ଲାଗିଛି। ଗତ ୨୪ ଘଣ୍ଟା ୪ଜଣ ମୃତ୍ୟୁବରଣ କରିଛନ୍ତି। ମହାରାଷ୍ଟ୍ରରୁ ୨ଜଣ ଏବଂ ଦଲ୍ଲୀ ଓ କେରଳରୁ ଜଣେ ଲେଖାଏ ଜୀବନ ହରାଇଛନ୍ତି। ୨୦୨୫ ଜାନୁଆରୀରୁ ଏପର୍ଯ୍ୟନ୍ତ କରୋନାରେ ମୋଟ୍ ୧୧୩ ଜଣ ଜୀବନ ହରାଇଛନ୍ତି। କେରଳରେ ମୃତ୍ୟୁ ସଂଖ୍ୟ ସର୍ବାଧିକ ୩୬ ହୋଇଥିବା ବେଳେ ମହାରାଷ୍ଟ୍ରରେ ୩୧ ଓ ଦିଲ୍ଲୀରେ ୧୩ ଜଣ ମୃତ୍ୟୁବରଣ କରିଛନ୍ତି। ଦେଶର ୩୨ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ କରୋନାର ୬୪୮୩ ଆକ୍ଟିଭ କେସ୍ ଦେଖିବାକୁ ମିଳିଛି।

## କର୍ଣ୍ଣାଟକରୁ ନେଇ ଗୋଆରେ ପ୍ରେମିକାକୁ ହତ୍ୟା

ପାନାଜୀ, ୧୮।୬(ଏଜେନ୍ସି): ବିବାହ କରିବାକୁ ଦୁହେଁ ଗୋଆ ଯାଇଥିଲେ। କିନ୍ତୁ ସେଠାରେ ପହଞ୍ଚିବା ପରେ କଥା ଅଲଗା ହୋଇଥିଲା। ଜଣେ ୨୨ ବର୍ଷୀୟ କର୍ଣ୍ଣାଟକ ଯୁବକ ତାଙ୍କ ପ୍ରେମିକାଙ୍କୁ ନିର୍ମମ ଭାବେ ହତ୍ୟା କରିଛି। ଦକ୍ଷିଣ ଗୋଆର ପ୍ରତାପ ନଗରରେ ଯୁବତୀଙ୍କ ମୃତଦେହ ମିଳିଥିଲା। ପୁଲିସ ସମ୍ପୃକ୍ତ ଯୁବକଙ୍କୁ ଗିରଫ କରିଛି। ଦୁହେଁ ବେଙ୍ଗାଲୁରୁରୁ ଗୋଆ ଆସିଥିଲେ। ଗିରଫ ଯୁବକ ହେଉଛନ୍ତି ସଞ୍ଜୟ କେଭିନ ଏମ୍। ସେ ନର୍ଥ ବେଙ୍ଗାଲୁରୁରେ ରୁହନ୍ତି। ସେହିପରି ଯୁବତୀ ଜଣକ ହେଉଛନ୍ତି ଏହି ଅଞ୍ଚଳର ୨୨ ବର୍ଷୀୟା ରୋସନୀ ମୋସେସ୍ ଏମ୍। ଘଟଣା ପରେ ଯୁବକ ଫେରାର ହୋଇଯାଇଥିଲେ। ତାଙ୍କୁ କର୍ଣ୍ଣାଟକର ହୁବାଲିରେ ଗିରଫ କରାଯାଇଥିଲା। ବିବାହ କରିବାକୁ ଆସିଥିଲେ ମଧ୍ୟ ଦୁହିଁଙ୍କ ମଧ୍ୟରେ ବଚସା ହୋଇଥିଲା ଓ ଏହା ଶେଷରେ ହତ୍ୟାର ରୂପ ନେଇଥିଲା ବୋଲି ପୁଲିସ କହିଛି।

# ବଢ଼ିଲା ବିମାନବନ୍ଦର ସୁରକ୍ଷା ଚିନ୍ତା

## ସୁରକ୍ଷା ମାନଦଣ୍ଡ ପୂରଣ କରୁନାହାନ୍ତି ଅହମଦାବାଦ ସମେତ ଅନେକ ବିମାନବନ୍ଦର

- **ଅନେକ ସ୍ଥାନରେ ହୋଇନି ବଫର ଜୋନ୍**
- **ଭିତ୍ତିଭୂମି ସୁରକ୍ଷାକୁ ଗମ୍ଭୀରତାର ସହ ନେଉନାହାନ୍ତି**



ନୂଆଦିଲ୍ଲୀ, ୧୮।୬ (ଏଜେନ୍ସି): ଅହମଦାବାଦ ବିମାନ ଦୁର୍ଘଟଣା ପରେ ସାରା ଦେଶରେ ବିମାନ ଯାତ୍ରୀଙ୍କ ସୁରକ୍ଷା ଚିନ୍ତା ବୃଦ୍ଧି ପାଇଛି। ଏ ଦିଗରେ ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ (ଡିଜିସିଏ) ପଦକ୍ଷେପ ନେଇ ସୁରକ୍ଷା ଯାଞ୍ଚ ମଧ୍ୟ ନିର୍ଦ୍ଦେଶ ଦେଇଛି। ଏପରି ସମୟରେ ଚାଞ୍ଚଲ୍ୟକର ତଥ୍ୟ ସାମ୍ନାକୁ ଆସିଛି। ଅହମଦାବାଦ ସମେତ ଅନେକ ବିମାନବନ୍ଦର ମୌଳିକ ସୁରକ୍ଷା ମାନଦଣ୍ଡ ପୂରଣ କରୁନାହିଁ ବୋଲି ଜଣାପଡ଼ିଛି। ଡିଜିସିଏ ନିୟମ, ଏୟାରପୋର୍ଟ ଅଥରିଟି ଅଫ ଇଣ୍ଡିଆ (ଏଏଆଇ) ର ଦାବି ଏବଂ ୨୦୧୯ର ପର୍ଯ୍ୟବେକ୍ଷଣ ରିପୋର୍ଟ ଥିବା ସତ୍ତ୍ୱେ ପୁଣି ବିମାନ ଦୁର୍ଘଟଣା ହୋଇଥିଲା। ଏହାକୁ ନେଇ ଅବଷ୍ଟାକଲ ଲିମିଟେସନ ସରଫେସ (ଓଏଲଏସ) ପକ୍ଷରୁ କୁହାଯାଇଛି ଯେ ରନୱେର ଆଖପାଖରେ ସ୍ଥାୟୀ ନିର୍ମାଣ କିମ୍ବା ଆବାସିକ କୋଠା ରହିବା ଅନୁଚିତ। କିନ୍ତୁ ଅହମଦାବାଦ ବିମାନବନ୍ଦରରେ ଏ ସବୁ ସୁରକ୍ଷା ମାନଦଣ୍ଡ ପାଳନ ହୋଇନାହିଁ। ଏଥିରେ ସ୍ପଷ୍ଟ ହେଉଛି ଯେ ବିମାନ ଦୁର୍ଘଟଣା କେବଳ ଯାନ୍ତ୍ରିକ ନ ଥିଲା, ସଂସ୍ଥାଗତ ଏବଂ ପ୍ରଶାସନିକ ସ୍ତରର ମଧ୍ୟ ବିଫଳତା ଥିଲା।

ଏଏଆଇ ୨୦୧୮ରେ ଅହମଦାବାଦ ବିମାନବନ୍ଦରରେ ବଫର ଜୋନ ନିର୍ମାଣ କରିବା ଲାଗି ଗୁଜରାଟ ସରକାରଙ୍କୁ ୨୯.୭୯ ଏକର ଜମି ମାଗିଥିଲା। ଏହାକୁ ମଞ୍ଜୁରି ମଧ୍ୟ ମିଳିଥିଲା। କିନ୍ତୁ ଜମି ମିଳିବା ପ୍ରକ୍ରିୟା ଏବେ ବି ଜାରି ରହିଛି। କାରଣ ଏହି ଅଞ୍ଚଳରେ ୩୫୦ ପରିବାର ରହୁଛନ୍ତି। ଏମାନଙ୍କୁ ହଟାଇବା ରାଜନୈତିକ ଦୃଷ୍ଟିରୁ ସମ୍ବେଦନଶୀଳ। ଦେଶରେ ବିମାନ ଯାତ୍ରୀଙ୍କ ସଂଖ୍ୟା ବଢୁଛି। କିନ୍ତୁ ରନୱେ ସେଫ୍ଟି, ବଫର ଜୋନ ଏବଂ ଓଏଲଏସ ଭଳି ମୌଳିକ ଭିତ୍ତିଭୂମି ସମସ୍ୟା ବଡ଼ ଅବହେଳାର କାରଣ ପାଲଟିଛି। ଡିଜିସିଏର ଏରୋଡ୍ରମ ଇନ୍‌ସ୍ପେକ୍ଟର ହାଣ୍ଡବୁକ୍ ଏବଂ ସିଭିଲ ଆଭିଏସନ ରିକ୍ୱାରମେଣ୍ଟ (ସିଏଆର) ଅନୁଯାୟୀ ପ୍ରତ୍ୟେକ ରନୱେ ଶେଷରୁ ୯୦ରୁ ୨୪୦ ମିଟର ପର୍ଯ୍ୟନ୍ତ ରନୱେ ଆଣ୍ଡ ସେଫ୍ଟି ଏରିଆ (ରେସା) ହେବା ଜରୁରୀ। ଡିଜିସିଏର ବାର୍ଷିକ ଇନସ୍ପେକ୍ସନ ରିପୋର୍ଟ ଏବଂ ଏୟାରପୋର୍ଟ ଇନଫ୍ରାଷ୍ଟ୍ରକଚର ପ୍ରୋଜେକ୍ଟର ଅଧ୍ୟୟନରୁ ଜଣାପଡ଼ିଛି ଯେ ଦେଶର ଅନେକ ବିମାନବନ୍ଦରରେ ରେସା, ଓଏଲଏସ କିମ୍ବା ଜମି ଅଧିଗ୍ରହଣ ଭଳି ମୌଳିକ ମାନଦଣ୍ଡ ପୂରଣ କରିପାରିନାହାନ୍ତି। ତ୍ରିଭେନ୍ଦ୍ରମ, କୋଏମ୍ବାଟୁର, ମହୀଶୂର ଏବଂ ମାଙ୍ଗାଲୁରୁ ଭଳି ସହରରେ ରନୱେ ସମ୍ପ୍ରସାରଣ କିମ୍ବା ସୁରକ୍ଷା ଜୋନ୍ ପାଇଁ ମଗା ଯାଇଥିବା ଜମି ଅଧିଗ୍ରହଣ ସମ୍ପୂର୍ଣ୍ଣ ହୋଇପାରି ନାହିଁ। ଏଭଳି ଭାବେ ଗ୍ୱାଲିୟର ରନୱେ ପ୍ରସ୍ତାବ ଦୀର୍ଘ ବର୍ଷ ହେଲା ଅଟକି ରହିଛି।

ହିସାରରେ ଉଡ଼ାଣ ଆରମ୍ଭ ହୋଇସାରିଲାଣି। କିନ୍ତୁ ଟ୍ୟାକ୍ସି-ୱେ ଏବଂ ରନୱେ ନିକଟରେ ଓଏଲଏସ ସମ୍ବନ୍ଧିତ ସମସ୍ୟା ଜାରି ରହିଛି। କୁଶିନଗରରେ ଟର୍ମିନାଲ ସହିତ ଆପ୍ରୋଚ ପାଥ୍ ଏବଂ ରନୱେ ସୁଧାର ଅଧାରେ ରହିଛି। ସିମ୍‌ଲା ରନୱେ କେବଳ ୧୧୮୯ ମିଟର ଲମ୍ବା। ପାହାଡ ଯୋଗୁଁ ଏଠାରେ ରେସା ମଧ୍ୟ ସମ୍ଭବ ନୁହେଁ। ରନୱେର ମଧ୍ୟ ସମ୍ପ୍ରସାରଣ ହୋଇପାରିବ ନାହିଁ। ସେହିପରି ଜୈସାଲମେରରେ ରନୱେକୁ ଉଭୟ ବେସାମରିକ ଏବଂ ସାମରିକ କାର୍ଯ୍ୟ ପାଇଁ ବ୍ୟବହାର କରାଯାଉଛି। କିନ୍ତୁ ରନୱେ ସମ୍ପ୍ରସାରଣର କୌଣସି ଯୋଜନା ନାହିଁ। ସେହିପରି କୃଷକଙ୍କ ବିରୋଧ ଯୋଗୁଁ ପୁନେରେ ପ୍ରସ୍ତାବିତ ପୁରନ୍ଦର ବିମାନବନ୍ଦର କାର୍ଯ୍ୟ ଅଟକି ରହିଛି। ପାଟନା ବିମାନବନ୍ଦରକୁ ଚାରିପଟୁ ଜନବସତି, ରେଳ ଲାଇନ ଏବଂ ଚିଡିଆଖାନା ଘେରି ରହିଛି। ଏଠାରେ ରେସା ଉପଯୋଗୀ ହୋଇପାରିବ ନାହିଁ। ରନୱେ ମଧ୍ୟ ସମ୍ପ୍ରସାରଣ ହୋଇପାରିବ ନାହିଁ। ଏଭଳି ସ୍ଥଳେ ଗମ୍ଭୀର ସୁରକ୍ଷା ବିପଦ ସୃଷ୍ଟି ହୋଇପାରେ।

### ବିମାନରେ ଫସିଲେ ବଘେଲ

## ୪୦ ମିନିଟ୍ ଯାଏଁ ଖୋଲିଲାନି ଗେଟ୍



ନୂଆଦିଲ୍ଲୀ, ୧୮।୬(ଏଜେନ୍ସି): ଦିଲ୍ଲୀରୁ ଛତିଶଗଡ଼ ରାଜଧାନୀ ରାୟପୁର ଯାତ୍ରା କରିଥିବା ଇଣ୍ଡିଗୋ ବିମାନରେ ମଙ୍ଗଳବାର ଏକ ବଡ଼ ଅଘଟଣ ଦେଖିବାକୁ ମିଳିଥିଲା। ଏୟାରପୋର୍ଟରେ ବିମାନ ଅବତରଣ କରିସାରିଥିଲେ ମଧ୍ୟ ଏକ ବୈଷୟିକ ତ୍ରୁଟି ଯୋଗୁଁ ଯାତ୍ରୀ ଫସି ରହିଥିଲେ। ଏମାନଙ୍କ ମଧ୍ୟରେ ଛତିଶଗଡ଼ ପୂର୍ବତନ ମୁଖ୍ୟମନ୍ତ୍ରୀ ଭୂପେଶ ବଘେଲ ଥିଲେ। ବିମାନର ଅବତରଣ ପରେ ୪୦ ମିନିଟ୍ ପର୍ଯ୍ୟନ୍ତ ଗେଟ୍ ଖୋଲି ନଥିଲା। ଫଳରେ ଯାତ୍ରୀମାନେ ବିମାନ ଭିତରେ ଫସି ରହିଥିଲେ। ଏହାକୁ ନେଇ ଆତଙ୍କ ଖେଳିଯାଇଥିଲା। ବଘେଲଙ୍କ ସମେତ କଂଗ୍ରେସ ବିଧାୟକ ଚାତୁରୀ ନନ୍ଦ ଓ ରାୟପୁର ମେୟର ମିନଲ ଚୌବେଙ୍କ ସମେତ ବହୁ ଯାତ୍ରୀ ବିମାନରେ ଥିଲେ। ତେବେ ସମସ୍ତଙ୍କୁ ସୁରକ୍ଷିତ ଭାବେ ବାହାରକୁ ନିଆଯାଇଥିଲା। ବିମାନରେ କିଛି ବୈଷୟିକ ତ୍ରୁଟି ରହିଥିବା ବଘେଲ କହିଛନ୍ତି। ଗେଟ୍ ଲକ୍ ହେବା ଫଳରେ ୪୦ମିନିଟ ପର୍ଯ୍ୟନ୍ତ ଗେଟ୍ ଖୋଲି ନଥିଲା। କାରଣ ଏହି ବିମାନରେ ସିଡି ନଥିଲା। ଏହା ଏୟାର ବ୍ରିଜ୍‌ରେ ଲାଗିବା ପରେ ଯାତ୍ରୀମାନେ ଅବତରଣ କରିଥାନ୍ତି। ଏଥିପାଇଁ ବୋଧେ ଗେଟ୍ ଖୋଲି ନଥିଲା ବୋଲି ବଘେଲ କହିଛନ୍ତି।

## ଦିଲ୍ଲୀରେ ରାତିତମାମ୍ ଅଟକିଲେ ଜୁଏଲ

ନୂଆଦିଲ୍ଲୀ, ୧୮।୬(ଏଜେନ୍ସି): ସୁନ୍ଦରଗଡ଼ ଲୋକସଭା ସାଂସଦ ତଥା କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ୍ ଏବଂ ଜଣାଶୁଣା ଡାକ୍ତର ତଥା ଗାଷ୍ଟ୍ରୋଏଣ୍ଟେରୋଲୋଜିଷ୍ଟ ଡା ସୁବ୍ରତ ଆଚାର୍ଯ୍ୟ ଦିଲ୍ଲୀରୁ ଭୁବନେଶ୍ୱର ଆସିବା ବେଳେ ବିମାନରେ ଫସି ରହିଥିବା ଖବର ହସ୍ତଗତ ହୋଇଛି। ଦିଲ୍ଲୀରୁ ଭୁବନେଶ୍ୱର ଆସୁଥିବା ବିମାନ ଏଆଇ- ୨୪୮୯ ମଙ୍ଗଳବାର ରାତିରେ ଉଡ଼ାଣ କରିବାର ସମର୍ଥ ହୋଇ ନଥିଲା। ବୈଷୟିକ ତ୍ରୁଟି କାରଣରୁ ବିମାନ ଉଡାଣ ଆରମ୍ଭ କରିପାରି ନଥିଲା ବୋଲି ବିମାନ ବନ୍ଦର କର୍ତ୍ତୃପକ୍ଷ କହିଛନ୍ତି। ଜୁଏଲ, ସୁବ୍ରତଙ୍କ ସମେତ ବହୁ ଯାତ୍ରୀ ବେଶ୍ କେତେ ଘଣ୍ଟା ବିମାନରେ ଫସି ରହିଥିଲେ। ଏହି ବିମାନ ସ୍ଥାନୀୟ ଇନ୍ଦିରା ଗାନ୍ଧୀ ଅନ୍ତର୍ଜାତୀୟ (ଆଇଜିଆଇ) ବିମାନ ବନ୍ଦରରୁ ସନ୍ଧ୍ୟା ୫ଟା ୪୫ରେ ଟେକ୍ ଅଫ୍ କରିବାର କାର୍ଯ୍ୟକ୍ରମ ରହିଥିଲା। ଦୀର୍ଘ ସମୟ ଅପେକ୍ଷା କରିବା ପରେ ଯାତ୍ରୀମାନଙ୍କୁ ବିମାନରୁ ଓହ୍ଲାଇ ଦିଆଯାଇଥିଲା। କିନ୍ତୁ ବିମାନଟି ପୂର୍ବଭଳି ଠିଆ ହୋଇ ରହିଥିଲା ଓ ଯାତ୍ରା ଆରମ୍ଭ କରିପାରି ନଥିଲା। ବହୁଯାତ୍ରୀ ଟର୍ମିନାଲ-୩ର ପ୍ରସ୍ଥାନ ଗେଟ୍ ୩୨ଏରେ ଫସି ରହିଥିଲେ।

## ରାସ୍ତା ଜାମ୍ ପାଇଁ ୨ ବିଧାୟକଙ୍କୁ ବର୍ଷେ ଲେଖାଏଁ ଜେଲ୍ ଦଣ୍ଡ

ଜୟପୁର, ୧୮।୬ (ଏଜେନ୍ସି): ରାସ୍ତା ଜାମ କରିବା ରାଜସ୍ଥାନ କଂଗ୍ରେସର ଦୁଇ ବିଧାୟକଙ୍କ ପାଇଁ ମହଙ୍ଗା ପଡ଼ିଯାଇଛି। ରାସ୍ତା ଜାମ କରି ଆଇନକୁ ହାତକୁ ନେବା ମାମଲାରେ ଲାଲସୋଟ ବିଧାୟକ ମୁକେଶ ଭାକର, ଶାହପୁର ବିଧାୟକ ମନୀଷ ଯାଦବ, ଝୋଟୱାଡା ଆସନର ପୂର୍ବତନ କଂଗ୍ରେସ ପ୍ରାର୍ଥୀ ଅଭିଷେକ ଚୌଧୁରୀଙ୍କ ସମେତ ୯ ଜଣ ଲୋକଙ୍କୁ ଜୟପୁର ଜିଲ୍ଲା ଅଦାଲତ ଦୋଷୀ ସାବ୍ୟସ୍ତ କରିଛନ୍ତି। ସମସ୍ତଙ୍କୁ ବର୍ଷେ ଲେଖାଏଁ ଜେଲ୍ ଦଣ୍ଡ ଶୁଣାଇଛନ୍ତି। ତେବେ ଏହି ମାମଲା ୧୧ ବର୍ଷ ତଳର। ୨୦୧୪ ଅଗଷ୍ଟ ୧୩ରେ ସମସ୍ତେ ରାଜସ୍ଥାନ ୟୁନିଭର୍ସିଟିର ମୁଖ୍ୟ ଫାଟକ ବାହାରେ ଥିବା ଜେଏଲଏନ ମାର୍ଗ ଜାମ୍ କରିଥିଲେ। ତେବେ ଦଣ୍ଡ ମିଳିବା ପରେ ସମସ୍ତଙ୍କୁ ଜାମିନ ମିଳିଯାଇଛି। ଏହି ମାମଲାରେ ପୁଲିସ ୨୦୧୬ ଅଗଷ୍ଟ ୧୧ରେ ସମସ୍ତଙ୍କ ବିରୋଧରେ ଆରୋପପତ୍ର ଧାର୍ଯ୍ୟ କରିଥିଲା।

## କାର୍‌ରେ ଜିଅନ୍ତା ଜଳିଗଲେ ୫ ଜଣ

ବୁଲନ୍ଦସହର, ୧୮।୬(ଏଜେନ୍ସି): ଉତ୍ତରପ୍ରଦେଶର ବୁଲନ୍ଦସହରରେ ଏକ ମର୍ମନ୍ତୁଦ ସଡକ ଦୁର୍ଘଟଣା ଘଟିଛି। ଦୁର୍ଘଟଣାର ସମ୍ମୁଖୀନ ହେବା ପରେ କାର୍‌ରେ ବସିଥିବା ୫ ଜଣ ଲୋକ ଜିଅନ୍ତା ଜଳିଯିବା ସହ ମୃତ୍ୟୁବରଣ କରିଛନ୍ତି। ଦ୍ରୁତଗତିରେ ଆସୁଥିବା ଏକ ସ୍ୱିଫ୍ଟ କାର ପୋଲ ଉପରୁ ୫ ଫୁଟି ତଳକୁ ଖସି ପଡ଼ିଥିଲା। ଫଳରେ କାରରେ ନିଆଁ ଲାଗିଯାଇଥିଲା। କାରରେ ୬ ଜଣ ଲୋକ ବସିଥିବା ବେଳେ ୫ ଜଣ ମୃତ୍ୟୁବରଣ କରିଛନ୍ତି।

## ସରକାରଙ୍କୁ ଘେରିଲା କଂଗ୍ରେସ

- **ଟ୍ରମ୍ପଙ୍କ ସହ ମୁନିରଙ୍କ ଭୋଜନ ଭାରତ ପାଇଁ ତୃତୀୟ ଝଟ୍‌କା**
- **ରମେଶଙ୍କୁ ମିଛୁଆ କହିଲା ବିଜେପି**

ନୂଆଦିଲ୍ଲୀ, ୧୮।୬ (ଏଜେନ୍ସି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହ ଫୋନ୍ ବାର୍ତ୍ତାଳାପର ୧୨ ଘଣ୍ଟା ପରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପୁଣି ପୂର୍ବ ଦାବି ଦୋହାରାଇଛନ୍ତି। ଭାରତ ଏବଂ ପାକିସ୍ତାନ ମଧ୍ୟରେ ସମ୍ଭାବ୍ୟ ଯୁଦ୍ଧକୁ ସେ ଅଟକାଇ ଥିଲେ ବୋଲି କହିଛନ୍ତି। ଟ୍ରମ୍ପ କହିଛନ୍ତି ଯେ ମୁଁ ଯୁଦ୍ଧ ଅଟକାଇଛି। ମୁଁ ପାକିସ୍ତାନକୁ ଭଲ ପାଉଛି। ପ୍ରଧାନମନ୍ତ୍ରୀ ମୋଦୀ ବହୁତ ବଢିଆ ବ୍ୟକ୍ତି। ମୁଁ ତାଙ୍କ ସହ ରାତିରେ କଥା ହୋଇଥିଲି। ଆମେ ଭାରତ ସହ ବାଣିଜ୍ୟ ଚୁକ୍ତି କରିବୁ ବୋଲି ଟ୍ରମ୍ପ କହିଛନ୍ତି। ତେବେ ମୋଦୀ ଏବଂ ଟ୍ରମ୍ପଙ୍କ ଆଲୋଚନାକୁ ନେଇ କଂଗ୍ରେସ କେନ୍ଦ୍ରକୁ ଘେରିଛି। ଏହି ଆଲୋଚନାକୁ ସରକାର କୂଟନୈତିକ ବିଜୟ ଭାବେ କହୁଥିବାବେଳେ ପ୍ରକୃତରେ ଏହା ଭାରତ ପାଇଁ ଟ୍ରିପଲ୍ ଝଟ୍‌କା ସାବ୍ୟସ୍ତ ହୋଇଛି ବୋଲି କଂଗ୍ରେସ ନେତା ଜୟରାମ ରମେଶ କହିଛନ୍ତି। ପାକିସ୍ତାନ ସେନାମୁଖ୍ୟ ଆଜି ହ୍ୱାଇଟ ହାଉସ୍‌ରେ ରାଷ୍ଟ୍ରପତି ଟ୍ରମ୍ପଙ୍କ ସହ ମଧ୍ୟାହ୍ନଭୋଜନ କରିବାକୁ ଯାଉଛନ୍ତି। ଆଉ ଏହା କୂଟନୀତିରେ ଭାରତ ପାଇଁ ବଡ଼ ଝଟ୍‌କା ସାବ୍ୟସ୍ତ ହୋଇଛି। ମୁନିର ପାକିସ୍ତାନ ସରକାରଙ୍କ ମୁଖିଆ ନୁହଁନ୍ତି। ତାଙ୍କର ଉତ୍ତେଜନାପୂର୍ଣ୍ଣ ଭାଷଣ ପହଲଗାମ ଆକ୍ରମଣ ପାଇଁ ରୂପରେଖ ପ୍ରସ୍ତୁତ କରିଥିଲା। ଏହି ଭାଷଣ ପହଲଗାମ ଆକ୍ରମଣ ସହ ପ୍ରତ୍ୟକ୍ଷ ଭାବେ ଜଡ଼ିତ ରହିଛି। ମୁନିରଙ୍କୁ ସାକ୍ଷାତ କରିବା ପାଇଁ ଟ୍ରମ୍ପ ଅଧାରୁ ଜି-୭ ବୈଠକ ଛାଡ଼ି ପଳାଇଲେ କି ବୋଲି ରମେଶ ପ୍ରଶ୍ନ କରିଛନ୍ତି। ଟ୍ରମ୍ପଙ୍କ ସହ ଆଲୋଚନା ସମୟରେ ମୁନିରଙ୍କ ପ୍ରସଙ୍ଗ ଉପରେ ଭାରତର ଅସନ୍ତୋଷ ପ୍ରକାଶ କରିବାର ଥିଲା। ଯଦି ଇନ୍ଦିରା ଗାନ୍ଧୀ ପ୍ରଧାନମନ୍ତ୍ରୀ ଥାନ୍ତେ ତେବେ ଏପରି କରିଥାନ୍ତେ।

ରମେଶ କହିଛନ୍ତି ଯେ କିଛି ଦିନ ତଳେ ଆମେରିକା ସେଣ୍ଟ୍ରାଲ କମାଣ୍ଡ ମୁଖ୍ୟ ଜେନେରାଲ ମାଇକେଲ କୁରିଲ୍ଲା ଆତଙ୍କବାଦୀ ବିରୋଧୀ ଅଭିଯାନରେ ପାକିସ୍ତାନକୁ ଉତ୍ତମ ସହଯୋଗୀ କହିଥିଲେ। ଓସାମା ବିନ୍ ଲାଡେନକୁ ଶରଣ ଦେଇଥିବା ପାକିସ୍ତାନ କେମିତି ଉତ୍ତମ ସହଯୋଗୀ ହୋଇଗଲା? ପାକିସ୍ତାନ ସବୁଠୁ ଉତ୍ତମ ଅପରାଧୀ। ଅପରାଧୀଙ୍କୁ ସହଯୋଗ କରିବା ଭାରତ ପାଇଁ ଝଟ୍‌କା। ଅପରେସନ ସିନ୍ଦୂରକୁ ଅଟକାଇ ଭାରତ-ପାକିସ୍ତାନ ଅସ୍ତ୍ରବିରତି ଲାଗି ୧୪ ଥର ଶ୍ରେୟ ନେବାକୁ ଟ୍ରମ୍ପଙ୍କ ପ୍ରୟାସ ଭାରତ ପାଇଁ ତୃତୀୟ ଝଟ୍‌କା ସାବ୍ୟସ୍ତ ହୋଇଛି। ଏହା ଉପରେ ମେ' ୧୦ ତାରିଖ ପରଠାରୁ ପ୍ରଧାନମନ୍ତ୍ରୀ କିଛି କହି ନ ଥିଲେ। ଅନ୍ୟପକ୍ଷରେ ବିଜେପି ଜୟରାମ ରମେଶଙ୍କୁ ମିଛୁଆ କହିଛି। ତାଙ୍କ ଦଳର ଅନେକ ଲୋକ ମଧ୍ୟ ଏହା ସ୍ୱୀକାର କରିଛନ୍ତି।




## ପୁଣି ଚର୍ଚ୍ଚାରେ ମୋଦୀ-ମେଲୋନୀ

ନୂଆଦିଲ୍ଲୀ, ୧୮।୬ (ଏଜେନ୍ସି): କାନାଡ଼ା ଅଲବର୍ଟା ପ୍ରଦେଶର କନନାସ୍କିସରେ ଚାଲିଥିବା ଜି-୭ ବୈଠକ ଶେଷ ହୋଇଛି। ଅତିଥି ରାଷ୍ଟ୍ର ଭାବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜି-୭ ବୈଠକ ପାଇଁ ସମ୍ମିଳନୀରେ ପହଞ୍ଚି ଥିଲେ। କାନାଡ଼ା ପ୍ରଧାନମନ୍ତ୍ରୀ ମାର୍କ କାର୍ଣ୍ଣି ମୋଦୀଙ୍କୁ ସ୍ୱାଗତ କରିଥିଲେ। ଏହା ଉଭୟ ନେତାଙ୍କ ପ୍ରଥମ ସାକ୍ଷାତ ଥିଲା। ଭାରତ-କାନାଡ଼ା ସମ୍ବନ୍ଧ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ଦ୍ୱିପାକ୍ଷିକ ଆଲୋଚନାରେ ପୁଣିଥରେ ଉଚ୍ଚାୟୁକ୍ତ ନିଯୁକ୍ତି ଲାଗି ସହମତି ପ୍ରକାଶ କରିଥିଲେ।

ଏଠାରେ ସେ ଅନେକ ବିଶ୍ୱ ନେତାଙ୍କ ସହ ସାକ୍ଷାତ ଆଲୋଚନା କରିଥିଲେ। ଏହି ସମ୍ମିଳନୀରେ ମଧ୍ୟ ମୋଦୀ ଏବଂ ଇଟାଲୀ ପ୍ରଧାନମନ୍ତ୍ରୀ ଜର୍ଜିଆ ମେଲୋନୀ ଚର୍ଚ୍ଚାରେ ଥିଲା। ଉଭୟ ନେତା ପରସ୍ପରକୁ ହର୍ଷ ଉଲ୍ଲାସର ସହ ସ୍ୱାଗତ କରିଥିଲେ। ଇଟାଲୀ ସହ ଭାରତର ବନ୍ଧୁତା ଅଧିକ ଦୃଢ଼ ହେବ ବୋଲି ମୋଦୀ କହିଥିଲେ। ଏହି ଅବସରରେ ମେଲୋନୀ ମୋଦୀଙ୍କୁ ପ୍ରଶଂସା କରିଥିଲେ। ଆପଣ ଶ୍ରେଷ୍ଠ ବୋଲି କହିଥିଲେ। ମୋଦୀଙ୍କ ପରି ହେବାକୁ ପ୍ରୟାସ କରୁଛି ବୋଲି ଉଲ୍ଲେଖ କରିଥିଲେ। ଜି-୭ ସମ୍ମିଳନୀ ପରେ ପ୍ରଥମ ଭାରତୀୟ ପ୍ରଧାନମନ୍ତ୍ରୀ ଭାବେ ମୋଦୀ କ୍ରୋଏସିଆରେ ପହଞ୍ଚିଛନ୍ତି। ଏଠାରେ ତାଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ପ୍ରଧାନମନ୍ତ୍ରୀ ଆନ୍ଦ୍ରେଜ ପ୍ଲେଙ୍କୋଭିଚଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା କରିବେ। ଏହା ପୂର୍ବରୁ ମୋଦୀ ସକାଳେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସହ ଫୋନ୍‌ରେ କଥା ହୋଇଥିଲେ। ଏହି ୩୫ ମିନିଟର ବାର୍ତ୍ତାଳାପରେ ମୋଦୀ 'ଅପରେସନ ସିନ୍ଦୂର' ବିଷୟରେ ଟ୍ରମ୍ପଙ୍କୁ ସୂଚନା ଦେଇଥିଲେ। ବିଦେଶ ସଚିବ ବିକ୍ରମ ମିଶ୍ରି ଏହି ସୂଚନା ଦେଇଛନ୍ତି। ଆଲୋଚନା ସମୟରେ ମୋଦୀ ସ୍ପଷ୍ଟ କରିଥିଲେ ଯେ ଅପରେସନ ସିନ୍ଦୂର ସମ୍ବନ୍ଧିତ ଅସ୍ତ୍ରବିରତି ଆଲୋଚନା ପାଇଁ ବ୍ୟବସାୟକୁ ନେଇ କୌଣସି ଆଲୋଚନା କରାଯାଇ ନ ଥିବା କହିଥିଲେ। ପାକିସ୍ତାନ କହିବାରୁ ହିଁ ଅସ୍ତ୍ରବିରତି ହୋଇଥିଲା। ଭାରତ କେବେ ବି ତୃତୀୟ ପକ୍ଷର ମଧ୍ୟସ୍ଥତା ସ୍ୱୀକାର କରିନି କି କରିବ ନାହିଁ। ଆଉ ଏଥର ଆତଙ୍କବାଦ ଘଟଣାକୁ ଛାମୁଆ ଯୁଦ୍ଧ ନୁହେଁ, ବରଂ ଯୁଦ୍ଧ କାର୍ଯ୍ୟାନୁଷ୍ଠାନ ଭାବେ ଦେଖିବ। ଭାରତର 'ଅପରେସନ ସିନ୍ଦୂର' ଏବେ ବି ଜାରି ରହିଛି। ବିଦେଶ ସଚିବ କହିଛନ୍ତି ଯେ ମୋଦୀ ଟ୍ରମ୍ପଙ୍କ ବିସ୍ତାର ଭାବେ ସବୁ କହିଥିଲେ। ଟ୍ରମ୍ପ ମଧ୍ୟ ଏହା ବୁଝିଥିଲେ। ଆତଙ୍କବାଦ ବିରୋଧୀ ଲଢେଇରେ ଭାରତକୁ ସମର୍ଥନ ଦେଇଥିଲେ।

# ବରୁଣଙ୍କ ନୂଆ ଲୁକ୍



ଲୋକପ୍ରିୟ ହିନ୍ଦୀ ସିନେମା 'ବର୍ଡର' ୧୯୯୭ ମସିହାରେ ମୁକ୍ତିଲାଭ କରିଥିଲା। ଯାହାକି ସୁପରହିଟ୍ ହୋଇଥିଲା। ତେବେ ଏହି ସିନେମାଟି ୧୯୭୧ ମସିହା ଭାରତ- ପାକିସ୍ତାନ ଯୁଦ୍ଧ ଉପରେ ଆଧାରିତ ଥିଲା। ତେବେ ଏବେ ଆସିବାକୁ ଯାଉଛି ଏହାର ଦ୍ୱିତୀୟ ଭାଗ। 'ବର୍ଡର- ୨' ସିନେମା ଘୋଷଣା ହେବା ପରେ ଏହାକୁ ନେଇ ଦର୍ଶକଙ୍କ ମଧ୍ୟରେ ଉତ୍ସାହ ବୃଦ୍ଧି ପାଇଛି। ଏହାର ସିକ୍ୱେଲର ମୁଖ୍ୟ ଚରିତ୍ରରେ ନଜର ଆସିବେ ସନି ଦେଓଲ। ତେବେ ସନିଙ୍କ ସମେତ ଦିଲଜିତ୍, ଅହାନ, ବରୁଣ ପ୍ରମୁଖ ଏଥିରେ ଅଛନ୍ତି। ସେହିପରି 'ବର୍ଡର- ୨' ସେଟ୍‌ରୁ ନୂଆ ଫଟୋ ସାମ୍ନାକୁ ଆସିଛି। ତେବେ ଏଥିରେ ବରୁଣଙ୍କ ନୂଆ ଲୁକ୍‌କୁ ଲୋକେ ଖୁବ୍ ପସନ୍ଦ କରିଛନ୍ତି। ବରୁଣ ଏଥିରେ ନିଶ ରଖିଛନ୍ତି। ତେଣୁ ସେ ଅନ୍ୟମାନଙ୍କଠାରୁ ସମ୍ପୂର୍ଣ୍ଣ ବାରି ହୋଇ ପଡୁଛନ୍ତି। ଅନୁରାଗ ସିଂହଙ୍କ ନିର୍ଦ୍ଦେଶିତ ଏହି ସିନେମାଟି ୨୦୨୬ ଜାନୁଆରୀ ୨୩ରେ ମୁକ୍ତିଲାଭ କରିବ। ■



# ଦଶହରାରେ 'ଚ୍ୟାଲେଞ୍ଜ୍'

ଖୁବ୍ ଶୀଘ୍ର ଆସିବାକୁ ଯାଉଛି ନୂଆ ଓଡ଼ିଆ ସିନେମା 'ଚ୍ୟାଲେଞ୍ଜ'। ଆଦିଲକ୍ଷ୍ମୀ ଏଣ୍ଟରଟେନ୍‌ମେଣ୍ଟ ଏବଂ ଜି ସାର୍ଥକର ମିଳିତ ଉଦ୍ୟମରେ ନିର୍ମିତ ଏହି ସିନେମାର ଫାଷ୍ଟ ଲୁକ୍ ଇତିମଧ୍ୟରେ ସାମ୍ନାକୁ ଆସିଛି। ସାମାଜିକ ଗଣମାଧ୍ୟମରେ ଏହାର ଫଟୋ ସେୟାର୍ ହେବା ପରେ ଲୋକମାନେ ଏହାକୁ ଖୁବ୍ ପସନ୍ଦ କରିଛନ୍ତି। ସାଇ କିରଣ ମଙ୍ଗରାଜଙ୍କ ସିନେମାର ନିର୍ଦ୍ଦେଶନା ଦାୟିତ୍ୱରେ ଥିବା ବେଳେ ପ୍ରଯୋଜନାରେ ଅଛନ୍ତି ଆଦିକନ୍ଦ ସାହୁ। ଏହି ସିନେମାର ମୁଖ୍ୟ ଚରିତ୍ରରେ ଅଭିନୟ କରିବେ ଏଲିନା ଓ ଅର୍ଦ୍ଧେନ୍ଦୁ। ଏହି ଦୁଇ ଯୋଡ଼ିଙ୍କୁ ଦର୍ଶକୀୟ ଆଦୃତି ମିଳିବା ଆଶା କରାଯାଉଛି। ସେହିପରି ସିନେମାର କାହାଣୀ ଓ ଚିତ୍ରନାଟ୍ୟରେ ଅଛନ୍ତି ମାନସ ପଢ଼ିଆରୀ। ଏହାର ସଙ୍ଗୀତ ନିର୍ଦ୍ଦେଶନାରେ ଗୌରବ ଆନନ୍ଦ ଥିବା ବେଳେ ନୃତ୍ୟ ନିର୍ଦ୍ଦେଶନାରେ ଅମିତ ନାୟକ ଅଛନ୍ତି। ତେବେ ସିନେମାଟି ଦଶହରାରେ ପ୍ରେକ୍ଷାଳୟକୁ ଆସିବ ବୋଲି କୁହାଯାଉଛି। ■

# 'ପଦ୍ମାବତୀ' ଭୂମିକାରେ ପିଙ୍କି



ଜୁଲାଇ ୪ ତାରିଖରେ ପରଦାକୁ ଆସିବାକୁ ଯାଉଛି ବହୁ ଚର୍ଚ୍ଚିତ ଓଡ଼ିଆ ସିନେମା 'ଶ୍ରୀଜଗନ୍ନାଥଙ୍କ ନବକଳେବର'। ଶ୍ରୀତମ ଦାସ ଏଥିରେ ରାଜା ପୁରୁଷୋତ୍ତମ ଦେବ ଭୂମିକାରେ ଥିବା ବେଳେ ରାଣୀ ପଦ୍ମାବତୀ ଭୂମିକାରେ ନଜର ଆସିବେ ଅଭିନେତ୍ରୀ ପିଙ୍କି ପ୍ରଧାନ। ପିଙ୍କି କହିଛନ୍ତି, "ମୋ ଅଭିନୟ ଜୀବନରେ ମୁଁ କେବେ କୌଣସି ପୌରାଣିକ ଚରିତ୍ରରେ ଅଭିନୟ କରି ନଥିଲି। ଏହା ହେଉଛି ପ୍ରଥମ। ଏଥିରୁ ଯେଉଁ ଆତ୍ମସନ୍ତୋଷ ପାଇଛି, ତାହା ଆଗରୁ କେବେ ମିଳି ନଥିଲା। ଏତେ ବଡ଼ ଷ୍ଟାରକାଷ୍ଟକୁ ଏତେ ବଡ କାନ୍‌ଭାସର ସିନେମା, ଏହାକୁ ସମ୍ପୂର୍ଣ୍ଣ କରିବା ସବୁଠୁ ବଡ଼ ଚାଲେଞ୍ଜ ଥିଲା ଆମ ପାଇଁ। ସେହି ସମୟକୁ ପୁଣି ଥରେ ପରଦା ଉପରକୁ ଫେରାଇ ଆଣିବା ଏତେ ସହଜ ନଥିଲା। ଏଥିରେ ଓଡ଼ିଆ ଜାତିର ସ୍ୱାଭିମାନ, ସାହସ ଓ ବୀରତ୍ୱର ଗାଥା ରହିଛି। ରହିଛି ଜାତିର ଆରାଧ୍ୟ ଜଗନ୍ନାଥଙ୍କ ପ୍ରତି ସମର୍ପଣ ଓ ଭକ୍ତିର ନିଦର୍ଶନ। ନିର୍ମାଣ ସମୟରେ ଯେଉଁ ସବୁ ବାଧା ବିଘ୍ନ ଆସିଛି ତାହା କିପରି ସବୁ ସମାଧାନ ହୋଇଛି ସେହି ଜଗନ୍ନାଥ ହିଁ ଜାଣନ୍ତି। ଏହି ଚଳଚ୍ଚିତ୍ରର ଏକ ଅଂଶ ହୋଇଥିବାରୁ ମୁଁ ଗୌରାବାନ୍ୱିତ ମନେ କରେ। ମୋତେ ଏହି ସୁଯୋଗ ଦେଇଥିବାରୁ ମୁଁ ପ୍ରଯୋଜିକା ତଥା ନିର୍ଦ୍ଦେଶିକା ବିନି ସାମଲଙ୍କ ପାଖରେ ଚିର ଋଣୀ।" ଏହି ଚଳଚ୍ଚିତ୍ରର ଅନ୍ୟାନ୍ୟ ଭୂମିକାରେ ସିଦ୍ଧାନ୍ତ ମହାପାତ୍ର, ସୂର୍ଯ୍ୟମୟୀ, ଜ୍ୟୋତି, ଶିବାନୀ, ଶ୍ରୀତମ, ଅଂଶୁମାନ, କୁନା ତ୍ରିପାଠୀ, ଅଶ୍ରୁମୋଚନ ମହାନ୍ତି, ପ୍ରତିଭା ପଣ୍ଡା, ରବି ମିଶ୍ର, କେଦାର ମିଶ୍ର, ରତନ ମେହେର, ସାହେବ ସିଂ, ପ୍ରିୟଙ୍କା ସାହୁ, ଋଷି ପଟ୍ଟନାୟକ ଓ ଶମ୍ଭୁନାଥ ଖୁଣ୍ଟିଆ ପ୍ରମୁଖ ଅଭିନୟ କରିଛନ୍ତି। ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ନାଟ୍ୟକାର ଶଙ୍କର ତ୍ରିପାଠୀଙ୍କ ଏକ ଚର୍ଚ୍ଚିତ ନାଟକ ଆଧାରରେ ଏହା ନିର୍ମିତ ହୋଇଛି। ଏଥିରେ ସଙ୍ଗୀତ ଦେଇଛନ୍ତି ମଳୟ ମିଶ୍ର ଓ ଗୁରୁ ଚନ୍ଦ୍ରଭାନୁ ଶତପଥୀ। ଚିତ୍ରୋତ୍ତଳନ କରିଛନ୍ତି ଧୃବାନନ୍ଦ ପଣ୍ଡା। ■

# ଓଟିଟିରେ 'କୁହୁଡ଼ି'



ଲୋକପ୍ରିୟ ଓଟିଟି ଷ୍ଟ୍ରିମିଂ ପ୍ଲାଟଫର୍ମ ଆଓ ନେକ୍ସଟ୍‌ରେ ଜୁନ ୧୪ରୁ ଉପଲବ୍ଧ ହୋଇଛି ଓଲିଉଡ୍ ସୁପରଷ୍ଟାର୍ ଅନୁଭବ ମହାନ୍ତିଙ୍କ ସୁପର ହିଟ୍ ଫିଲ୍ମ 'କୁହୁଡ଼ି'। ୨୦୨୪ ରଜରେ ବଡ଼ ପରଦାକୁ ଏହି ଫିଲ୍ମ ମାଧ୍ୟମରେ ଫେରିଥିଲେ ଅନୁଭବ। ଫିଲ୍ମଟି ନିଆରା ପାରିବାରିକ କାହାଣୀ ଉପରେ ଆଧାରିତ ହୋଇଥିବା ବେଳେ ଏହି ଫିଲ୍ମଟି ଦର୍ଶକଙ୍କ ମନକୁ ଛୁଇଁ ଥିଲା। ଅଜୟ ପାଢ଼ୀଙ୍କ ନିର୍ଦ୍ଦେଶିତ 'କୁହୁଡ଼ି' ଫିଲ୍ମରେ ଅନୁଭବ ମହାନ୍ତିଙ୍କ ସହ ଅଭିନେତା ଦ୍ୱୀପନ୍ୱିତ ଦାସ ମହାପାତ୍ର, ଅଭିନେତ୍ରୀ ସୁପ୍ରିୟା ନାୟକ, ପ୍ରକୃତି ମିଶ୍ର ମଧ୍ୟ ମୁଖ୍ୟ ଚରିତ୍ରରେ ନଜର ଆସିଥିଲେ। କ୍ୟାମେରା କୁଇନ୍ ପ୍ରଡ୍‌କ୍ସନ୍ ପ୍ରସ୍ତୁତ ଏହି ଓଡ଼ିଆ ଫିଲ୍ମର ପ୍ରଯୋଜନା ଦାୟିତ୍ୱରେ ଥିଲେ ହିମାଦ୍ରୀ ତନୟ ଦାସ। ସିନେମାର ଅନ୍ୟାନ୍ୟ ଭୂମିକାରେ କୁନା ତ୍ରିପାଠୀ, ସୁକୁମାର ଟୁଡୁ, ସୁଶୀଲ ମିଶ୍ର, ଶକ୍ତି ବରାଳ ଏବଂ ଦୁଇଜଣ ଶିଶୁ କଳାକାର ପିହୂ ଏବଂ ଦୀକ୍ଷା ପ୍ରମୁଖ ଅଛନ୍ତି। ତେବେ ସିନେମାଟି ସମାଜକୁ ଏକ ସୁନ୍ଦର ସଚେତନତା ଏବଂ ଶିକ୍ଷଣୀୟ ବାର୍ତ୍ତା ଦେଇ ଗତିଶୀଳ ହୋଇଛି। ■

ସାକ୍ଷାତକାର

# "ଜଣେ କଳାକାର ପାଇଁ ସବୁ ଚରିତ୍ର ସମାନ"



ଗୁରୁ-ଶିଷ୍ୟ ପରମ୍ପରା ସ୍ୱତନ୍ତ୍ର ଓ ଅନନ୍ୟ। ଗୁରୁ ବିନା ଶିକ୍ଷା ଅସମ୍ପୂର୍ଣ୍ଣ। ତେବେ ଏହି ପରି ଏକ ପବିତ୍ର ବୃତ୍ତିକୁ ଆପଣାଇ ଶିଷ୍ୟଙ୍କ ମନରୁ ଅଜ୍ଞାନ ଅନ୍ଧକାର ଦୂରେଇବା ତାଙ୍କର ଲକ୍ଷ୍ୟ ଥିଲା। ହେଲେ ତାଙ୍କ ଭାଗ୍ୟରେ କିଛି ଅଲଗା ଲେଖା ଥିଲା। ରିଆଲିଟି ଶୋ'ରେ ଭାଗ ନେଉ ନେଉ ସେ ପାଲଟିଗଲେ ଜଣେ ଅଭିନେତା। 'ସିନ୍ଦୂରର ଅଧିକାର' ଥିଲା ତାଙ୍କର ପ୍ରଥମ ଧାରାବାହିକ। ବାଲେଶ୍ୱରର ଡାନି ଏକାଧିକ ଧାରାବାହିକରେ ଚମତ୍କାର ଅଭିନୟ କରି ଦର୍ଶକଙ୍କ ହୃଦୟକୁ ଛୁଇଁଛନ୍ତି। ଏବେ ସେ 'ଭାଗ୍ୟ ରେଖା' ଧାରାବାହିକରେ ଆଦର୍ଶ ଚରିତ୍ରରେ ଏକ ସ୍ୱତନ୍ତ୍ର ପରିଚୟ ଗଢ଼ିଛନ୍ତି। ତେବେ ସବୁବେଳେ ଫିଟ୍ ଓ ହସ ହସ ମୁହଁରେ ଦର୍ଶକଙ୍କ ହୃଦୟ ଜିଣୁଥିବା ଡାନିଙ୍କଠାରୁ ଜାଣିବା ତାଙ୍କ ସଂଘର୍ଷର କାହାଣୀ।

## ଡାନି, ଅଭିନେତା



**ଧାରାବାହିକକୁ ଯାତ୍ରା କେମିତି ଥିଲା?**

● ମୋ ବାପାମା' ଉଭୟ ସରକାରି ଚାକିରିଆ। ସେମାନଙ୍କ ଇଚ୍ଛା ଥିଲା ପୁଅ ବି ସରକାରି ଚାକିରିଆଟେ ହେବ। ଜଣେ ଶିକ୍ଷକ ଭାବେ ମୁଁ ବୃତ୍ତି ଆରମ୍ଭ କରିଥିଲି। କିନ୍ତୁ ସୌଭାଗ୍ୟବଶତଃ ଏହି ଲାଇନ୍‌କୁ ମୁଁ ଟାଣି ହୋଇ ଆସିଥିଲି। ୨୦୧୬ ମସିହାରେ 'ଲଭ୍ ଇନ୍ ଦୁବାଇ' ରିଆଲିଟି ଶୋ'ର ବିଜେତା ହୋଇଥିଲି। ୨୦୧୯ ମସିହାରେ ଜି ସାର୍ଥକରେ 'ଓଡ଼ିଶାର ବେଷ୍ଟ ସିନେ ଷ୍ଟାର୍ କି ଖୋଜ୍'ରେ ନିଜକୁ ପ୍ରମାଣିତ କରିବାକୁ ସୁଯୋଗ ମିଳିଲା। ଅଭିନୟ କରିବାକୁ ଆଗ୍ରହ ହେଲା। 'ସିନ୍ଦୂରର ଅଧିକାର' ଧାରାବାହିକରେ ପ୍ରଥମେ କାମ କରିବାକୁ ସୁଯୋଗ ମିଳିଥିଲା। 'କୁନ୍ଦନ' ଚରିତ୍ରରେ ଦର୍ଶକଙ୍କ ଭଲ ପାଇବା ପାଇ 'କେମିତି କହିବି କହ' ପରି ପ୍ରୋଜେକ୍ଟରେ ଓଲିଉଡ୍‌ର ଲୋକପ୍ରିୟ ଅଭିନେତା ସିଦ୍ଧାନ୍ତ ମହାପାତ୍ରଙ୍କ ସହ କାମ କରିଥିଲି। ଏଥିରେ ପ୍ରଥମ ଥର ନେଗେଟିଭ୍ ରୋଲ୍ କରିଥିଲି।

**ପ୍ରଥମେ କ୍ୟାମେରାକୁ କେମିତି ସାମ୍ନା କରିଥିଲ?**

● ପୂର୍ବରୁ ଯେଉଁ ରିଆଲିଟି ଶୋ'ମାନଙ୍କରେ ଥିଲି ସେଠାରେ ପିଲାମାନଙ୍କୁ ବହୁତ ଟ୍ରେଣ୍ଡ କରାଯାଉଥିଲା। ସେବେଠୁ ସଂଳାପ କେମିତି ମନେ ରଖିବି, ଅଭିନୟ କରିବାର କଳା ଜଣାଥିଲା। ହେଲେ ଗ୍ରୁପ୍ ସିନ୍‌ମାନଙ୍କରେ କେମିତି କ୍ଲୋଜ୍ ଯିବ, କ୍ୟାମେରା ଅନୁଯାୟୀ କିଛି ଟେକ୍‌ନିକ୍ କାମ ବିଷୟରେ ଏତେଟା ଜ୍ଞାନ ନ ଥିଲା। ସାମ୍ନାରେ କଳାକାର ନ ଥିଲେ ମୋ' ଲୁକ୍ କେମିତି ଯିବ ଆଦି ବିଷୟରେ ବରିଷ୍ଠ କଳାକାର, ଧାରାବାହିକ ନିର୍ଦ୍ଦେଶକ ମୋତେ ବହୁତ କିଛି ଶିଖାଇଥିଲେ। ଏଥିପାଇଁ ଅଧିକ ସମସ୍ୟା ହୋଇନଥିଲା। ସମସ୍ତଙ୍କଠାରୁ ଶିଖିବାର ମନୋବୃତ୍ତି ରହିଥିବାରୁ ମୁଁ କାମକୁ ସହଜରେ ଗ୍ରହଣ କରୁଥିଲି।

**ଭାଗ୍ୟରେଖା ଧାରାବାହିକକୁ ନେଇ କ'ଣ କହିବେ?**

● 'ମଙ୍ଗଳାଚରଣ', 'ବନ୍ଧନ ଏ ଜନ୍ମ ଜନ୍ମର', 'ଝିଅ ଆମର ନୂଆ ବୋହୂ', 'ତିତ୍‌ଲି' ଆଦି ଧାରାବାହିକରେ କାମ କରିଛି। ପ୍ରାୟତଃ ଧାରାବାହିକରେ ନେଗେଟିଭ୍ ଚରିତ୍ର କରିଛି। ଅଭିନୟ ଜରିଆରେ ଦର୍ଶକଙ୍କୁ କନ୍ଦାଇ ଦେଇଛି। ଧାରାବାହିକ 'ତିତ୍‌ଲି' ପାଇଁ ଶ୍ରେଷ୍ଠ ଖଳନାୟକ ଭାବେ ମୁଁ ପୁରସ୍କୃତ ହୋଇଥିଲି। ଏହା ପରେ 'ଭାଗ୍ୟ ରେଖା' ଧାରାବାହିକରେ କାମ କରିବାକୁ ସୁଯୋଗ ମିଳିଥିଲା। ଏଥିରେ ମୁଁ ଶିଖାର ସ୍ୱାମୀ ଭୂମିକାରେ ଅଭିନୟ କରିଛି। ବର୍ଷେ ମୁଁ ସକାରାତ୍ମକ ଚରିତ୍ରରେ କାମ କରି ପୁଣି ଖଳନାୟକ ଭାବେ ଲୋକଙ୍କ ସାମ୍ନାକୁ ଆସୁଛି। ଦର୍ଶକ ମୋତେ ଏବେ ଖଳନାୟକ ଭାବେ ଗ୍ରହଣ କରିବାକୁ ଆଗ୍ରହୀ ନାହାନ୍ତି।

**ଖଳନାୟକ ଭାବେ କାମ କରିବାକୁ କେମିତି ପ୍ରସ୍ତୁତ ହୁଅନ୍ତି?**

● ଜଣେ ଅଭିନେତା ନାୟକ ହେଉ କି ଖଳନାୟକ ଯେକୌଣସି ଚରିତ୍ର କରିବା ପୂର୍ବରୁ ପ୍ରଥମେ ନିଜର ବାସ୍ତବ ପରିଚୟକୁ ଭୁଲିବା ଦରକାର। ଏହା ପରେ ଚରିତ୍ରରେ ହଜିବାକୁ ହୁଏ। ଚରିତ୍ରର ସାନବେଳ କେମିତି ଥିବ, ବୟସ ଅନୁସାରେ ଏହାର ସ୍ୱଭାବରେ କ'ଣ ପରିବର୍ତ୍ତନ ହେବ ତାହାକୁ ଭାବି ମୁଁ ମୋ ନିଜ ଭିତରେ ନାୟକ ଓ ଖଳନାୟକ ଚରିତ୍ରକୁ ଆଣିଥାଏ। ମୁଁ ମୋ କାମକୁ ଗୁରୁତ୍ୱ ଦେଇ ହୃଦୟର ସହିତ କରିଥାଏ।

**ବଡ଼ ପରଦାରେ କାମ କରିବାକୁ ଇଚ୍ଛା ଅଛି କି?**

● ଓଡ଼ିଆ ଫିଲ୍ମରେ ନାୟକ ହେଉ କି ଖଳନାୟକ ଚରିତ୍ର ମିଳିଲେ ନିଶ୍ଚୟ କରିବି। ନିକଟରେ ଟେଲି ଫିଲ୍ମ 'ୱାଇଫ୍ ନୁହେଁ ତୁ ମୋର ୱାଇଫାଇ'ରେ ନାୟକ ଭାବେ ଅଭିନୟ କରିଛି। ଏଥିରେ ମୋ ବିପକ୍ଷରେ ରହିଛନ୍ତି ସ୍ୱପ୍ନା। ଆଗକୁ ହଲ୍ ମୁଭି କରିବାକୁ ପ୍ରସ୍ତୁତି ହେଉଛି। ସମୟ ମିଳିଲେ ଜିମ୍ ଯିବା ସହିତ ଇନ୍‌ଷ୍ଟାଗ୍ରାମ୍‌ରେ ପ୍ରେରଣାଦାୟୀ ଭିଡିଓ ସେୟାର୍ କରୁଛି।

**ଡ୍ରିମ୍ ରୋଲ?**

● ଜଣେ କଳାକାର ପାଇଁ ଛୋଟ ବଡ଼ ଚରିତ୍ର କିଛି ନ ଥାଏ। ଭବିଷ୍ୟତରେ ମୁଁ ଏକ ଚ୍ୟାଲେଜିଂ ଚରିତ୍ର କରିବାକୁ ଚାହିଁବି। ଏହି ଚରିତ୍ର ପାଇଁ ପ୍ରଥମେ ବିଭିନ୍ନ ପ୍ରକାରର ଗବେଷଣା କରିବି। ଏହା ପରେ ସେହି ଚରିତ୍ରରେ ଖେଳିପାରିବି। ଆଉ ମୋର ସେହି ଚରିତ୍ରଟି ଦର୍ଶକଙ୍କୁ ମଧ୍ୟ ପସନ୍ଦ ଆସୁଥିବ। ■

ପରଦା ପଛର କାହାଣୀ

# ହିନ୍ଦୀ ଫିଲ୍ମରେ ପ୍ରଥମ ଇଂରାଜୀ ଗୀତ



ବର୍ତ୍ତମାନ ବଲିଉଡ୍ ସିନେମାରେ ଅନେକ ଇଂରାଜୀ ଗୀତ ସାମିଲ କରାଯାଉଛି। କିନ୍ତୁ ପୂର୍ବରୁ ଏ ଧାରା ପ୍ରଚଳିତ ନ ଥିଲା। ୧୯୭୫ ମସିହାରେ ମୁକ୍ତିଲାଭ କରିଥିବା ହିନ୍ଦୀ ଫିଲ୍ମ 'ଜୁଲି'ରେ ପ୍ରଥମ କରି କେତୋଟି ଇଂରାଜୀ ଗୀତ ସାମିଲ କରାଯାଇଥିଲା। ଏହାକୁ ଦର୍ଶକେ ମଧ୍ୟ ଖୁବ୍ ପସନ୍ଦ କରିଥିଲେ। ୫୦ ବର୍ଷ ପୂର୍ବେ ନିର୍ମିତ ଏହା ଏକ ପ୍ରେମ ଆଧାରିତ ଫିଲ୍ମ ଥିଲା। ଏହି ଫିଲ୍ମଟି ଦର୍ଶକଙ୍କ ମନକୁ ବେଶ୍ ଛୁଇଁ ଥିଲା। ଫିଲ୍ମର ନିର୍ଦ୍ଦେଶନା ଦେଇଥିଲେ କେ. ଏସ୍. ସେଥୁମାଧବନ୍। ଫିଲ୍ମରେ ଏକାଧିକ ସୁପରହିଟ୍ ଗୀତ ରହିଥିଲା। ଏଥିରେ ଭାରତୀୟ ସିନେମା ଜଗତରେ ପ୍ରଥମ ଥର କରି ଇଂରାଜୀ ଗୀତ 'ମାଇଁ ହାର୍ଟ ଇଜ୍ ବିଟିଙ୍ଗ' ସାମିଲ କରାଯାଇଥିଲା। ଏଥିସହ 'ଦିଲ କ୍ୟା କରେ ଜବ୍ କିସିକୋ କିସି ସେ ପ୍ୟାର୍ ହୋଯାଏ', 'ୟେ ରାତୋ ନୟୀ ପୁରାନି', 'ଭୁଲ ଗୟା ସବ୍ ଖୁଛ୍', 'ୟାଦ ନେହିଁ ଅବ କୁଛ' ଆଦି ସୁପରହିଟ୍ ହୋଇଥିଲା। ଏହାର ଗୀତଗୁଡ଼ିକ ଏଭରଗ୍ରୀନ୍ ଗୀତ ଭାବରେ ପରିଚିତି ଲାଭ କରିଥିଲା। ଫିଲ୍ମରେ ଅଭିନୟ କରିଥିବା ଅଭିନେତ୍ରୀ ରାତାରାତି ଷ୍ଟାର୍ ପାଲଟି ଯାଇଥିଲେ। ଏଥିରେ ସାଉଥ୍ ଅଭିନେତ୍ରୀ ଲକ୍ଷ୍ମୀ, ଅଭିନେତା ବିକ୍ରମ ମୁଖ୍ୟ ଭୂମିକା ନିର୍ବାହ କରିଥିଲେ। ପରଦାରେ ଦୁହିଁଙ୍କ ଯୋଡ଼ିକୁ ଦର୍ଶକେ ବେଶ୍ ପସନ୍ଦ କରିଥିଲେ। ଏହା ଏକ କ୍ଲାସିକ୍ କଟ୍ ଫିଲ୍ମ ଭାବେ ପରିଚିତ। ସେତେବେଳେ ଏହି ଫିଲ୍ମର ନାମ ଅନେକ ଫେସନ୍ ପ୍ରସାଧନ ତଥା ବହିରେ ଛପା ଯାଉଥିଲା। ■

### ହେଡିଂଲେରେ ପ୍ରଥମ ଟେଷ୍ଟ ଜୁନ୍ ୨୦ରୁ

# ଟିମ୍ ଚୟନକୁ ନେଇ ଦ୍ୱନ୍ଦ୍ୱରେ ଭାରତ



ଲିଡ୍ସ, ୧୮।୬ (ଏଜେନ୍ସି)

ଇଂଲଣ୍ଡରେ ଟେଷ୍ଟ ଖେଳିଲା ବେଳେ ଟିମ୍ ମ୍ୟାନେଜମେଣ୍ଟ ଫର୍ମ କିମ୍ବା ପୂର୍ବର ରେକର୍ଡକୁ ବିଶେଷ ଗୁରୁତ୍ୱ ଦିଅନ୍ତି ନାହିଁ। ଏହାର କାରଣ ହେଲା ଏଠାରେ ପିଚ୍ ଓ ପରିବେଶରେ ଖେଳିବା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ପ୍ରତ୍ୟେକ ଦିନ, ସେସନ, ଘଣ୍ଟା ଓ ଏପରିକି ପ୍ରତ୍ୟେକ ବଲ୍ ଭିନ୍ନ ହୋଇଥାଏ। ଏହାକୁ ମୁକାବିଲା କରିବା ଲାଗି କେବଳ ଟେଷ୍ଟ ଟେମ୍ପରାମେଣ୍ଟ ନୁହେଁ, ଜଣେ ଖେଳାଳିଙ୍କ ଲାଗି ଦକ୍ଷତା ଓ ପରିସ୍ଥିତି ସହ ଖାପ୍ ଖୁଆଇବା ଏକାନ୍ତ ଜରୁରୀ। ଇଂଲଣ୍ଡ ଏପରି ଏକ ଦେଶ ଯେଉଁଠାରେ ଭାରତୀୟ କ୍ରିକେଟ ଦଳର ଟେଷ୍ଟ ରେକର୍ଡ ଆଦୌ ଭଲ ନୁହେଁ। ଏହି ଦେଶ ସହ ଭାରତ ପ୍ରଥମେ ୧୯୩୨ରେ ଟେଷ୍ଟ ଖେଳିଥିଲା। ଏହି ଦେଶ ସହ ମଧ୍ୟ ଇଂଲଣ୍ଡରେ ବା ବିଦେଶ ମାଟିରେ ସର୍ବାଧିକ ୬୭ଟି ଟେଷ୍ଟ ଖେଳିଛି। କିନ୍ତୁ ମାତ୍ର ୯ଟି ଟେଷ୍ଟରେ ଦଳ ବିଜୟୀ ହୋଇଛି। ଏଭଳି ସ୍ଥଳେ ଶୁବମନ ଗିଲଙ୍କ ନେତୃତ୍ୱରେ ଏକ ନୂଆ ଦଳଠାରୁ ବିଶେଷ କିଛି ଆଶା କରାଯାଉ ନାହିଁ। କିନ୍ତୁ ଇଣ୍ଡିଆନ ପ୍ରିମିୟର ଲିଗ୍‌ରେ ସ୍ୱଳ୍ପ ସମୟ ଲାଗି ହେଉ ମଧ୍ୟ ଦେଶ ବିଦେଶରେ ଶ୍ରେଷ୍ଠ ଖେଳାଳିଙ୍କ ସହ ଖେଳି ଭାରତୀୟମାନେ ଯେଉଁ ଅଭିଜ୍ଞତା ହାସଲ କରିଛନ୍ତି ତାହାକୁ ଏଠାରେ ବିନିଯୋଗ କରିବେ ବୋଲି ଭାରତୀୟ କ୍ରିକେଟ ବୋର୍ଡ ଓ ଟିମ୍ ମ୍ୟାନେଜମେଣ୍ଟ ଆଶା ରଖିଛନ୍ତି।

ଏହିକ୍ରମରେ ଇଂଲଣ୍ଡ ସହ ଖେଳାଯିବାକୁ ଥିବା ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍ ହେଡିଂଲେରେ ଥିବା ଲିଡ୍ସର ଶୁଷ୍କ ପିଚ୍‌ରେ ଶୁକ୍ରବାରଠାରୁ ଖେଳାଯିବ। ଏହି ପିଚ୍‌ରେ ବଲ ସାଧାରଣତଃ ସୁଇଂ ହୋଇଥାଏ। ଏଠାରେ ବ୍ୟାଟରଙ୍କୁ ସର୍ବଦା ଖାପଖୁଆଇବାକୁ ପଡ଼ିଥାଏ ଓ ବୋଲରଙ୍କୁ ଫାଇଦା ମିଳିଥାଏ। ଏଭଳି ସ୍ଥଳେ ପ୍ରଥମ ଟେଷ୍ଟରେ ଭାରତ ପକ୍ଷରୁ କେଉଁମାନେ ଚୂଡାନ୍ତ ଏକାଦଶରେ ସ୍ଥାନ ପାଇବେ ତାହାକୁ ନେଇ କଳ୍ପନା ଜଳ୍ପନା ଆରମ୍ଭ ହୋଇଯାଇଛି। ଦଳରେ ଯେଉଁ ୧୮ ଜଣ ଖେଳାଳି ରହିଛନ୍ତି ସେମାନଙ୍କ ମଧ୍ୟରୁ କିଏ ଫିଟ୍ ବା ଅନ୍‌ଫିଟ୍ ତାହା କହିବା କଷ୍ଟକର। ଫିଟ୍‌ନେସ୍‌କୁ ବାଦ୍ ଦେଇ ୧୧ ଜଣିଆ ଖେଳାଳି ଚୟନ କରିବା ବେଳେ ୨ରୁ ୩ଟି ସ୍ଥାନ ଲାଗି ଦ୍ୱନ୍ଦ୍ୱ ରହିଛି। ଅନ୍ୟ ସମସ୍ତ ପୋଜିସନ ଲାଗି ପ୍ରାୟ ଖେଳାଳି ଚୟନ ଶେଷ ହୋଇଛି କହିଲେ ଅତ୍ୟୁକ୍ତି ହେବନାହିଁ। କେବଳ ନଂ-୩ରେ ନବାଗତ ଦଳରେ ସାମିଲ ହୋଇଥିବା ଓ ଆଇପିଏଲ୍‌ରେ ଜବରଦସ୍ତ ଫର୍ମରେ ଥିବା ସାଇ ସୁଦର୍ଶନ କିମ୍ବା ଭାରତ-ଏ' ଅଧିନାୟକ ଅଭିମନ୍ୟୁ ଈଶ୍ୱରନଙ୍କ ମଧ୍ୟରୁ ଜଣଙ୍କୁ ସୁଯୋଗ ମିଳିବ। ସେହିପରି ଦଳ ଜଣେ ସ୍ପିନର ଓ ୪ଜଣ ପେସ୍ ବୋଲରଙ୍କୁ ନେଇ ଖେଳିବା ସମ୍ଭାବନା ରହିଛି। ଏପରି ହେଲେ ଜଣେ ପେସ୍ ବୋଲିଂ ଅଲରାଉଣ୍ଡର ଭାବେ ନୀତୀଶ ରେଡ୍ଡି କିମ୍ବା ଶାର୍ଦ୍ଦୁଳ ଠାକୁରଙ୍କୁ ଚୂଡାନ୍ତ ଦଳରେ ନିଆଯିବ। ଅନ୍ୟ ସମସ୍ତେ ପୂର୍ବାନୁମାନ ଅନୁଯାୟୀ ଖେଳିବା ସୁଯୋଗ ପାଇବେ ବୋଲି ଆଶା କରାଯାଉଛି।


ଟିମ୍ ମ୍ୟାନେଜମେଣ୍ଟଠାରୁ ମିଳିଥିବା ସୂଚନା ଅନୁଯାୟୀ ଦଳର ଇନିଂସ ଓପନ କରିବାକୁ ଯଶସ୍ୱୀ ଜୟସ୍ୱାଲ ଓ ଲୋକେଶ ରାହୁଲଙ୍କୁ ମନୋନୟନ କରାଯିବ। ଇଂଲଣ୍ଡରେ ପ୍ରଥମଥର ଖେଳୁଥିବା ଜୟସ୍ୱାଲ କିପରି ସଫଳତା ପାଇବେ ତାହା ଖେଳିଲାପରେ ଜଣାପଡ଼ିବ। ଅନ୍ୟପକ୍ଷରେ ଲୋକେଶ ରାହୁଲଙ୍କର ଇଂଲଣ୍ଡରେ ଖେଳିବାର ବେଶ ଅଭିଜ୍ଞତା ରହିଛି। ଭାରତ-ଏ' ସହ ଖେଳି ସେ ମଧ୍ୟ ଶତକ ହାସଲ କରିଛନ୍ତି। ଏଣୁ ତାଙ୍କ ଉପରେ ଟିମ୍ ମ୍ୟାନେଜମେଣ୍ଟ ଭରସା କରିବ। ଦଳର ନେତୃତ୍ୱ ନେଉଥିବା ଶୁବମନ ଗିଲ୍ ଏକାଥରକେ ୨ଟି ବିଭାଗରେ ନେତୃତ୍ୱ ନେବେ। ରୋହିତ ଶର୍ମାଙ୍କ ସ୍ଥାନରେ ସେ ଦଳର ଓ ବିରାଟ କୋହଲିଙ୍କ ସ୍ଥାନରେ ବ୍ୟାଟିଂର ନେତୃତ୍ୱ ନେବେ। ଏଣୁ ସେ ବିରାଟଙ୍କ ପ୍ରିୟ ସ୍ଥାନ ନଂ-୪ରେ ଖେଳିବେ ବୋଲି ସୂଚନା ମିଳିଛି। ଗିଲ୍‌ଙ୍କ ନଂ-୩ ସ୍ଥାନ ପୂରଣ କରିବାକୁ ଦୁଇଜଣ ଦାବିଦାର ରହିଛନ୍ତି। ଆଇପିଏଲ୍‌ରେ ସର୍ବାଧିକ ରନ୍ କରିଥିବା ତଥା ଘରୋଇ କ୍ରିକେଟରେ ଭଲ ଖେଳିଥିବା ସାଇ ସୁଦର୍ଶନ ନଂ-୩ ଦୌଡ଼ରେ ଆଗୁଆ ଅଛନ୍ତି। କିନ୍ତୁ ଗତ ୮ ବର୍ଷ ଧରି ଭାରତୀୟ ସିନିୟର ଦଳରେ ରହିଆସୁଥିବା ଏବଂ ୧୦୦ଟି ପ୍ରଥମଶ୍ରେଣୀ ମ୍ୟାଚ୍ ଖେଳିସାରିଥିବା ଅଭିମନ୍ୟୁ ଈଶ୍ୱରନଙ୍କୁ ମଧ୍ୟ ଅଣଦେଖା କରିହେବ ନାହିଁ। ଭାରତ-ଏ' ଦଳର ନେତୃତ୍ୱ ନେଇ ସେ ଅନ୍‌ଅଫିସିଆଲ ଟେଷ୍ଟରେ ୨ଟି ଅର୍ଦ୍ଧଶତକ ହାସଲ କରିଛନ୍ତି। କିନ୍ତୁ ତାଙ୍କ ଆଉଟ୍‌କୁ ନେଇ ମ୍ୟାନେଜ୍‌ମେଣ୍ଟ ଖୁସି ନାହିଁ। ନଂ-୫ରେ କରୁଣ ନାୟାର ଓ ନଂ-୬ରେ ୱିକେଟରକ୍ଷକ ତଥା ଉପଅଧିନାୟକ ଋଷଭ ପନ୍ତଙ୍କ ଖେଳିବା ନେଇ କୌଣସି ସନ୍ଦେହ ନାହିଁ। ସେହିପରି ଅଭିଜ୍ଞ ଅଲରାଉଣ୍ଡର ତଥା ବିରାଟ-ଅଶ୍ୱିନ-ରୋହିତ ଯୁଗର ଏକମାତ୍ର ଖେଳାଳି ରବୀନ୍ଦ୍ର ଜାଡେଜା ନଂ-୮ରେ ଖେଳିବେ। ସେ ମଧ୍ୟ ଦଳର ଏକମାତ୍ର ସ୍ପିନର ଭାବେ ରହିବେ।

ଭାରତୀୟ ଦଳ ଜଣେ ସ୍ପିନର ଓ ୪ଜଣ ପେସ୍ ବୋଲରଙ୍କୁ ନେଇ ଖେଳିବ ବୋଲି ଆଶା କରାଯାଉଛି। ଯଶପ୍ରୀତ୍ ବୁମ୍‌ରା, ମହମ୍ମଦ୍ ସିରାଜ, ପ୍ରସିଦ୍ଧ କ୍ରିଷ୍ଣାଙ୍କ ସହ ଜଣେ ପେସ୍ ବୋଲିଂ ଅଲରାଉଣ୍ଡରଙ୍କୁ ସାମିଲ କରିବ ଭାରତ। ଏହି ସ୍ଥାନ ଲାଗି ନୀତିଶ କୁମାର ରେଡ୍ଡି ଓ ଶାର୍ଦ୍ଦୁଳ ଠାକୁରଙ୍କ ମଧ୍ୟରୁ ଜଣଙ୍କୁ ଚୟନ କରାଯିବ। ଇଂଲଣ୍ଡରେ ଖେଳିବାର ଅଭିଜ୍ଞତା, ଅଭ୍ୟାସ ମ୍ୟାଚ୍‌ରେ ଶତକ ଓ ରଣଜୀ ଟ୍ରଫି ଖେଳିବା ପରେ ଦମ୍‌ଦାର ପ୍ରଦର୍ଶନ ଯୋଗୁଁ ଶାର୍ଦ୍ଦୁଳ ଚୂଡାନ୍ତ ଏକାଦଶରେ ଖେଳିବାର ସମ୍ଭାବନା ଅଧିକ ରହିଛି।

#### ସମ୍ଭାବ୍ୟ ଦଳ

**ବ୍ୟାଟର** : ଓପନର-ଯଶସ୍ୱୀ ଜୟସ୍ୱାଲ, ଲୋକେଶ ରାହୁଲ, ମିଡଲ ଅର୍ଡର-ସାଇ ସୁଦର୍ଶନ/ଅଭିମନ୍ୟୁ ଈଶ୍ୱରନ, ଶୁବମନ ଗିଲ୍ (ଅଧିନାୟକ), କରୁନ ନାୟାର, ୱିକେଟରକ୍ଷକ-ଋଷଭ ପନ୍ତ (ଉପଅଧିନାୟକ), ସ୍ପିନର (୧)- ରବୀନ୍ଦ୍ର ଜାଡେଜା, ପେସ୍ ବୋଲର (୪)- ଶାର୍ଦ୍ଦୁଳ ଠାକୁର, ଯଶପ୍ରୀତ୍ ବୁମ୍‌ରା, ମହମ୍ମଦ୍ ସିରାଜ ଓ ପ୍ରସିଦ୍ଧ କ୍ରିଷ୍ଣା।

## ଇଂଲଣ୍ଡ ଟାର୍ଗେଟରେ ଗିଲ୍



ଲିଡ୍ସ, ୧୮।୬ (ଏଜେନ୍ସି): ଭାରତ ବିପକ୍ଷ ଟେଷ୍ଟ ସିରିଜ୍‌ରେ ଇଂଲଣ୍ଡ ଏକ ଶକ୍ତିଶାଳୀ ଦଳ ଚୟନ କରିନାହିଁ। ଏହି ଦଳର ବୋଲିଂ ଏତେ ଅଭିଜ୍ଞ ନୁହେଁ। ଏମାନଙ୍କୁ କେବଳ ପିଚ୍ ଓ ପରିବେଶରୁ ସହାୟତା ମିଳିବ। ଏହାକୁ ଯଦି ଭାରତୀୟ ଖେଳାଳିମାନେ ଖାପ୍ ଖୁଆଇନେବେ ତେବେ ଇଂଲଣ୍ଡର ସିରିଜ୍ ଜିତିବା କଷ୍ଟକର ହେବ। ଭାରତୀୟ ଦଳର ନେତୃତ୍ୱ ନେଉଥିବା ଶୁବମନ ଗିଲ୍‌ଙ୍କୁ ଟାର୍ଗେଟ କରିବ ଇଂଲଣ୍ଡ ଦଳ। ଗିଲଙ୍କୁ ଯେତେ ଚିନ୍ତାରେ ପଡ଼ିବେ, ଇଂଲଣ୍ଡ ଲାଗି ସେତେ ଭଲ। ଏଣୁ ଇଂଲଣ୍ଡର ଅନଭିଜ୍ଞ ବୋଲର ନିଶ୍ଚିତ ଭାବେ ଗିଲ୍ ଓ ବ୍ୟାଟିଂରେ ଲୋକେଶ ରାହୁଲଙ୍କୁ ଟାର୍ଗେଟ କରିବେ ବୋଲି ଇଂଲଣ୍ଡର ପୂର୍ବତନ ଖେଳାଳି ନିକ୍ ନାଇଟ୍ କହିଛନ୍ତି। ୧୯ ବର୍ଷରୁ କମ୍ ବିଶ୍ୱକପ୍ ଖେଳିଲା ବେଳେ ଗିଲ୍‌ଙ୍କ ବ୍ୟାଟିଂ ଦେଖିଥିଲି। ସେ ଏବେ ଅନ୍ତର୍ଜାତୀୟ ସ୍ତରରେ ତାଙ୍କ ଦକ୍ଷତାର ପ୍ରମାଣ ଦେବେ। ସେହିପରି ଅତ୍ୟନ୍ତ ପ୍ରତିଭାବାନ ସାଇ ସୁଦର୍ଶନ ମଧ୍ୟ ଏଠାରେ ଭଲ କରିବେ ବୋଲି ନାଇଟ୍ ପୂର୍ବାନୁମାନ କରିଛନ୍ତି।

## ପ୍ରଥମ ଟେଷ୍ଟ ଲାଗି ଇଂଲଣ୍ଡ ଦଳ ଘୋଷିତ

ଲିଡ୍ସ, ୧୮।୬ (ଏଜେନ୍ସି): ଭାରତ ସହ ହେଡିଂଲେରେ ଜୁନ୍ ୨୦ରୁ ହେବାକୁ ଥିବା ପ୍ରଥମ ଟେଷ୍ଟ ମ୍ୟାଚ୍ ଲାଗି ଇଂଲଣ୍ଡ ୧୧ ଜଣିଆ ଦଳ ଘୋଷଣା କରିଛି। ବେନ୍ ଷ୍ଟୋକ୍ସଙ୍କ ନେତୃତ୍ୱରେ ଗଠିତ ଦଳରେ



ଓଲି ପୋ।ପଙ୍କୁ ନଂ-୩ ପୋଜିସନରେ ଖେଳିବାକୁ ମନୋନୀତ କରାଯାଇଛି। ଜେମି ସ୍ମିଥ ୱିକେଟ ରକ୍ଷକ ଦାୟିତ୍ୱ ତୁଲାଇବେ। ଜୋ ରୁଟ୍ ଇଂଲଣ୍ଡ ବ୍ୟାଟିଂର ଓ କ୍ରିସ୍ ଓକ୍ସ ବୋଲିଂର ନେତୃତ୍ୱ ନେବେ। ବୋଲରଙ୍କ ମଧ୍ୟରେ ଓକ୍ସ ୫୭ଟି ଓ ଏକମାତ୍ର ସ୍ପିନର ସୋଏବ ବସିର ୧୬ଟି ଟେଷ୍ଟ ମ୍ୟାଚ୍ ଖେଳିଛନ୍ତି। ଅନ୍ୟ ବୋଲର ବ୍ରାଇଡନ କାର୍ସ ୫ଟି, ଜୋଶ ଟଙ୍ଗ୍ ୩ଟି ଲେଖାଏଁ ଟେଷ୍ଟ ମ୍ୟାଚ୍ ଖେଳିଛନ୍ତି। ଗତ ଦୁଇ ଦଶନ୍ଧି ପରେ ଭାରତ ଜେମ୍ସ ଆଣ୍ଡରସନ କିମ୍ବା ଷ୍ଟୁଆର୍ଟ ବ୍ରଡ୍‌ଙ୍କୁ ପ୍ରତିଦ୍ୱନ୍ଦ୍ୱୀ ଭାବେ ଖେଳିବାର ସୁଯୋଗ ପାଇନାହିଁ।

**ଇଂଲଣ୍ଡ ଦଳ** : ଜ୍ୟାକ୍ କ୍ରଲୀ, ବେନ୍ ଡକେଟ୍, ଓଲି ପୋପ୍, ଜୋ ରୁଟ, ହ୍ୟାରୀ ବ୍ରୁକ୍, ବେନ୍ ଷ୍ଟୋକ୍ସ (ଅଧିନାୟକ), ଜେମି ସ୍ମିଥ୍ (ୱିକେଟରକ୍ଷକ), କ୍ରିସ୍ ୱୋକ୍ସ, ବ୍ରାଇଡନ କାର୍ସ, ଜୋଶ ଟଙ୍ଗ୍, ସୋଏବ ବଶିର।

● ବିଶ୍ୱ ପାରା ଆଥ୍‌ଲେଟିକ ଚାମ୍ପିଅନସିପ୍


## କଙ୍ଗନା ବ୍ରାଣ୍ଡ ଆମ୍ବାସାଡର



ଭୁବନେଶ୍ୱର, ୧୮।୬ (ସମିସ): ଚଳଚ୍ଚିତ୍ର ଅଭିନେତ୍ରୀ ତଥା ସାଂସଦ କଙ୍ଗନା ରାଣାୱତ୍ ନୂଆଦିଲ୍ଲୀରେ ହେବାକୁ ଥିବା ବିଶ୍ୱ ପାରା ଆଥଲେଟିକ୍ ଚାମ୍ପିଅନସିପ୍ ଲାଗି ବ୍ରାଣ୍ଡ ଆମ୍ବାସାଡର ନିଯୁକ୍ତ ହୋଇଛନ୍ତି। ଏ ସମ୍ପର୍କରେ ପାରାଅଲିମ୍ପିକ୍ କମିଟି ଅଫ୍ ଇଣ୍ଡିଆ ଘୋଷଣା କରିବା ସହ ଆସନ୍ତା ଜୁନ୍ ୨୦ରେ ମାସ୍କଟ ଉନ୍ମୋଚନ କରାଯିବ। ଏହିଦିନଠାରୁ ଠିକ୍ ୧୦୦ ଦିନ ପରେ ନୂଆଦିଲ୍ଲୀରେ ଏହି ବିଶ୍ୱ ଚାମ୍ପିଅନସିପ୍ ଆୟୋଜିତ ହେବ। ରାଣାୱତ ଆମ୍ବାସାଡର ହେବା ଫଳରେ ଭାରତରେ ପାରା କ୍ରୀଡ଼ାର ପ୍ରଚାର ଓ ପ୍ରସାର ହେବା ସହ କ୍ରୀଡ଼ାବିତମାନେ ଉତ୍ସାହିତ ହେବେ ବୋଲି ପାରା ଅଲିମ୍ପିକ୍ କମିଟି ଅଫ୍ ଇଣ୍ଡିଆର ସଭାପତି ଦେବେନ୍ଦ୍ର ଝଝରିଆ କହିଛନ୍ତି।

## ଟି-୨୦ରେ ଗ୍ଲେନ୍ ମ୍ୟାକ୍ସୱେଲ୍‌ଙ୍କ କୀର୍ତ୍ତିମାନ

କାଲିଫର୍ଣ୍ଣିଆ, ୧୮।୬ (ଏଜେନ୍ସି): ଆମେରିକାରେ ଚାଲିଥିବା ମେଜର୍ ଲିଗ୍ କ୍ରିକେଟ୍ (ଏମ୍‌ଏଲ୍‌ସି)ର ୩ୟ ସଂସ୍କରଣରେ ବୁଧବାର ଅନୁଷ୍ଠିତ ଏକ ମ୍ୟାଚରେ ୱାଶିଂଟନ ଫ୍ରିଡମ୍ ୧୧୩ ରନର ବୃହତ୍ ବ୍ୟବଧାନରେ ଲସ୍ ଏଞ୍ଜେଲ୍ସ ନାଇଟ୍ ରାଇଡର୍ସକୁ ପରାସ୍ତ କରିଛି। ଏହି ମ୍ୟାଚରେ ୱାଶିଂଟନ ଦଳର ଅଧିନାୟକ ଗ୍ଲେନ ମ୍ୟାକ୍ସୱେଲ୍ ୪୯ ବଲରେ ୧୦୬ ରନର ଅପରାଜିତ ଶତକୀୟ ପାଳି ଖେଳି ଦଳକୁ ଜିତାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଓଭରଅଲ୍ (ଜାତୀୟ, ଅନ୍ତର୍ଜାତୀୟ ଓ ଲିଗ୍) ଟି-୨୦ କ୍ରିକେଟ୍‌ରେ ମ୍ୟାକ୍ସୱେଲ୍‌ଙ୍କ ଏହା ୮ମ ଶତକ। ଏଥିସହ ଟି-୨୦ କ୍ରିକେଟ୍‌ରେ ୮ ଶତକ ହାସଲ କରିଥିବା ଡେଭିଡ୍ ୱାର୍ଣ୍ଣର, ରୋହିତ୍ ଶର୍ମା, ଜୋଶ ବଟଲର୍ ଓ ଆରୋନ ଫିଞ୍ଚଙ୍କ କ୍ଲବରେ ମ୍ୟାକ୍ସୱେଲ୍ ସାମିଲ ହୋଇଛନ୍ତି। ଟି-୨୦ରେ ସର୍ବାଧିକ ଶତକ ହାସଲକାରୀ ବ୍ୟାଟର୍ ତାଲିକାରେ ଏହି ୫ଜଣ ଯୁଗ୍ମ ଭାବେ ୪ର୍ଥ ସ୍ଥାନରେ ରହିଛନ୍ତି। ୨୨ ଶତକ ସହ କ୍ରିସ୍ ଗେଲ୍ ତାଲିକାର ଶୀର୍ଷ ସ୍ଥାନ ହାସଲ କରିଛନ୍ତି। ଅପରପକ୍ଷରେ ମ୍ୟାକ୍ସୱେଲ୍ ଟି-୨୦ରେ ୧୦,୫୦୦ ରନ ଅତିକ୍ରମ କରିଛନ୍ତି। ଏଥିସହ ଟି-୨୦ କ୍ରିକେଟ୍‌ରେ ୫ରୁ ଊର୍ଦ୍ଧ୍ୱ ଶତକ, ୧୭୦ରୁ ଊର୍ଦ୍ଧ୍ୱ ୱିକେଟ୍ ସହ ୧୦,୫୦୦ ରନ ସଂଗ୍ରହ କରିବାରେ ସେ ବିଶ୍ୱର ପ୍ରଥମ କ୍ରିକେଟର୍ ହୋଇଛନ୍ତି।



## ନିଖିଳ ଓଡ଼ିଶା ୬-ରେଡ୍ ସ୍ନୁକର୍ ଆଜିଠୁ



ଭୁବନେଶ୍ୱର,୧୮।୬ (ସମିସ): ବିଲିଆର୍ଡ୍ସ ଓ ସ୍ନୁକର ସଂଘ ଓଡ଼ିଶା (ବିଏସ୍‌ଏଓ) ଆନୁକୂଲ୍ୟରେ ସ୍ଥାନୀୟ ସାଲିଆସାହିସ୍ଥିତ ଭିଣ୍ଟେଜ କ୍ଲବ୍ ପରିସରରେ ଜୁନ୍ ୧୯ରୁ ତାରିଖଯାଏ ଆୟୋଜିତ ହେବ। ଚଳିତ କ୍ୟାଲେଣ୍ଡର ବର୍ଷରେ ବିଏସ୍‌ଏଓର ଏହା ତୃତୀୟ ଟୁର୍ଣ୍ଣାମେଣ୍ଟ। ଏହି ଟୁର୍ଣ୍ଣାମେଣ୍ଟରେ ଚାମ୍ପିଅନ ଖେଳାଳିଙ୍କୁ ଟ୍ରଫି ସହ ୨୧,୦୦୦ ଟଙ୍କା ଓ ରନର୍ସ ଅପ୍ ଖେଳାଳିଙ୍କୁ ଟ୍ରଫି ସହ ୧୧,୦୦୦ ଟଙ୍କା ପୁରସ୍କାର ପ୍ରଦାନ କରାଯିବ ବୋଲି ସଂଘ ପକ୍ଷରୁ ଆଜି ଭିଣ୍ଟେଜ୍ କ୍ଲବ୍ ପରିସରରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବିଏସ୍‌ଏଓର ସମ୍ପାଦକ ସମୀର ଅଲି ଓ ଟୁର୍ଣ୍ଣାମେଣ୍ଟ ନିର୍ଦ୍ଦେଶକ ଗୋବିନ୍ଦ ଶର୍ମା ସୂଚନା ଦେଇଛନ୍ତି। ସାମ୍ବାଦିକ ସମ୍ମିଳନୀରେ ପୂରାତନ ଖେଳାଳି ତଥା ଭିଣ୍ଟେଜ୍ କ୍ଲବ୍ ମାଲିକ ଅମିୟ ରଞ୍ଜନ ନାୟକ, ସତ୍ୟଦୀପ ଦାସ ଓ ଅଂଶଗ୍ରହଣକାରୀ ଖେଳାଳିମାନେ ଉପସ୍ଥିତ ଥିଲେ।

## କୋଚି ଟସ୍କର୍ସଙ୍କୁ ୫୩୮ କୋଟି ଦେବ ବିସିସିଆଇ

ମୁମ୍ବଇ, ୧୮।୬ (ଏଜେନ୍ସି): ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)କି ଜବରଦସ୍ତ ଝଟ୍‌କା ଲାଗିଛି। ବିସିସିଆଇକୁ ଏବେ ଆଇପିଏଲ ଫ୍ରାଞ୍ଚାଇଜ୍ କୋଚି ଟସ୍କର୍ସ କେରଳାକୁ ୫୩୮ କୋଟି ଟଙ୍କା ଦେବାକୁ ବମ୍ବେ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ୧୦ ବର୍ଷ ତଳେ ୨୦୧୫ରେ ଅର୍ବିଟ୍ରଲ ଟ୍ରିବୁନାଲର ଦେଇଥିବା ନିର୍ଦ୍ଦେଶକୁ ବମ୍ବେ ହାଇକୋର୍ଟ ବଜାୟ ରଖିଛନ୍ତି। ସେତେବେଳେ ଟ୍ରିବୁନାଲର ବିଚାରପତି ଆରସି ଲାହୋଟି କୋଚି ଟସ୍କର୍ସ ସପକ୍ଷରେ ନ୍ୟାୟ ଶୁଣାଇଥିଲେ। ବିସିସିଆଇକୁ କ୍ଷତିପୂରଣ ବାବଦରେ କୋଚି ଟସ୍କର୍ସଙ୍କୁ ୫୩୮ କୋଟି ଟଙ୍କା ଦେବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହାକୁ ବିରୋଧ କରି ବିସିସିଆଇ ବମ୍ବେ ହାଇକୋର୍ଟରେ ଚ୍ୟାଲେଞ୍ଜ୍ କରିଥିଲା। ବିଭିନ୍ନ ନିୟମକୁ ଦୃଷ୍ଟିରେ ରଖି ଏହି ମାମଲାରେ ହାଇକୋର୍ଟ ହସ୍ତକ୍ଷେପ କରିପାରବ ନାହିଁ ବୋଲି ବିଚାରପତି ଆରଆଇ ଛାଗଲା କହିଛନ୍ତି।

ଉଲ୍ଲେଖଥାଉ କି, ୨୦୧୧ରେ କୋଚିକୁ ଆଇପିଏଲ୍‌ରେ ସାମିଲ କରାଯାଇଥିଲା। ରେଣ୍ଡେଜଭୋସ ସ୍ପୋର୍ଟ୍ସ ୱାର୍ଲ୍ଡ (ଆରଏସ୍‌ଡବ୍ଲ୍ୟୁ) ପାଖରେ ଏହି ଫ୍ରାଞ୍ଚାଇଜ୍‌ର ମାଲିକାନା ଥିଲା। ପରେ କୋଚି କ୍ରିକେଟ ପ୍ରାଇଭେଟ ଲିମିଟେଡ (କେସିପିଏଲ୍) ମାଲିକାନା ହାତକୁ ନେଇଥିଲା। କିନ୍ତୁ କୋଚି ମାଲିକ ବିସିସିଆଇ ବ୍ୟାଙ୍କ ଗ୍ୟାରଣ୍ଟି ରିଭ୍ୟୁ କରି ନ ଥିଲେ। ବୋର୍ଡ ୬ ମାସ ଅପେକ୍ଷା କରିବା ପରେ ମଧ୍ୟ କୋଚି ମାଲିକ ବ୍ୟାଙ୍କ ଗ୍ୟାରେଣ୍ଟି (୧୫୬ କୋଟି ଟଙ୍କା) ଜମା କରି ନଥିଲେ। ତେଣୁ ୨୦୧୧ ସେପ୍ଟେମ୍ବର ୧୯ରେ କୋଚି ଫ୍ରାଞ୍ଚାଇଜ୍‌କୁ ଆଇପିଏଲ୍‌ରୁ ହଟାଇ ଦେଇଥିଲା। ଫଳରେ ବିସିସିଆଇ ବିରୋଧରେ କେସିପିଏଲ୍ ଓ ଆରଏସ୍‌ଡବ୍ଲ୍ୟୁ ମଧ୍ୟସ୍ଥତା ଅର୍ଥାତ ଆର୍ବିଟ୍ରେସନ ପ୍ରକ୍ରିୟା ଆରମ୍ଭ କରିଥିଲା। ଶେଷରେ ୨୦୧୫ରେ ଅର୍ବିଟ୍ରଲ ଟ୍ରିବୁନାଲ ଚୁକ୍ତି ନିୟମର ଉଲ୍ଲଂଘନ ଅଭିଯୋଗରେ ବିସିସିଆଇକୁ ଦୋଷୀ ବୋଲି କହିଥିଲା। ବୋର୍ଡର ତ୍ରୁଟି କାରଣରୁ କେସିପିଏଲ୍‌କୁ ୩୮୪ ଓ ଆରଏସ୍‌ଡବ୍ଲ୍ୟୁକୁ ୧୫୩ କୋଟି ଟଙ୍କାର କ୍ଷତି ହୋଇଛି ବୋଲି କହିଥିଲା। ଫଳରେ ବୋର୍ଡକୁ ମୋଟ ଉପରେ ୫୩୮ କୋଟି ଟଙ୍କା ଦେବାକୁ କୁହାଯାଇଥିଲା। ଏହାକୁ ଏବେ ବମ୍ବେ ହାଇକୋର୍ଟ ବଳବତ୍ତର ରଖିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ଦୁଇ ପକ୍ଷର ବିବାଦ ସମାଧାନ କରିବାକୁ କୋର୍ଟକୁ ଯିବା ବଦଳରେ ତୃତୀୟ ପକ୍ଷ ଦ୍ୱାରସ୍ଥ ହୋଇଥାନ୍ତି। ଏହି ତୃତୀୟ ପକ୍ଷକୁ ଆର୍ବିଟ୍ରେଟର କୁହାଯାଇଥାଏ। ୨୦୧୦ରେ ଆରଏସ୍‌ଡବ୍ଲ୍ୟୁ ୧୫୫୫ କୋଟି ଟଙ୍କାରେ କୋଚି ଟସ୍କର୍ସ ଫ୍ରାଞ୍ଚାଇଜ୍ କିଣିଥିଲା।

### ବାରବାଟୀରେ ଟି-୨୦

## ବନ୍ଦ ହୋଇପାରେ କାଉଣ୍ଟର ଟିକଟ୍ ବିକ୍ରି

କଟକ,୧୭।୬(ସମିସ): ଆସନ୍ତା ଡିସେମ୍ବର ୯ରେ ବାରବାଟୀ ଷ୍ଟାଡିୟମରେ ଭାରତ ଓ ଦକ୍ଷିଣଆଫ୍ରିକା ମଧ୍ୟରେ ଅନ୍ତର୍ଜାତୀୟ ଟି-୨୦ ମ୍ୟାଚ୍ ଖେଳାଯିବ। ଏହି ପରିପ୍ରେକ୍ଷୀରେ ପୂର୍ବ ତ୍ରୁଟିରେ ସୁଧାର ଆଣିବାକୁ ଓଡ଼ିଶା କ୍ରିକେଟ ଆସୋସିଏସନ(ଓସିଏ) ପ୍ରାକ୍ ପ୍ରସ୍ତୁତି ଚଳାଇଛି। ଏକାଧିକ ତ୍ରୁଟି ଓ ଅବ୍ୟବସ୍ଥା ଯୋଗୁଁ ଓସିଏ ଯେଉଁ ସବୁ ନିନ୍ଦା ମୁଣ୍ଡାଇଥିଲା ତାହାର ପୁନଃରାବୃତ୍ତି କିପରି ନଘଟିବ ସେ ନେଇ ଯୋଜନା ଚାଲିଛି। ଆଜି ସନ୍ଧ୍ୟାରେ କଟକ ଜିଲ୍ଲା କ୍ରୀଡ଼ା ସଂଘର ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଯୋଗ ଦେବା ଅବସରରେ ଓସିଏ ସମ୍ପାଦକ ସଞ୍ଜୟ ବେହେରା ପ୍ରସ୍ତୁତି ସମ୍ପର୍କରେ ମତ ଦେଇଛନ୍ତି। ଆଗାମୀ ଦିନରେ କାଉଣ୍ଟର ଟିକଟ ବିକ୍ରି ବନ୍ଦ କରାଯିବା ସହ ଦର୍ଶକଙ୍କ ନିମନ୍ତେ ଉଦ୍ଦିଷ୍ଟ ସମସ୍ତ ଟିକଟ ଅନଲାଇନରେ ଉପଲବ୍ଧ ହେବ। ମାତ୍ର ଏହା ଚୂଡାନ୍ତ ନିଷ୍ପତ୍ତି ନୁହେଁ। ଏ ବାବଦରେ ଆଗାମୀ ଏଜିଏମ୍‌ରେ ଆଲୋଚନା କରାଯିବ ବୋଲି ସମ୍ପାଦକ ସଞ୍ଜୟ କହିଛନ୍ତି। ଗତ ଫେବୃୟାରୀରେ ଏଠାରେ ଖେଳାଯାଇଥିବା ଭାରତ-ଇଂଲଣ୍ଡ ଏକଦିବସୀୟରେ କାଉଣ୍ଟର ଟିକଟ ବିକ୍ରି ସମୟରେ ଅବ୍ୟବସ୍ଥା ପରିଲକ୍ଷିତ ହୋଇଥିଲା। କ୍ରିକେଟପ୍ରେମୀଙ୍କ ଭିତରେ ଦଳଚକଟା ହେବା ସହ ଆଇନଶୃଙ୍ଖଳା ପରିସ୍ଥିତି ଉପୁଜିଥିଲା।

## ପାକିସ୍ତାନ ବିପକ୍ଷରୁ ଭାରତର ଅଭିଯାନ ଆରମ୍ଭ

ଲଣ୍ଡନ, ୧୮।୬ (ଏଜେନ୍ସି)

ଆଇସିସି ମହିଳା ଟି-୨୦ ବିଶ୍ୱକପ୍‌ର ୧୦ମ ସଂସ୍କରଣ ୨୦୨୬ ଜୁନ ୧୨ରୁ ଇଂଲଣ୍ଡରେ ଆରମ୍ଭ ହେବ। ଏଥିଲାଗି ଆୟୋଜକ ଇଂଲଣ୍ଡ ଆଣ୍ଡ ୱେଲ୍ସ କ୍ରିକେଟ୍ ବୋର୍ଡ (ଇସିବି) ପକ୍ଷରୁ ବର୍ଷକ ପୂର୍ବରୁ ବୁଧବାର କାର୍ଯ୍ୟସୂଚୀ ଘୋଷଣା କରାଯାଇଛି। ଆୟୋଜକ ଇଂଲଣ୍ଡ ଓ ଶ୍ରୀଲଙ୍କା ମହିଳା କ୍ରିକେଟ୍ ଦଳ ମଧ୍ୟରେ ଜୁନ ୧୨ରେ ଏହି ମେଗା ଇଭେଣ୍ଟର ଉଦ୍‌ଘାଟନୀ ମ୍ୟାଚ୍ ଏଜ୍‌ବାଷ୍ଟନରେ ଖେଳାଯିବ। ସେହିଭଳି ଭାରତୀୟ ମହିଳା କ୍ରିକେଟ୍ ଦଳ ଜୁନ ୧୪ରେ (ରବିବାର) ଚିରପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନ ବିପକ୍ଷରେ ଖେଳି ବିଶ୍ୱକପ୍‌ରେ ଅଭିଯାନ ଆରମ୍ଭ କରିବ। ଏହି ମ୍ୟାଚ୍ ମଧ୍ୟ ଏଜ୍‌ବାଷ୍ଟନରେ ଖେଳାଯିବାର କାର୍ଯ୍ୟସୂଚୀ ରହିଛି। ଡିଫେଣ୍ଡିଂ ଚାମ୍ପିଅନ ନ୍ୟୁଜିଲାଣ୍ଡ ମହିଳା କ୍ରିକେଟ୍ ଦଳ ଜୁନ ୧୩ରେ ପ୍ରଥମ ମ୍ୟାଚରେ ୱେଷ୍ଟଇଣ୍ଡିଜକୁ ଭେଟିବ।

ମହିଳା ଟି-୨୦ ବିଶ୍ୱକପ୍‌ର ଏହି ସଂସ୍କରଣ ଜୁନ ୧୨ରୁ ଆରମ୍ଭ ହୋଇ ୨୪ ଦିନ ଧରି ଚାଲିବ। ଜୁଲାଇ ୫ରେ ଐତିହାସିକ ଲର୍ଡ୍ସ ଗ୍ରାଉଣ୍ଡରେ ଗ୍ରାଣ୍ଡ ଫାଇନାଲ ମ୍ୟାଚ୍ ଖେଳାଯିବ। ଫାଇନାଲକୁ ମିଶାଇ ମୋଟ୍ ୩୩ଟି ମ୍ୟାଚ୍ ଏହି ବିଶ୍ୱକପ୍‌ରେ ଅନୁଷ୍ଠିତ ହେବ। ବିଶ୍ୱର ୧୨ ଗୋଟି ଦଳ ଏଥର ଟାଇଟଲ୍ ପାଇଁ ଲଢ଼େଇକୁ ଅବତୀର୍ଣ୍ଣ ହେବେ। ସେଥିମଧ୍ୟରୁ ବିଶ୍ୱ ମାନ୍ୟତାର ଶ୍ରେଷ୍ଠ-୮ ଗୋଟି ଦଳ ଅଷ୍ଟ୍ରେଲିଆ, ଇଂଲଣ୍ଡ, ଭାରତ, ନ୍ୟୁଜିଲାଣ୍ଡ, ଦକ୍ଷିଣ ଆଫ୍ରିକା, ୱେଷ୍ଟଇଣ୍ଡିଜ, ଶ୍ରୀଲଙ୍କା ଓ ପାକିସ୍ତାନ ସିଧାସଳଖ ମୁଖ୍ୟ ପର୍ଯ୍ୟାୟକୁ ଯୋଗ୍ୟତା ଅର୍ଜନ କରିଛନ୍ତି। ଯୋଗ୍ୟତା ପର୍ଯ୍ୟାୟ ଦେଇ ଆଉ ୪ ଗୋଟି ଦଳ ବିଶ୍ୱକପ୍ ଖେଳିବେ। ମୋଟ୍ ୧୨ ଗୋଟି ଦଳକୁ ୨ଟି ଗ୍ରୁପ୍‌ରେ ବିଭକ୍ତ କରାଯାଇଛି। ଗ୍ରୁପ୍-୧ରେ ଭାରତ ସମେତ ଅଷ୍ଟ୍ରେଲିଆ, ଦକ୍ଷିଣ ଆଫ୍ରିକା, ପାକିସ୍ତାନ ଓ ଦୁଇଟି ଯୋଗ୍ୟତା ଅର୍ଜନକାରୀ ଦଳ ରହିଛନ୍ତି। ସେହିଭଳି ଗ୍ରୁପ୍-୨ରେ ଦୁଇଥରର ବିଜେତା ୱେଷ୍ଟଇଣ୍ଡିଜ, ଇଂଲଣ୍ଡ, ନ୍ୟୁଜିଲାଣ୍ଡ, ଶ୍ରୀଲଙ୍କା ଓ ୨ଟି ଯୋଗ୍ୟତା ଅର୍ଜନକାରୀ ଦଳ ସ୍ଥାନ ପାଇଛନ୍ତି। ପ୍ରତି ଗ୍ରୁପ୍‌ର ଦୁଇଟି ଶ୍ରେଷ୍ଠ ଦଳକୁ ସେମିଫାଇନାଲ ଟିକଟ୍ ମିଳିବ। ଜୁନ ୩୦ ଓ ଜୁଲାଇ ୨ରେ ଯଥାକ୍ରମେ ଦୁଇଟିଯାକ ସେମିଫାଇନାଲ ଦି ଓଭାଲ୍ ଗ୍ରାଉଣ୍ଡରେ ଅନୁଷ୍ଠିତ ହେବ। ଐତିହାସିକ ଲର୍ଡ୍ସ ଗ୍ରାଉଣ୍ଡ ସମେତ ଓଭାଲ, ଏଜ୍‌ବାଷ୍ଟନ, ଓଲ୍ଡ ଟ୍ରାଫୋର୍ଡ କ୍ରିକେଟ୍ ଗ୍ରାଉଣ୍ଡ, ବ୍ରିଷ୍ଟଲ କାଉଣ୍ଟି ଗ୍ରାଉଣ୍ଡ ଓ ହାମ୍ପଶାୟର ବାଓଲ୍‌ରେ ବିଶ୍ୱକପ୍‌ର ମ୍ୟାଚ୍‌ଗୁଡ଼ିକ ଖେଳାଯିବ। ସ୍ଥାନୀୟ ସମୟ ସକାଳ ୧୦ଟା ୩୦, ଅପରାହ୍ଣ ୨ଟା ୩୦ ଓ ସନ୍ଧ୍ୟା ୬ଟା ୩୦ରେ ମ୍ୟାଚ୍ ଆରମ୍ଭ ହେବାର ସମୟ ଧାର୍ଯ୍ୟ କରାଯାଇଛି।

#### ୨୦୨୬ ମହିଳା ଟି-୨୦ ବିଶ୍ୱକପ୍

**ଭାରତର କାର୍ଯ୍ୟସୂଚୀ**

| ତାରିଖ | ମ୍ୟାଚ୍ | ଭେନ୍ୟୁ | ସମୟ |
|---|---|---|---|
| ଜୁନ ୧୪ | ଭାରତ-ପାକିସ୍ତାନ | ଏଜ୍‌ବାଷ୍ଟନ | ଅପରାହ୍ଣ ୨ଟା ୩୦ |
| ଜୁନ ୧୭ | ଭାରତ-କ୍ୱାଲିଫାୟର | ହେଡିଂଲୀ | ଅପରାହ୍ଣ ୨ଟା ୩୦ |
| ଜୁନ ୨୧ | ଭାରତ-ଦକ୍ଷିଣ ଆଫ୍ରିକା | ଓଲ୍ଡ ଟ୍ରାଫୋର୍ଡ | ଅପରାହ୍ଣ ୨ଟା ୩୦ |
| ଜୁନ ୨୫ | ଭାରତ-କ୍ୱାଲିଫାୟର | ଓଲ୍ଡ ଟ୍ରାଫୋର୍ଡ | ଅପରାହ୍ଣ ୨ଟା ୩୦ |
| ଜୁନ ୨୮ | ଭାରତ-ଅଷ୍ଟ୍ରେଲିଆ | ଲର୍ଡ୍ସ | ଅପରାହ୍ଣ ୨ଟା ୩୦ |

ଗ୍ରୁପ୍-୧: ଭାରତ, ଅଷ୍ଟ୍ରେଲିଆ, ଦକ୍ଷିଣ ଆଫ୍ରିକା, ପାକିସ୍ତାନ, କ୍ୱାଲିଫାୟର-୧, କ୍ୱାଲିଫାୟର-୨
ଗ୍ରୁପ୍-୨: ୱେଷ୍ଟଇଣ୍ଡିଜ, ନ୍ୟୁଜିଲାଣ୍ଡ, ଇଂଲଣ୍ଡ, ଶ୍ରୀଲଙ୍କା, କ୍ୱାଲିଫାୟର-୧, କ୍ୱାଲିଫାୟର-୨

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS